R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୯୭
ତିଥି : ଚତୁର୍ଥି
୨ ଅଗଷ୍ଟ ୨୦୨୬, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 297
2 August 2026, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ମହାନଦୀ ଆଣୁଛି ବଡ଼ ବିପତ୍ତି

ଭୁବନେଶ୍ୱର,୧।୮,(ସବ୍ୟୁ): ଲଗାଣ ବର୍ଷାରେ ବେହାଲ ସାରା ଓଡ଼ିଶା । ଉତ୍ତରରୁ ଉପକୂଳ ସବୁଠି ଜଳବନ୍ଦୀ ସ୍ଥିତି । ରାସ୍ତା ଓ ପୋଲ ଉପରେ ଚାଲୁଛି ପାଣି । ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି ଶହଶହ ଗାଁ । ଯାତାୟାତ ଏକପ୍ରକାର ଠପ୍ ହୋଇଯାଇଛି । ଚାରିଆଡ଼େ ବନ୍ୟା ବିଭୀଷିକାର ଚିତ୍ର । ଉତ୍ତର ଓଡିଶା ଉବୁଟୁବୁ ହେବା ପରେ ଏବେ ମହାନଦୀରେ ବଡ଼ ଧରଣର ବନ୍ୟା ଆଶଙ୍କା କରାଯାଉଛି । ମହାନଦୀ ଅବବାହିକାରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ଅନୁଗୁଳ, ବୌଦ୍ଧ, ସମ୍ବଲପୁର, କଟକ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କତା ଅବଲମ୍ବନ କରିବା ସହ



- ଚାରିଆଡ଼େ ବନ୍ୟା ବିଭୀଷିକାର ଚିତ୍ର
- ଚିନ୍ତାରେ ଦିନ କାଟୁଛନ୍ତି ନଦୀକୂଳିଆ
- ଫଶିଲେ ୪୦୦ଗୋରୁ, ୧୬ ଗାଈ ଚରାଳି
- ୯ ଜିଲ୍ଲାର ଜିଲ୍ଲାପାଳଙ୍କୁ ଅଧିକ ଆଲର୍ଟ ନିର୍ଦ୍ଦେଶ

ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ରାଜେଶ ପ୍ରଭାକର ପାଟିଲ୍ ନିର୍ଦ୍ଦେଶ ଦେଇଛନ୍ତି ।

ବର୍ତ୍ତମାନ ମହାନଦୀରେ ପ୍ରବାହିତ ଜଳର ପରିମାଣ ୮ ଲକ୍ଷ କ୍ୟୁସେକ୍ ଥିବା ବେଳେ ହୀରାକୁଦ ଡ୍ୟାମର ସମୁଦାୟ ୨୨ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି । ଏହାକୁ ଦୃଷ୍ଟିରେ ରଖି ମହାନଦୀ ଓ ଏହାର ଉପନଦୀଗୁଡ଼ିକର ( ୯ ପୃଷ୍ଠାରେ)

## ୮.୩୪ ଲକ୍ଷ ଲୋକ ପ୍ରଭାବିତ

ଭୁବନେଶ୍ୱର,୧।୮,(ସବ୍ୟୁ): ଦେବୀ, କୁଶଭଦ୍ରା, ଇବ୍, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଜଳକା ଆଦି ନଦୀର ଜଳପତ୍ତନ ସ୍ତର କ୍ରମଶଃ ହ୍ରାସ ପାଇଥିଲା ବେଳେ ମହାନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି । ବନ୍ୟାରେ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ସର୍ବାଧିକ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ଏହି ତିନି ଜିଲ୍ଲାରେ ମୋଟ ୭ ଲକ୍ଷ ୬୮ ହଜାର ୯୦୯ ଜଣ ପ୍ରଭାବିତ ହୋଇଛନ୍ତି । ତେବେ ୧୪ ଜିଲ୍ଲାର ୮ ଲକ୍ଷ ୩୪ ହଜାର ୭୪୧ ଜଣ ଲୋକ ପ୍ରଭାବିତ ହୋଇଛନ୍ତି ।

ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ସହିତ ବନ୍ୟା ( ୯ ପୃଷ୍ଠାରେ)

## ହୀରାକୁଦର ୨୨ ଗେଟ୍ ଖୋଲା

ସମ୍ବଲପୁର,୧।୮ (ସବ୍ୟୁ): ହୀରାକୁଦ ଡ୍ୟାମର ଉପରମୁଣ୍ଡରେ ବର୍ଷା ଜାରି ରହିଛି । ଜଳଭଣ୍ଡାରକୁ ଅତିରିକ୍ତ ବନ୍ୟାଜଳ ପ୍ରବେଶ କରୁଛି । ଫଳରେ ଜଳଭଣ୍ଡାରର ଜଳସ୍ତର ବଢିବାରେ ଲାଗିଛି । ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୫.୧୫ଫୁଟ୍ ରହିଛି । ଏହାକୁ ଦୃଷ୍ଟିରେ ରଖି ହୀରାକୁଦ ଡ୍ୟାମର ମୋଟ ୨୨ଟି ଗେଟ୍ ଖୋଲା ଯାଇଛି । ବାମପଟୁ ୧୫ଟି ଓ ଡାହାଣ ପଟୁ ୭ଟି ଗେଟ୍ ଖୋଲା ରହିଛି । ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ଲକ୍ଷ ୮୯ହଜାର ୩ଘନଫୁଟ ଜଳ ପ୍ରବେଶ କରୁଛି । ସେହିପରି ୩ଲକ୍ଷ ୫୩ହଜାର ୪୦୮ ଘନଫୁଟ ଜଳ ନିଷ୍କାସିତ ହେଉଛି । ସେଥିମଧ୍ୟରୁ ( ୯ ପୃଷ୍ଠାରେ)

## ୫ରେ ପୁଣି ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୧।୮,(ସବ୍ୟୁ): ବନ୍ୟା ବିପତ୍ତି ସରିନଥିବା ବେଳେ ପୁଣି ଆସୁଛି ବଡ଼ ବର୍ଷା । ଆସନ୍ତା ୫ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଯାଉଛି ଆଉ ଏକ ଘୂର୍ଣ୍ଣିବଳୟ । ଏହା ଅଧିକ ଘନୀଭୂତହୋଇ ଲଘୁଚାପରେ ପରିଣତ ହେବାର ସମ୍ଭାବନା ଅଛି । ତେବେ ୨ ତାରିଖରୁ ରାଜ୍ୟରେ ବର୍ଷାର ପ୍ରଭାବ ବଢ଼ିପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଭାରତୀୟ ପାଣିପାଗ ବିଭାଗର ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ବିଗତ ୧୦ ବର୍ଷରେ ସାରା ଭାରତରେ ଜୁଲାଇ ମାସରେ ୧୩.୫୬ ଦିନ ଲଘୁଚାପ ବର୍ଷା ହୋଇଥାଏ । ତେବେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି । ଏବର୍ଷ ଜୁଲାଇରେ ୪ଟି ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଅଧିକ ( ୯ ପୃଷ୍ଠାରେ)

## ଆଜି ବନ୍ୟାଞ୍ଚଳ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୮,(ସବ୍ୟୁ): ରାଜ୍ୟରେ ୨୦ଟି ଜିଲ୍ଲା ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଅଞ୍ଚଳରେ ଆକାଶ ମାର୍ଗରୁ କ୍ଷୟକ୍ଷତି ଅନୁଧ୍ୟାନ କରିବେ। ପୂର୍ବାହ୍ନ ୧୦ଟାରେ ମୁଖ୍ୟମନ୍ତ୍ରୀ ଏହି ଗସ୍ତରେ ଯିବେ। ତାଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ ମଧ୍ୟ ଯିବେ। ବନ୍ୟା ଯୋଗୁଁ ପ୍ରାୟ ୭ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ କ୍ଷତିଗସ୍ତ ହୋଇଛନ୍ତି। ଅଧିକାଂଶ ଗାଁ ଜଳମଗ୍ନ ହୋଇଛି। ରିଲିଫ ଓ ଉଦ୍ଧାର କାର୍ଯ୍ୟ ଲାଗି ମୁଖ୍ୟମନ୍ତ୍ରୀ ମଧ୍ୟ ନିର୍ଦ୍ଦେଶ ଦେବା ସହ ଏହାର ତଦାରଖ କରୁଛନ୍ତି।

## ଅମିତ ଶାହାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ନକ୍ସଲମୁକ୍ତ ଓଡ଼ିଶା, ଦ୍ରୁତ ଶିଳ୍ପାୟନ ନେଇ ଆଲୋଚନା

ନୂଆଦିଲ୍ଲୀ/ଭୁବନେଶ୍ୱର,୧।୮: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ପ୍ରେରଣାରେ ବିକାଶ, ପ୍ରଗତି ଓ ସମୃଦ୍ଧିର ଏକ ନୂତନ ପଥରେ ଓଡ଼ିଶା ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ।

ଏହି ବୈଠକରେ ( ୯ ପୃଷ୍ଠାରେ)



## ପ୍ରଧାନମନ୍ତ୍ରୀଙ୍କୁ ସନ୍ଦେହ କରିବାର କାରଣ ନାହିଁ

### ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କ ମତ

ନୂଆଦିଲ୍ଲୀ,୧।୮: ମୁଖ୍ୟ ନିର୍ବାଚନ କମିଶନ ଓ ଅନ୍ୟ ନିର୍ବାଚନଙ୍କ ନିଯୁକ୍ତି ପ୍ରକ୍ରିୟାରେ ୩ ଜଣ କମିଟି ସପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଦୃଢ଼ଯୁକ୍ତି ଉପସ୍ଥାପନ କରିଛନ୍ତି। ନିଯୁକ୍ତି କମିଟିରେ ପ୍ରଧାନମନ୍ତ୍ରୀ, ଜଣେ କେନ୍ଦ୍ରମନ୍ତ୍ରୀ ଓ ବିରୋଧୀ ଦଳ ନେତା ରହିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ପ୍ରଧାନମନ୍ତ୍ରୀଙ୍କ ପ୍ରତି ଚୟନ କରିବାର କୌଣସି ଅବକାଶ ନାହିଁ। ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶା ଯାଇଛି ଯେ, ସାମ୍ବିଧାନିକ କୋର୍ଟ କୌଣସି ( ୯ ପୃଷ୍ଠାରେ)

## ଯୁବକଙ୍କୁ ବୀଭତ୍ସ ହତ୍ୟା

ଭୁବନେଶ୍ୱର,୧।୮,(ସବ୍ୟୁ): ପୁରୁଣା ଭୁବନେଶ୍ୱରରେ ଜଣେ ଯୁବକଙ୍କୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ବୀଭତ୍ସ ଭାବେ ହତ୍ୟା କରିଛନ୍ତି । ଏକ କ୍ୟାବିନ ଭିତରେ ନିଶା ଖାଉଥିବା ବେଳେ ଧାରୁଆ ଅସ୍ତ୍ରରେ ତାଙ୍କୁ ହତ୍ୟା କରିଥିବାରୁ ସେହି ସ୍ଥାନ ରକ୍ତ ଜୁଡୁବୁଡୁ ହୋଇଛି । ନ୍ୟାୟ ଦାବିରେ ( ୯ ପୃଷ୍ଠାରେ)

## ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ

# ମେଟା ଇଣ୍ଡିଆ ମୁଖ୍ୟଙ୍କ ବିରୋଧରେ ମାମଲା

ନୂଆଦିଲ୍ଲୀ,୧।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ ପ୍ରସାରଣ ବିରୋଧରେ ମେଟା ଇଣ୍ଡିଆର ମୁଖ୍ୟ ବହୁ ଅନେକ ଫେସବୁକ ଓ ଇନଷ୍ଟାଗ୍ରାମ ଆକାଉଣ୍ଟ ବିରୋଧରେ ମାମଲା ରୁଜୁ କରାଯାଇଛି। ନିକଟରେ କଙ୍ଗ୍ରେସ ଜନତା ପାର୍ଟି ପକ୍ଷରୁ ହୋଇଥିବା ପ୍ରତିବାଦରେ ଏଭଳି ଅନେକ ପୋଷ୍ଟ ଦେଖିବାକୁ ମିଳିଥିଲା। ତେଲେଙ୍ଗାନାର ଦୁଇ ବିଜେପି କାର୍ଯ୍ୟକର୍ତ୍ତା ଏସ ଅରବିନ୍ଦ ରେଡ୍ଡୀ ଓ ଟି ସାଇ କିରଣ ଗୌଡଙ୍କ




ଅଭିଯୋଗ ଆଧାରରେ ଏହି ମାମଲା ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆପତ୍ତିଜନକ ବିକୃତ ଭିଡ଼ିଓ ଓ ଫଟୋ ପ୍ରସାରଣ କରାଯାଇଥିଲା। ଯାହା ଅତ୍ୟନ୍ତ ଅଶୀଳ ଭାଷା ଓ ଉପହାସ ସୂଚକ ମନ୍ତବ୍ୟ ଦିଆଯାଇଥିଲା। କେତେକ ମଧ୍ୟ ଏହାର କଣ୍ଟେନକୁ ବିକୃତ କରିଥିଲେ। ଏଆଇ ଦ୍ୱାରା ଡିଜିଟାଲି ପରିବର୍ତ୍ତନ କରାଯାଇ ସୋଶିଆଲ ମିଡିଆରେ ପୋଷ୍ଟ ହୋଇଥିଲା। ଏଭଳି ପ୍ରସାରଣ ଲୋକଙ୍କୁ ବିଭ୍ରାନ୍ତ କରିବା ସହ ଜନନେତାଙ୍କୁ ବଦନାମ ଓ ଅପମାନ କରିବାର ଉଦ୍ଦେଶ୍ୟ ରହିଥିଲା।

5001/15/2627

ଓଡ଼ିଶା ସରକାର
ଅର୍ଥ ବିଭାଗ

ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ(୮,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା)ଙ୍କୁ ଟଙ୍କା ଫେରସ୍ତ ସମ୍ବନ୍ଧୀୟ ବିଶେଷ ସୂଚନା

ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଏବଂ ମାନ୍ୟବର ନିର୍ଦ୍ଧାରିତ ନ୍ୟାୟାଳୟଙ୍କ ସୁପାରିଶ ଅନୁସାରେ ପ୍ରଥମ ପର୍ଯ୍ୟାୟରେ କ୍ଷୁଦ୍ର ଜମାକାରୀଙ୍କୁ (୮,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା) ସେମାନଙ୍କର ପ୍ରଦାନ କରିଥିବା ବ୍ୟାଙ୍କ ଖାତାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ସେମାନଙ୍କର ଟଙ୍କା ଫେରସ୍ତ ଚାଲୁଅଛି। ତେବେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ବହୁ କ୍ଷୁଦ୍ର ଜମାକାରୀ ଏପର୍ଯ୍ୟନ୍ତ ସେମାନଙ୍କ ଜମାରାଶି ଫେରି ପାଇନାହାନ୍ତି । ଏହା ପରିଦୃଷ୍ଟ ହେଉଛି ଯେ, ବହୁ ଜମାକାରୀଙ୍କ ପାଖରେ ସେମାନଙ୍କର ମୂଳ ଜମା ରସିଦଟି ଉପଲବ୍ଧ ନାହିଁ । ଏଣୁ, ଓଡିଶା ସରକାର ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀଙ୍କୁ ବିନା କୌଣସି ଯାଞ୍ଚରେ ସେମାନଙ୍କର ପ୍ରଦାନ କରିଥିବା ବ୍ୟାଙ୍କ ଖାତାରେ ସେମାନଙ୍କର ଟଙ୍କା ଫେରସ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଫେରସ୍ତ ପାଇନଥିବା ୧,୦୦,୯୧୧ ଜଣ କ୍ଷୁଦ୍ର ଜମାକାରୀଙ୍କ ତାଲିକା ଓଡିଶା ସରକାରଙ୍କ OPID ପୋର୍ଟାଲ **www.opid.odisha.gov.in** ଏବଂ ସମ୍ପୃକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ତହସିଲଦାର ଏବଂ ରାଜସ୍ୱ ନିରୀକ୍ଷକ **(R.I)**ଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଉପଲବ୍ଧ ଅଛି । ପୁନଶ୍ଚ, କ୍ଷୁଦ୍ର ଜମାକାରୀଙ୍କୁ ଜଣାଇ ଦିଆଯାଉଅଛି କି, ସେମାନଙ୍କର ପ୍ରଦାନ କରିଥିବା ବ୍ୟାଙ୍କ ଖାତାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ସେମାନଙ୍କର ଟଙ୍କା ଫେରସ୍ତ କରାଯିବ । ଅର୍ଥ ଫେରସ୍ତ ସମ୍ବନ୍ଧୀୟ ସୂଚନା ସେମାନଙ୍କ ପଞ୍ଜିକୃତ ମୋବାଇଲ ନମ୍ବରକୁ **SMS** ମାଧ୍ୟମରେ ମଧ୍ୟ ପଠାଯିବ।

ଅର୍ଥ ବିଭାଗ, ଓଡ଼ିଶା ସରକାର

OIPR : 5001/5001/1/26-27/0003
***

## ଇତିହାସ

୧୮୩୧- ନୂତନ ଲଣ୍ଡନ ବ୍ରିଜ୍ ଯାତାୟାତ ପାଇଁ ଖୋଲାଗଲା ।
୧୮୮୩- ଗ୍ରେଟ୍ ବ୍ରିଟେନ୍‌ରେ ଆନ୍ତଃଦେଶ ଡାକସେବା ଶୁଭାରମ୍ଭ ।
୧୮୯୯- ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ପତ୍ନୀ କମଳା ନେହରୁଙ୍କ ଜନ୍ମ ।
୧୯୧୪- ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ।
୧୯୨୦- ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଅସହଯୋଗ ଆନ୍ଦୋଳନ ଆରମ୍ଭ ।
୧୯୨୦- ବିଦ୍ୱାନ, ଗଣିତଜ୍ଞ, ଦାର୍ଶନିକ ଏବଂ ଭାରତୀୟ ରାଷ୍ଟ୍ରବାଦୀ ନେତା ବାଲ୍ ଗଙ୍ଗାଧର ତିଲକ୍‌ଙ୍କ ପରଲୋକ ।



୧୯୫୩- ଦେଶରେ ସମସ୍ତ ଏୟାର୍‌ଲାଇନ୍ସକୁ ବିମାନ ନିଗମ ଆକ୍ଟ ଅନ୍ତର୍ଗତ ରାଷ୍ଟ୍ରୀୟକରଣ କରାଗଲା ।
୧୯୫୭- ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ ସ୍ଥାପିତ ।
୧୯୭୫- ବାଣିଜ୍ୟିକ ଯାତ୍ରୀବାହୀ ବିମାନର ସଞ୍ଚାଳନ କରୁଥିବା ବିଶ୍ୱର ପ୍ରଥମ ପେଶାଦାର ମହିଳା ପାଇଲଟ୍ ହେଲେ ଦୁର୍ବା ବାନାର୍ଜୀ ।
୨୦୦୬- ଜାପାନରେ ବିଶ୍ୱର ପ୍ରଥମ ଭୂକମ୍ପ ଚେତାବନୀ ସେବା ଶୁଭାରମ୍ଭ ।
୨୦୧୦- ପିପଲି ଲାଇଭ୍‌କୁ ସର୍ବଶ୍ରେଷ୍ଠ ଫିଚର ଫିଲ୍ମ ପୁରସ୍କାର ପ୍ରଦାନ ।

## ପାଣିଭିତରେ ପୁସଅପ କରି ରେକର୍ଡ




ଗୋଟିଏ ନିଶ୍ୱାସ ବନ୍ଦ କରି ଲୋକେ ପାଣି ଭିତରେ କିଛି ସେକେଣ୍ଡ ରହିବା କଷ୍ଟକର ହୋଇଥାଏ, କିନ୍ତୁ ଜଣେ ଭାରତୀୟ ଯୋଗ ଶିକ୍ଷକ ନିଶ୍ୱାସ ରୋକି ପାଣି ଭିତରେ ଲଗାତାର ୮୬ଟି ପୁସଅପ୍ ମାରି ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି । ଭିଏତନାମରେ ରହୁଥିବା ୩୮ ବର୍ଷୀୟ ଭାରତୀୟ ବଂଶୋଦ୍ଭବ କମଲ କଲୋଇ ଏହି ରେକର୍ଡ ଏକ ସୁଇମିଂ ପୁଲ୍‌ରେ ନିଜ ନାମରେ କରିଛନ୍ତି । ସେ ଅନେକ ବର୍ଷ ହେବ ଯୋଗ, କ୍ୟାଲିସ୍ଥେନିକ୍ସ ଏବଂ ନିଶ୍ୱାସ ନିୟନ୍ତ୍ରଣର ତାଲିମ ନେଉଛନ୍ତି । କମଲଙ୍କ କହିବା ଅନୁଯାୟୀ, ସେ ପ୍ରାୟ ୬ ମିନିଟ୍ ପର୍ଯ୍ୟନ୍ତ ନିଶ୍ୱାସ ରୋକି ପାରନ୍ତି ଏବଂ ଏହି କ୍ଷମତା ବଳରେ ସେ ପାଣି ଭିତରେ ୮୬ଟି ପୁସଅପ୍ ସଫଳତାର ସହ ପୂରା କରିଛନ୍ତି । କମଲଙ୍କ ନାମରେ ଏହା ପ୍ରଥମ ବିଶ୍ୱ ରେକର୍ଡ ନୁହେଁ । ଏହାପୂର୍ବରୁ ୨୦୨୦ ମସିହାରେ ସେ ପାଣି ଭିତରେ ଲଗାତାର ୨୧ଟି ଯୋଗାସନ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ ଗଢ଼ିଥିଲେ । ପ୍ରଥମ ରେକର୍ଡ ପରେ ହିଁ ସେ ନିଜ କ୍ଷମତା ବିଷୟରେ ଜାଣିବାକୁ ପାଇଥିଲେ ଏବଂ ନିଜକୁ ଆହୁରି ବଡ଼ ଚ୍ୟାଲେଞ୍ଜ ଦେବା ଆରମ୍ଭ କରିଥିଲେ ବୋଲି ସେ ପ୍ରକାଶ କରିଛନ୍ତି ।

## ଡିଏନଏକୁ ନେଇ ନୂଆ ଗବେଷଣା



ମାନବ ବିକାଶବାଦ ଏବଂ କ୍ରମବିକାଶକୁ ନେଇ ଏକ ନୂତନ ଗବେଷଣାରୁ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । 'ୟୁନିଭରସିଟି ଅଫ୍ କାଲିଫର୍ଣ୍ଣିଆ, ବର୍କଲେ' ଏବଂ 'ଜନ୍ସ ହପକିନ୍ସ ୟୁନିଭରସିଟି'ର ବିଜ୍ଞାନୀମାନେ ବିଶ୍ୱସାରା ୫୦୩ ଜଣ ଲୋକଙ୍କ ଆଧୁନିକ ଜିନୋମକୁ ଅଧ୍ୟୟନ କରିବା ପାଇଁ 'ଟିଆରଏସିଇ' ନାମକ ଏକ ନୂଆ ପଦ୍ଧତି ବିକଶିତ କରିଛନ୍ତି । ଏହି ଅଧ୍ୟୟନ ଅନୁଯାୟୀ, ଆଫ୍ରିକା ବାହାରେ ରହୁଥିବା ଜନସଂଖ୍ୟାର ପ୍ରାୟ ୨ ପ୍ରତିଶତ ଡିଏନ୍‌ଏ ପ୍ରାଚୀନ ମାନବ ପ୍ରଜାତିରୁ ଆସିଛି । ଏହାର ଅଧା ଭାଗ ନିଆଣ୍ଡରଥାଲ୍ ଏବଂ କିଛି ଭାଗ ଡେନିସୋଭାନ୍ ସହ ମିଶୁଛି । ସେହିଭଳି ପ୍ରାୟ ୦.୫ ରୁ ୧ ପ୍ରତିଶତ ଜେନେଟିକ୍ ସାମଗ୍ରୀ କୌଣସି ଜଣାଶୁଣା ପ୍ରାଚୀନ ମାନବ ସହ ମିଳିପାରି ନାହିଁ । ବୈଜ୍ଞାନିକମାନେ ଏହାକୁ ଏକ 'ଭୂତ' ଲାଇନେଜ୍ ବା ଅଜଣା ପ୍ରାଚୀନ ପୂର୍ବପୁରୁଷଙ୍କ ଗୋଷ୍ଠୀ ବୋଲି ବର୍ଣ୍ଣନା କରିଛନ୍ତି, ଯାହା ପ୍ରାୟ ୫ ଲକ୍ଷ ବର୍ଷ ପୂର୍ବରୁ ମାନବ ବଂଶବୃକ୍ଷରୁ ଅଲଗା ହୋଇଥିଲା । ଏହି ଗୁପ୍ତ ଡିଏନ୍‌ଏ ଅଧ୍ୟୟନ କରାଯାଇଥିବା ପ୍ରତ୍ୟେକ ପ୍ରଜାତିଙ୍କଠାରେ ଦେଖିବାକୁ ମିଳିଛି । ବିଶେଷ କରି କଥାବାର୍ତ୍ତା ଓ ଭାଷା ସହ ଜଡ଼ିତ 'ଫକ୍ସପି୨ ' ଜିନ୍ ନିକଟରେ ଏହି ଅଂଶ ଦେଖି ଗବେଷକମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ତେବେ ଏହି ଗବେଷଣାକୁ ନେଇ ସେମାନେ ଆହୁରି ଗବେଷଣା ଜାରି ରଖିଛନ୍ତି ।

## ମଇଁଷିଙ୍କ ବିୟୁଟି ପାର୍ଲର



ମଣିଷଙ୍କ ପାଇଁ ବିୟୁଟି ପାର୍ଲର ଆପଣ ଅନେକ ଦେଖିଥିବେ, କିନ୍ତୁ ଏବେ ମଇଁଷିମାନଙ୍କ ପାଇଁ ମଧ୍ୟ ବିୟୁଟି ପାର୍ଲର ଖୋଲିଛି । ଏଭଳି ଏକ ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ସନ୍ଦୀପ ଜାଖୌଲୀ ନାମକ ଜଣେ ବ୍ୟକ୍ତି ପଶୁଙ୍କ ପାଇଁ ଏହି ନିଆରା ପାର୍ଲରର ଶୁଭାରମ୍ଭ କରିଛନ୍ତି । ଏହି ପାର୍ଲରରେ ମଇଁଷିଙ୍କ ସିଙ୍ଘକୁ ପଲିସ୍ କରି ନୂଆ ଆକାର ଦିଆଯାଉଛି, ଚମକାଯାଉଛି ଏବଂ ଆବଶ୍ୟକ ପଡ଼ିଲେ ଭଙ୍ଗା ସିଙ୍ଘ ଜାଗାରେ ନକଲି ସିଙ୍ଘ ମଧ୍ୟ ଲଗାଯାଉଛି । ଏହା ବ୍ୟତୀତ ଋତୁ ଅନୁସାରେ ପଶୁଙ୍କ ବାଳ କଟାଯାଉଛି ଏବଂ ସେମାନଙ୍କ ଖୁରାର ସଫେଇ ଓ ଟ୍ରିମିଂ ମଧ୍ୟ କରାଯାଉଛି । ପାର୍ଲରର ମାଲିକ ସନ୍ଦୀପଙ୍କ କହିବାନୁସାରେ, ସଫାସୁତୁରା ଓ ଗ୍ରୁମିଂ ଦ୍ୱାରା ପଶୁମାନେ କେବଳ ସୁସ୍ଥ ରହନ୍ତି ନାହିଁ, ବରଂ ଅଧିକ ଆକର୍ଷଣୀୟ ମଧ୍ୟ ଦେଖାଯାନ୍ତି । ଏହି କାରଣରୁ ଅନେକ ଚାଷୀ ନିଜ ପଶୁଙ୍କୁ ପଶୁମେଳା ଓ ବିଭିନ୍ନ ପ୍ରତିଯୋଗିତାକୁ ନେବା ପୂର୍ବରୁ ସଜାଇବା ପାଇଁ ଏଠାକୁ ଆଣୁଛନ୍ତି । ଯାହାଫଳରେ ମେଳାରେ ଏହାର ଚାହିଦା ବଢ଼ିବାରେ ଲାଗିଛି । ଏହି ନିଆରା ପ୍ରୟାସ ଏବେ ସୋସିଆଲ ମିଡିଆରେ ମଧ୍ୟ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି ।

## ସୋସିଆଲ କୋଟ୍ସ



ରଙ୍ଗୀଲା ଫିଲ୍ମରେ ଉର୍ମିଳା ମାତୋଣ୍ଡକର ଡ୍ୟାନ୍ସ ନିଜେନିଜେ କୋରିଓ ଗ୍ରାଫ କରିଥିଲେ । ସେଦିନ କୋରିଓଗ୍ରାଫର ଆସି ନଥିଲେ ତେଣୁ ସେ ଏହାକୁ ନିଜେ କରିଥିଲେ ।
ରାମ ଗୋପାଲ ବର୍ମା, ଫିଲ୍ମମେକର



ବଲିଉଡ ହିରୋଙ୍କୁ ସାଉଥରେ ଭିଲିଆନ ଚରିତ୍ର ମିଳିଥାଏ । ଯାହା ମୋତେ ପସନ୍ଦ ଆସେ ନାହିଁ । ତେଣୁ ମୁଁ ସାଉଥ ଠାରୁ ଦୂରରେ ରହେ ।
ସୁନିଲ ସେଟ୍ଟି, ଅଭିନେତା




ଭାବି ଜୀ ଘର ପର ହେ ସବୁବେଳେ ମୋ ହୃଦୟର ନିକଟତର ରହିବ । ଏହି ସେଟରୁ ମୁଁ ଅନେକ କିଛି ଶିଖିଛି । ଶୋ କୁ ମିସ କରିବି ।
ଶୁଭାଙ୍ଗି, ଅଭିନେତ୍ରୀ

## ଗହଣା ଚୋର ମୂଷା



କର୍ଣ୍ଣାଟକର ଏକ ଜୁଏଲରୀ ଦୋକାନରୁ କିଛି ଦିନ ହେବ ସୁନା ଓ ହୀରା ଗହଣା ଗାଏବ ହେବାରେ ଲାଗିଥିଲା । ତେବେ ଦୋକାନର ତାଲା ଭଙ୍ଗା ଯାଇ ନଥିଲା କିମ୍ବା ଚୋରିର କୌଣସି ସୁରାକ୍ ମିଳୁ ନଥିଲା, ଯାହାକୁ ନେଇ କର୍ମଚାରୀମାନେ ଚିନ୍ତାରେ ପଡ଼ିଯାଇଥିଲେ । ତେବେ ପୋଲିସରେ ଅଭିଯୋଗ କରିବା ପୂର୍ବରୁ ସେମାନେ ସିସିଟିଭି ଫୁଟେଜ୍ ଯାଞ୍ଚ ପାଇଁ ନିଷ୍ପତ୍ତି ନେଇଥିଲେ । ଯେଉଁଥିରେ ଏକ ଅଜବ ଘଟଣା ସାମନାକୁ ଆସିଲା । ଏହି ଚୋର କୌଣସି ମଣିଷ ନୁହେଁ, ବରଂ ଏକ ମୂଷା ଥିଲା । ସିସିଟିଭିରେ ସ୍ପଷ୍ଟ ଦେଖିବାକୁ ମିଳିଥିଲା ଯେ, ମୂଷାଟି ଗୋଟିଏ ପରେ ଗୋଟିଏ ଗହଣାକୁ ଘୋଷାଡ଼ି ଘୋଷାଡ଼ି ନିଜ ଗାତ ଭିତରକୁ ନେଇଯାଉଛି । ଏହା ପରେ ଦୋକାନ କର୍ମଚାରୀମାନେ ଗାତକୁ ଖୋଳିବାରୁ ସେଠାରୁ ପ୍ରାୟ ୧୦ ଲକ୍ଷ ଟଙ୍କାର ଗହଣା ଉଦ୍ଧାର ହୋଇଥିଲା । ଏହି ଚୋରି ହୋଇଥିବା ଗହଣା ମଧ୍ୟରେ ୧୦ଟି ହୀରା ଖଚିତ ସୁନା ଆଙ୍ଗୁଠି ଏବଂ ୩ଟି ହାର ସାମିଲ ଥିଲା । ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।

## ରଣବୀରଙ୍କୁ ପ୍ରଶଂସା



ଟିଭି ସିରିଏଲ୍ 'ମହାଭାରତ'ରେ ଭଗବାନ ଶ୍ରୀକୃଷ୍ଣଙ୍କ ଭୂମିକାରେ ଅଭିନୟ କରିଥିବା ନୀତିଶ ଭାରଦ୍ୱାଜ, ନିତେଶ ତିୱାରୀଙ୍କ ଚଳଚ୍ଚିତ୍ର 'ରାମାୟଣ'ର ଟ୍ରେଲରକୁ ନେଇ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଫିଲ୍ମର ଭିଜୁଆଲ୍ ଇଫେକ୍ଟସ , ସଙ୍ଗୀତ ଏବଂ କଳାକାରମାନଙ୍କ ଦମଦାର ଅଭିନୟର ସେ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି । ସେ କହିଛନ୍ତି ଯେ, ଏହି ଫିଲ୍ମ ଶ୍ରେଷ୍ଠ ବିଦେଶୀ ଫିଲ୍ମ ଭାବେ ଓସ୍କାର ପୁରସ୍କାର ପାଇବାର ସମ୍ପୂର୍ଣ୍ଣ ଯୋଗ୍ୟ । ଏଥିସହିତ ସେ ସତ୍ୟଜିତ୍ ରାୟ ଓ ଶେଖର କପୁରଙ୍କ ପରେ ନିତେଶ ତିୱାରୀଙ୍କୁ ଭାରତୀୟ ସିନେମାର ପରବର୍ତ୍ତୀ ବଡ଼ ଉପହାର ବୋଲି ଅଭିହିତ କରିଛନ୍ତି । ଅନ୍ୟପଟେ ଅଭିନେତା ରଣବୀର କପୁରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇ ନୀତିଶ ଲେଖିଛନ୍ତି, " ଜଣେ ଅଭିନେତା ଭାବେ ମୁଁ ଆପଣଙ୍କୁ ପସନ୍ଦ କରେ, କିନ୍ତୁ ଏବେ ଭାରତର ସଂସ୍କୃତି, ଐତିହ୍ୟ ଓ ମୂଲ୍ୟବୋଧକୁ ଆଗକୁ ନେବା ଆପଣଙ୍କର ସାମାଜିକ ଦାୟିତ୍ୱ । ତେଣୁ ଯେତେ ବଡ଼ ଅଫର ମିଳିଲେ ବି 'ଆନିମଲ୍' ଭଳି ଫିଲ୍ମ ଆଉ କରନ୍ତୁ ନାହିଁ ।" ଏହାସହ ସାଇ ପଲ୍ଲବୀଙ୍କୁ ଦର୍ଶକ ସୀତା ରୂପେ ଗ୍ରହଣ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ନିତେଶ ତିୱାରୀଙ୍କ ଏହି ଗ୍ରାଣ୍ଡ ସିନେମାକୁ ସମ୍ମାନ ଜଣାଇ ସେ ଏହାକୁ ଅନ୍ତତଃ ୫ ଥର ଦେଖିବେ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ବ୍ରହ୍ମ ମୁହୂର୍ତ୍ତରେ 'ରାମାୟଣ'ର ଟ୍ରେଲର ହିନ୍ଦୀ, ତାମିଲ, ତେଲୁଗୁ, କନ୍ନଡ ଓ ମଲୟାଲମ୍ ଭଳି ଅନେକ ଭାଷାରେ ମୁକ୍ତିଲାଭ କରିଛି ।

## ବିରଳ ରେକର୍ଡ



ଚୀନର ଏକ ଆନିମେ ଇଭେଣ୍ଟରେ କିଛି ଯୁବତୀ ଆନିମେ ଚରିତ୍ରର ପୋଷାକ ପିନ୍ଧି ଲେମ୍ବୁ ମିଶା ପାଣିରେ ନିଜ ପାଦ ବୁଡ଼ାଇ ବସିଥିବାର ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ତେବେ ପରେ ସେହି ପାଣିକୁ କପ୍‌ରେ ଭର୍ତ୍ତି କରି କପ୍ ପିଛା ପ୍ରାୟ ୬୦୦ ଟଙ୍କାରେ ବିକ୍ରି କରାଯାଉଥିବାର ମଧ୍ୟ ଦେଖିବାକୁ ମିଳିଛି । ଆଶ୍ଚର୍ଯ୍ୟର କଥା ହେଉଛି, ଲୋକମାନେ ତାହାକୁ କିଣି ପିଉଥିବା ମଧ୍ୟ ଦେଖିବାକୁ ମିଳିଥିଲା । ଷ୍ଟଲ୍‌ରେ ଏହା କେବଳ ମନୋରଞ୍ଜନ ପାଇଁ ବୋଲି ଲେଖାଯାଇଥିଲା । ତେବେ ଏହି ଷ୍ଟଲରେ ଖୁବ ଅଧିକ ଭିଡ ଦେଖିବାକୁ ମିଳିଥିଲା । ଏହି ଘଟଣାର ଭିଡିଓ ଭାଇରାଲ୍ ହେବା ପରେ ସୋସିଆଲ ମିଡିଆରେ ଲୋକମାନେ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅନେକ ୟୁଜର୍ସ ଏହାକୁ ଅସ୍ୱାସ୍ଥ୍ୟକର ବୋଲି କହିଥିବା ଦେଖିବାକୁ ମିଳୁଛି । ସେମାନେ ଏଭଳି କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ଦାବି କରିଛନ୍ତି ।



**ମେଷ:** ସୁସମ୍ପର୍କ, ବିବାଦ ସମାଧାନ, ମାନସିକ ଚାପରୁ ମୁକ୍ତି, ଦୂରଯାତ୍ରା ସଫଳ, ପଦବୀଲାଭ, ପୂର୍ବକାର୍ଯ୍ୟରେ ଲାଭ, ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଆୟ ବୃଦ୍ଧି, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା-କ୍ଷେତ୍ରପାଳ ।

**ବୃଷ:** କର୍ମେ ଆନନ୍ଦ, ପାରିବାରିକ ସୁଖ, ସୁସମ୍ପର୍କ, ବ୍ୟବସାୟରେ ସ୍ୱଳ୍ପଲାଭ, ପୁରାତନ ବିବାଦରୁ ମୁକ୍ତି, ନୂତନ ବ୍ୟବସାୟ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ସମ୍ପର୍କରେ ବାଧା, ଉଚ୍ଚଆଶାରେ ବିଫଳ, କର୍ମକ୍ଷେତ୍ରେ ପରିଶ୍ରମ, ମିଥ୍ୟା ଅପବାଦ, ଦୂରଯାତ୍ରା ସଫଳ, ଗୃହେ ଉତ୍ସବ, ପାରିବାରିକ ସାହାଯ୍ୟ, ଅର୍ଥଲାଭ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**କର୍କଟ:** ଯାତ୍ରାରେ ସତର୍କ, ଦ୍ରବ୍ୟଚୋରି, ବ୍ୟବସାୟରେ ସ୍ୱଳ୍ପଲାଭ, ଗୁରୁଜନଙ୍କ ସମସ୍ୟା, ଦେବଦର୍ଶନ, ଅଯଥା ଖର୍ଚ୍ଚାନ୍ତ, ବନ୍ଧୁସାହାଯ୍ୟ, ଦାମ୍ପତ୍ୟଖୁସି, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**ସିଂହ:** କାର୍ଯ୍ୟରେ ବିଳମ୍ବ, କର୍ମକ୍ଷେତ୍ରେ ପ୍ରଶଂସା, ନିର୍ଭର ପ୍ରତିଶ୍ରୁତି, ପୁତ୍ରସ୍ନେହରେ ଖୁସି, ଦାମ୍ପତ୍ୟସୁଖ, ମାନସିକଶାନ୍ତି, ଶୁଭଖବର, ଶରୀରସୁସ୍ଥ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଇସତଲାଲ, ସଂଖ୍ୟା-୭, ଆରାଧନା-ଗୁରୁଜନଙ୍କ ସେବା ।

**କନ୍ୟା:** ଦ୍ରବ୍ୟଲାଭ, ଉତ୍ସବପ୍ରତି ଆଗ୍ରହ, ବ୍ୟବସାୟିକ ଖୁସି, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ସମସ୍ୟା ସମାଧାନ, ଅଯଥା କଷ୍ଟ, ଶରୀର ସୁସ୍ଥ, ସନ୍ତାନଲାଭ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ବାବା ବାଲୁଙ୍କେଶ୍ୱର ।

**ତୁଳା:** ସନ୍ତାନଚିନ୍ତା, ବିବାଦକୁ ନେଇ ଚିନ୍ତିତ, ମାନସିକ ଅବସାଦ, ଦୂରଯାତ୍ରାରେ ଆଗ୍ରହ, ଅର୍ଥଲାଭ, ଶତ୍ରୁସମସ୍ୟା, ସୁମିଷ୍ଟ ଭୋଜନ, ବନ୍ଧୁଲାଭ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ , ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ତୁଳା:** ସନ୍ତାନଚିନ୍ତା, ବିବାଦକୁ ନେଇ ଚିନ୍ତିତ, ମାନସିକ ଅବସାଦ, ଦୂରଯାତ୍ରାରେ ଆଗ୍ରହ, ଅର୍ଥଲାଭ, ଶତ୍ରୁସମସ୍ୟା, ସୁମିଷ୍ଟ ଭୋଜନ, ବନ୍ଧୁଲାଭ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ , ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**ବିଛା:** ସମ୍ପତ୍ତିବିବାଦ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ଶୁଭ ଆଲୋଚନା, ଦାମ୍ପତ୍ୟଖୁସି, ଅର୍ଥସମସ୍ୟା, ଉଚ୍ଚଆଶା ବିଫଳ, ବିଦ୍ୟାରେ ଅସଫଳ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ, ସଂଖ୍ୟା-୬, ଆରାଧନା-ପ୍ରଭୁ ଗଣେଶ ।

**ଧନୁ:** ଆର୍ଥିକସୁଖ, ବିବାଦ ସମାଧାନ, ଶତ୍ରୁପରାଜିତ, ଦୂରଯାତ୍ରା ସଫଳ, ଦ୍ରବ୍ୟଲାଭ, ନୂତନ ନିଯୁକ୍ତି, ସନ୍ତାନଖୁସି, କର୍ମକ୍ଷେତ୍ରେ ସନ୍ତୁଷ୍ଟ, ନୂତନ ବ୍ୟବସାୟ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ମା' ଗୌରୀ ।

**ମକର:** ଅଯଥା ଖର୍ଚ୍ଚାନ୍ତ, ମିଥ୍ୟା ଅପବାଦ, ଶତ୍ରୁସମସ୍ୟା, ବନ୍ଧୁ ସହଯୋଗ, ବ୍ୟବସାୟିକ ଖୁସି, ପରିବହନରେ ସାମାନ୍ୟ ଲାଭ, ଶତ୍ରୁସମସ୍ୟା, ସମ୍ପତ୍ତିବିବାଦ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୩, ଆରାଧନା-ମା' ବଗଳାମୁଖୀ ।

**କୁମ୍ଭ:** ସମ୍ମାନଲାଭ, ଆକସ୍ମିକ ଧନଲାଭ, ଶୁଭଖବର, ଦୂରଯାତ୍ରାରେ ସଫଳ, ବନ୍ଧୁଲାଭ, ସମସ୍ୟା ସମାଧାନ, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟଲାଭ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୦, ଆରାଧନା-ଛୋଟପିଲାଙ୍କୁ ଭୋଜନ ।

**ମୀନ:** କିଛି କାର୍ଯ୍ୟରେ ଅସନ୍ତୋଷ, ଅର୍ଥଚିନ୍ତା, ବ୍ୟବସାୟରେ ମାନ୍ଦାବସ୍ଥା, ଅଯଥା କଷ୍ଟ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ବନ୍ଧୁସାହାଯ୍ୟ, କିଛି କ୍ରୟ କରିବେ, ସ୍ୱଜନ ବିରୋଧ, ସନ୍ତାନସମସ୍ୟା, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ସ୍ୱର୍ଣ୍ଣବାରାହୀ ।

**ଶ୍ରାବଣ କୃଷ୍ଣପକ୍ଷ ତୃତୀୟା**
**୧.୮.୨୦୨୬, ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ନୂଆଦିଲ୍ଲୀରେ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସୌଜନ୍ୟମୂଳକ ଭାବେ ସାକ୍ଷାତ କରିଛନ୍ତି। ସୋଶିଆଲ ମିଡିଆରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସାକ୍ଷାତ ସମୟରେ ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ, ନୂତନ ରେଳଲାଇନ ପ୍ରକଳ୍ପର କାର୍ଯ୍ୟକାରିତା ଓ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼କରଣ ନେଇ ସକାରାତ୍ମକ ଆଲୋଚନା ହୋଇଛି। ଆଞ୍ଚଳିକ ତଥା ଶିଳ୍ପାଞ୍ଚଳ ସଂଯୋଗୀକରଣକୁ ଅଧିକ କ୍ରିୟାଶୀଳ କରି ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ଆମର ମୁଖ୍ୟ ଲକ୍ଷ୍ୟ। କେନ୍ଦ୍ର ସରକାରଙ୍କ ସହଯୋଗରେ ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମେ ନୀରନ୍ତର ଆଗେଇ ଚାଲିଛି।

## ବାଲିପାଟଣାରେ ଗର୍ଭବତୀ ମହିଳାଙ୍କୁ
## ସୁରକ୍ଷିତ ଭାବେ ଡାକ୍ତରଖାନାକୁ ସ୍ଥାନାନ୍ତର କଲା ମେଡିକାଲ ଟିମ୍

ଭୁବନେଶ୍ୱର (ସବ୍ୟୁ): ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ଏସ୍ଆର୍‌ସିଙ୍କ ନିରନ୍ତର ସମନ୍ୱୟରେ ବାଲିପାଟଣା ଅଞ୍ଚଳରେ ସତର୍କତାମୂଳକ ପଦକ୍ଷେପ ଜାରି ରହିଛି। ଏହାରି ଅଂଶ ସ୍ୱରୂପ, ବାଲିପାଟଣା ମେଡିକାଲ୍ ଟିମ୍ ଜଣେ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି, ଯାହାଦ୍ୱାରା ତାଙ୍କୁ ଆବଶ୍ୟକ ଚିକିତ୍ସା ସେବା ଠିକ୍ ସମୟରେ ଉପଲବ୍ଧ କରାଯାଇପାରିବ।



ଗର୍ଭବତୀ ମହିଳା, ବୃଦ୍ଧ ଓ ଶିଶୁଙ୍କ ସମେତ ସମ୍ବେଦନଶୀଳ ବର୍ଗର ଲୋକଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ସତର୍କତାମୂଳକ ପଦକ୍ଷେପ ଜାରି ରହିଛି। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ପ୍ରତ୍ୟେକ ଆବଶ୍ୟକ ସେବା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଶାସନିକ ଓ ମେଡିକାଲ୍ ଟିମ୍ ସଜାଗ ଓ ପ୍ରସ୍ତୁତ ରହିଛନ୍ତି।

# ନୀତି ଆୟୋଗ ସଦସ୍ୟଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ନୂଆଦିଲ୍ଲୀଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀତି ଆୟୋଗ ସଦସ୍ୟ କେଭି ରାଜୁ ଓ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦର ସଦସ୍ୟଙ୍କୁ ସାକ୍ଷାତ କରିଛନ୍ତି। ଆଲୋଚନା ସମୟରେ ଓଡ଼ିଶାର ଦୀର୍ଘ ମିଆଁଦୀ ଆର୍ଥିକ ରୋଡ ମ୍ୟାପ, ଜିଲ୍ଲାସ୍ତରରେ ଜିଡିପି ଆକଳନ ଓ ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ ପାଇଁ ଭିଜନ ଡକ୍ୟୁମେଣ୍ଟର ନୀତିର ପ୍ରାଥମିକତା ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି ଓଡ଼ିଶାର ଉପକୂଳ ଓ କୃଷି ଅଞ୍ଚଳରେ କିଭଳି ନୀତି ପ୍ରସ୍ତୁତ କରାଯାଇ ସ୍ୱତନ୍ତ୍ର ସାମୁଦ୍ରିକ ଓ ସ୍ୱତନ୍ତ୍ର କୃଷି ଜୋନ ସେ ନେଇ ଆଲୋଚନା କରିଥିଲେ। ଆଞ୍ଚଳିକ ବିକାଶକୁ ସମତୁଳ କରିବା ସହ ଜୀବନ ଜୀବିକା ସୁବିଧା ସୃଷ୍ଟି କରିବା ଓ ଓଡ଼ିଶାର ସମନ୍ୱିତ ଓ ଦୀର୍ଘ ସ୍ଥାୟୀ ବିକାଶ କରିବା ଉପରେ ଆଲୋଚନା କରିଥିଲା।

## ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ
## ମହିଳା ମାନେ କେବଳ ଲାଭାର୍ଥୀ ନୁହେଁ ବିକାଶ ପ୍ରକ୍ରିୟାର କର୍ଣ୍ଣଧାର ହୁଅନ୍ତୁ : ଉପ ମୁଖ୍ୟମନ୍ତ୍ରୀ

ପୁରୀ, (ସବ୍ୟୁ): ଆମ ମା,ମହିଳା ମାନଙ୍କ ମଧ୍ୟରେ ଭରପୁର ଆତ୍ମବିଶ୍ୱାସ ଓ ଅଜସ୍ର ଶକ୍ତି ରହିଛି। ସେଥିପାଇଁ ସମଗ୍ର ଦେଶରେ ୨୬ ଲକ୍ଷ ୫୦ ହଜାର ଲକ୍ଷ ପତି ଦିଦି ସୃଷ୍ଟି କରି ଓଡ଼ିଶା ସର୍ବୋଚ୍ଚ ସ୍ଥାନ ହାସଲ କରିଛି



ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା। ଶୁକ୍ରବାର ଅପରାହ୍ନରେ ପୁରୀ ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ଆଞ୍ଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।ପୁରୀ, କଟକ,ଖୋର୍ଦ୍ଧା ଓ ନୟାଗଡ଼ ର ୬୦୦ ରୁ ଊର୍ଦ୍ଧ୍ୱ ସୁଭଦ୍ରା ଶକ୍ତି ର ଡିଏଲଏଫ,ବିଏଲଏଫ ସଦସ୍ୟା ଏଥିରେ ଯୋଗ ଦେଇ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରିବା ସହ ସେମାନଙ୍କ ସମସ୍ୟା,ଆଗାମୀ ଯୋଜନା, ନୂଆ ନୂଆ ଉତ୍ପାଦ ପାଇଁ ଆବଶ୍ୟକ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଞ୍ଚଳିକ ସ୍ତରୀୟ ଏହି କାର୍ଯ୍ୟକ୍ରମ ଦେବଗଡରୁ ଆରମ୍ଭ ହୋଇଥିଲା ଓ ପୁରୀ ରେ ସାରିବା ଲକ୍ଷ୍ୟ ରଖାଯାଇଥିଲା। ରାଜ୍ୟ ଓ ଦେଶର ବିକାଶ କୁ ତ୍ୱରାନ୍ୱିତ କରିବା ଆମ ସମସ୍ତଙ୍କ ଉଦ୍ୟମ ହେବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ମହିଳା ମାନଙ୍କୁ ସଶକ୍ତୀକରଣ କରିବା କ୍ଷେତ୍ରରେ ଏହି ପଦକ୍ଷେପ ଏକ ଉଲ୍ଲେଖଯୋଗ୍ୟ ଭୂମିକା ବୋଲି କହିବା ସହ ସମଗ୍ର ଦେଶରେ ଆମ ରାଜ୍ୟର ମହିଳା ମାନେ ସର୍ବାଧିକ ଲକ୍ଷ ପତି ଦିଦି ହେବା ଏକ ଗୌରବ ର କଥା ବୋଲି କହିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅରୁଗୁଲା ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ସମ୍ମିଳନୀ ମହିଳା ମାନଙ୍କୁ ଅଧିକ ଦକ୍ଷତା ସମ୍ପର୍ଣ୍ଣ କରିବ ବୋଲି କହିଥିଲେ। ଶେଷରେ ଓଡିଆ ଜୀବିକା ମିଶନର ଯୁଗ୍ମ ସଚିବ ମମତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଅବିନାଶ ରାଉତ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ପୂର୍ବରୁ ତାଳବଣିଆ ଠାରେ ପୁରୀ ଜିଲ୍ଲା ସୁଭଦ୍ରା ଶକ୍ତି କେନ୍ଦ୍ର କୁ ଉପ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ। ଅନ୍ୟାନ୍ୟ ଅତିଥି ମାନେ ମଧ୍ୟ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମ ରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ର ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

## ମୁଖ୍ୟ ଶାସନ ସଚିବଙ୍କ ସହିତ ଏସୀୟ ବିକାଶ ବ୍ୟାଙ୍କ ପ୍ରତିନିଧିଙ୍କ ଉଚ୍ଚସ୍ତରୀୟ ବୈଠକ
# ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରିତାରେ ସହାୟତା କରିବା ନେଇ ଏଡିବି ତରଫରୁ ପ୍ରସ୍ତାବ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ର ପ୍ରତିନିଧିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଡିବି ସହଯୋଗରେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ସହ ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ର ଲକ୍ଷ୍ୟ ପୂରଣ ନିମନ୍ତେ ଭବିଷ୍ୟତ ସହଯୋଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଏଡିବି ପକ୍ଷରୁ ଓଡ଼ିଶା ସହ ଭାଗୀଦାରିର ସାମଗ୍ରିକ ଚିତ୍ର ଉପସ୍ଥାପନ କରାଯାଇଥିଲା। ଦକ୍ଷତା ବିକାଶ, ସହରାଞ୍ଚଳ ଭିତ୍ତିଭୂମି, ପରିବହନ, କୃଷି, ଶକ୍ତି, ଜଳବାୟୁ ସହନଶୀଳତା ଆଦି କ୍ଷେତ୍ରରେ ଚାଲୁଥିବା ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସୂଚନା ଦିଆଯିବା ସହ ରାଜ୍ୟର ଦୀର୍ଘମିଆଦୀ ଭିତ୍ତିଭୂମି ଓ ଆର୍ଥିକ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତାବିତ ନୂତନ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଇଣ୍ଡିଆ ରେସିଡେଣ୍ଟ ମିଶନ ଅଧୀନରେ ଏଡିବି ଓଡ଼ିଶାର ବିକାଶର ଏକ ପ୍ରମୁଖ ଭାଗୀଦାର ସଂସ୍ଥା ଭାବେ ବିଭିନ୍ନ କ୍ଷେତ୍ରରେ ଋଣ ସହାୟତା, ବୈଷୟିକ ସହଯୋଗ ଏବଂ ପରାମର୍ଶ ପ୍ରଦାନ କରିଆସୁଛି। ଏହି ଅବସରରେ ୨୦୨୮-୨୦୩୨ ସମୟସୀମା ପାଇଁ ଓଡ଼ିଶା ନିମନ୍ତେ ଏଡିବିର ପ୍ରସ୍ତାବିତ ରଣନୀତିକ ଢାଞ୍ଚା ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା। ପ୍ରସ୍ତାବିତ ସହଯୋଗ ଅଧୀନରେ ଏମ୍ଏସ୍ଏମ୍ଇ କ୍ଷେତ୍ରର ବିକାଶ, ଉତ୍ପାଦନ ବୃଦ୍ଧି, ସମାବେଶୀ ଅଭିବୃଦ୍ଧି, ମାନବ ସମ୍ବଳ ବିକାଶ, କାର୍ବନ ନିର୍ଗମନ ହ୍ରାସ, ଲିଙ୍ଗଗତ ସମାନତା, ମହିଳା ନେତୃତ୍ୱାଧୀନ ଜୀବିକା ବିକାଶ, ସାମାଜିକ ସୁରକ୍ଷା ଏବଂ ବୈଷୟିକ ଜ୍ଞାନର ଆଦାନ-ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ସହଯୋଗ ପ୍ରଯୁକ୍ତିର ଗ୍ରହୀତା ରାଷ୍ଟ୍ରରୁ ବିଶ୍ୱସ୍ତରୀୟ ନବସୃଜନର ଅଗ୍ରଣୀ ରାଷ୍ଟ୍ର ଭାବେ ଭାରତର ଆଗାମୀ ଯାତ୍ରାରେ ଓଡ଼ିଶାର ଅବଦାନକୁ ଆହୁରି ସୁଦୃଢ଼ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ପ୍ରସ୍ତାବିତ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପ (ଦ୍ୱିତୀୟ ପର୍ଯ୍ୟାୟ) ର ଅଗ୍ରଗତି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ଏହି ପ୍ରକଳ୍ପ ମାଧ୍ୟମରେ ଭୁବନେଶ୍ୱର ସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରର ସମ୍ପ୍ରସାରଣ ସହ ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁରରେ ନୂତନ କ୍ୟାମ୍ପସ ସ୍ଥାପନ, ଚୟନ ପୂର୍ବକ ବିଭିନ୍ନ ଆଇଟିଆଇଗୁଡ଼ିକର ଉନ୍ନତିକରଣ, ଉନ୍ନତ ପ୍ରଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ଏବଂ ଶିଳ୍ପର ଆବଶ୍ୟକତା ଅନୁରୂପ ଦକ୍ଷ ମାନବ ସମ୍ବଳ ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଏଥି ସହିତ ସହରାଞ୍ଚଳ ପରିବହନ, ପର୍ଯ୍ୟଟନ, କ୍ଲଷ୍ଟରଭିତ୍ତିକ ଉଦ୍ୟାନ କୃଷି ଓ କୃଷି ବ୍ୟବସାୟ, ଶକ୍ତି କ୍ଷେତ୍ର, ଜଳବାୟୁ ସହନଶୀଳ ଭିତ୍ତିଭୂମି ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶ ସମ୍ପର୍କିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ପରାମର୍ଶ ସହଯୋଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

## ଦୀପାଳି ଦାସଙ୍କ ଆବେଦନକୁ ଗ୍ରହଣ କଲେ ହାଇକୋର୍ଟ
## ବିଧାୟକଙ୍କ ବିରୋଧରେ କୋର୍ଟରେ ଥିବା ମାମଲାର ରେକର୍ଡ, ନିର୍ବାଚନୀ ତଥ୍ୟ ପ୍ରଦାନ ନିର୍ଦ୍ଦେଶ

କଟକ,(ସବ୍ୟୁ): ଝାରସୁଗୁଡ଼ା ବିଧାନସଭା ନିର୍ବାଚନୀ ମାମଲାରେ ଆବେଦନକାରିଣୀ ଦୀପାଳି ଦାସଙ୍କ ପକ୍ଷରୁ କେସ୍ ସଂକ୍ରାନ୍ତ ବିଭିନ୍ନ ତଥ୍ୟର ରେକର୍ଡ ମଗାଯିବା ପାଇଁ ହୋଇଥିବା ଆବେଦନକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ଯଦିଓ ସମସ୍ତ ଆବେଦନ ଗ୍ରହଣୀୟ ହୋଇନାହିଁ କିନ୍ତୁ ଅଧିକାଂଶ ଆବେଦନକୁ ହାଇକୋର୍ଟ ଗ୍ରହଣ କରି ବିଭିନ୍ନ ଅଦାଲତ, ବ୍ୟାଙ୍କ, ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଆବଶ୍ୟକ ଡକ୍ୟୁମେଣ୍ଟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୀପାଳି ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି। ଅଗଷ୍ଟ ୨୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରିଣୀ ଦିପାଳୀ ଦାସ ବିଧାୟକ ଟଙ୍କଧରଙ୍କ ବିରୋଧରେ ଭୁବନେଶ୍ୱର ଏସ୍‌ଡିଜେଏମ୍, ଝାରସୁଗୁଡ଼ା ଏସ୍‌ଡିଜେମ୍ ଏବଂ ସୁନ୍ଦରଗଡ଼ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ କେତେ ମାମଲା ରହିଛି ତାହାର ରେକର୍ଡ ମାଗିବା ଲାଗି ହାଇକୋର୍ଟରେ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଏହି ପ୍ରାର୍ଥନାକୁ ଗ୍ରହଣ କରି ଅଦାଲତଙ୍କୁ ଏହିସବୁ ରେକର୍ଡ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ନିର୍ବାଚନୀ ସଂକ୍ରାନ୍ତ କେତେକ ରେକର୍ଡ ପ୍ରଦାନ ପାଇଁ ହାଇକୋର୍ଟ ଝାରସୁଗୁଡ଼ା ଇଲେକ୍ସନ ଅଫିସର ତଥା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା ହୋଇଥିଲା। ହାଇକୋର୍ଟ ଏହାକୁ ଗ୍ରହଣ କରି ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଏହି ମାମଲା ସଂକ୍ରାନ୍ତ ଦସ୍ତାବିଜ୍ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଅଚ୍ୟୁତ ସାମନ୍ତଙ୍କୁ ୭୫ତମ ସମ୍ମାନସୂଚକ ଡକ୍ଟରେଟ
## ମହାରାଜା ଗଙ୍ଗା ସିଂହ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନିତ

ଭୁବନେଶ୍ୱର,(ସବ୍ୟୁ): ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନ ବିକାନେରସ୍ଥିତ ରାଜ୍ୟର ଅନ୍ୟତମ ପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ ମହାରାଜା ଗଙ୍ଗା ସିଂହ ବିଶ୍ୱବିଦ୍ୟାଳୟ (ଏମ୍‌ଜିଏସ୍‌ୟୁ) ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଜୟପୁର ରାଜଭବନ (ଲୋକ ଭବନ) ରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାବର୍ତ୍ତନ ସମାରୋହରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷା ମାଧ୍ୟମରେ ସମାଜର ବିକାଶ ଓ କଲ୍ୟାଣ ଦିଗରେ ଅଚ୍ୟୁତ ସାମନ୍ତଙ୍କ ଅସାଧାରଣ ଅବଦାନକୁ ସ୍ୱୀକୃତି ଜଣାଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୭୫ତମ ସମ୍ମାନସୂଚକ ଡକ୍ଟରେଟ୍। ଅଚ୍ୟୁତ ସାମନ୍ତଙ୍କ ଉପରେ ପୁଙ୍ଖାନୁପୁଙ୍ଖ ଜାଣିବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏହି ଏହି ସମ୍ମାନ ପାଇଁ ମନୋନୀତ କରାଯାଇଥିଲା।



ଏମ୍‌ଜିଏସ୍‌ୟୁ କୁଳାଧିପତି ତଥା ରାଜସ୍ଥାନ ରାଜ୍ୟପାଳ ହରିଭାଉ ବାଗଡେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ପ୍ରେମ ଚାନ୍ଦ ବୈରୱା, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମନୋଜ ଦୀକ୍ଷିତ, କୁଳସଚିବ ପ୍ରଫେସର ଯଶପାଲ ଆହୁଜାଙ୍କ ସମେତ ରାଜ୍ୟର ବହୁ ମନ୍ତ୍ରୀ, ବିଧାୟକ ତଥା ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ମହିଳା ଆୟୋଗ ଅଧ୍ୟକ୍ଷା ବିଜୟା କିଶୋର ରହାଟକରଙ୍କୁ ମଧ୍ୟ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା। ମହାରାଜା ଗଙ୍ଗାସିଂହ ବିଶ୍ୱବିଦ୍ୟାଳୟ ରାଜସ୍ଥାନର ଅନ୍ୟତମ ପ୍ରମୁଖ ସରକାରୀ ବିଶ୍ୱବିଦ୍ୟାଳୟ ଭାବେ ସୁପରିଚିତ। ଓଡ଼ିଶାରୁ ଆଣି ରାଜସ୍ଥାନ ରାଜଭବନରେ ସ୍ୱତନ୍ତ୍ର ସମାବର୍ତ୍ତନ ଆୟୋଜନ କରି ସମ୍ମାନୀତ କରିବା ସହ ଓଡ଼ିଶା ଓ ଅଚ୍ୟୁତଙ୍କ କାର୍ଯ୍ୟର ପ୍ରଶଂସା କରାଯାଇଥିବାରୁ ଶ୍ରୀ ସାମନ୍ତ ରାଜ୍ୟପାଳ ଶ୍ରୀ ବାଗଡେ ଓ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ସ୍ମୃତି ମୋ ହୃଦୟରେ ସବୁଦିନ ସାଇତା ହୋଇ ରହିବ ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି। ଅଗଷ୍ଟ ୨ରେ ଦିବଙ୍ଗତ ମା ନୀଳିମାରାଣୀଙ୍କ ୧୦ମ ଶ୍ରାଦ୍ଧଦିବସ ପାଳନ ହେଉଥିବା ବେଳେ ମାଆଙ୍କ ସମ୍ମାନାର୍ଥେ ଶ୍ରୀ ସାମନ୍ତ ଏହି ସମ୍ମାନକୁ ମାଆଙ୍କୁ ଉତ୍ସର୍ଗ କରିଛନ୍ତି।

## ମୁଣ୍ଡଳୀ ୱେୟାର ଓ ନରାଜ ବ୍ୟାରେଜ
# ପରିଦର୍ଶନ କଲେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ

ଭୁବନେଶ୍ୱର, (ସବ୍ୟୁ): ସାମ୍ପ୍ରତିକ ବନ୍ୟା ପରିସ୍ଥିତିରେ ମହାନଦୀରେ ବନ୍ୟାଜଳର ପ୍ରବାହ ଏବଂ ଜଳ ପରିଚାଳନା ବ୍ୟବସ୍ଥାର



ସମୀକ୍ଷା ପାଇଁ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଶୁକ୍ରବାର ଦିନ ମୁଣ୍ଡଳୀ ୱେୟାର ଓ ନରାଜ ବ୍ୟାରେଜ ପରିଦର୍ଶନ କରିଥିଲେ। ମୁଣ୍ଡଳୀ ୱେୟାରରେ ମହାନଦୀ ନଦୀ ବ୍ୟବସ୍ଥା ଦେଇ ପ୍ରବାହିତ ବନ୍ୟାଜଳର ସ୍ଥିତି ଓ ଏହାର ନିୟନ୍ତ୍ରିତ ନିଷ୍କାସନ ବ୍ୟବସ୍ଥାର ସମୀକ୍ଷା କରିଥିଲେ ଶ୍ରୀମତୀ ଶର୍ମା। ଏହି ଅବସରରେ ସେଣ୍ଟ୍ରାଲ୍ ଇରିଗେସନ୍ ସର୍କଲ୍, ଭୁବନେଶ୍ୱରର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ନଦୀର ଜଳସ୍ତର, ପ୍ରବାହ ପରିସ୍ଥିତି ଏବଂ ତଳମୁଣ୍ଡ ଅଞ୍ଚଳର ସୁରକ୍ଷାକୁ ଦୃଷ୍ଟିରେ ରଖି ବନ୍ୟାଜଳର ସୁଚାରୁ ପରିଚାଳନା ପାଇଁ ସେ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

### ମହାନଦୀ ଜଳ ପରିଚାଳନାର କଲେ ସମୀକ୍ଷା

ପରବର୍ତ୍ତୀ ସମୟରେ ଶ୍ରୀମତୀ ଶର୍ମା ନରାଜ ବ୍ୟାରେଜ ପରିଦର୍ଶନ କରି ବ୍ୟାରେଜର କଣ୍ଟ୍ରୋଲ୍ ରୁମ୍‌ରେ ସ୍ଥାପିତ ଆଧୁନିକ ସ୍କାଡା ପ୍ରଣାଳୀ ମାଧ୍ୟମରେ ବ୍ୟାରେଜ ଗେଟ୍‌ର ପରିଚାଳନା ଓ ନିରୀକ୍ଷଣ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସ୍କାଡା ପ୍ରଣାଳୀ ମାଧ୍ୟମରେ ବ୍ୟାରେଜ ଗେଟ୍‌ର ରିଅଲ୍-ଟାଇମ୍ ନିରୀକ୍ଷଣ, ଜଳ ପ୍ରବାହର ସଠିକ୍ ମୂଲ୍ୟାଙ୍କନ ଏବଂ ଗେଟ୍ ପରିଚାଳନାର କାର୍ଯ୍ୟଦକ୍ଷତାର ଉପରେ ଆଲୋଚନା ହୋଇଥିଲା। ସେ କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଚବିଶ ଘଣ୍ଟିଆ ସତର୍କତା ଅବଲମ୍ବନ କରିବା, ସ୍କାଡା ପ୍ରଣାଳୀ ମାଧ୍ୟମରେ ଗେଟ୍‌ର କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖିବା ଏବଂ ଯେକୌଣସି ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଯାନ୍ତ୍ରିକ ମୁଖ୍ୟ ଯନ୍ତ୍ରୀ, ଭୁବନେଶ୍ୱରର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଏବଂ ପୂର୍ବାଞ୍ଚଳ ପରିମଣ୍ଡଳ-୧, କଟକର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଉପସ୍ଥିତ ଥିଲେ। ବନ୍ୟାଜଳର ପ୍ରବାହ, ଉପରମୁଣ୍ଡ ଓ ତଳମୁଣ୍ଡ ଅଞ୍ଚଳର ପରିସ୍ଥିତି ଏବଂ ବୈଜ୍ଞାନିକ ତଥ୍ୟର ନିରନ୍ତର ବିଶ୍ଳେଷଣ ଆଧାରରେ ବ୍ୟାରେଜ ଗେଟ୍ ପରିଚାଳନା କରାଯାଉଛି। ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସୁରକ୍ଷିତ ଓ ସୁନିୟୋଜିତ ଭାବେ ବନ୍ୟାଜଳ ନିଷ୍କାସନ ସୁନିଶ୍ଚିତ କରିବା ସହ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## କୁଆଖାଇକୁ ଡେଇଁଲେ ମହିଳା

ଭୁବନେଶ୍ୱର, (ସବ୍ୟୁ) : କୁଆଖାଇ ନଦୀକୁ ଜଣେ ମହିଳା ଡେଇଁ ପଡିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଅଗ୍ନିଶମ ବାହିନୀକୁ ଡାକି ନଦୀରେ ଖୋଜଖବର କରୁଛନ୍ତି। ହାଇଟେକ୍ ଛକ ପାଖରେ ମହିଳା ନଦୀକୁ ଡେଇଁଲେ କେଉଁ କାରଣରୁ ତାହା ଜଣାପଡିନାହିଁ। ମହିଳା ଜଣକ କିଏ ମଧ୍ୟ ତାହା ସ୍ପଷ୍ଟ ହୋଇନଥିବା ପୋଲିସ କହିଛି। ପାହାଳ ଓ ଭୁବନେଶ୍ୱର ଅଗ୍ନିଶମ ବାହିନୀର ଦୁଇଟି ଟିମ୍ ନଦୀରେ ଖୋଜଖବର କରୁଛନ୍ତି। ବନ୍ୟାଜଳ ପ୍ରବାହିତ ହେଉଥିବାରୁ ସେ କେତେଦୂରକୁ କୁଆଡେ ଭାସିଗଲେଣି ତାହା ଜଣାପଡିନଥିବାରୁ ଅଗ୍ନିଶମ ବାହିନୀ ଅଡୁଆରେ ପଡିଛି। ତଥାପି ନଦୀରେ ପ୍ରବାହିତ ବନ୍ୟାଜଳରେ ଅଗ୍ନିଶମ ବାହିନୀର ଅଗ୍ନିକମାନେ ଖୋଜଖବର ଜାରି ରଖିଛନ୍ତି।

## ଟାଙ୍ଗୀ ପଶୁପତିଗଡ଼ା ନିକଟରେ ଦୁର୍ଘଟଣାରେ ଗଲା ଆଉ ଏକ ଯୁବକଙ୍କ ଜୀବନ

କଟକ,(ସ.ବ୍ୟୁ.) : ୧୬ନମ୍ବର ଜାତୀୟ ରାଜପଥ ପଶୁପତି ଗଡ଼ାରେ ଦୁର୍ଘଟଣା ବନ୍ଦ ହେବାର ନାଁ ଧରୁନି। ନୂତନ ଓଭରବ୍ରିଜ୍ ହେବା ପରେ ଜାତୀୟ ରାଜପଥକୁ ଅତିକ୍ରମ କରିବା ପାଇଁ କୌଣସି ସୁବିଧା ନଥିବା ବେଳେ ସେହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନୀଜୀବନ ହାନି ହେଉଥିବାର ନଜିର ରହିଛି। ଆଜି ସକାଳ ଜଣେ ୩୦ବର୍ଷୀୟ ଯୁବକ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କାରେ ଯୁବକ ଜଣକ ମୃତ୍ୟୁବରଣ କରିଥିବାର ସୂଚନା ମିଳିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଟାଙ୍ଗୀ ଥାନାକୁ ଖବର ଦେବା ପରେ ପୁଲିସ୍ ଘଟଣାସ୍ଥଳରେ ପହଂଚି ଆହତ ଯୁବକଙ୍କୁ କଟକ ବଡ଼ମେଡ଼ିକାଲ ପଠାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

## ସୋରୋ ବିଧାୟକଙ୍କ ବିରୋଧରେ ଚାଲିବ ନିର୍ବାଚନୀ ମାମଲା
# ଆବେଦନକାରୀଙ୍କ ଫର୍ମ-୨୫ ଗ୍ରହଣ ପାଇଁ ଅନୁମତି ଦେଲେ ହାଇକୋର୍ଟ

କଟକ,(ସବ୍ୟୁ): ସୋରୋ ବିଧାନସଭା ନିର୍ବାଚନୀ ମାମଲାରେ ହାଇକୋର୍ଟ ଆବେଦନକାରୀଙ୍କ ପକ୍ଷରୁ ଫର୍ମ-୨୫ ଦାଖଲ ପାଇଁ କରାଯାଇଥିବା ଆବେଦନକୁ ଗ୍ରହଣ କରିଛନ୍ତି। ନିର୍ବାଚନୀ ମାମଲା ରୁଜୁ ସମୟରେ ଫର୍ମ-୨୫ ଦାଖଲ କରାଯାଇଥାଏ। କିନ୍ତୁ ଆବେଦନକାରୀ ସେହି ସମୟରେ ଦାଖଲ କରିନଥିବାରୁ ଏହାକୁ ପ୍ରତିପକ୍ଷ ତଥା ସୋରୋ ବିଧାୟକ ମାଧବ ଧଡ଼ାଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। କିନ୍ତୁ ହାଇକୋର୍ଟ ଆଜି ଏହି ମାମଲାରେ ରାୟ ପ୍ରକାଶ କରି ବିଧାୟକଙ୍କ ପ୍ରାର୍ଥନାକୁ ଖାରଜ କରିବା ସହ ଫର୍ମ-୨୫ ଗ୍ରହଣ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଆବେଦନକାରୀ ପର୍ଶୁରାମ ଧଡ଼ାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି। ଏହି ଆଦେଶ ପରେ ଏବେ ବିଧାୟକଙ୍କ ବିରୋଧରେ ମାମଲା ଚାଲିବା ସ୍ପଷ୍ଟ ହୋଇଯାଇଛି।

ନିର୍ବାଚନ ସମୟରେ ଦାଖଲ ହୋଇଥିବା ନାମାଙ୍କନପତ୍ରରେ ମାଧବ ଧଡ଼ା କେତେକ ତଥ୍ୟ ଲୁଚାଇଥିବା ଆବେଦନକାରୀ ତଥା ବିଜେପିରୁ ପ୍ରାର୍ଥୀ ହୋଇ ହାରିଥିବା ପର୍ଶୁରାମ ଧଡ଼ା ଅଭିଯୋଗ କରିଥିଲେ। ତେଣୁ ତାଙ୍କ ବିଧାୟକ ପଦ ରଦ୍ଦ ଲାଗି ସେ ଅଦାଲତରେ ପାର୍ଥନା କରିଥିଲେ। ହାଇକୋର୍ଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ବିଭିନ୍ନ ପକ୍ଷଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଥିଲେ। କିନ୍ତୁ ଆବେଦନକାରୀ ଶୁଣାଣି ଚାଲିଥିଲାବେଳେ ଏକ ଅନ୍ତରୀଣ ପିଟିସନ୍ ଜରିଆରେ ଫର୍ମ-୨୫ ଦାଖଲ ପାଇଁ ଅଦାଲତଙ୍କଠାରୁ ଅନୁମତି ମାଗିଥିଲେ। ଏହି ଅନ୍ତରୀଣ ପିଟିସନ୍‌କୁ ବିଧାୟକଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ବିଧାୟକଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଏହି ଫର୍ମ-୨୫ ନିର୍ବାଚନୀ ମାମଲା ରୁଜୁ ବେଳେ ଏହା ସହିତ ଦାଖଲ କରାଯାଇଥାଏ। ଯେହେତୁ ଆବେଦନକାରୀ ଏହାକୁ ସେହି ସମୟରେ ଦାଖଲ କରିନାହାନ୍ତି ତେଣୁ ମୂଳ ନିର୍ବାଚନୀ ମାମଲାକୁ ରଦ୍ଦ କରାଯାଉ। ଏହା ଉପରେ ହାଇକୋର୍ଟ ଆବେଦନକାରୀଙ୍କୁ ୩ସପ୍ତାହ ସମୟ ଦେଇଥିଲେ। ଏହି ସମୟ ମଧ୍ୟରେ ଏହି ଫର୍ମ-୨୫ ଦାଖଲ ପାଇଁ କୁହାଯାଇଥିଲା। ଏହି ଧାର୍ଯ୍ୟ ସମୟ ମଧ୍ୟରେ ଆବେଦନକାରୀ ଫର୍ମ-୨୫ ଦାଖଲ କରିନପାରି ପରବର୍ତ୍ତୀ ସମୟରେ ଦାଖଲ କରିଥିଲେ। ଏହାକୁ ବିଧାୟକଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। କିନ୍ତୁ ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଦେବାରୁ ବିଧାୟକ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଥିଲେ। ସୁପ୍ରିମ୍‌କୋର୍ଟ ପୁନର୍ବାର ଏହି ମାମଲାକୁ ହାଇକୋର୍ଟକୁ ଫେରାଇ ଦେଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି ଅବସରରେ କହିଛନ୍ତି ଯେ, ଆଇନ ଅନୁଯାୟୀ ଫର୍ମ-୨୫ ଦାଖଲ କରିବା ବାଧ୍ୟତାମୂଳକ ରହିଛି। ଫର୍ମ-୨୫ରେ ଆବେଦନକାରୀ ତାଙ୍କ ଅଭିଯୋଗ ସଂକ୍ରାନ୍ତରେ ବିସ୍ତୃତ ସୂଚନା ଦେଇଥାନ୍ତି। ଏବଂ ଉକ୍ତ ସୂଚନା ବା ସେ ଆଣିଥିବା ସମସ୍ତ ଅଭିଯୋଗ ସତ୍ୟ ବୋଲି ସେ ସ୍ୱୀକାର କରିଥାନ୍ତି। ତେଣୁ ଏହି ଫର୍ମ-୨୫ କୁ ଗ୍ରହଣ କରାଯାଇ ରେକର୍ଡରେ ସ୍ଥାନିତ କରାଯିବାକୁ ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ନିର୍ଦ୍ଦେଶ ଦେଇଛନ୍ତି।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଡିଜିପିଙ୍କ ସୁରକ୍ଷା ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ) : ଆସନ୍ତା ଅଗଷ୍ଟ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଭଛି । ୪ ତାରିଖ ଅପରାହ୍ଣରେ ଭୁବନେଶ୍ୱର ରେଳ ଷ୍ଟେସନଠାରୁ ବ୍ରହ୍ମପୁର ଅଭିମୁଖେ ଟ୍ରେନ୍ ଯୋଗେ ଗସ୍ତ କରିବେ । ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତିଙ୍କ ଗସ୍ତକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଶୁକ୍ରବାର ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଡିଜିପି ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାରେ ତ୍ରୁଟି କିମ୍ବା ବ୍ୟତିକ୍ରମ ନଘଟିବା ପାଇଁ ପ୍ରତ୍ୟେକ ବ୍ୟବସ୍ଥାରେ ନିୟମିତ ସମୀକ୍ଷା ଓ ତଦାରଖ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ କାର୍ଯ୍ୟକ୍ରମ ସ୍ଥଳ ଏବଂ ଭିଭିଆଇପିଙ୍କ ଯାତାୟାତ ପଥରେ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଞ୍ଚ ଓ ଆଣ୍ଟି-ସାବୋଟାଜ ଯାଞ୍ଚ ସହ ସମ୍ପୂର୍ଣ୍ଣ ସତର୍କ ଓ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ରେଳ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସମଗ୍ର ରେଳପଥରେ ପାଟ୍ରୋଲିଂ ଜୋରଦାର କରାଯିବ ଏବଂ ସମସ୍ତ ଲେଭଲକ୍ରସିଂ ଗୁଡିକରେ ସୁରକ୍ଷା କର୍ମୀ ନିୟୋଜିତ ରହିବେ । ପ୍ଲାଟ୍‌ଫର୍ମ ଡିଉଟିରେ ରହିବାକୁ ଥିବା ରେଳବାଇ କର୍ମଚାରୀଙ୍କୁ ପୂର୍ବରୁ ଚିହ୍ନଟ କରାଯାଇ ଡିଉଟି ପାସ୍ ଦିଆଯିବ । ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ କରିବା ପାଇଁ ପୋଲିସ, ରେଳବାଇ ଏବଂ ସାଧାରଣ ପ୍ରଶାସନ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଆର୍‌ପି କୋଚେ, ଅତିରିକ୍ତ ଆର୍ଡିସନାଲ ଡିଜିପି ସଞ୍ଜୟ କୁମାର, ଅତିରିକ୍ତ ଡିଜିପି ରାଜେଶ କୁମାର, ପୋଲିସ କମିଶନର ଦେବଦତ୍ତ ସିଂ, ପୂର୍ବତନ ରେଳବାଇ ପ୍ରିନ୍ସିପାଲ ଚିପ୍ ସିକ୍ୟୁରିଟି କମିଶନର ଆଲୋକ ଭୋରା, ଆଇଜିପି ସତ୍ୟଜିତ ନାୟକ, ଏସ୍‌ପି (କ୍ରାଇମ୍‌ବ୍ରାଞ୍ଚ) ବିବେକାନନ୍ଦ ଶର୍ମା ପୂର୍ବରୁ ଉପସ୍ଥିତ ଥିଲେ ।

# ବନ୍ୟା ବିପର୍ଯ୍ୟୟ ପରିଚାଳନାରେ ସରକାର ବିଫଳ : ଓଜେସି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଭୟାଭହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଭିନ୍ନ ଭିନ୍ନ ଜିଲ୍ଲାର ପ୍ରାୟ ୮ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏବଂ ହଜାର ହଜାର ଗୃହପାଳିତ ପଶୁ ଏହି ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ତେବେ ଏହି ଜରୁରୀ ପରିସ୍ଥିତିରେ ସରକାର ବିପର୍ଯ୍ୟୟ ପରିଚାଳନାରେ ସଂପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି । ଏହିକ୍ରମରେ ଆଜି ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ବନ୍ୟା ପରିଚାଳନାରେ ରାଜ୍ୟ ସରକାର ପ୍ରାକ୍ ପ୍ରସ୍ତୁତି ଠିକ୍ ଭାବେ କରି ନଥିବାରୁ ରାଜ୍ୟରେ ବନ୍ୟା ଦ୍ୱାରା ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇ ହନ୍ତସନ୍ତ ଜୀବନ କାଟୁଛନ୍ତି ବୋଲି ଓଜେସି ସେବା ସଂଗଠନ ଅଧ୍ୟକ୍ଷ ମନୋଜ ଜେନା ବିବୃତି ରଖିଥିଲେ । ଜନସାଧାରଣଙ୍କ ନିକଟରେ ଜରୁରୀ ଆବଶ୍ୟକତା ଖାଦ୍ୟ ଓ ପାନୀୟ ଜଳ ପହଞ୍ଚାଇବାରେ ସରକାର ବିଫଳ ହୋଇଥିବାରୁ ଅନେକ ଅଞ୍ଚଳରେ ପ୍ରଭାବିତମାନେ ଅତ୍ୟନ୍ତ ଦୟନୀୟ ଭାବେ ଜୀବନ ଯାପନ କରୁଛନ୍ତି । କୌଣସି ନଦୀ କୂଳରେ ଆଡିବନ୍ଧ ବା ବୃକ୍ଷ ନଥିବାରୁ ଏହିଭଳି ବିପର୍ଯ୍ୟୟ ବାରମ୍ବାର ଘଟୁଛି, ଯାହା ଗତ ସରକାର ଖାମଖିଆଲି ଭାବେ ନେଇଥିଲେ ଏବଂ ବର୍ତ୍ତମାନର ସରକାର ମଧ୍ୟ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି । ଏଣୁ ଓଡ଼ିଶା ଜନତା କଂଗ୍ରେସ ତରଫରୁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେଇ ବନ୍ୟା ବିପର୍ଯ୍ୟୟ ନିୟନ୍ତ୍ରଣ କରନ୍ତୁ ବୋଲି ଶ୍ରୀ ଜେନା ଦାବି କରିଥିଲେ । ଓଡ଼ିଶା ଜନତା କଂଗ୍ରେସ ସଭାପତି ମହମ୍ମଦ ମୋକିମଙ୍କ ନିର୍ଦ୍ଦେଶରେ ଓଜେସି ସେବା ସଂଗଠନ ପକ୍ଷରୁ ଆସନ୍ତାକାଲିଠାରୁ ଏକ ପ୍ରତିନିଧି ମଣ୍ଡଳୀ ଯାଜପୁର ଜିଲ୍ଲାର ବନ୍ୟାଞ୍ଚଳ ଗୁଡ଼ିକ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବା ସହ ପ୍ରଭାବିତ ଲୋକଙ୍କୁ ରିଲିଫ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି ।

# ଓଡିଆ ପୁଅ ଜ୍ୟୋତିପ୍ରକାଶ ଦାଶ ଡିଫେନ୍ସ ପ୍ରଡକ୍ସନର ଡାଇରେକ୍ଟର ଜେନେରାଲ

ଭୁବନେଶ୍ୱର (ସବ୍ୟୁ): ଡକ୍ଟର ଜ୍ୟୋତିପ୍ରକାଶ ଦାଶ, ପ୍ରଫେସର ହରିକୃଷ୍ଣ ଦାଶ, ଶ୍ରୀ ସତ୍ୟସାଇ ଓଡିଶା ସଂଗଠନର ପୂର୍ବତନ ରାଜ୍ୟ ସଭାପତି ଏବଂ ପୂର୍ବତନ ଅଧ୍ୟକ୍ଷା ଏବଂ ବାଳବିକାଶର ପୂର୍ବତନ ରାଜ୍ୟ ସଂଯୋଜିକା ପ୍ରଭାତୀ ଦାଶଙ୍କର ସୁପୁତ୍ର । ବାସୁଦେବପୁରର ଐତିହାସିକ ରକ୍ତତୀର୍ଥ ଇରମର ମୂଳବାସିନ୍ଦା ଏବେ ସେମାନେ ଭୁବନେଶ୍ୱରରେ ଅବସ୍ଥାପିତ । ଜ୍ୟୋତିପ୍ରକାଶ ଜଣେ ସଚ୍ଚରିତ୍ର, ମେଧାବୀ, ଦକ୍ଷ, କର୍ମଠ ଛାତ୍ର ଥିଲେ । ଶ୍ରୀ ସତ୍ୟସାଇ ବାଳବିକାଶରୁ ନିଜର ଶିକ୍ଷା ଆରମ୍ଭ କରି ବୁର୍ଲା ଇଞ୍ଜିନିୟରିଂ କଲେଜରୁ ପାସ କରି , ଏମ୍ ବି ଏ କଲାପରେ କେନ୍ଦ୍ର ଅଧୀନରେ ଆଇ ଓ ଏଫ୍ ଏସ୍ ଚାକିରୀରେ ଯୋଗ ଦେଇ ନିଜର କାର୍ଯ୍ୟଦକ୍ଷତା ପ୍ରମାଣିତ କରି ଆଜି ସର୍ବଭାରତୀୟ ସ୍ତରରେ "କେନ୍ଦ୍ରୀୟ ନେସନାଲ ଏକାଡେମୀ



ଅଫ ଡିଫେନ୍ସ ପ୍ରଡକ୍ସନ"ର "ଡାଇରେକ୍ଟର ଜେନେରାଲ" ଭାବରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀଙ୍କଠାରୁ ନିଯୁକ୍ତି ପାଇବାର ଯୋଗ୍ୟତା ହାସଲ କରିଛନ୍ତି । ସେ ୩୦ ରୁ ଉର୍ଦ୍ଧ୍ୱ ଆନ୍ତର୍ଜାତୀୟ ପୁରସ୍କାର ମଧ୍ୟ ଲାଭକରିବାରେ ସଫଳ ହୋଇଛନ୍ତି । ଏହା ଆମ ରାଜ୍ୟ, ଶ୍ରୀ ସତ୍ୟସାଇ ସେବା ସଂଗଠନ, ଶ୍ରୀ ସତ୍ୟସାଇ ବାଳବିକାଶ ଏବଂ ବାସୁଦେବପୁର ରକ୍ତତୀର୍ଥ ଇରମ ପାଇଁ, ଏବଂ ଆଧ୍ୟାତ୍ମିକ ଜୀବନଯାପନ କରୁଥିବା ପିତାମାତାଙ୍କ ପାଇଁ ଅତ୍ୟନ୍ତ ଗର୍ବ ଏବଂ ଗୌରବର ବିଷୟ ।

# ଓଡ଼ିଶାର ୩ଟି ଷ୍ଟୋରରେ ତନିସ୍କର ଡାଏମଣ୍ଡ ଏକ୍ସପର୍ଟାଇଜ ସେଣ୍ଟର

ଭୁବନେଶ୍ୱର, (ସବ୍ୟୁ) : ଟାଟା ହାଉସ୍ ପକ୍ଷରୁ ଦେଶର ସର୍ବବୃହତ୍ ଗହଣା ବ୍ରାଣ୍ଡ ତନିସ୍କ ଓଡ଼ିଶାସ୍ଥିତ ଏହାର ୩ଟି ଷ୍ଟୋରରେ ଡାଏମଣ୍ଡ





ଏକ୍ସପର୍ଟାଇଜ ସେଣ୍ଟର(ଡିଏକ୍ସସି) ର ଶୁଭାରମ୍ଭ କରିଛି । ଏହି ଷ୍ଟୋର ତ୍ରୟ ହେଲା ଭୁବନେଶ୍ୱରସ୍ଥିତ ତନିସ୍କ ଚନ୍ଦ୍ରଶେଖରପୁର, କଟକସ୍ଥିତ ତନିସ୍କ ସିଡିଏ ଏବଂ କିଶୋର ହାଉସ୍ କ୍ୟାଣ୍ଟନମେଣ୍ଟ ଷ୍ଟୋର । ଏହି ଡିଏକ୍ସସି ମାଧ୍ୟମରେ ଗ୍ରାହକ ଏକ ପରିବର୍ଦ୍ଧିତ ଏବଂ ସ୍ୱଚ୍ଛ ହୀରା କ୍ରୟ ଅନୁଭୂତି ପାଇବେ । ଗ୍ରାହକଙ୍କୁ ସେମାନଙ୍କ ପସନ୍ଦର ହୀରା ଗହଣା କ୍ରୟ ସମୟରେ ଜ୍ଞାନ, ଆସ୍ଥା ଏବଂ ଭରସା ଦ୍ୱାରା ସଶକ୍ତ କରିବାର ତନିସ୍କର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି ଏ ଅଭିଯାନ । ଆଧୁନିକ ମୂଲ୍ୟାୟନ ଟୁଲ୍ ଏବଂ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ଜରିଆରେ ପ୍ରାକୃତିକ ହୀରାର ଉତ୍ତମ ଦିଗକୁ ବୁଝିବା ଲାଗି ଗ୍ରାହକଙ୍କୁ ସାହାଯ୍ୟ କରିବା ନିମନ୍ତେ ଏହି ଡାଏମଣ୍ଡ ଏକ୍ସପର୍ଟାଇଜ୍ ସେଣ୍ଟରଗୁଡ଼ିକୁ ଡିଜାଇନ କରାଯାଇଛି । ହୀରାର ଗୁଣବତ୍ତା ଯେପରି ଉଜ୍ଜ୍ୱଳତା, ଅନ୍ତର୍ଭୁକ୍ତକରଣ, ପ୍ରାମାଣିକତା ଏବଂ କାରିଗରୀ ଆଦିକୁ ପରିଭାଷିତ କରୁଥିବା ପ୍ରମୁଖ ମାପଦଣ୍ଡଗୁଡ଼ିକୁ ଅନୁସନ୍ଧାନ କରିବା ଲାଗି ଗ୍ରାହକଙ୍କୁ ସକ୍ଷମ କରିଥାଏ ଏହି ଡିଏକ୍ସସି । ମୂଲ୍ୟାଙ୍କନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ଜୀବନ୍ତ କରି ତନିସ୍କ ଗ୍ରାହକଙ୍କୁ ସେମାନଙ୍କ ହୀରା କ୍ରୟ ବିଷୟରେ ଗଭୀର ଅର୍ନ୍ତଦୃଷ୍ଟି ପାଇବା ଏବଂ ଆତ୍ମବିଶ୍ୱାସର ସହ ନିଷ୍ପତ୍ତି ନେବାକୁ ସକ୍ଷମ କରିଥାଏ । ଷ୍ଟୋରଗୁଡ଼ିକରେ ତନିସ୍କର ଅତ୍ୟାଧୁନିକ ପ୍ରାକୃତିକ ହୀରା ଗହଣା ସମ୍ଭାର 'ସୋଲ୍ସ ଇନ୍ ସିମ୍ଫାନି' ରହିଛି, ଯାହା ଆଧୁନିକ ଭଗିନିତ୍ୱ, ସୌହାର୍ଦ୍ଦ ଏବଂ ମହିଳାମାନଙ୍କ ମଧ୍ୟରେ ଥିବା ଅର୍ଥପୂର୍ଣ୍ଣ ବନ୍ଧନକୁ ପାଳନ କରୁଛି । ଗ୍ରାହକମାନେ ମଧ୍ୟ ତନିସ୍କର ପ୍ରାକୃତିକ ରତ୍ନପଥର ଗହଣା ସମ୍ଭାର 'ନ୍ୟୁଜ୍'କୁ ଦେଖିପାରିବେ ।

# ମତ୍ସ୍ୟ କ୍ଷେତ୍ରରେ ଉଦ୍ୟୋଗୀ ଓ ଷ୍ଟାର୍ଟଅପ୍ ସୃଷ୍ଟି ଉପରେ ଜାତୀୟ ସେମିନାର

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ



ସାଇନ୍‌ସେସ୍ (ଆଇଏଏସ୍)ରେ ' ଆଟ୍ରାକ୍ଟିଙ୍ଗ ଏନ୍‌ଟ୍ରପ୍ରେନ୍ୟୁଅର୍‌ସ ଆଣ୍ଡ ଷ୍ଟାର୍ଟଅପ୍‌ସ ଟୁ ଦ ଫିସରିସ୍ ସେକ୍ଟର' ଶୀର୍ଷକ ଏକ ସେମିନାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ସେମିନାରରେ ଆଇସିଏଆର- ସେଂଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫ୍ରେଶୱାଟର ଏଗ୍ରିକଲ୍‌ଚର (ସିଆଇଏଫ୍‌ଏ)ର ପ୍ରଧାନ ବୈଜ୍ଞାନିକ ଡକ୍ଟର ନଗେଶ କୁମାର ବାରିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମତ୍ସ୍ୟ କ୍ଷେତ୍ରରେ ଉଦ୍ୟୋଗିତାର ବ୍ୟାପକ ସମ୍ଭାବନା, ଷ୍ଟାର୍ଟଅପ୍ ପ୍ରତିଷ୍ଠାର ସୁଯୋଗ, ସରକାରଙ୍କ ବିଭିନ୍ନ ସହାୟତା ଯୋଜନା ଏବଂ ନବସୃଜନର ଗୁରୁତ୍ୱ ସଂପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ସେ ଯୁବପିଢ଼ିଙ୍କୁ ନୂତନ ଚିନ୍ତାଧାରା ଓ ନବସୃଜନ ମାଧ୍ୟମରେ ମତ୍ସ୍ୟ କ୍ଷେତ୍ରରେ ସଫଳ ଉଦ୍ୟୋଗୀ ହେବାକୁ ଆହ୍ୱାନ ଦେଇଥିଲେ । ସେମିନାରରେ କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସଭାପତିତ୍ୱ କରି କୃଷି ଓ ମତ୍ସ୍ୟ କ୍ଷେତ୍ରରେ ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମର ଆବାହକ ଏବଂ କୃଷି ସଂପ୍ରସାରଣ ବିଭାଗ ମୁଖ୍ୟ ପ୍ରଫେସର ବିବୁଧ ପରାଶର ସେମିନାରର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ । ଏହି ସେମିନାରରେ ପ୍ରାୟ ୭୦ ଜଣ ଛାତ୍ରଛାତ୍ରୀ, ଅଧ୍ୟାପକ, ପିଏଚ୍‌ଡି ଗବେଷକ ଓ ଗବେଷଣାର୍ଥୀ ଅଂଶଗ୍ରହଣ କରିଥିଲେ ।

## ସରକାରଙ୍କର ବ୍ୟବସ୍ଥା ଉପରେ ନିୟନ୍ତ୍ରଣ ନଥିବାରୁ

# ରାଜ୍ୟରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେଉଛି: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଏମକେସିଜି ମେଡିକାଲ କଲେଜରେ ମେଡିକାଲ ପିଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ବିଜୁ ଜନତା ଦଳ ଆଜି ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଉପରେ ଏପରି ପ୍ରଶ୍ନପତ୍ର ପ୍ରଘଟ ଘଟଣା ରାଜ୍ୟରେ ବାରମ୍ବାର ଘଟୁଛି ବୋଲି କହିଛି । ବିଜେପିର ୨୪ ମାସର ଶାସନରେ ରାଜ୍ୟରେ ୨୩ଟି ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିଲାଣି, ଯାହା ସରକାରଙ୍କ ବିଫଳତାକୁ ସୂଚାଉଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ଼ ଅରୁଣ କୁମାର ସାହୁ ଓ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ପ୍ରତାପ ଜେନା ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ଡ଼ ଅରୁଣ କୁମାର ସାହୁ କହିଥିଲେ ଯେ, ରାଜ୍ୟ ତଥା ଦେଶରେ ପ୍ରଶ୍ନପତ୍ର ଲିକ ଏକ ସାଧାରଣ ଘଟଣା ହୋଇଗଲାଣି । କ୍ରିକେଟରେ ଆୟୋଜିତ ହେଉଥିବା ଆଇପିଏଲ ଲୋକପ୍ରିୟତା ହାସଲ କରିଥିବା ବେଳେ ପ୍ରଶ୍ନପତ୍ର ଲିକ୍ ଘଟଣା ନିୟମିତ ବ୍ୟବଧାନରେ ଦେଖିବାକୁ ମିଳୁଥିବାରୁ, ଏହାକୁ ଇଣ୍ଡିଆନ ପେପର ଲିକ୍ ବା ଆଇପିଏଲ କୁହାଯାଉଛି । ରାଜ୍ୟରେ ପ୍ରଶ୍ନପତ୍ର ଲିକ୍ ଘଟଣା ନିୟମିତ ବ୍ୟବଧାନରେ ଘଟୁଥିବା ବେଳେ, ଓଡିଶା ୟୁନିଭରସିଟି ଅଫ ହେଲଥ ସାଇନ୍ସ (ଓୟୁଏଚଏସ) ଦ୍ୱାରା ଜୁଲାଇ ୨୭ ତାରିଖରେ ଅନୁଷ୍ଠିତ ହୋଇଥିବା ମେଡିକାଲ ପିଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ର ଅଭିଯୋଗ ସାମ୍ନାକୁ ଆସିଛି । ପ୍ରତାପ ଜେନା କହିଥିଲେ ଯେ, ଦେଶରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଓ ଏହି ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ, ରାଜ୍ୟରେ ମେଡିକାଲ ପିଜି ପ୍ରଶପତ୍ର ଲିକ୍ ହେବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି ।

# ସରକାରଙ୍କ ବନ୍ୟା ପରିଚାଳନା ଉପରେ ଧାରଣା ନାହିଁ : ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ଚାଲିଥିବା ବନ୍ୟା ବିଭୀଷିକା ଏବଂ ଏଥିପ୍ରତି ସରକାରଙ୍କ ଉଦାସୀନତାକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ସରକାରଙ୍କ ଉଦାସୀନତାକୁ କଡ଼ା ସମାଲୋଚନା କରିଥିଲେ । ଶ୍ରୀ ଦାସ କହିଥିଲେ ଯେ ବନ୍ୟା ବିଭୀଷିକାର ଅନ୍ୟ ଏକ ମୁଖ୍ୟ କାରଣ ହେଲା ନଦୀମାନଙ୍କ ମୁହାଣ ପୋତି ହୋଇଯିବା । ବିଗତ ସରକାର କିମ୍ବା ଏହି ସରକାର ଏହା ଉପରେ ପର୍ଯ୍ୟବେକ୍ଷଣ କରି ନାହାନ୍ତି । ବର୍ଷା ଋତୁ ପ୍ରାରମ୍ଭରେ ଆସନ୍ନ ବନ୍ୟା ପାଇଁ ପ୍ରସ୍ତୁତି ବୈଠକ ହୋଇଥାଏ । ମୁଖ୍ୟମନ୍ତ୍ରୀ ଏହି ବୈଠକରେ ଅଧ୍ୟକ୍ଷତା କରିଥାନ୍ତି । କିନ୍ତୁ ଚଳିତ ବର୍ଷ ଆସନ୍ନ ବନ୍ୟା ପୂର୍ବରୁ କୌଣସି ଗୋଟିଏ ବି ବୈଠକ ବସିଲାନାହିଁ ।

ବନ୍ୟା ଯୋଗୁଁ ଧନ ଜୀବନ, ହଜାର ହଜାର କୋଟି ଟଙ୍କା ନଷ୍ଟ ହୁଏ ପୁଣି ବନ୍ୟା ପରେ ପୁନଃନିର୍ମାଣ ପାଇଁ ଗୁଡ଼ାଏ ଅର୍ଥ ଖର୍ଚ୍ଚ ହୁଏ । କିନ୍ତୁ ଏହି ସରକାରରେ ବନ୍ୟା ନିୟନ୍ତ୍ରଣ ନୀତି ଅବହେଳିତ । ଆଧୁନିକ ଯୁଗରେ କେବେ ଓ କେତେ ବର୍ଷା ହେବ, ଉପର ମୁଣ୍ଡରୁ କେତେ ପାଣି ଆସିବ ଆଦି ଆଗରୁ ଜଣା ପଡିଯାଉଛି । ତଥାପି ଏମାନେ ନିୟନ୍ତ୍ରଣ କରିପାରୁ ନାହାନ୍ତି । ରାଜ୍ୟରେ ସର୍ବମୋଟ





୧୩ ଗୋଟି ଜିଲ୍ଲାର ୧୦୦ ଗୋଟି ବ୍ଲକ ବନ୍ୟା ଯୋଗୁଁ ଗୁରୁତର ଭାବେ ପ୍ରଭାବିତ । ବର୍ତ୍ତମାନ ପର୍ଯ୍ୟନ୍ତ ୭ ଜଣଙ୍କ ମୃତ୍ୟୁ ଓ ୫ ଜଣ ନିଖୋଜ ଅଛନ୍ତି । କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର ଓ ଜଗତସିଂହପୁର ସବୁଠୁ ବେଶୀ ପ୍ରଭାବିତ । ଉତ୍ତର ଓଡ଼ିଶାରେ ବନ୍ୟା ପାଣି କମୁନାହିଁ, ୨୧ ଲକ୍ଷ ଲୋକ ପ୍ରଭାବିତ ଓ ୧୦ ଟି ଜିଲାରେ ସ୍କୁଲ ବନ୍ଦ ଅଛି । ସରକାର ବିଲକୁଲ ତତ୍ପର ନୁହେଁ । ସରକାରଙ୍କ ବନ୍ୟାଗ୍ରସ୍ତ ରାଜ୍ୟ ପ୍ରତି ଏଭଳି ଅବହେଳା ପାଇଁ କଂଗ୍ରେସ ନିନ୍ଦା କରିବା ସହ ଲୋକଙ୍କ ପାଖରେ ଶୀଘ୍ର ସମସ୍ତ ସହାୟତା ପହଞ୍ଚୁ ବୋଲି ଶ୍ରୀ ଦାସ ଦାବୀ କରିଛନ୍ତି । ଓପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ କହିଛନ୍ତି, ମୁଁ ଯେଉଁ ଅଞ୍ଚଳରୁ ଆସିଛି, ସେଇ ଅଞ୍ଚଳ ମହାନଦୀର କରାଳ ଗର୍ଭରେ ଅଛି । ଗୁରୁବାର ମୁଣ୍ଡଳୀରୁ ୮.୫୦ ଲକ୍ଷ କ୍ୟୁସେକ ପାଣି ନିଷ୍କାସିତ ହେଉଥିଲା । ବାଙ୍କୀର ବହୁ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି । କଟକ, ଭୁବନେଶ୍ୱର, ଅନୁଗୁଳ ଆଦି ସହରକୁ ବାଙ୍କୀରୁ ପରିବା ଯାଏ । କିନ୍ତୁ ଚାଷୀ ବର୍ତ୍ତମାନ ହା, ହତାଶରେ ବସିଛି । ହୀରାକୁଦକୁ ୩.୬୩ ଲକ୍ଷ କ୍ୟୁସେକ ପାଣି ପ୍ରବେଶ କରୁଥିବା ବେଳେ ୬୩ ହଜାର କ୍ୟୁସେକ ନିଷ୍କାସିତ ହେଉଛି କିନ୍ତୁ ପରେ ଯେଉଁ ନଦୀ ମହାନଦୀରେ ମିଶୁଛନ୍ତି । ଯଥା ତେଲ ନଦୀ ସେଇ ନଦୀଗୁଡିକରୁ ପ୍ରବଳ ବନ୍ୟା ଜଳ ପ୍ରବାହିତ ହୋଇ ତଳ ଅଞ୍ଚଳରେ ବନ୍ୟା ସୃଷ୍ଟି କରୁଛି । ଫଳରେ ଦଶପଲ୍ଲା, ଖଣ୍ଡପଡା, ବାଙ୍କୀର ବିଳିପଡା, ତାଳବଣ୍ଡା ରୋଡ଼, ହୁଲୁହୁଲା, ଗୋଷ୍ଠିଆ ଫୁଲବାଣୀ ଆଦି ପଞ୍ଚାୟତ ମାନଙ୍କରେ ରାସ୍ତା ଉପରେ ପାଣି ଯାଉଛି । ବର୍ତ୍ତମାନ ଉପକୂଳ ଅଞ୍ଚଳରେ ବନ୍ୟା ବିପ୍ରାତ ବୃଦ୍ଧି ପାଇଛି । ଲୋକେ ତ୍ରାହି ତ୍ରାହି ଡାକ ଛାଡୁଥିବା ବେଳେ ଦିଲ୍ଲୀରେ ସରକାରୀ ଦଳର ନେତାଗଣ ଭୋଜିଭାତରେ ବ୍ୟସ୍ତ । ମୁଖ୍ୟମନ୍ତ୍ରୀ, ଦଳର ସଭାପତି ଓ ସମସ୍ତ ସାଂସଦ ଦିଲ୍ଲୀରେ ଭୋଜିରେ ଉପସ୍ଥିତ ଥିଲେ । ସରକାର ପ୍ରକୃତରେ ବନ୍ୟା ନିରାକରଣ ଜାଣି ନାହାନ୍ତି ଏବଂ ଜାଣିବାକୁ ମଧ୍ୟ ଚାହୁଁନାହାନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

# ପରୀକ୍ଷା ପ୍ରଶ୍ନପତ୍ର ସମ୍ବନ୍ଧୀୟ ଘଟଣାର ସ୍ପଷ୍ଟୀକରଣ ଓ ପଦକ୍ଷେପ

ଭୁବନେଶ୍ୱର,(ସବ୍ୟୁ) : ଓଡ଼ିଶାୟୁନିଭର୍ସିଟି ଅଫ୍ ହେଲ' ସାଇନ୍ସେସ୍ ଅଧୀନରେ ଅନୁଷ୍ଠିତ ପରୀକ୍ଷାର ପ୍ରଶ୍ନପତ୍ର ସମ୍ପର୍କିତ ଘଟଣାକୁ ସରକାର ଅତ୍ୟନ୍ତ ଗୁରୁତ୍ୱର ସହ ନେଇଛନ୍ତି । ପ୍ରାଥମିକ ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି ଯେ, ଏହି ଘଟଣା ପ୍ରଶ୍ନପତ୍ର ଲିକ୍ ନୁହେଁ । ପରୀକ୍ଷା ଚାଲିଥିବା ସମୟରେ ପରୀକ୍ଷା ପରିଚାଳନାରେ ତ୍ରୁଟି କାରଣରୁ ପ୍ରଶ୍ନପତ୍ରର ପ୍ରଶ୍ନଗୁଡ଼ିକୁ ଫୋଟୋ ଉଠାଇ କେହି ଫୋନ ମାଧ୍ୟମରେ ପଠାଇଥିବା ଜଣାପଡ଼ିଛି । ତେବେ ଏହି ଘଟଣାକୁ ଦୃଷ୍ଟିରେ ରଖି ଓଡିଶା ସରକାର , ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିମ୍ନଲିଖିତ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଛି । ଘଟଣାର ସମସ୍ତ ଦିଗ ଏବଂ ଓଡ଼ିଶାୟୁନିଭର୍ସିଟି ଅଫ୍ ହେଲ' ସାଇନ୍ସେସ୍ ପକ୍ଷରୁ ହୋଇଥିବା ସମ୍ଭାବ୍ୟ ତ୍ରୁଟିର ତଦନ୍ତ ପାଇଁ ବିଭାଗ ଏକ ଉଚ୍ଚସ୍ତରୀୟ ୩ ଜଣିଆ କମିଟି ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଛି । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏହି କମିଟି ତଦନ୍ତ କରିବ । ଡ଼ ବିଜୟ କୁମାର ମିଶ୍ର (ସ୍ୱତନ୍ତ୍ର ସଚିବ) ଏବଂ ଡ଼ ଅନିଲ କୁମାର ସାହୁ ଯୁଗ୍ମ ଡିଏମଇଟି ଏହି କମିଟି ସଦସ୍ୟ ଅଛନ୍ତି । ପତ୍ର ସଂଖ୍ୟା ୨୦୬୬୫ /h ତାରିଖ ୩୧/୦୭/୨୦୨୬ ରେ କମିଟି ଗଠନ କରାଯାଇଛି ।

ଓଡ଼ିଶା ୟୁନିଭର୍ସିଟି ଅଫ୍ ହେଲ' ସାଇନ୍ସେସ୍ ପରୀକ୍ଷା ପରିଚାଳନାରେ ତ୍ରୁଟି ସମ୍ପର୍କରେ ଏମକେସିଜି ମେଡିକାଲ୍ କଲେଜଠାରୁ ସ୍ପଷ୍ଟୀକରଣ ତଲବ କରିଛି । ପତ୍ର ସଂଖ୍ୟା ୪୦୦୬/ ତାରିଖ ୩୧/୦୭/୨୦୨୬ ରେ ତଦନ୍ତ ରିପୋର୍ଟ ତଲବ କରାଯାଇଛି । ଚିଠି ପାଇବାର ଦୁଇ ଦିନ ମଧ୍ୟରେ ଉତ୍ତର ରଖିବାକୁ କୁହା ଯାଇଛି । ଘଟଣାରେ ସମ୍ପୃକ୍ତଙ୍କ ବିରୋଧରେ ମେଡିକାଲ୍ କଲେଜ ଶୃଙ୍ଖଳା କମିଟି ଦ୍ୱାରା ନିୟମାନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ କମିଟି ଗଠନ କରାଯାଇ ତଦନ୍ତ କରାଯାଉଛି । ଏମକେସିଜି ଡିନ ତଥା ପ୍ରିନ୍ସିପାଲଙ୍କ ଅଧ୍ୟକ୍ଷତାରେ ଏହି କମିଟି ତଦନ୍ତ କରୁଛି । ପତ୍ର ସଂଖ୍ୟା ୯୪୬୫ /ତାରିଖ ୩୦/୦୭/୨୦୨୬ ରେ କମିଟି ଗଠନ କରାଯାଇଛି ।

ଇଲେକେଟ୍ରାନିକ୍ ମାଧ୍ୟମରେ ତଥ୍ୟ ପ୍ରେରଣ ଏବଂ ହ୍ୱାଟ୍ସଆପ ଗ୍ରୁପ୍ ମାଧ୍ୟମରେ ଏହାର ପ୍ରସାର ସମ୍ପର୍କରେ ତଦନ୍ତ ପାଇଁ କ୍ୟାପିଟାଲ ପୋଲିସ୍ ଥାନାରେ ଏଫ୍‌ଆଇଆର୍ ରୁଜୁ କରାଯାଇଛି । ଓଡ଼ିଶାୟୁନିଭର୍ସିଟି ଅଫ୍ ହେଲ' ସାଇନ୍ସେସର ପରୀକ୍ଷା ନିୟନ୍ତ୍ରକ ଥାନାରେ କମ୍ପ୍ଲେନ ନମ୍ବର ୨୪୮୬୭୦୦୫୦୭୨୬୦୦୦୪୦ ଏଫଆଇଆର ଦେଇଛନ୍ତି । ଏମକେସିଜି ମେଡିକାଲ କଲେଜ ଏବଂ ଏକ ବେସରକାରୀ ମେଡିକାଲ କଲେଜ ବିରୋଧରେ ଏହି ଏଫଆଇଆର ଦିଆ ଯାଇଛି । ତଦନ୍ତର ଅଗ୍ରଗତି ଓ ପ୍ରାପ୍ତ ତଥ୍ୟ ଆଧାରରେ ଆବଶ୍ୟକତା ଅନୁଯାୟୀ କଡ଼ା ପଦକ୍ଷେପ ଏବଂ କଠୋର କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

# ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କଲା ଟିକେଏମ୍





ଭୁବନେଶ୍ୱର, (ସବ୍ୟୁ): ଟୋୟୋଟା କିର୍ଲୋସ୍କାର ମୋଟର (ଟିକେଏମ) ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗର ଜିଲ୍ଲାର ପୈଠଣ ବ୍ଲକ୍ ଅନ୍ତର୍ଗତ କମ୍ୟୁନିଟି ହେ ଲଥ ବିଡକନରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ଗ୍ରହଣ କରାଯାଇଥିବା ଏକ ପଦକ୍ଷେପର ସଫଳ ସମାପ୍ତି ଘୋଷଣା କରିଛି । ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଉପରେ କେନ୍ଦ୍ରିତ ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମର ଅଂଶ ଭାବେ ଟୋୟୋଟା କିର୍ଲୋସ୍କାର ମୋଟର ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆବଶ୍ୟକୀୟ ଚିକିତ୍ସା ଉପକରଣ ଯୋଗାଇବା ସହ ସେଗୁଡ଼ିକର ସ୍ଥାପନା କରିଛି । ଏହି ପଦକ୍ଷେପ ଦ୍ୱାରା ପୈଠଣ ବ୍ଲକର ୭୦,୦୦୦ରୁ ଅଧିକ ଲୋକ ଉପକୃତ ହେବେ । ପୈଠଣ ବ୍ଲକର ପ୍ରାୟ ୩.୮ ଲକ୍ଷ ଲୋକଙ୍କୁ ସରକାରୀ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକର ଏକ ନେଟୱାର୍କ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ଏହି ଅବସରରେ ଟୋୟୋଟା କିର୍ଲୋସ୍କାର ମୋଟର ଉପାଧ୍ୟକ୍ଷ ଏ. ରମେଶ ରାଓ ଏବଂ ମହାପ୍ରବନ୍ଧକ ରୋଶନ୍ ଆର୍. ଆନୁଷ୍ଠାନିକ ଭାବେ ଚିକିତ୍ସା ଉପକରଣଗୁଡ଼ିକୁ ସିଏଚସି ବିଡକିନରକର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିଲେ ।

# ଭୁବନେଶ୍ୱରରେ ଆଞ୍ଚଳିକ କାର୍ଯ୍ୟାଳୟ ସ୍ଥାପନ କରିବ ଏକ୍ଜିମ ବ୍ୟାଙ୍କ

ଭୁବନେଶ୍ୱର, (ସବ୍ୟୁ) : ଏକ୍ସପୋର୍ଟ- ଇମ୍ପୋର୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏକ୍ଜିମ ବ୍ୟାଙ୍କ) ଭୁବନେଶ୍ୱରରେ ଏକ ପୂର୍ଣ୍ଣାଙ୍ଗ ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବା ସମ୍ପର୍କରେ ଘୋଷଣା କରିଛି, ଯାହା ଓଡ଼ିଶା ସହିତ ଏହାର ନିୟୋଜନତାକୁ ଗଭୀର କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି ଏବଂ ଏହା ରାଜ୍ୟର ରପ୍ତାନିକାରୀ ଓ ପୁଞ୍ଜିନିବେଶକଙ୍କୁ ସମର୍ଥନ କରିବା ନିମନ୍ତେ ନିଜର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ୀକରଣ



କରୁଛି । ଏକ୍ଜିମ ବ୍ୟାଙ୍କ, ଫେଡେରେସନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେସନ୍ସ (ଏଫଆଇଇଓ) ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ମିଳିତ ଭାବରେ ଆୟୋଜିତ "ଏନ୍‌ହାନସିଂ ଏକ୍ସପୋର୍ଟସ୍ ଫ୍ରମ୍‌ଓ ଡ଼ିଶା: ଅପରଚୁନିଟିଜ୍ ଆଣ୍ଡ ଫାଇନାନ୍‌ସିଂ ସଲ୍ୟୁସନ୍ସ" (ଓଡ଼ିଶାରୁ ରପ୍ତାନି ବୃଦ୍ଧି କରିବା: ସୁଯୋଗସମୂହ ଓ ଅର୍ଥଲଗାଣ ସମାଧାନସମୂହ) ଶୀର୍ଷକରେ ଆୟୋଜିତ ଏକ ଆଲୋଚନାଚକ୍ରରେ ଏହି ଘୋଷଣା କରାଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସରକାରୀ ଅଧିକାରୀ, ଶିଳ୍ପ ଜଗତର ନେତୃବୃନ୍ଦ, ରପ୍ତାନିକାରୀ ଏବଂ ଆର୍ଥିକ ପ୍ରତିଷ୍ଠାନସମୂହ ରାଜ୍ୟର ରପ୍ତାନି ପରିବ୍ୟବସ୍ଥା ସୁଦୃଢ଼ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବାକୁ ଏକତ୍ରିତ ହୋଇଥିଲେ । ଅନିରୁଦ୍ଧ ବରୁଆ, ରିଜିଓନାଲ ହେଡ୍, କୋଲକାତା, ଏକ୍ଜିମ ବ୍ୟାଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏବଂ ଏହା ସାନ୍ଧ୍ୟ ଆଲୋଚନାଗୁଡିକ ନିମନ୍ତେ ଏକ ପରିପ୍ରେକ୍ଷୀ ସ୍ଥିର କରିଥିଲା ।

## ବନ୍ୟା ସଙ୍କଟରେ ଖୋର୍ଦ୍ଧା; ଜିଲ୍ଲାପାଳଙ୍କ ରାତ୍ରିକାଳୀନ ବନ୍ଧ ପରିଦର୍ଶନ

# ହୀରିମୂଳା ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ

ଖୋର୍ଦ୍ଧା, (ସବ୍ୟୁ): ହୀରାକୁଦ ଜଳଭଣ୍ଡାରରୁ ପର୍ଯ୍ୟାୟକ୍ରମେ ବନ୍ୟାଜଳ ନିଷ୍କାସନ ପରେ ଭାର୍ଗବୀ, କୁଶଭଦ୍ରା ଓ ରାଜୁଆ ନଦୀର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇବା ସହ ଖୋର୍ଦ୍ଧା ଜିଲ୍ଲାର ବହୁ ତଳିଆ ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ନଦୀବନ୍ଧ ଉପରେ ବଢୁଥିବା ଚାପ, ତଳିଆ ଗାଁଗୁଡ଼ିକରେ ଜଳ ପ୍ରବେଶ ଏବଂ ଯୋଗାଯୋଗ ବିଚ୍ଛିନ୍ନ ହେବା ଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ହୋଇପଡ଼ିଛି । ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିଜେ ଘଟଣା ସ୍ଥଳକୁ ଯାଇ ବନ୍ୟା ପରିସ୍ଥିତିର ସମୀକ୍ଷା କରୁଥିବା ବେଳେ ସମସ୍ତ ବିଭାଗକୁ ନେଇ ଚବିଶ ଘଂଟିଆ ମନିଟରିଂ ଓ ରିଲିଫ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଶୁକ୍ରବାର ଜିଲ୍ଲାପାଳଙ୍କ ସହ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଭୁବନେଶ୍ୱର ଉପଜିଲ୍ଲାପାଳ, ପ୍ରାଚୀ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଜଳସେଚନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ଲୋକପ୍ରତିନିଧିମାନେ ଭାର୍ଗବୀ, କୁଶଭଦ୍ରା ଓ ରାଜୁଆ ନଦୀବନ୍ଧର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ପରିଦର୍ଶନ କରିଥିଲେ । ବନ୍ଧର ସ୍ଥିତି, ଜଳସ୍ତର, ପାଇପିଂ, ସିପେଜ ଓ ଭୂକ୍ଷୟର ସମ୍ଭାବନାକୁ ଅନୁଧ୍ୟାନ କରାଯାଇଥିଲା । ଜଳସ୍ତର ବୃଦ୍ଧି ପାଉଥିବାରୁ ବନ୍ଧ ଗୁଡ଼ିକରେ ରାତ୍ରିକାଳୀନ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯାଇଛି । ବନ୍ଧରେ ସାମାନ୍ୟ ଫାଟ, ପାଇପିଂ କିମ୍ବା ସିପେଜ ଦେଖାଦେଲେ ତୁରନ୍ତ ମରାମତି କରିବାକୁ ଜରୁରୀକାଳୀନ ଦଳ ନିୟୋଜିତ ରହିଛନ୍ତି । ବିଭିନ୍ନ ସ୍ଥାନରେ ବାଲିବସ୍ତା, ବାଉଁଶ ବଲ୍ଲା ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପୂର୍ବରୁ ମହଜୁଦ ରଖାଯାଇଛି ।

ବାଲିଅନ୍ତା ଓ ବାଲିପାଟଣା ବ୍ଲକର ବିଭିନ୍ନ ବନ୍ୟାପ୍ରବଣ ଅଂଚଳ ଗସ୍ତ କରି ଜିଲ୍ଲାପାଳ ପ୍ରସ୍ତୁତିର ସମୀକ୍ଷା କରିଥିଲେ । ଜଳସେଚନ, ରାଜସ୍ୱ, ଗ୍ରାମ୍ୟ ଉନ୍ନୟନ ଓ ଓସଡମା ବିଭାଗର ଅଧିକାରୀଙ୍କୁ ନଦୀବନ୍ଧ, ଆଶ୍ରୟସ୍ଥଳୀ ଓ ଉଦ୍ଧାର ରାସ୍ତା ଉପରେ ୨୪ ଘଂଟିଆ ନଜର ରଖିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଘଟଣାସ୍ଥଳରେ ବିଡିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଅନୁଷ୍ଠିତ ସମୀକ୍ଷା ବୈଠକରେ ସମସ୍ତ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବାକୁ କୁହାଯାଇଥିଲା । ବନ୍ୟାଜଳ ବିପଦପୂର୍ଣ୍ଣ ସ୍ତରକୁ ପହଁଚିବା ପୂର୍ବରୁ ବାଲିଅନ୍ତା ଓ ବାଲିପାଟଣାର ଅନେକ ତଳିଆ ଗାଁରୁ ଲୋକଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ରିଲିଫ କେନ୍ଦ୍ରଗୁଡ଼ିକରେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଔଷଧ, ଶିଶୁ ଖାଦ୍ୟ ଓ ସ୍ୱଚ୍ଛତା ସାମଗ୍ରୀ ଯୋଗାଇ ଦିଆଯାଉଛି । ଖୋର୍ଦ୍ଧା ଖୋର୍ଦ୍ଧା ବ୍ଲକ ଅଧୀନ ହୀରିମୂଳା ଗାଁ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ସଂଯୋଗ ରାସ୍ତା ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯିବାରୁ ଗାଁଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି । ଡିହଖଳା, ଦୁର୍ଗାପୁର, ବଳପୁର, ଧବଳପୁର, ଓରମି ଓ ମାନପୁର ସମେତ ଅନେକ ଗାଁରେ ବନ୍ୟାଜଳ ପ୍ରବେଶ କରି ଚାଷଜମି ଓ ବସତି ଅଂଚଳ ଜଳମଗ୍ନ ହୋଇଛି ।

### ସରକାରୀ ଟଙ୍କା ହେରଫେର

## ବେତନଟୀ ଲ୍ୟାମ୍ପସର ପୂର୍ବତନ ଏମଡି ହିମାଂଶୁ ଦାସଙ୍କୁ ବାନ୍ଧିଲା ଭିଜିଲାନ୍ସ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ଲ୍ୟାମ୍ପସର ପୂର୍ବତନ ଏମଡି ହିମାଂଶୁ ଦାସ ୨୦୧୭-୧୮ ଆର୍ଥିକ ବର୍ଷରେ ୪ଲକ୍ଷରୁ ଊର୍ଦ୍ଧ୍ୱ ସରକାରୀ ଟଙ୍କା ଅନିୟମିତ କରିଥିବା ନେଇ ଅଭିଯୋଗ ହୋଇଥିଲା। ଋଣ ନେଇଥିବା ଚାଷୀମାନଙ୍କ ଠାରୁ ଆଦାୟ ହୋଇଥିବା ଟଙ୍କାକୁ ନିୟମାନୁଯାୟୀ ଲ୍ୟାମ୍ପ ଆକାଉଣ୍ଟରେ ଜମା ନକରି ଆତ୍ମସାତ କରିଥିବା ନେଇ ତଦନ୍ତ ସାପେକ୍ଷ ଆସିଥିଲା। ଏହାଦ୍ୱାରା ସମବାୟ ସଂସ୍ଥାର ପ୍ରାୟ ୪ଲକ୍ଷ ୯୪ହଜାର ଟଙ୍କା କ୍ଷତି ହୋଇଥିବା ଜଣାପଡିଥିଲା। ଘଟଣାର ଖୋଲତାର ପରେ ସମବାୟ ବିଭାଗ ପକ୍ଷରୁ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା ଏବଂ ୨୦୨୨ ମସିହାରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ଘଟଣାର ଖୋଲତାର କରାଯାଇଥିଲା। ଏହି ଖୋଲତାର ସମୟରେ ପର୍ଯ୍ୟାପ୍ତ ପ୍ରମାଣ ଭିଜିଲାନ୍ସ ବିଭାଗକୁ ମିଳିଥିଲା। ଶୁକ୍ରବାର ସନ୍ଧ୍ୟାରେ ବାରିପଦା ଭିଜିଲାନ୍ସ ବିଭାଗ ପକ୍ଷରୁ ହିମାଂଶୁ ଦାସଙ୍କୁ ବେତନଟୀ ଅଞ୍ଚଳରୁ ଗିରଫ କରି ଭିଜିଲାନ୍ସ ବିଭାଗରେ ୧୨/୨୬ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ବାରିପଦା ଭିଜିଲାନ୍ସ ବିଭାଗର ମୁଖ୍ୟ ତଥା ଇନ୍ସପେକ୍ଟର ବିକାଶ ସ୍ୱାଇଁଙ୍କ ନେତୃତ୍ୱରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# କୁଜଙ୍ଗ ବ୍ଲକ୍‌ର ଆଠ ଗାଁ ବନ୍ୟାରେ ପ୍ରଭାବିତ

କୁଜଙ୍ଗ, (ସବ୍ୟୁ): କୁଜଙ୍ଗ ବ୍ଲକର ୬ଟି ପଞ୍ଚାୟତର ୮ଖଣ୍ଡ ଗାଁ ବନ୍ୟା ରେ ପ୍ରଭାବିତ ହୋଇଛି। ଗାଁ ଭିତରେ ପାଣି ପ୍ରବାହିତ ହେଉଛି। ସାଧାରଣ ଜନ ଜୀବନ ବ୍ୟାହତ ହୋଇଛି। ରାସ୍ତା ଉପରେ ଥିବା ପାଣି ଗାଁ ମାନଙ୍କ ରେ ଲୋକେ ଆଶ୍ରୟ ନେଇଛନ୍ତି। କୁଜଙ୍ଗ ପଞ୍ଚାୟତ ର ଭଣ୍ଡାରୀ ଗାଁ କୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ମଲାସାହି ର ମାଧପୁର ବନ୍ୟା ଘେରରେ ରହିଛି। ଜିଲାପାଳ ପଞ୍ଚାୟତ ର ସାହରାଡ଼ିଆ ଓ ଜୟଶୋଖପୁର ବନ୍ୟା ଘେର ରେ ରହିଛି। କୁଜଙ୍ଗ ଠାରୁ ଏକ ଷ୍ଟିମ ଇଞ୍ଜିନ ବୋଟ ଯୋଗେ ଗ୍ରାମବାସୀ ମାନେ ଯାତାୟାତ କରୁଛନ୍ତି। ସାଗରେଇ ପଞ୍ଚାୟତ ର ହରିପୁର, ନୂଆଗଡ଼ ର ଚଉମୁହାଣୀ, ମୁକ୍ତାଡ଼ିଆ, ତଳ ବିଜୟଚନ୍ଦ୍ରପୁର, ଭାମାନାସି ପ୍ରଭୃତି ଗାଁ ଗୁଡିକ ବନ୍ୟା ଜଳ ପ୍ଲାବିତ ହୋଇଛି। ପ୍ରଶାସନ ପକ୍ଷରୁ ଏହି ସବୁ ପ୍ରଭାବିତ ଗାଁ ଗୁଡିକୁ ଚୁଡ଼ା, ଗୁଡ଼, ମହମ ବତୀ, ବିସ୍କୁଟ ପ୍ରଭୃତି ଯୋଗାଇ ଦିଆଯାଇଛି। ଏଗୁଡ଼ିକୁ ଆଜି ବଣ୍ଟନ କରାଯାଇଛି। ସରପଞ୍ଚ ମାନେ ଜଳପ୍ଲାବିତ ଗାଁ ତାଙ୍କପଡ଼ା ର ହରିପୁର ପ୍ରଭୃତି ଗାଁ ଗୁଡିକ ରେ ରନ୍ଧା ଖାଦ୍ୟ ବଣ୍ଟନ କରିଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ପ୍ରଭାବିତ ବସ୍ତି ଯୋଗାଇ ଦିଆଯାଇଛି। ଗାଈ ଗୋରୁ ଛେଳି ମେଣ୍ଢା ଓ ପଶୁ ଜନ୍ତୁ ଙ୍କ ପାଇଁ ଖାଦ୍ୟ ଯୋଗାଇ ଦିଆଯାଇଛି। ବିଭିନ୍ନ ପ୍ରଭାବିତ ଗାଁ ରେ କୁଜଙ୍ଗ ର ମେଡିକାଲ ଟିମ ମାନ ଯାଇ ଅଞ୍ଚଳ ରେ ବୁଲି ଦେଖୁଛନ୍ତି। ସାଧାରଣ ଲୋକ ମାନେ ନଈ ପାଣି କୁ ନ ପିଇ ହାଲୋଜିନ ମିଶା ପାଣି ବ୍ୟବହାର କରିବା ପାଇଁ ଲୋକ ମାନଙ୍କୁ ସଚେତ କରିଦିଆଯାଉଛି। ଶିଳ୍ପ ମନ୍ତ୍ରୀ ତଥା ପାରାଦ୍ୱୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ କୁଜଙ୍ଗ ବ୍ଲକ ଠାରେ କୁଜଙ୍ଗ ବିଡିଓ, ଏବଂ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ସହ ଆଲୋଚନା କରି ତୁରନ୍ତ ରିଲିଫ ଯୋଗାଣ ପାଇଁ ଉପସ୍ଥିତ ରହିଛନ୍ତି ଓ ପ୍ରଭାବିତ ଗାଁ ଗୁଡ଼ିକୁ ପରିଦର୍ଶନ କରି ଜନ ସାଧାରଣ ମାନେ ଭୟଭୀତ ନହୋଇ ଏହି ବନ୍ୟା ଜଳ କୁ ମୁକାବିଲା କରିବା ପାଇଁ ମନ୍ତ୍ରୀ ନିବେଦନ କରିଛନ୍ତି। ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନ ରେ ବୁଡି ରହିଥିବା ଘର ମାନଙ୍କ କୁ ବନ୍ଧୁ ଲୋକ ଙ୍କ ଉଚ୍ଚ ସ୍ଥାନ ରେ ଆଶ୍ରୟ ଦିଆଯିବା ସହ ଗାଈ ଗୋରୁ ମାନଙ୍କୁ ମଧ ସୁରକ୍ଷିତ ସ୍ଥାନ ରେ ରଖାଯାଉଛି। ପଞ୍ଚାୟତ ର ସରପଞ୍ଚ ମାନେ ପ୍ରଭାବିତ ଲୋକ ମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇବେ ବୋଲି କୁଜଙ୍ଗ ବିଡିଓ କହିଛନ୍ତି।

## ଯୁବତୀଙ୍କୁ ଯୌନ ଶୋଷଣ ମାମଲା, ଦୁଇ ନିର୍ଦ୍ଦୋଷ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଟାଉନ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଯୌନ ଶୋଷଣ କରାଯାଇଥିବା ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି ଫାଷ୍ଟ ଟ୍ରାକ ପୋକସ ଜଜ ରୋହିତ ଲାଲ ପଣ୍ଡା। ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ପିଡ଼ିତାଙ୍କ ବାପା ବ୍ରହ୍ମପୁରର ଦୀପକ କୁମାର ସାହୁ (୪୯) ଓ ସୁବର୍ଣ୍ଣପୁର ଜିଲା ବୁଲବେଲା ଥାନା ଅନ୍ତର୍ଗତ ଚାନ୍ଦନି ଶିକ୍ଷୁତି ପ୍ରେମାନନ୍ଦ କରି (୪୩)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ଟାଉନଥାନା ଅଞ୍ଚଳର ୧୮ ବର୍ଷୀୟ ପିଡିତା ଯୁବତୀ ଜଣଙ୍କ ସାମାଜିକ ଗଣମାଧ୍ୟମରେ ଭିଡିଓ ଜାରି କରି ତାଙ୍କୁ ଯୌନ ଶୋଷଣ ସହ ଭୟଭୀତ କରି ସେକ୍ସ ରାକେଟରେ ନିୟୋଜିତ କରାଯାଉଥିବା ଅଭିଯୋଗ କରିଥିଲେ। ତାଙ୍କ ପରିବାର ଲୋକଙ୍କ ସହ ପୂର୍ବରୁ ପରିଚିତ ଥିବା ଅଭିଯୁକ୍ତ ପ୍ରେମାନନ୍ଦ ତାଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖୁଥାଇବା ବୋଲି ସେ ଅଭିଯୋଗ କରିବା ସହ ନିଜ ପରିବାର ଲୋକଙ୍କ ବିରୋଧରେ ମଧ ଗୁରୁତର ଅଭିଯୋଗ ଆଣିଥିଲେ। ଘଟଣାକୁ ନେଇ ପିଡିତା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମାମଲା ନଂ ୧୧୪/୨୬ ରେ ଗତ ମାର୍ଚ୍ଚ ୨୮ ତାରିଖରେ ସୋନପୁର ଜିଲାର ଉକ୍ତ ଅଭିଯୁକ୍ତଙ୍କୁ ପରେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ଅଭିଯୋଗରେ ପୋଲିସ ପିଡ଼ିତାଙ୍କ ବାପାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାରଣା ବେଳେ ୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀମାନଙ୍କ ବୟନକୁ ଆଧାର କରି ପ୍ରମାଣ ଅଭାବରୁ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଜଜ ଦୋଷମୁକ୍ତ କରିଛନ୍ତି ।

## ସମ୍ଭାବ୍ୟ ବନ୍ୟା ପରିସ୍ଥିତି ମୁକାବିଲା ନେଇ ପ୍ରସ୍ତୁତି ବୈଠକ

ମହାକାଳପଡ଼ା,(ସବ୍ୟୁ ):ଲଗାଣ ବର୍ଷା ଫଳରେ ରାଜ୍ୟ ରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି କୁ ମୁକାବିଲା ନେଇକେନ୍ଦ୍ରାପଡା ଜିଲ୍ଲା ଉପଜିଲ୍ଲା ମହାକାଳପଡ଼ା ବ୍ଲକ ପ୍ରଶାସନ ତରଫରୁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକ ରେ ବ୍ଲକ ଅଧକ୍ଷା ମୀରାରାଣୀ ମହାନ୍ତି, ବିଡ଼ିଓ ରବି ନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର, ଏବିଡ଼ିଓ କିରଣ କୁମାର ସାମଲ, ବିଏଇଏଓ ଦୀପକ ରଞ୍ଜନ ପରିଡ଼ା, ଯୋଗାଣ ଅଧିକାରୀ, ମେଡିକାଲ ଅଫିସର, ପ୍ରାଣୀ ଚିକିତ୍ସା ଅଧିକାରୀ ଙ୍କ ସମେତ ବ୍ଲକ ଅଧିନସ୍ଥ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ । ବ୍ଲକର ୩୧ପଂଚାୟତ ମଧ୍ୟରୁ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ୧୨ଗୋଟି ବନ୍ୟା ପ୍ରବଣ ପଂଚାୟତ ଏବଂ ଆଂଶିକ କ୍ଷତିଗ୍ରସ୍ତ ୩ପଂଚାୟତରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ର ଦୃଢ଼ ମୁକାବିଲା ନେଇ ଆଲୋଚନା ହୋଇଥିଲା । ଯେପରି ସ୍ୱାସ୍ଥ୍ୟ ବିଭାଗ, ନଦୀତଟ ବନ୍ଧ ବିଭାଗ ପ୍ରାଣିଚିକିତ୍ସା ବିଭାଗ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତି ରହିବାକୁ ପରାମର୍ଶ କରାଯାଇଥିଲା । ମହାନଦୀ, ଲୁଣା, ପାଇକା ଓ ଚିତ୍ରୋତ୍ପଳା ନଦୀରେ ପ୍ରବାହିତ ବନ୍ୟା ଜଳ ସ୍ତର ବୃଦ୍ଧି ହେଲେ ଜିରୋ କାଜୁୟାଲିଟିକୁ ଦୃଷ୍ଟି ରେ ରଖି ସଭିଏଁ ମିଳିତ ଭାବେ କାର୍ଯ୍ୟକରିବାକୁ ଆଲୋଚନା ହୋଇଥିଲା ।

## ତାମିଲନାଡୁରୁ ଶ୍ରମିକଙ୍କ ମୃତଦେହ ଆଣିବାକୁ ଜିଲ୍ଲାପାଳଙ୍କୁ ନିବେଦନ କଲେ ନଗରପାଳ



ବାରିପଦା, (ସବ୍ୟୁ) : ତାମିଲନାଡୁରେ ଶ୍ରମିକ କାମ କରୁଥିବା ଜଣେ ଓଡ଼ିଆ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତକଙ୍କ ପରିବାର ମୃତଦେହ ଆଣିବାରେ ଅସମର୍ଥ ହୋଇଥିବାରୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ମୃତକ ପରିବାର ପାଇଁ ୧୫ନଂ ୱାର୍ଡ କାଉସିଲର ନିରୂପମା ମହାନ୍ତି ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କୁ ଜଣାଇବା ପରେ ଶ୍ରୀ ମହାନ୍ତି, ମୃତକଙ୍କ ପରିବାର ଲୋକଙ୍କ ସହିତ ଜିଲ୍ଲାପାଳଙ୍କୁ ଭେଟି ସାହାଯ୍ୟ ମାଗିଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ ମୃତଦେହ ଆଣିବାର ପ୍ରତିଶୃତି ଦେଇଛନ୍ତି। ପ୍ରକାଶ ଯେ, ୧୫ନଂ ୱାର୍ଡ ବିଜୟରାମଚନ୍ଦ୍ରପୁର ବାସିନ୍ଦା ଉମାକାନ୍ତ ଗୋଛାୟତ(୪୧)। ଜୁଲାଇ ୨୮ତାରିଖରେ ଶ୍ରମିକ କାମ ପାଇଁ ତାମିଲନାଡୁ ଯାଇଥିଲେ। ଗୁରୁବାର ରାତି ପ୍ରାୟ ୧୧.୫୦ଟା ସମୟରେ ତାମିଲନାଡୁର ଜଣେ ବ୍ୟକ୍ତି ତାଙ୍କ ପରିବାରକୁ ଫୋନ୍ କରି ଜଣାଇଥିଲେ ଯେ, ଉମାକାନ୍ତ ଦୁର୍ଘଟଣାର ଶିକାର ହୋଇଛନ୍ତି ଏବଂ ଚେନ୍ନାଇର ରାଜୀବ ଗାନ୍ଧୀ ସରକାରୀ ସାଧାରଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। କିନ୍ତୁ ଚିକିତ୍ସା ସତ୍ତ୍ୱେ ଉମାକାନ୍ତଙ୍କ ମୃତ୍ୟୁ ଘଟିଛି। ସେ ବିପିଏଲ ପରିବାରର ସଦସ୍ୟ ଥିଲେ। ଆର୍ଥିକ ଅଭାବ ଯୋଗୁଁ ତାଙ୍କ ପରିବାର ତାମିଲନାଡୁରୁ ମୃତଦେହ ଆଣିବାକୁ ସମର୍ଥ ନୁହଁନ୍ତି। ମୃତକଙ୍କ ବୃଦ୍ଧା ମା’ ବିଧବା ପତ୍ନୀ ଓ ୨ପୁଅଝିଅ ଅଛନ୍ତି। ଏହି ଘଟଣାକୁ ନେଇ କାଉନ୍‌ସିଲର ନିରୂପମା ମହାନ୍ତିଙ୍କ ଅନୁରୋଧ କ୍ରମେ ନଗରପାଳ ଉପରୋକ୍ତ ବ୍ୟବସ୍ଥା ପାଇଁ ସହଯୋଗ କରିଛନ୍ତି। ଜିଲ୍ଲାପାଳଙ୍କୁ ସାକ୍ଷାତ ସମୟରେ ଯୁବନେତା ସରୋଜ ମହାପାତ୍ର ନଗରପାଳଙ୍କ ସହିତ ଉପସ୍ଥିତ ରହି ଉଭୟେ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମଦଭାଟିରେ ବେଆଇନ ମଦ ପ୍ରସ୍ତୁତି ନେଇ ଅଭିଯୋଗ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ପୋଲିସ ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର, କରଚୁଲି ଓ ପାଙ୍ଗିଡ଼ି ଆଦି ଗ୍ରାମସ୍ଥ ମଦଭାଟିରେ ବେଆଇନ ଭାବେ ୟୁରିଆ ଭଳି ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର କରି ମଦ ପ୍ରସ୍ତୁତ ହେଉଥିବା ଏବଂ ସେହି ମଦ ସେବନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିପର୍ଯ୍ୟୟ ହୋଇପଡୁଥିବା ନେଇ ଜୁଲାଇ ୩୦ ତାରିଖ ଦିନ ବୁଗୁଡା ଥାନାରେ ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନର ରାଜ୍ୟ ସଂଯୋଜକ ବି. ଦଣ୍ଡପାଣି ପାତ୍ର ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗକାରୀ ଦର୍ଶାଇଛନ୍ତି ଯେ, ଲକ୍ଷ୍ମୀପୁର, କରଚୁଲି ଓ ପାଙ୍ଗିଡ଼ି ଆଦି ଗ୍ରାମରେ ଥିବା ମଦ ଉତ୍ପାଦନ ୟୁନିଟ୍ (ଭାଟି)ଗୁଡିକରେ ମହୁଲ ଫୁଲ ଭଳି ପାରମ୍ପରିକ ଏବଂ ଆଇନଗତ କଞ୍ଚାମାଲ ବ୍ୟବହାର କରିବା ପରିବର୍ତ୍ତେ ଏହି ସଂସ୍ଥାର ମାଲିକ ଏବଂ ପରିଚାଳକମାନେ ୟୁରିଆ ଭଳି ହାନିକାରକ ରାସାୟନିକ ପଦାର୍ଥ ବିନିଯୋଗ କରୁଥିବାରୁ ମଦ୍ୟପାନ କରୁଥିବା ବ୍ୟକ୍ତି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅଧିକାଂଶ ମଦ୍ୟପାନକାରୀ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଅନ୍ଧ, ବୃକକ୍ ଓ ଯକୃତ ପୀଡା ଭଳି ରୋଗର ଶିକାର ହେଉଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଉଛି। ଏହାକୁ ଯଦି ବନ୍ଦ ନକରାଯାଏ ତେବେ ନିକଟ ଭବିଷ୍ୟତରେ ବହୁ ସଂଖ୍ୟକ ମଦ୍ୟପାନକାରୀଙ୍କ ଜୀବନହାନୀ ଘଟିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଏଣୁ, ପୋଲିସ ପ୍ରଶାସନ ବେଆଇନ ମଦ ପ୍ରସ୍ତୁତିରେ ଲଗାମ ଲଗାଇବା ସହିତ ଭେଜାଲ ମଦ ପ୍ରସ୍ତୁତକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

## ସାପ କାମୁଡାରେ ମହିଳା ମୃତ

କାମାକ୍ଷାନଗର ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଜିରିଡ଼ାମାଳି ଗ୍ରାମରେ ଦୁଃଖଦ ଘଟଣା ଘଟିଯାଇଛି। ବିଲକୁ କାମ କରିବାକୁ ଯାଇଥିବା ବେଳେ ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଗୋଲାପ ଦେହୁରୀ (୫୫)ଆଜି ସକାଳୁ ଘର ନିକଟରେ ଥିବା ବିଲକୁ କାମ କରିବାପାଇଁ ଯାଇଥିଲା ବେଳେ କୌଣସି ଏକ ବିଷାକ୍ତସାପ ତାଙ୍କୁ କାମୁଡି ଦେଇଥିଲା ।ଫଳରେ ସେ ଗୁରୁତର ଅବସ୍ଥାରେ ସେଠାରେ ପଡି ରହିଥିଲେ।କିଛି ସ୍ଥାନୀୟ ଲୋକ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏହି ଖବରପାଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଦେବୀ ନଦୀ ଟାପୁକୁ ଗାଈ ଚରାଇବାକୁ ଯାଇ ଫସିଲେ ଗୋପାଳକ

ନାଉଗାଁ,(ସବୁ): ନାଉଗାଁ ତହସିଲ ଅନ୍ତର୍ଗତ ବଛାଲୋ ପଞ୍ଚାୟତ ବଛାଲୋ ଗ୍ରାମର ପାଳେନ୍ଦୀ ଘାଟ ନିକଟସ୍ଥ ଦେବୀ ନଦୀରେ ଥିବା ଏକ ଟାପୁରେ ଦୁଇ ଜଣ ବ୍ୟକ୍ତି ଗାଈ ଚରାଇବାକୁ ଗୁରୁବାର ଯାଇଥିଲେ। ହେଲେ ସଂଧ୍ୟା ସମୟରେ ଘରକୁ ଫେରିଲା ବେଳକୁ ଟାପୁ ଚାରିପାଖରେ ବନ୍ୟା ପାଣି ମାଡ଼ି ଯାଇଥିଲା। ଫଳରେ ଦୁଇ ଗୋପାଳକ ସଞ୍ଜୟ ପରିଡ଼ା ଏବଂ ନୃସିଂହ ଦାସ ସହ ଗୋଟିଏ ବାଛୁରୀ ସେହି ଟାପୁରେ ଫସି ରହିଥିଲେ। ସେମାନେ ଏସମ୍ପର୍କରେ ଫୋନ ଯୋଗେ ସମିତି ସଭ୍ୟ ଚନ୍ଦନ ଲେଙ୍କାଙ୍କୁ ଜଣାଇଥିଲେ । ସମିତି ସଭ୍ୟ ଲେଙ୍କା ନାଉଗାଁ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ଦୁଇ ଗୋପାଳକ ସହ ବାଛୁରୀକୁ ଉଦ୍ଧାର କରିଥିଲେ।

## ଚାନ୍ଦବାଲି ବ୍ଲକର ୧୦ ପଞ୍ଚାୟତ ବନ୍ୟା ଘେରରେ

ଭଦ୍ରକ,(ସବ୍ୟୁ): ଲଗାଣ ବର୍ଷା ଓ ପରେ ବୈତରଣୀ,ସାଳନ୍ଦୀ ତଥା ଗେଙ୍ଗୁଟି ଆଦି ନଦୀରେ ବନ୍ୟା ଯୋଗୁଁ ଚାନ୍ଦବାଲି ବ୍ଲକର ୧୦ଟି ପଂଚାୟତ ଜଳବନ୍ଦୀ ହୋଇପଡ଼ିଛି। ଏହି ୧୦ ପଂଚାୟତର ୨୩ଟି ଗାଁ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଥିବାବେଳେ ବ୍ଲକର ମୋଟ ୩୫,୨୩୧ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ୧୪,୭୪୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନ ପକ୍ଷରୁ ଗୁରୁବାର ଓ ଶୁକ୍ରବାର ଉଦ୍ଧାର ହୋଇଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଶୁକ୍ରବାର ୪୫ଟି ସ୍ଥାନରେ ୨୦ହଜାରରୁ ଅଧିକ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ ଓ ବଣ୍ଟନ କରାଯାଇଛି। ଏଥିସହ ୨ଟି ମେଡିକାଲ ଟିମ୍ ଓ ୨ଟି ପଶୁ ଚିକିତ୍ସା (ଭେଟେରିନାରୀ) ଟିମ୍ ନିୟୋଜିତ ରହି ଲୋକ ଓ ଗୃହପାଳିତ ପଶୁଙ୍କୁ ସେବା ଯୋଗାଇ ଆସୁଛନ୍ତି। ଅନ୍ୟପଟେ ବନ୍ୟାର ପ୍ରଭାବ କୃଷି କ୍ଷେତ୍ରରେ ମଧ ଗଭୀର ଭାବେ ପଡ଼ିଛି। ଚାନ୍ଦବାଲି ବ୍ଲକ ଓ ଏନ୍ଏସି ଅଂଚଳରର ୧୨୩ଟି ରାଜସ୍ୱ ଗାଁରେ ୫୮୬ ହେକ୍ଟର ତଳି ଜମି,୭,୪୪୨ହେକ୍ଟର ରୁଆ ଜମି ଏବଂ ୧,୧୪୩ ହେକ୍ଟର ବୁଣା ଜମି ବନ୍ୟା ପାଣିରେ ବୁଡ଼ି ରହିଛି। ଫଳରେ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ କ୍ଷୟକ୍ଷତି ନେଇ ଚିନ୍ତା ବଢ଼ିଛି।

## ନାବାଳିକା ବଳାତ୍କାର ମାମଲା ଅଭିଯୁକ୍ତକୁ ୨୦ ବର୍ଷ ଜେଲ

ବ୍ରହ୍ମପୁର, (ସବ୍ୟୁ): ସ୍ୱତନ୍ତ୍ର ପୋକସ ଜଜ ପ୍ରଣତି ପଟ୍ଟନାୟକ ଶୁକ୍ରବାର ଏକ ନାବାଳିକା ବଳାତ୍କାର ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ଅଭିଯୁକ୍ତ ଦେବରାଜ ସାହୁ(୨୬ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧୧ ମାସ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ମଧ ଜଜ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପିଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ବିବରଣୀରୁ ପ୍ରକାଶ ଯେ, ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୨୦ ମାର୍ଚ୍ଚ ମାସରେ ସେହିଗ୍ରାମର ଜଣେ ଯୁବକ ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ତିନି ମାସ ପରେ ପିଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପିଡ଼ିତାଙ୍କ ବୟାନ ଆଧାରରେ ପୋଲିସ ୨୭୫/୨୦ରେ ଏକ ମାମଲା ରୁଜୁ କରିଥିଲା। ଉଭୟ ପିଡ଼ିତା ଓ ଅଭିଯୁକ୍ତ ଦେବରାଜଙ୍କ ଡାକ୍ତରୀ ମଇନା କରାଯାଇଥିଲା। ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମାମଲାର ବିଚାରଣା ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କାମାକ୍ଷାନଗର, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଭାଗିରଥିପୁର ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ଗ୍ରାମର ବିକାଶ ଦେହୁରୀଗତକାଲି ରାତିରେ ଖାଇସାରି ଘରେ ଶୋଇଥିଲେ ।ଆଜି ସକାଳୁ ଘରଲୋକ ବିକାଶ ଉଠିନଥିବା ଦେଖି ତାଙ୍କୁ ଉଠାଇଥିଲେ ।ମାତ୍ର ସେତେବେଳେକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା।ତେବେ କେଉଁ କାରଣକୁ ନେଇ ବିକାଶଙ୍କ ମୃତ୍ୟୁ ହୋଇଛି ତାହା ଅସ୍ପଷ୍ଟ ରହିଥିବା ବେଳେ ଖବର ପାଇ କାମାକ୍ଷାନଗର ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ମୃତଦେହକୁ ଜବତ କରି ଅଧିକ ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲାପାଳଙ୍କ ହଦଗଡ଼ ନଦୀବନ୍ଧ ଅନୁଧ୍ୟାନ

ଆଗରପଡ଼ା,(ସବ୍ୟୁ):ଭଦ୍ରକରେ ଯୋଗଦାନ କରିଥିବା ନୂତନ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ହଦଗଡ଼ ନଦୀବନ୍ଧ ସଂପର୍କରେ ଅନୁଧ୍ୟାନ କରିଛନ୍ତି। ବର୍ତ୍ତମାନ ଏହି ନଦୀବନ୍ଧରୁ ବନ୍ୟା ପାଣି ନିଷ୍କାସିତ ହେଉଛି। ଯଦ୍ୱାରା ଭଦ୍ରକ ଜିଲ୍ଲାର ଅଧିକାଂଶ ତଳିଆ ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ଲକ୍ଷ୍ୟ ରଖି ଜିଲ୍ଲାପାଳ ଏହି ନଦୀବନ୍ଧ ସ୍ଥିତି ସଂପର୍କରେ ଅନୁଧ୍ୟାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ,ବନ୍ତ ବ୍ଲକ ଅଧକ୍ଷ ମନୋରଂଜନ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଖସିଲା ନଦୀ ଅତଡ଼ା

ଆଗରପଡ଼ା,(ସବ୍ୟୁ): ଗତ କିଛିଦିନ ହେଲା ଲଘୁଚାପ ଜନିତ ଲଗାଣ ବର୍ଷାରେ ସାଳନ୍ଦୀ ନଦୀରୁ ଅତଡ଼ା ଖସିବା ଆରମ୍ଭ ହୋଇଛି। ଏହା ଦେଖି ନଦୀକୂଳିଆ ଗାଁ ଲୋକଙ୍କ ଆଶଙ୍କା ବଢ଼ିଯାଇଛି। ଆଗରପଡ଼ା ସ୍ଥିତ ଟିକିରା-ଶ୍ରୀରାମପୁର ସଂଯୋଗକାରୀ ବିଜୁ ସେତୁ ନିକଟରେ ଏହିପରି ଅତଡ଼ା ଖସିଥିବାର ଦେଖିବାକୁ ମିଳିଛି। ନଦୀ ପାଣି ଗାଁ ମଧ୍ୟକୁ ପଶି ଯିବାର ଆଶଙ୍କା ପ୍ରକାଶ ପାଇଛି।

## ବନ୍ୟାା ଜଳଘେରରେ ୭ରୁ ଉର୍ଦ୍ଧ୍ୱ ଗାଁ ରାସ୍ତା ଉପରେ ଛାତିଏ ପାଣି

ଧୂଷୁରୀ,(ସବ୍ୟୁ) : ଧାମନଗର ବ୍ଲକ୍ ଅନ୍ତର୍ଗତ ରଇପୁର ପଞ୍ଚାୟତରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଭୟାବହ ରୂପ ଧାରଣ କରିଛି। ମୌଦପୁର ଗ୍ରାମଠାରୁ କାଠମୁଣ୍ଡା ରାସ୍ତା ଉପରେ ବନ୍ୟାଜଳର ପ୍ରବଳ ଢେଉ ଖେଳୁଥିବାବେଳେ ଗତ ୪ଦିନ ହେଲାଣି ମୌଦପୁର,ପାଳପୁର ତଳପ୍ରଧାନ ସାହି ଏବଂ କାଠମୁଣ୍ଡା ଗ୍ରାମର ଆବାଳବୃଦ୍ଧବନିତା ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି। ସେହିପରି ମୌଦପୁର ଗ୍ରାମଠାରୁ ବାଙ୍କସାହି ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତା ଉପରେ ଛାତିଏରୁ ବେକେ ଉଚ୍ଚର ବନ୍ୟାପାଣି ପ୍ରବାହିତ ହେଉଛି। ଫଳରେ ମଠସାହି, ମାଳସାହି, ଘୁଡ଼ାସାହି, କଣ୍ଟିକା, ନିନ୍ଦିବିନ୍ଧା ଏବଂ ବାଙ୍କସାହି ଆଦି ଗ୍ରାମର ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବାହ୍ୟ ଜଗତରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ଏହିସବୁ ଗ୍ରାମଗୁଡ଼ିକରେ ଧନଜୀବନ ଗମ୍ଭୀର ବିପଦ ମଧ୍ୟକୁ ଠେଲି ହୋଇଯାଇଛି। ଜଳଘେର ମଧ୍ୟରେ ଫସିରହିଥିବା ଗ୍ରାମବାସୀଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ପ୍ରଶାସନ ପକ୍ଷରୁ ବୋଟ୍ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ସ୍ଥାନୀୟ ଜନସାଧାରଣ ସମାଜସେବୀ ରମେଶ ବେହେରା ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି ।

## ୧୦୭୫ କୋଟିର ପିଏଟି ହାସଲ କରିଛି ଆଇଡିଏଫସି ଫାଷ୍ଟ ବ୍ୟାଙ୍କ

କେନ୍ଦୁଝର,(ଜିପ୍ର) : ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୧ମ ତ୍ରୈମାସିକ ପାଇଁ ଏହାର ଅଡିଟ ହୋଇନଥିବା ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି । ଏହି ଅବଧିରେ ବ୍ୟାଙ୍କ ଏହାର ୧୦୭୫ କୋଟି ଟଙ୍କାର ସର୍ବୋଚ୍ଚ ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି, ଯାହା ବାର୍ଷିକ ୧୩୨.୪% ବୃଦ୍ଧି ପାଇଛି ।ଏହା ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୪୬୩ କୋଟି ଟଙ୍କା ଥିଲା ।୨୦୨୬-୨୭ର ପ୍ରଥମ ତ୍ରୈମାସିକରେ ବ୍ୟାଙ୍କର ମୋଟ ଗ୍ରାହକ ବ୍ୟବସାୟ (ଋଣଗ୍ରାହକ ଜମା) ୧୮.୬% ବୃଦ୍ଧି ହୋଇ ୬୦୪,୭୭୬ କୋଟି ଟଙ୍କାରେ ପହଂଚିଛି ଯାହା ଗତବର୍ଷ ଏହି ଅବଧିରେ ୫୧୦,୦୩୧ କୋଟି ଟଙ୍କା ଥିଲା । ତ୍ରୈମାସିକ ଆଧାରରେ ଏହା ୫.୨% ବୃଦ୍ଧି ପାଇଛି । ସେହିପରି ଋଣ ଅଗ୍ରୀମ ବାର୍ଷିକ ଆଧାରରେ ୨୦.୬% ଓ ତ୍ରୈମାସିକ ଆଧାରରେ ୫.୨% ବୃଦ୍ଧି ହୋଇ ୩୦୫,୩୭୦ କୋଟି ରହିଛି ।୨୦୨୬-୨୭ର ପ୍ରଥମ ତ୍ରୈମାସିକରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ଗ୍ରସ ଏନ୍ପିଏ ୪୫ ବିପିଏସ ବୃଦ୍ଧି ହୋଇ ୧.୫୧% ରହିଥିବା ବେଳେ ନେଟ୍ ଏନ୍ପିଏ ୧୨ ବିପିଏସ ବୃଦ୍ଧି ହୋଇ ୦.୪୪% ରହିଛି । ଏହି ଅବଧିରେ ବ୍ୟାଙ୍କର କାସା ଜମା ବାର୍ଷିକ ୨୪.୬% ଓ ତ୍ରୈମାସିକ ୮.୧% ବୃଦ୍ଧି ସହ ୧୫୮,୪୯୨ କୋଟି ଟଙ୍କା ରହିଛି ଏବଂ କାସା ଅନୁପାତ ୫୦.୮% ରହିଛି । ୧ମ ତ୍ରୈମାସିକରେ କଷ୍ଟ ଅଫ୍ ଫଣ୍ଡ ୪୬ ବିପିଏସ ସୁଧାର ହୋଇ ୫.୯୬% ରହିଛି ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୬.୪୨% ଥିଲା । ଏହି ଫଳାଫଳ ସମ୍ପର୍କରେ ବ୍ୟାଙ୍କର ଏମ୍ଡି ଓ ସିଇଓ ଭି ବୈଦ୍ୟନାଥନ କହିଛନ୍ତି, ଉଚ୍ଚ ପରିଚାଳନା ମାନଦଣ୍ଡ ସହିତ ଆମେ ଏକ ଉଚ୍ଚମାନର ବ୍ୟାଙ୍କିଙ୍ଗ ପ୍ରତିଷ୍ଠାନ ନିମାଣ କରୁଛୁ । ଆମେ ମଜବୁତ ବ୍ୟବସାୟିକ ସଫଳତା ପରିଲକ୍ଷିତ କରୁଛୁ ।

## ନାବାଳିକାଙ୍କୁ ହୋଟେଲରେ ଯୌନ ଶୋଷଣ, ମାଲିକ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଜନୈକା ଯୁକ୍ତ ଦୁଇ ନାବାଳିକା ଛାତ୍ରୀଙ୍କୁ ଏକ ହୋଟେଲରେ ଯୌନ ଶୋଷଣ ଲରେ ସହାୟତା କରିଥିବା ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ଜଣେ ହୋଟେଲ ମାଲିକଙ୍କୁ ଗିରଫ କରିଛି। ସେ ହେଲେ ଡି. ପ୍ରସାଦ ରାଓ (୫୩)। ସେ ବ୍ରହ୍ମପୁର ବି.ଏନ୍.ପୁର ଥାନା ଅଧୀନ ବ୍ରହ୍ମନଗର ୨ୟ ଲେନ୍, ନୂଆ ବସ୍‌ଷ୍ଟାଣ୍ଡ ନିକଟର ବାସିନ୍ଦା ତଥା ଏକ ଘରୋଇ ହୋଟେଲର ମାଲିକ ବୋଲି ପୋଲିସ ସୂଚନା ଦେଇଛି। ମାଲିକ ଡି. ପ୍ରସାଦ ରାଓ ଜଣେ ନାବାଳିକା ଓ ତାଙ୍କ ସହ ଥିବା ଯୁବକଙ୍କୁ ସେମାନେ ଅବିବାହିତ ବୋଲି ଜାଣିଥିଲେ ମଧ ଟଙ୍କା ଲୋଭରେ ହୋଟେଲରେ ରହିବାକୁ ଅନୁମତି ଦେଇଥିଲେ। ସେହିପରି ନାବାଳିକାଙ୍କ ବିରୋଧରେ ଘଟିଥିବା ଅପରାଧକୁ ଜାଣିଶୁଣି ସୁବିଧା ଯୋଗାଇଥିବା ଅଭିଯୋଗରେ ହୋଟେଲ ମାଲିକଙ୍କ ବିରୋଧରେ କେସ୍ ନମ୍ବର ୧୭୬/୨୬ରେ ଆଜି ତାଙ୍କୁ କୋର୍ଟ ଚାଲାଣ କରିଛି। ପୂର୍ବରୁ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜେଜେବିରେ ହାଜର କରିଥିଲା। ପ୍ରକାଶ ଯେ ଏକ ସରକାରୀ କଲେଜରେ ପଢୁଥିବା ଜଣେ ୨ ଛାତ୍ରୀଙ୍କ ଜଣେ ନାବାଳକାଙ୍କ ପ୍ରାୟ ଦୁଇ ବର୍ଷ ଧରି ସମ୍ପର୍କ ଥିଲା। ମେ ୨୫ ରେ ନାବାଳକ ଜଣଙ୍କ ବିବାହ କରିବାର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ଘରୁ ନେଇ ପଳାଇବାକୁ ପ୍ରବର୍ତ୍ତାଇ ଥିଲେ। ପରେ ଘରୋଇ ହୋଟେଲର ୨୦୨ ନମ୍ବର କୋଠରୀ ବୁକ୍ କରି ସେଠାରେ ନାବାଳିକାଙ୍କ ସହ ବଳାତ୍କାର କରିଥିବା ତଦନ୍ତରୁ ଜଣାପଡ଼ିଥିଲା।

## ବ୍ରିଜ୍ ଉପରୁ ତଳକୁ ଖସିଲା କାର୍, ଜଣେ ମୃତ



ଭଞ୍ଜନଗର, (ସବ୍ୟୁ) : ବେଲଗୁଣ୍ଠା ଥାନା ଅନ୍ତର୍ଗତ ନୂଆଗାଁ ନିକଟରେ, ବ୍ରିଜ୍ ଉପରୁ ତଳକୁ ଖସିପଡିଲା ଚଳନ୍ତା କାର୍। ସେଥିରେ ଥିବା ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ମୃତକ ଜଣକ ଭଂଜନଗର ଏଲଆଇସି କଲୋନୀ ବାସିନ୍ଦା ସୁନିଲ୍ ମହାନ୍ତି (୪୦) । ଘଟଣା ସ୍ଥଳରେ ଭଂଜନଗର ଅଗ୍ନିଶମ ବାହିନୀ ପହଞ୍ଚି, କାର୍ ଭିତରୁ ସଂପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଭଂଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେଲଗୁଣ୍ଠା ରାସ୍ତାରୁ ଭଂଜନଗର ଅଭିମୁଖେ ଯାଉଥିବାବେଳେ, ଭାରସାମ୍ୟ ହରାଇ କାର୍‌ଟି ବ୍ରିଜ୍ ତଳକୁ ଖସି ପଡ଼ିଥିଲା । କାର୍ ଭିତରେ ଜଣେ ହିଁ ଥିଲେ। ବେଲଗୁଣ୍ଠା ଥାନା ପୋଲିସ ଭଂଜନଗର ମେଡିକାଲରେ ପହଞ୍ଚି, ମୃତ ଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ବ୍ଲେଡ୍‌ରେ ଆକ୍ରମଣ ମାମଲା, ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲା ଦୌରା ଜଜ ଅଶାନ୍ତ କୁମାର ଦାସ ଶୁକ୍ରବାର ଏକ ଆକ୍ରମଣ ମାମଲାର ରାୟ ପ୍ରକାଶ କରିଛନ୍ତି। ସେ ଅଭିଯୁକ୍ତଙ୍କୁ ସାକ୍ଷ୍ୟ ପ୍ରମାଣ ଆଧାରରେ ଲାଞ୍ଜିପଲି ରାମନଗରର ଲକ୍ଷ୍ମୀ ନୃଶିଙ୍ଗ ରଥଙ୍କୁ ଦୁଇବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୨୫ ଜୁନ ୧୪ ରେ ଲାଞ୍ଜିପଲି ରାମନଗରରେ ଥିବା ସାଇବାବା ମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେଠାକୁ ପ୍ରସାଦ ସେବନ କରିବାକୁ ଜି.ଲଛେୟା ରେଡ୍ଡୀ ଯାଇଥିଲେ। ୫ ଜଣ ଯୁବକ ସେଠାରେ ପହଞ୍ଚି ପ୍ରସାଦ ସେବନ କୁ କେନ୍ଦ୍ରକରି ମନ୍ଦିର କମିଟି ଟି. ଭେଙ୍କଟ ରାଜୁଙ୍କୁ ସେମାନେ ଆକ୍ରମଣ କରିଥିଲେ। ସେହି ସମୟରେ ଲଛେୟା ସେଠାରେ ପହଞ୍ଚି କାହିଁକି ତାଙ୍କୁ ଆକ୍ରମଣ କରୁଛ ବୋଲି ପଚାରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଲକ୍ଷ୍ମୀ ନୃଶିଙ୍ଗ ରଥ ହାତରେ ଧରିଥିବା ଏକ ବ୍ଲେଡ଼ରେ ଲଛେୟାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ ୨୮୮/୨୫ ରେ ଲକ୍ଷ୍ମୀ ରଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଚୟନର ପ୍ରଥମ ଦିନ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ କୁଳପତି ଚୟନର ପ୍ରଥମ ଦିନରେ ସାକ୍ଷାତକାର ଆରମ୍ଭ ହୋଇଛି । ଆଜି ପ୍ରଥମ ଦିନରେ ୧୬ ଜଣକ ସାକ୍ଷାତକାର ସରିଛି । ସୂଚନା ପ୍ରକାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ୨୬ ଜଣଙ୍କ ନାମ ସର୍ଟଲିଷ୍ଟ ପ୍ରସ୍ତୁତି ହେବା ପରେ ସମସ୍ତଙ୍କୁ ମେଲ ଦ୍ୱାରା ସାକ୍ଷାତକାର ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ଆଜି ୧୬ ଜଣକ ସାକ୍ଷାତକାର ହୋଇଥିବା ବେଳେ ଶନିବାର ଅବଶିଷ୍ଟ ୧୦ ଜଣକ ସାକ୍ଷାତକାର କରାଯିବ ବୋଲି ଜଣାପଡିଛି ।

## ୧୭ ନମ୍ବର ୱାର୍ଡରେ ବିଧାୟିକା ସୋଫିଆଙ୍କ ଜନସମ୍ପର୍କ ପଦଯାତ୍ରା



କଟକ, (ସ୍ୱପ୍ର) : କଟକ ମହାନଗର ନିଗମ ଅଞ୍ଚଳର ୧୭ ନମ୍ବର ୱାର୍ଡରେ ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦୋଷଙ୍କ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଗସ୍ତ କାଳରେ ବିଧାୟିକା ୱାର୍ଡର ବିଭିନ୍ନ ସାହି ପରିକ୍ରମା କରିବା ସହ ସ୍ଥାନୀୟ ମୁରବି, ଯୁବକ ଓ ମହିଳାମାନଙ୍କୁ ସାକ୍ଷାତ କରି ସେମାନଙ୍କ ସୁବିଧା-ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ବିଧାୟିକାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପଦଯାତ୍ରା ସମୟରେ ଅଞ୍ଚଳବାସୀ ନିଜ ନିଜ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ବିଧାୟିକାଙ୍କ ଦୃଷ୍ଟିଗୋଚର କରିଥିଲେ। ବିଶେଷ କରି ୱାର୍ଡର ଶୋଚନୀୟ ରାସ୍ତାଘାଟ, ପରିମଳ ବ୍ୟବସ୍ଥା ଏବଂ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ସମ୍ପର୍କରେ ଲୋକେ ଅଭିଯୋଗ କରିଥିଲେ। ଜନସାଧାରଣଙ୍କ ଏହିସବୁ ସମସ୍ୟାକୁ ଗମ୍ଭୀରତାର ସହ ଶୁଣିବା ପରେ ବିଧାୟିକା ଶ୍ରୀମତୀ ଫିର୍ଦୋଷ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କଟକ ସହରର ସର୍ବାଙ୍ଗୀନ ବିକାଶ ତାଙ୍କର ମୂଳ ପ୍ରାଥମିକତା ଏବଂ ପ୍ରତ୍ୟେକ ୱାର୍ଡର ସମସ୍ୟା ଦୂର କରିବା ପାଇଁ ସେ ସଦାସର୍ବଦା ପ୍ରତିବଦ୍ଧ ବୋଲି ବିଧାୟିକା ପ୍ରକାଶ କରିଛନ୍ତି। ଏହା ସହିତ ସେ ୱାର୍ଡରେ ବିଧାୟକ ଉନ୍ନୟନ ପାଣ୍ଠିରୁ ଚାଲୁଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ନିଜେ ବୁଲି ଦେଖିଥିଲେ। ଏହି ଅବସରରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, କର୍ପୋରେଟର ଲିଜା ରାଉତ, ପୂର୍ବତନ କର୍ପୋରେଟର ସେକ ଲିଆକତ ଉଦ୍ଦୀନ ଅହମ୍ମଦ ଓ କେଦାର ପୃଷ୍ଟି, ଜାକିର ହୁସେନ, ମହମ୍ମଦ ନାଜିର, ସେକ ଗୁଲାମ ମୋହିଉଦ୍ଦୀନ, ଅବଦୁଲ ହାକିମ, ଜି ଭାସ୍କର ରାଓ, ନିୟାଜ ଖାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବନ୍ୟା ବିପନ୍ନଙ୍କୁ ଜିନ୍ଦଲ ପକ୍ଷରୁ ସହାୟତା



ବ୍ୟାସନଗର,(ଜିପ୍ର): ବନ୍ୟା ଦ୍ୱାରା ପ୍ରଭାବିତ ପରିବାରକୁ ଜିନ୍ଦଲ ଷ୍ଟେନଲେସ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି । କମ୍ପାନୀ ଦଶରଥପୁର ଓ ଯାଜପୁର ବ୍ଲକର ବନ୍ୟା ପ୍ରଭାବିତ ପରିବାରକୁ ଖାଦ୍ୟ ସାମଗ୍ରୀ ପ୍ୟାକେଟ ବଂଟନ କରାଯାଇଛି । ଏହି ଅବସରରେ ଜିନ୍ଦଲ ଷ୍ଟେନଲେସ୍‌ର ୟୁନିଟ୍ ହେଡ ଦୀପକ ଅଗ୍ରୱାଲ କହିଛନ୍ତି, ଜିନ୍ଦଲ ଷ୍ଟେନଲେସ୍‌ରେ, ଆମେ ଆବଶ୍ୟକତା ସମୟରେ ସମ୍ପ୍ରଦାୟଗୁଡ଼ିକୁ ସମର୍ଥନ କରିବାରେ ବିଶ୍ୱାସ କରୁ। ବନ୍ୟାର ପରବର୍ତ୍ତୀ ମୁକାବିଲାରେ ପ୍ରଭାବିତ ପରିବାରଗୁଡ଼ିକୁ ସାହାଯ୍ୟ କରିବା ପାଇଁ ରିଲିଫ୍ ସାମଗ୍ରୀ ବଂଟନ ଏକ ଛୋଟ ପଦକ୍ଷେପ। ଆମେ ସ୍ଥାନୀୟ କର୍ତ୍ତୃପକ୍ଷଏବଂ ସମ୍ପ୍ରଦାୟ ସହିତ ମିଶି ରିଲିଫ୍ ଏବଂପୁନରୁଦ୍ଧାର ପ୍ରୟାସକୁ ସମର୍ଥନ କରିବାକୁ ପ୍ରତିବଦ୍ଧ ଅଟୁ।

24001/351/2627

# ଓଡ଼ିଶା ସରକାର
# ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡା
# ସ୍ୱତନ୍ତ୍ର ଭୂ-ଅର୍ଜନ ବିଭାଗ
## ଅଧିସୂଚନା

**Spl. LA-2026-182 L.A, Date : 22.07.2026**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲ୍ଲାରେ ମେସର୍ସ ବେଦାନ୍ତ ଲିମିଟେଡର କୁଡାଲୋଇ (ଏ) ଉତ୍ତର କୋଇଲା ଖଣି ପ୍ରକଳ୍ପ ନିମନ୍ତେ ଜମି ଅଧିକାରୀ, ଇଡକୋ (IDCO), ଭୁବନେଶ୍ୱରଙ୍କ ଜରିଆରେ ମୌଜା- କୁଡ଼ାଲୋଇ, ଥାନା-ଲଖନପୁର, ତହସିଲ-ଲଖନପୁର, ଜିଲ୍ଲା- ଝାରସୁଗୁଡାରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୭୪.୩୦୫ ଡି. ଭୂମି ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act-2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଙ୍କ ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସରୁପ- ମେସର୍ସ ବେଦାନ୍ତ ଲିମିଟେଡର କୋଇଲା ଖଣି ପ୍ରକଳ୍ପ ନିମନ୍ତେ ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଜମି ଅଧିକାରୀ, ଇଡକୋ (IDCO), ଭୁବନେଶ୍ୱର ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ କୋଇଲା ଖଣି ପ୍ରକଳ୍ପ ପ୍ରତିଷ୍ଠା କରିବା ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ସଂଲଗ୍ନ କରାଗଲା ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ପ୍ରକଳ୍ପ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନ ବିଭାଗ, ଝାରସୁଗୁଡ଼ା ।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଝାରସୁଗୁଡା | ଲଖନପୁର | କୁଡ଼ାଲୋଇ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏ. ୮୭.୬୦୦ | ଏ. ୭୪.୩୦୫ | ଏଥି ସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ କୌଣସି ଜମି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ନୁହେଁ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସୁବର୍ଣ୍ଣରେଖା ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଝାରସୁଗୁଡା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଜମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- କୁଣାଲ ମୋତିରାମ ଚହ୍ୱାଣ

### ଘରୋଇ ଜମିର ବିବରଣୀ

**ଗ୍ରାମର ନାମ : କୁଡାଲୋଇ, ଥାନାର ନାମ ଏବଂ ନଂ : ଲଖନପୁର - ୦୫, ତହସିଲ : ଲଖନପୁର, ଜିଲ୍ଲା : ଝାରସୁଗୁଡା**

| କ୍ର. ନଂ. | ଖାତା ନଂ | ପ୍ଲଟ ନଂ | ସମୁଦାୟ ରକବା (ଏକର) | ପ୍ରସ୍ତାବିତ ରକବା (ଏକର) | କିସମ | ରୟତଙ୍କ ନା, ପିତାଙ୍କ ନାମ ଓ ବାସସ୍ଥାନ | ଜାତି |
|---|---|---|---|---|---|---|---|
| ୧ | ୩ | ୯୭୧<br>୯୭୩<br>୯୮୦<br>୯୯୬/୩୨୪୯ | ୦.୦୪୦୦<br>୦.୫୧୦୦<br>୦.୦୭୦୦<br>୦.୧୫୦୦ | ୦.୦୪୦୦<br>୦.୫୧୦୦<br>୦.୦୭୦୦<br>୦.୧୫୦୦ | ମା ସା/୨<br>ମା ସା/୨<br>ଆ ସା<br>ବେ ସା | ଧନୁ ରାଉତ, ଶାସନ ରାଉତ, ରୋହିଣୀ ରାଉତ, ପି-ଅକିଳ ରାଉତ ମିଶ୍ର ରାଉତ, ବୁଧବାରୀ ବସରା, ପି- ଶୁକୁ ରାଉତ, ହାରବାନୀ ରାଉତ ଶୋଧ ରାଉତ, ସୁରେଶ ରାଉତ, ଉର୍ମିଳା ଲୁହୁରା, ସରୁବାଲି ଭୁଏ, ପଦ୍ମା ବେନିଆ, ବୃନ୍ଦାବତୀ ଲୁହାର, ତିଲୋତ୍ତମା ପ୍ରଧାନ, ପି-ଅପିନ୍ଦ୍ର ରାଉତ, ବା- ନିଜଗାଁ | ଲୋହାରା |
| ୨ | ୧୬ | ୭୩୯ (ରୁ)<br>୭୭୨ (ରୁ)<br>୭୦୫ (ରୁ) | ୦.୫୦୦୦<br>୦.୨୧୦୦<br>୦.୫୮୦୦ | ୦.୨୯୦୦<br>୦.୦୭୦୦<br>୦.୧୮୦୦ | ଆ ସା<br>ବାରି ସା<br>ଆ ସା | ଅମିର ନେଟି, ପି- ବନମାଳୀ ମାଝୀ, ବା-ଦର୍ଲିପାଲି, ଜି-ସୁନ୍ଦରଗଡ଼, ଅଶୋକ କୁମାର ମାଝୀ, ପି- ହରିଶଙ୍କର ମାଝୀ, ଅଯୋଧ୍ୟା ମାଝୀ, ଅଜିତ ମାଝୀ, ଅରୁଣା ଧିରୁଆ, ଅହଲ୍ୟା ନେଟି, ପି- ଭିଖ ମାଝୀ, ଯଶୋବନ୍ତୀ ମାଝୀ, ସ୍ୱା- ଭିଖ ମାଝୀ, ଭାନୁମତୀ ମାଝୀ, ସ୍ୱା-ଅଭି ମାଝୀ, ଦୃତି ଭୋଇ, ଗୋମତୀ ବରିହା, ପି- ଚୈତରାମ ମାଝୀ, ଜ୍ୟୋସ୍ନାମୟି ମାଝୀ, ପି- ଜଜିନ୍ଦ୍ର କୁମାର ମାଝୀ, ନେତ ମାଝୀ, ସ୍ୱା-ଜଗମୋହନ ମାଝୀ, ବା-ନିଜଗାଁ | ଗଣ୍ଡ |
| ୩ | ୧୯ | ୭୪୫<br>୮୯୩ (ରୁ)<br>୭୨୦ (ରୁ) | ୦.୦୩୦୦<br>୦.୧୧୦୦<br>୦.୨୩୦୦ | ୦.୦୩୦୦<br>୦.୧୦୦୦<br>୦.୧୭୦୦ | ବାରି ସା<br>ମା ସା<br>ଆ ସା | କରୁଣାକର ମାଝୀ, ସୁମିତ୍ରା ମାଝୀ, ପି- ବିଶିକେସନ ମାଝୀ, ବା-ନିଜଗାଁ (ପଡା-ଜୟବୁଡିଆ), ନିଅଂଶ ମୃତ ନିଅଂଶ ମୃତ, ପି-ନିଅଂଶ ମୃତ ନିଅଂଶ ମୃତ ବା-ନିଅଂଶ ମୃତ, ସରୋଜିନୀ ମାଝୀ, ରାଜ କୁମାରୀ ମାଝୀ, ଦେବାର୍ଜନ ମାଝୀ, କଲି ମାଝୀ, ସା- ବେବାର୍ଜନ ମାଝୀ, କମଳଲୋଚନ ମାଝୀ, ପି- ବିଶିକେସନ ମାଝୀ, ବା-ନିଜଗାଁ, (ପଡା-ଜୟବୁଡିଆ) | ଗଣ୍ଡ |
| ୪ | ୨୧ | ୭୪୯<br>୭୭୫/୩୪୫୫ (ରୁ) | ୦.୦୪୦୦<br>୦.୦୮୦୦ | ୦.୦୪୦୦<br>୦.୦୧୦୦ | ଘରବାରି<br>ମାଳ ଖାରି | ଲଳିତା ଓରଫ ମୈଥିଳି ମାଝୀ, ପି- ଇନ୍ଦ୍ରମଣି ମାଝୀ, ବା-ବେହେରାପାଲି, ଝାରସୁଗୁଡା, ମୁରଲୀଧର ମାଝୀ, ହରପ୍ରିୟା କାଲୋ, ପି- ଇନ୍ଦ୍ରମଣି ମାଝୀ, ବା- ଗୁଡିଗାଁ, ଝାରସୁଗୁଡା, ସେବତୀ ନାଏକ, ପି-ଇନ୍ଦ୍ରମଣି ମାଝୀ, ବା-ବେଲପାହାଡ | ଗଣ୍ଡ |
| ୫ | ୨୨ | ୭୫୦ | ୦.୦୫୦୦ | ୦.୦୫୦୦ | ଘରବାରି | ପଦ୍ମଲୋଚନ ମାଝୀ, ପବିତ୍ର ମାଝୀ, ପ୍ରଦୀପ ମାଝୀ, ପି- ଗୌରୀଶଙ୍କ ମାଝୀ, ବା- ନିଜଗାଁ, ଯଶୋବନ୍ତି ମଲ୍ଲିକ, ପି- ଗୌରୀଶଙ୍କର ମାଝୀ, ବା-ନାକାଡୋରା, ପଞ୍ଚଗାଁ, ସ୍ନେହଲତା ମଲ୍ଲିକ, ପି- ଗୌରୀଶଙ୍କର ମାଝୀ, ବା- ଦେପାଲି, ପ ଗାଁ, ମୁରଲୀଧର ମାଝୀ, ହରପ୍ରିୟା କାଲୋ, ପି- ଇନ୍ଦ୍ରମଣି ମାଝୀ, ବା-ଗୁଡିଗାଁ, ଝାରସୁଗୁଡା, ସେବତୀ ନାଏକ, ପି- ଇନ୍ଦ୍ରମଣି ମାଝୀ, ବା-ବେଲପାହାଡ, ଲଳିତା ଓରଫ ମୈଥିଳି ମାଝୀ, ପି- ଇନ୍ଦ୍ରମଣି ମାଝୀ, ବା-ବେହେରାପାଲି, ଝାରସୁଗୁଡା । | ଗଣ୍ଡ |
| ୬ | ୨୩ | ୧୦୧୧<br>୧୦୨୨/୩୩୦୬<br>୧୦୩୬/୩୪୫୭ | ୦.୪୮୦୦<br>୦.୪୬୦୦<br>୦.୩୧୦୦ | ୦.୪୮୦୦<br>୦.୪୬୦୦<br>୦.୩୧୦୦ | ବହାଲ ସା<br>ବାହାଲ ସା<br>ବାହାଲ ସା | ଲଳିତା ଓରଫ ମୈଥିଳି ମାଝୀ, ପି- ଇନ୍ଦ୍ରମଣି ମାଝୀ, ବା- ବେହେରାପାଲି, ଝାରସୁଗୁଡା, ମୁରଲୀଧର ମାଝୀ, ହରପ୍ରିୟା କାଲୋ ପି- ଇନ୍ଦ୍ରମଣି ମାଝୀ, ବା- ଗୁଡିଗାଁ, ଝାରସୁଗୁଡା, ସେବତି ନାଏକ, ପି- ଇନ୍ଦ୍ରମଣି ମାଝୀ, ବା- ବେଲପାହାଡ | |
| ୨୫ | ୨୩ | ୯୪୩<br>୯୪୫<br>୯୫୧<br>୯୬୬<br>୯୬୭<br>୯୬୭/୫୦୨୮<br>୯୭୪<br>୯୭୯<br>୯୮୬<br>୯୯୭<br>୯୯୯<br>୧୦୦୦/୩୨୫୨<br>୧୦୦୧<br>୧୦୦୨<br>୧୦୧୩<br>୧୦୧୪<br>୧୦୧୫<br>୧୦୧୬<br>୧୦୧୭<br>୧୦୨୯ | ୦.୧୨୦୦<br>୦.୦୯୦୦<br>୦.୧୬୦୦<br>୦.୧୪୦୦<br>୦.୦୬୦୦<br>୦.୦୬୦୦<br>୦.୪୭୦୦<br>୦.୧୨୦୦<br>୦.୧୪୦୦<br>୦.୫୪୦୦<br>୦.୧୦୦୦<br>୦.୦୭୦୦<br>୦.୦୯୦୦<br>୦.୧୧୦୦<br>୧.୨୭୦୦<br>୦.୪୦୦୦<br>୦.୫୩୦୦<br>୦.୫୦୦୦<br>୦.୧୫୦୦<br>୦.୨୩୦୦ | ୦.୧୨୦୦<br>୦.୦୯୦୦<br>୦.୧୬୦୦<br>୦.୧୪୦୦<br>୦.୦୬୦୦<br>୦.୦୬୦୦<br>୦.୪୭୦୦<br>୦.୧୨୦୦<br>୦.୧୪୦୦<br>୦.୫୪୦୦<br>୦.୧୦୦୦<br>୦.୦୭୦୦<br>୦.୦୯୦୦<br>୦.୧୧୦୦<br>୧.୨୭୦୦<br>୦.୪୦୦୦<br>୦.୫୩୦୦<br>୦.୫୦୦୦<br>୦.୧୫୦୦<br>୦.୨୩୦୦ | ବେ ସା<br>ବେ ସା<br>ମା ସା<br>ବେ ସା<br>ମା ସା<br>ଘରବାରି<br>ବେ ସା<br>ବାରି ସା<br>ବାହାଲ ସା<br>ବାହାଲ ସା<br>ବାହାଲ ସା<br>ବାହାଲ ସା<br>ବନ୍ଧଲି<br>ବାହାଲ ସା<br>ବାହାଲ ସା<br>ବାହାଲ ସା<br>ବାହାଲ ସା<br>ମା ସା/୩<br>ଆ ସା<br>ମାଳ ପାଣି/୨ | ଉର୍ମିଳା କିସାନ, ପି- ଇଶ୍ୱର ପିଙ୍ଗ, ବା- ଝାରସୁଗୁଡା, ଚନ୍ଦ୍ରଶେଖର ପିଙ୍ଗ, ଫକୀର ପିଙ୍ଗ, ଦୁଃଖି ପିଙ୍ଗ, ବିଜଳି ମାଝୀ, ପି- ଇଶ୍ୱର ପିଙ୍କ, ବା-ମସନିଆ, ସୁନ୍ଦରଗଡ଼ | କିସାନ |
| ୮ | ୨୮ | ୭୬୬<br>୭୬୫ (ରୁ) | ୦.୨୭୦୦<br>୦.୨୪୦୦ | ୦.୨୭୦୦<br>୦.୧୭୦୦ | ଘରବାରି<br>ଘରବାରି | ଜୟନ୍ତୀ ମାଝୀ, ପି- ଧର୍ମୁ ମାଝୀ, ପଞ୍ଚାନନ ମାଝୀ, ଗୁଲାବତି ମାଝୀ, ଦ୍ରୌପ ସିଦାର, ସରସ୍ୱତୀ ଭୋଇ, ପଞ୍ଚମି ମାଝୀ, ଲିତିକା ମାଝୀ, ଦୁରାବତୀ ନେଟି, ସବିତା ପ୍ରଧାନ, ସପ୍ତମି ନାଗ, ପି- ଶୁକମଣି ମାଝୀ, ନୀଳାବତି ମାଝୀ, ସ୍ୱା-ଧର୍ମୁ ମାଝୀ, ସଞ୍ଜୟ ମାଝୀ, ଲକ୍ଷପତି ମାଝୀ, ପି- ଧର୍ମୁ ମାଝୀ, ତପସିନୀ ମାଝୀ ଓରଫ କିଶୋରୀ ଭୋଇ, ପି-ଧର୍ମୁ ମାଝୀ, ବା-ନିଜଗାଁ, (ଜୟବୁଡିଆ) | ଗଣ୍ଡ |
| ୯ | ୬୫ | ୧୬ (ରୁ) | ୦.୩୦୦୦ | ୦.୧୧୯୦ | ଆ ସା | କୁଳମଣି ରାଉତ, କଳାକାହ୍ନୁ ରାଉତ, ଅଭିମନ୍ୟୁ ରାଉତ, ସରସ୍ୱତୀ ଗିଦିଲି ପି- ଗଣ୍ଡା ରାଉତ, ଫଗନୁ ରାଉତ, ପି- ଗୋକୁଳ ରାଉତ, ବା-ନିଜଗାଁ, ବଂଶୀ ରାଉତ, ପି: ମହାସିଂ ରାଉତ, ଜୟସିଂ ରାଉତ, ପି- ତେଲି ରାଉତ, ବା- ନିଜଗାଁ ପଡା - ଜୟବୁଡିଆ | ଲୋହରା |
| ୧୦ | ୬୯ | ୧୧୦୯ (ରୁ) | ୦.୮୫୦୦ | ୦.୭୬୩୦ | ଆ ସା | ହିମାଦ୍ରୀ ପଧାନ, ପି- ଗରିବ ପଧାନ, ବା- ନିଜଗାଁ | କୁଲତା |
| ୧୧ | ୭୪ | ୭୫୦/୩୪୪ (ରୁ)<br>୯୦୪<br>୭୧୪ (ରୁ)<br>୭୧୯ (ରୁ) | ୦.୦୬୦୦<br>୦.୨୦୦୦<br>୦.୩୧୦୦<br>୦.୨୦୦୦ | ୦.୦୩୦୦<br>୦.୨୦୦୦<br>୦.୦୮୦୦<br>୦.୦୯୦୦ | ଘରବାରି<br>ମା ସା<br>ଆ ସା<br>ଆ ସା | ଧନେଶ୍ୱର ମାଝୀ, ପି- ଗୋକୁଳ ମାଝୀ, ବା- ନିଜଗାଁ (ପଡା-ଜୟବୁଡିଆ), କୃଷ୍ଣଚନ୍ଦ୍ର ମାଝୀ, କଳାକାର ମାଝୀ, ଅଶୋକ ମାଝୀ, ଝାମ ଧୁରୁଆ, ପଞ୍ଚମୀ ଭୋଇ, ପି- ସହଦେବ ମାଝୀ, ନାରାୟଣ ମାଝୀ, ଉମା ଭୋଇ, ମିନା ନାଏକ, ତିଲାତମା ଦାଉ, ପି- କ୍ଷେତରାଜ ମାଝୀ, ବା-କୁଡାଲୋଇ | ଗଣ୍ଡ |
| ୧୨ | ୭୫ | ୧୦୨୧/୩୫୫୭<br>୧୦୪୧ | ୦.୧୦୦୦<br>୦.୨୪୦୦ | ୦.୧୦୦୦<br>୦.୨୪୦୦ | ବାହାଲ ସା<br>ବାହାଲ ସା | ଅଶୋକ ମାଝୀ, ଗୁଣନିଧି ମାଝୀ, ମଞ୍ଜୁଲତା ମାଝୀ, ଦମୟନ୍ତି ମାଝୀ, ପି- ହୃଦାନନ୍ଦ ମାଝୀ, ମୁକ୍ତେଶ୍ୱର ମାଝୀ, ପି- ଗୋକୁଳ ମାଝୀ, ବା-ବରତାପ ଜୟନ୍ତୀ ଭୁଏ, ପି- ନାରାୟଣ ମାଝୀ, ବା-ବଞ୍ଜାରୀ, ବା-ବଞ୍ଜାରୀ, ଇନ୍ଦିରା ମାଝୀ, ପି- ଗୋକୁଳ ମାଝୀ, ବା-ବରତାପ | ଗଣ୍ଡ |
| ୧୩ | ୮୩ | ୭୪୯/୩୪୫୨<br>୭୪୯/୩୪୫୩ (ରୁ)<br>୮୯୨ (ରୁ)<br>୯୦୩<br>୯୦୫<br>୯୧୦ | ୦.୦୨୦୦<br>୦.୦୬୦୦<br>୦.୨୨୦୦<br>୦.୨୩୦୦<br>୦.୧୮୦୦<br>୦.୨୩୦୦ | ୦.୦୨୦୦<br>୦.୦୩୦୦<br>୦.୧୪୦୦<br>୦.୨୩୦୦<br>୦.୧୮୦୦<br>୦.୨୩୦୦ | ଘରବାରି<br>ଘରବାରି<br>ମା ସା<br>ମା ସା/୩<br>ଆ ସା<br>ଟାଲ | ପଦ୍ମଲୋଚନ ମାଝୀ, ପବିତ୍ର ମାଝୀ, ପ୍ରଦୀପ ମାଝୀ, ପି-ଗୌରୀଶଙ୍କର ମାଝୀ, ବା-ନିଜଗାଁ, ଯଶୋବନ୍ତି ମଲ୍ଲିକ, ପି- ଗୌରୀଶଙ୍କର ମାଝୀ, ବା- ନାକାଡୋରା, ପଞ୍ଚଗାଁ, ସ୍ନେହଲତା ମଲ୍ଲିକ, ପି- ଗୌରୀଶଙ୍କର ମାଝୀ, ବା- ଦେପାଲି, ପଞ୍ଚଗାଁ | ଗଣ୍ଡ |
| ୧୪ | ୮୪ | ୧୦୧୧/୩୪୫୬<br>୧୦୩୬ | ୦.୫୭୦୦<br>୦.୩୪୦୦ | ୦.୫୭୦୦<br>୦.୩୪୦୦ | ବାହାଲ ସା<br>ବାହାଲ ସା | ପଦ୍ମଲୋଚନ ମାଝୀ, ପବିତ୍ର ମାଝୀ, ପ୍ରଦୀପ ମାଝୀ, ପି- ଗୌରିଶଙ୍କର ମାଝୀ, ବା- ନିଜଗାଁ, ଯଶୋବନ୍ତି ମଲ୍ଲିକ, ପି-ଗୌରୀଶଙ୍କର ମାଝୀ, ବା-ନାକାଡେରା, ପଞ୍ଚଗାଁ, ସ୍ନେହଲତା ମଲ୍ଲିକ, ପି- ଗୌରୀଶଙ୍କର ମାଝୀ, ବା-ଦେପାଲି, ପଞ୍ଚଗାଁ | |
| ୧୫ | ୧୦୩ | ୭୪୬<br>୭୪୭ (ରୁ) | ୦.୧୨୦୦<br>୦.୧୫୦୦ | ୦.୧୨୦୦<br>୦.୦୧୦୦ | ଘରବାରି<br>ଆଟ ଖାରି | ଚୈତନ ମାଝୀ, ପି- କାମପାଳ ମାଝୀ, ବା-ନିଜଗାଁ, (ପଡା- ଜୟବୁଡିଆ) | ଗଣ୍ଡ |
| ୧୬ | ୧୧୧ | ୧୭ (ରୁ) | ୧.୦୧୦୦ | ୦.୧୦୦୦ | ଆ ସା | ଜଏସିଂହ ଲୋହାର, ପି- ତେଲି ଲୋହାର, ବା-ନିଜଗାଁ | ଲୋହାର |
| ୧୭ | ୧୫୮ | ୭୧୩<br>୭୧୬<br>୭୧୭<br>୭୩୭<br>୭୩୮<br>୯୦୦ (ରୁ) | ୦.୨୪୦୦<br>୦.୪୮୦୦<br>୦.୦୮୦୦<br>୦.୨୮୦୦<br>୦.୧୫୦୦<br>୦.୫୧୦୦ | ୦.୨୪୦୦<br>୦.୪୮୦୦<br>୦.୦୮୦୦<br>୦.୨୮୦୦<br>୦.୧୫୦୦<br>୦.୦୩୦୧୦ | ଆ ସା<br>ମା ସା/୩<br>ଆ ସା<br>ଆ ସା<br>ଘରବାରି<br>ବାହାଲ ସା/୨ | କୁମୁଦିନୀ ଧରୁଆ, ଶେଷବତୀ ଗୋଇ, ପି- ନଟ ମାଝୀ, ବିରେନ୍ଦ୍ର ମାଝୀ, ସଞ୍ଜୁକ୍ତା ମାଝୀ, ସନ୍ଧ୍ୟାରାଣୀ ନାଏକ, ସୀତା ଧୁରୁଆ, ପି- କୃଷ୍ଣପ୍ରସାଦ ମାଝୀ, ରୋହିତ ମାଝୀ, ସୋନିଆ ମାଝୀ, ମମତା କୁକୁରା, ରୁପେଶ୍ୱରୀ ବଏଗା, ପି- ସନ୍ତୋଷ ମାଝୀ, ବୈଥିଳି ମାଝୀ, ସ୍ୱା- ସନ୍ତୋଷ ମାଝୀ, ବା-ନିଜଗାଁ, ବିନାସି ମାଝୀ, ପି- ଈଶ୍ୱର ମାଝୀ, ବା- ନିଜଗାଁ, ପଡା-ଜୟବୁଡିଆ | ଗଣ୍ଡ |
| ୧୮ | ୧୬୭ | ୧୧୧୦ (ରୁ)<br>୧୧୧୧ (ରୁ) | ୦.୭୬୦୦<br>୦.୧୯୦୦ | ୦.୦୨୦୦<br>୦.୦୨୦୦ | ଆ ସା<br>ଟାଲ | ଜିତେନ୍ଦ୍ର ପ୍ରଧାନ, ଶାନ୍ତି ପଧାନ, ପି- ନିରାକାର ପଧାନ, କ୍ଷୀର ପଧାନ, ସ୍ୱା- ନିରାକାର ପଧାନ, ବା-କୁଡଲୋଇ | |
| ୧୯ | ୧୭୩ | ୭୩୧<br>୭୩୨<br>୭୩୫ | ୦.୪୫୦୦<br>୦.୨୦୦୦<br>୦.୦୭୦୦ | ୦.୪୫୦୦<br>୦.୨୦୦୦<br>୦.୦୭୦୦ | ଆ ସା<br>ବଗାୟତ/୨/୩<br>ଘରବାରି | ପ୍ରେମଶୀଳା ଦେହେରା, ତପସିନୀ ଭୋଇ, ପି- ମହାଦେବ କୁମରା, ବା-ନିଜଗାଁ, ଈଶ୍ୱର ଚନ୍ଦ୍ର ଅଡ଼ା, ଛତ୍ର ଅଡ଼ା, ଭକ୍ତ ଅଡ଼ା, ଜୟନ୍ତୀ ଧୁରୁଆ, ପି- ସୁମୋଦ ଅଡ଼ା, ବା-ଟାଙ୍ଗେରଡିହା, ଥା-ହେମଗିରି, ଜି-ସୁନ୍ଦରଗଡ, ସୁରଥ କୁମାର, ପି- ଚନ୍ଦ୍ରଶେଖର କୁମୁରା, ରାଜକୁମାରୀ କୁମୁରା, ସା- ଶତୃଘ୍ନ କୁମରା, ବାବୁଲାଲ କୁମରା, ପି- ଶତୃଘ୍ନ କୁମରା, ବା- ନିଜଗାଁ | ଗଣ୍ଡ |
| ୨୦ | ୧୮୯ | ୯୪୭<br>୯୫୭<br>୯୫୮<br>୯୫୯<br>୯୬୦<br>୯୭୭/୩୩୦୮<br>୯୯୩<br>୯୯୬<br>୯୯୮<br>୧୦୦୯<br>୧୦୧୦<br>୧୦୧୨<br>୧୦୧୮<br>୧୦୨୪<br>୧୦୨୮<br>୧୦୪୨ | ୦.୧୧୦୦<br>୦.୧୩୦୦<br>୦.୧୦୦୦<br>୦.୦୯୦୦<br>୦.୦୫୦୦<br>୦.୧୧୦୦<br>୦.୪୦୦୦<br>୦.୩୩୦୦<br>୦.୦୭୦୦<br>୦.୧୩୦୦<br>୧.୮୫୦୦<br>୦.୧୬୦୦<br>୦.୩୯୦୦<br>୦.୫୦୦୦<br>୦.୧୨୦୦<br>୦.୩୧୦୦ | ୦.୧୧୦୦<br>୦.୧୩୦୦<br>୦.୧୦୦୦<br>୦.୦୯୦୦<br>୦.୦୫୦୦<br>୦.୧୧୦୦<br>୦.୪୦୦୦<br>୦.୩୩୦୦<br>୦.୦୭୦୦<br>୦.୧୩୦୦<br>୧.୮୫୦୦<br>୦.୧୬୦୦<br>୦.୩୯୦୦<br>୦.୫୦୦୦<br>୦.୧୨୦୦<br>୦.୩୧୦୦ | ବାରି ସା<br>ବେ ସା<br>ମା ସା<br>ଆ ସା<br>ରାସ୍ତା<br>ଘରବାରି<br>ବାହାଲ ସା<br>ବାହାଲ ସା<br>ବାହାଲ ସା<br>ମା ସା<br>ଆ ସା<br>ବାହାଲ ସା<br>ଆ ସା<br>ଆ ସା<br>ମା ସା/୨<br>ବେ ସା | ଦୁଃଖି କିସାନ, ପି- ଟିକୁନୁ ପିଙ୍ଗ, ବା-ଆମଧରହ, ଥା-ବ୍ରଜରାଜନଗର, ବଂଶୀଧର ପିଙ୍ଗ, ଅମର ପିଙ୍ଗ, ନିରାକାର ପିଙ୍ଗ, ସୁପାରି କିସାନ, ପି- ସୁନା ଓରଫ ମୁନା ପିଙ୍ଗ, ବା-ମସନୀ, ପୋ-କଳାମେଘା, ଥା- ହେମଗିରି, ଜି-ସୁନ୍ଦରଗଡ, ଦିଲିପ ପିଙ୍ଗ, ପଙ୍କଜିନି କିସାନ, ପି- ଟିକୁନୁ ପିଙ୍ଗ, ବା-ରେଙ୍ଗାଲି, ଥା-ବନହରପାଲି | କିସାନ |
| ୨୧ | ୧୯୩ | ୯୦୧ (ରୁ)<br>୯୧୧<br>୯୩୬<br>୯୩୭<br><br><br>୯୩୮<br>୯୩୯<br>୯୪୦<br>୯୪୦/୫୦୪୨ | ୨.୦୨୦୦<br>୦.୯୫୦୦<br>୦.୧୯୦୦<br>୦.୬୯୦୦<br><br><br>୦.୪୦୦୦<br>୦.୨୮୦୦<br>୦.୭୫୦୦<br>୦.୦୫୦୦ | ୦.୬୨୦୦<br>୦.୯୫୦୦<br>୦.୧୯୦୦<br>୦.୬୯୦୦<br><br><br>୦.୪୦୦୦<br>୦.୨୮୦୦<br>୦.୭୫୦୦<br>୦.୦୫୦୦ | ବାହାଲ ସା<br>ବାହାଲ ସା<br>ଟାଲ<br>ବେ ସା<br><br><br>ବାହାଲ ସା/୭<br>ବାହାଲ ସା<br>ଆ ସା<br>ଘରବାରି | ସୁନିଲ କୁମାର ହାଉ, ସଲିମ ହାଉ, ସତମତି ହାଉ, ସୁମତି ସୁରେନ, ପି- ପିତର ହାଉ, ଆନନ୍ଦିନି ହାଉ, ପି- ମାଥଥିୟ ହାଉ, ସୁଧ ହାଉ, ସ୍ୱା- ମାଥଥିୟ ହାଉ, ସେତ ହାଉ, ଶେମ ହାଉ, ମାଶିପ୍ରକାଶ ହାଉ, ପି- ନିର୍ଦ୍ଦେଶ ହାଉ, ସୁବାଷିନୀ ହାଉ, ସ୍ୱା-ନିର୍ଦ୍ଦେଶ ହାଉ, ଶିଅନ ହାଉ, ପି-ପ୍ରଶାନ୍ତ ହାଉ, ତରଞ୍ଜନୀ ହାଉ, ସା- ପ୍ରଶନ୍ତ ହାଉ, ହାବିଲ ହାଉ, ହାଜିରା ହାଉ, ପି- ଶୁଶୀଲ ହାଉ, କୋତିମନୀ ହାଉ ସ୍ୱା- ଶୁଶୀଲ ହାଉ ଶୁଭ ହାଉ ସ୍ୱା- ପିତର ହାଉ, ଯଶିୟ ହାଉ, ସିଦ୍ଧାନ୍ତ ହାଉ, ନୀତା ହାଉ ପି- ନିରଞ୍ଜନ ହାଉ, ତ୍ରିବିକ୍ଷୟ ହାଉ, ହିଲାନ ହାଉ ପି- ନିରାଲ ହାଉ, ୟେଶେଫ ହାଉ ପି- ତିମାଥି ହାଉ, ମାର୍ଥା ପିଙ୍ଗ୍, ଦର୍ଶନୀ ପିଙ୍ଗ, ଯିନି ପିଙ୍ଗ ପି- ନବୀନ ହାଉ, ନିରଞ୍ଜନୀ ହାଉ ସ୍ୱା- ଆସିଆନୀ ହାଉ ପି- ବନ ହାଉ, ମହେଶ୍ୱର ହାଉ ପି- ବାର୍ଣ୍ଣମା ହାଉ ବା- ନିଜଗାଁ | ମୁଣ୍ଡା ଖ୍ରୀଷ୍ଟିଆନ |
| ୨୨ | ୨୦୫ | ୭୪୧(ରୁ) | ୦.୩୪୦୦ | ୦.୨୦୦୦ | ବାରି | ନରେନ୍ଦ୍ର ମରେଇ, ରମେଶ ମରେଇ, ଆକାଶ ମରେଇ, ସୁରେନ୍ଦ୍ରି ସିଦର, ନଳିନୀ ଧୁରୁଆ ପି- ସର୍ବେ ଧୁରୁଆ, ରିଙ୍କୁ ମରେଇ, ପିଙ୍କି ମରେଇ ପି- ଦୁଶାସନ ମରେଇ, କାମିନୀ ମରେଇ ପି- ଡୋଳାମଣି ମରେଇ ବା- ନିଜଗାଁ ଚନ୍ଦନ ଭୋଇ, ସ୍ୱା- ସଂକୀର୍ତ୍ତନ ଭୋଇ ବା- ଘିନୀବାଲ ଥା- ହେମଗିରି ଜି- ସୁନ୍ଦରଗଡ଼, ସୁପାନ ମାଝୀ ପି- ବନମାଳି ମାଝୀ ବା- ନିଜଗାଁ | ଗଣ୍ଡ |
| ୨୩ | ୨୪୬ | ୧୧୦୨ | ୦.୩୮୦୦ | ୦.୩୮୦୦ | ମା ସା | ଲୋଥାନ ତପନ ପି- ମଙ୍ଗଳ ମୁଣ୍ଡା, ଏସାର ବାରୁ ପି- ସାମସନ ବାରୁ, ମହିମା ରାହିଲ ତପନ ପି- ଗାବରେଇ ତପନ, ପ୍ରଭା ଆଇନ୍ଦ ପି- ମଙ୍ଗଳ ମୁଣ୍ଡା, ଜିରେନ ବାରିକ ପି- ହୁସିଆ ଟୁପୁନ, ପ୍ରମିଳା ବାରୁ ପି- ସାମସନ ବାରୁ, ଏମଲେନ ତପନ ସ୍ୱା- ଗାବରେଇ ତପନ, ସୀମା ତପନ, ସଞ୍ଜିତା ତପନ ପି- ଗାବରେଲ ତପନ ବା- ନିଜଗାଁ | ମୁଣ୍ଡା ଖ୍ରୀଷ୍ଟିଆନ |
| ୨୪ | ୨୪୭ | ୧୦୮୭<br>୧୧୦୫<br>୧୧୦୮(ରୁ) | ୧.୦୯୦୦<br>୦.୯୪୦୦<br>୨.୨୯୦୦ | ୧.୦୯୦୦<br>୦.୯୪୦୦<br>୧.୭୦୦୦ | ଆ ସା<br>ମା ସା/୮<br>ଆ ସା | ଲୋଥନ ତପନ, ପ୍ରଭା ତପନ ପି- ମଙ୍ଗଳ ମୁଣ୍ଡା, ଏମଲେନ ତପନ ସ୍ୱା- ଗ୍ରାବିଏଲ ତପନ, ସୀମା ତପନ, ସଞ୍ଜିତା ତପନ, ମହିମା ରହିଲ ତପନ ପି- ଗ୍ରାବିଏଲ ତପନ, ଜିରେନ ବାରିକ ପି- ପେଟ୍ରା ବାରିକ, ପ୍ରମିଳା ମୁଣ୍ଡା, ଏସାବ ମୁଣ୍ଡା ପି- ଜୋହନ ମୁଣ୍ଡା ବା- ନିଜଗାଁ (ଖ୍ରୀଷ୍ଟିଆନ ପଡ଼ା) | ମୁଣ୍ଡା ଖ୍ରୀଷ୍ଟିଆନ |
| ୨୫ | ୨୫୬ | ୯୪୪<br>୯୭୨<br>୯୮୩<br>୯୮୫<br>୯୯୪<br>୧୦୦୦/୩୨୫୦<br>୧୦୨୩ | ୦.୯୫୦୦<br>୦.୨୪୦୦<br>୦.୨୧୦୦<br>୦.୧୧୦୦<br>୦.୪୬୦୦<br>୦.୦୮୦୦<br>୦.୨୦୦୦ | ୦.୯୫୦୦<br>୦.୨୪୦୦<br>୦.୨୧୦୦<br>୦.୧୧୦୦<br>୦.୪୬୦୦<br>୦.୦୮୦୦<br>୦.୨୦୦୦ | ମାହାଲ ସା/୮<br>ମା ସା/୮<br>ରାସ୍ତା<br>ବାହାଲ ସା/୪<br>ବାହାଲ ସା<br>ବାହାଲ ସା<br>ଆ ସା | ଧର୍ମୁ କିସାନ ପି- ମନ କିସାନ ବା- ନିଜଗାଁ, ଦୁଃଖ କିସାନ ପି- ଟିକୁନୁ କିସାନ ବା- ଆମଧରହ, ଚନ୍ଦ୍ରଶେଖର ପିଙ୍ଗ, ଫକୀର ପିଙ୍ଗ, ଦୁଖୁ ପିଙ୍ଗ, ବିଜଳି ମାଝୀ ପି- ଇଶ୍ୱର କିସାନ ବା- ମସନିଆ, ସୁନ୍ଦରଗଡ଼, ଉର୍ମିଳା କିସାନ, ପି- ଈଶ୍ୱର କିସାନ ବା- ଝାରସୁଗୁଡ଼ା, ବଂଶୀଧର ପିଙ୍ଗ, ଅମର ପିଙ୍ଗ, ନିରାକାର ପିଙ୍ଗ, ସୁପାରି କିସାନ ପି- ସୁନା କିସାନ ବା- ନିଜଗାଁ, ଦିଲିପ ପିଙ୍ଗ, ପଙ୍କଜିନି ପିଙ୍ଗ ପି- ଟିକୁନୁ କିସାନ ବା- ରେଙ୍ଗାଲି ଥା- ବନହରପାଲି | କିସାନ |
| ୨୬ | ୨୯୯ | ୯୪୧<br>୯୪୨<br>୯୫୨<br>୯୫୪<br>୯୫୫<br>୯୫୬<br>୯୬୧<br>୯୬୩<br>୯୬୪<br>୯୭୫<br>୯୮୧<br>୯୮୨<br>୯୮୪<br>୯୮୭<br>୯୮୮<br>୯୮୯<br>୯୫୫<br>୧୦୦୦<br>୧୦୦୭<br>୧୦୧୯<br>୧୦୨୦<br>୧୦୨୧<br>୧୦୨୨<br>୧୦୨୫<br>୧୦୨୬<br>୧୦୩୬<br>୧୦୩୮<br>୧୦୩୯<br>୧୦୪୦ | ୦.୭୫୦୦<br>୦.୩୦୦୦<br>୦.୪୫୦୦<br>୦.୩୭୦୦<br>୦.୭୫୦୦<br>୦.୦୯୦୦<br>୦.୦୫୦୦<br>୦.୩୫୦୦<br>୦.୧୧୦୦<br>୦.୪୪୦୦<br>୦.୧୮୦୦<br>୦.୧୬୦୦<br>୦.୦୫୦୦<br>୧.୦୧୦୦<br>୦.୩୪୦୦<br>୦.୨୮୦୦<br>୦.୪୭୦୦<br>୦.୧୮୦୦<br>୦.୪୬୦୦<br>୦.୪୧୦୦<br>୦.୧୪୦୦<br>୧.୭୮୦୦<br>୦.୬୭୦୦<br>୨.୦୦୦୦<br>୦.୮୯୦୦<br>୦.୨୩୦୦<br>୦.୦୬୦୦<br>୦.୦୮୦୦<br>୦.୧୨୦୦ | ୦.୭୫୦୦<br>୦.୩୦୦୦<br>୦.୪୫୦୦<br>୦.୩୭୦୦<br>୦.୭୫୦୦<br>୦.୦୯୦୦<br>୦.୦୫୦୦<br>୦.୩୫୦୦<br>୦.୧୧୦୦<br>୦.୪୪୦୦<br>୦.୧୮୦୦<br>୦.୧୬୦୦<br>୦.୦୫୦୦<br>୧.୦୧୦୦<br>୦.୩୪୦୦<br>୦.୨୮୦୦<br>୦.୪୭୦୦<br>୦.୧୮୦୦<br>୦.୪୬୦୦<br>୦.୪୧୦୦<br>୦.୧୪୦୦<br>୧.୭୮୦୦<br>୦.୬୭୦୦<br>୨.୦୦୦୦<br>୦.୮୯୦୦<br>୦.୨୩୦୦<br>୦.୦୬୦୦<br>୦.୦୮୦୦<br>୦.୧୨୦୦ | ବାହାଲ ସା/୩<br>ବେ ସା/୫<br>ମାସା/୩<br>ଘରବାରି<br>ଆ ସା<br>ମା ସା<br>ରାସ୍ତା<br>ବାରି ଖା<br>ବେସା/୩<br>ବେ ସା<br>ଆ ସା<br>ଘରବାରି<br>ମା ସା<br>ମାସା/୯<br>ରାସ୍ତା<br>ମା ସା/୧୫<br>ବାହାଲ ସା/୫<br>ବାହାଲ ସା<br>ଆ ସା<br>ଆ ସା<br>ବାହାଲ ସା<br>ବାହାଲ ସା<br>ଆସା<br>ଆ ସା<br>ଆସା<br>ବାହାଲ ସା<br>ବାହାଲ ସା<br>ବାହାଲ ସା/୨<br>ବେ ସା/୩ | ଉଷା ପିଙ୍ଗ ସ୍ୱା- ରଥ କିସାନ ଓରଫ ପିଙ୍ଗ, ସିଦ୍ଧାର୍ଥ ସାଗର ପିଙ୍ଗ ପି- କ୍ଷୀର କିସାନ ଓରଫ ପିଙ୍ଗ, ରତନି କିସାନ ସ୍ୱା- ଚମରୁ କିସାନ ବା- ନିଜଗାଁ, ଉଲାସ କିସାନ ପି- ଲଦ୍ର କିସାନ ବା- ମଧୁବନନଗର ଥା-ବ୍ରଜରାଜନଗର, ଫଗୁନି କିସାନ ପି-ଲଦ୍ର କିସାନ ବା- ରେଙ୍ଗାଲି ବନହରପାଲି, ମନ୍ଦାର କିସାନ ପି- ଲଦ୍ର କିସାନ, ବା- ଜୟବୁଡ଼ିଆ, କମଲ ପିଙ୍ଗ, ପଦ୍ମାବତୀ କିସାନ, କଲ୍ୟାଣୀ କିସାନ ପି- ପୂର୍ଣ୍ଣଚନ୍ଦ୍ର ପିଙ୍ଗ, ସୁବାସିନୀ ପିଙ୍ଗ, ସ୍ୱା- ପୂର୍ଣ୍ଣଚନ୍ଦ୍ର ପିଙ୍ଗ ବା- କୁଡ଼ାଲୋଇ, ଅମୃତ ପିଙ୍ଗ ପି- ମଙ୍ଗଲୁ କିସାନ ବା-ପୁଡ଼ିଡିହି, ପୋ- ଭାଲୁପତ୍ରା, ଥା- ଲୋଇକେରା, ସାବିତ୍ରି କିସାନ ସ୍ୱା- ଅଭିରାମ କିସାନ, ସଞ୍ଜୟ କିସାନ ପି- ଅଭିରାମ କିସାନ ବା- ନିଜଗାଁ, ବୀଣାପାଣି କିସାନ ପି- ଅଭିରାମ କିସାନ ବା- ଜୟବୁଡ଼ିଆ, ରବିନା କିସାନ ପି- ଅଭିରାମ କିସାନ ବା- କଦମଡିହି, କୈଳାସ କିସାନ ପି- ରଥୀ କିସାନ ଓରଫ ପିଙ୍ଗ, ଉରକୁଳୀ ପିଙ୍ଗ ସ୍ୱା- ମନସି କିସାନ ଓରଫ ପିଙ୍ଗ, ଉଜାଗର କିସାନ, ଯଦୁମଣି ପିଙ୍ଗ ହୀରାଲାଲ କିସାନ, ଗଣେଶ କିସାନ, ସୁଶୀଳା ପିଙ୍ଗ ପି- ମନସି କିସାନ ଓରଫ ପିଙ୍ଗ, ବା- ଜୟବୁଡ଼ିଆ, କୁନ୍ତଳା କିସାନ ପି- ମନସି କିସାନ ଓରଫ ପିଙ୍ଗ ବା- ଟାଙ୍ଗରପାଲି,ରଘୁନାଥପାଲି, ଥା- କୋଲାବିରା, ଦେବକୀ ପିଙ୍ଗ ପି- ଶତ୍ରୁଘ୍ନ ପିଙ୍ଗ ବା- ଧଉଁରାଅଡ଼ା, ଥା- ଭସ୍ମା, ଜି- ସୁନ୍ଦରଗଡ଼, ନାରାୟଣ କିସାନ ପି- ଇନ୍ଦ୍ର କିସାନ ବା- ଜୟବୁଡ଼ିଆ, ସିରିଆ କିସାନ ପି- ଇନ୍ଦ୍ର କିସାନ ବା- ଠେବ୍ରା, ଥା- ଲଖନପୁର, ବିପ୍ର ପିଙ୍ଗ, ମଧୁସୂଦନ ପିଙ୍ଗ, ସୀତା କିସାନ ପି- ସୁନ୍ଦର କିସାନ ଓରଫ ପିଙ୍ଗ ବା- ଜୟବୁଡ଼ିଆ, କୁମଦିନି ମାଝୀ ପି- ସୁନ୍ଦର କିସାନ ଓରଫ ପିଙ୍ଗ ବା- ଟଙ୍ଗରଗଡ଼ା, ବାଘଡିହି, ସବିତା କିସାନ ପି- ସୁନ୍ଦର କିସାନ ଓରଫ ପିଙ୍ଗ ବା- ଗୌରବାହାଲି, ପୋ- ତମନାର, ଜି- ରାୟଗଡ଼, ରା- ଛତିଶଗଡ଼, ସରୋଜ ପିଙ୍ଗ, ବରୁଣ ପିଙ୍ଗ ପି- ନୀଳ କିସାନ ଓରଫ ପିଙ୍ଗ, ଦୁବରାଜ କିସାନ ପି- ସୁଦର୍ଶନ କିସାନ, ଉରକୁଳି କିସାନ ସ୍ୱା- ମହେଶ୍ୱର କିସାନ ବା- ନିଜଗାଁ, ନନ୍ଦଲାଲ ପିଙ୍ଗ, ଲଳିତା ପ୍ରଧାନ ପି- ନୀଳ କିସାନ ଓରଫ ପିଙ୍ଗ ବା- ଜୟବୁଡ଼ିଆ, ପଙ୍କଜିନି କିସାନ ପି- ନୀଳ କିସାନ ଓରଫ ପିଙ୍ଗ ବା- ବାଘବାହାଲ, ପୋ- ତିଲିଆ, ଥା- ବନହରପାଲି, ଉକିଆ କିସାନ ପି- କୁଛା କିସାନ ବା- ଗରୁପାଲି, ବୋମଲୋଇ, ଜି- ସମ୍ବଲପୁର, ନାଥ କିସାନ, ଧନେଶ୍ୱର କିସାନ, ମୁକ୍ତେଶ୍ୱର କିସାନ ପି- ସୁଦର୍ଶନ କିସାନ, ଟୁନା କିସାନ ପି- ପୂର୍ଣ୍ଣ କିସାନ, ବା- ଜୟବୁଡ଼ିଆ, ରୀନା କିସାନ ପି- ପୂର୍ଣ୍ଣ କିସାନ ବା- ରୁଗିଡିଟିକର, ଥା- ଅତାବିରା, ଜି- ବରଗଡ଼, ମୀନା କିସାନ ପି- ପୂର୍ଣ୍ଣ କିସାନ, ବା- ଘୁଙ୍ଗିପଲ୍ଲି, ଥା- ବଡ଼ମାଳ, ଜି- ଝାରଗୁଗୁଡ଼ା, ସାବିତ୍ରୀ ମିର୍ଦ୍ଧା ସ୍ୱା- କ୍ଷୀର କିସାନ ବା- ନିଜଗାଁ, ଭକ୍ତ କିସାନ, ବୃନ୍ଦାବତୀ ବାଘ ପି- ମହେଶ୍ୱର କିସାନ ବା- ପରମାଣପୁର, କୋଲାବିରା, ତୁଳସା ମିର୍ଦ୍ଧା ପି- ମହେଶ୍ୱର କିସାନ ବା- ଜହରବାହାଲି, ପାହାଡ଼ସିରଗିଡ଼ା, ଥା- ଅତାବିରା, ଜି- ବରଗଡ଼, ମିଥିଳା କିସାନ କିସାନ ପି- ମହେଶ୍ୱର କିସାନ ବା- କପିଳାସ, ବୋମଲୋଇ, ଜି- ସମ୍ବଲପୁର, ଯଶୋଦା ମିର୍ଦ୍ଧା ପି- ମହେଶ୍ୱର କିସାନ ବା- ଟୋପେ, ଥା- ଅତାବିରା, ଜି- ବରଗଡ଼ | କିସନ |
| ୨୭ | ୩୧୯ | ୭୪୪<br>୮୯୪(ରୁ)<br>୯୦୬ | ୦.୦୮୦୦<br>୦.୧୬୦୦<br>୦.୧୪୦୦ | ୦.୦୮୦୦<br>୦.୦୨୦୦<br>୦.୧୪୦୦ | ଆଟ ଖାରି<br>ମା ସା<br>ଘରବାରି | ସୁରେନ୍ଦ୍ର କୁମାର ମାଝୀ ପି- ଶ୍ୟାମସୁନ୍ଦର ମାଝୀ, ବା- ନିଜଗାଁ ପଡ଼ା- ଜୟବୁଡ଼ିଆ | ଗଣ୍ଡ |
| ୨୮ | ୩୨୮ | ୭୧୮<br>୭୬୭(ରୁ)<br>୭୨୯(ରୁ) | ୦.୯୬୦୦<br>୦.୩୧୦୦<br>୦.୩୩୦୦ | ୦.୯୬୦୦<br>୦.୧୫୦୦<br>୦.୧୭୦୦ | ଆ ସା<br>ବାରି ଖାରି<br>ଆ ସା/୨ | ଭଗବତୀ ଭୋଇ ପି- ବାସୁଦେବ ଭୋଇ, ଦୀପାଞ୍ଜଳି ମାଝୀ ପି- ମଣି ଭୋଇ, ସୁରେଖା ପ୍ରଧାନ ପି- ଅଗରନାଥ ଭୋଇ, ହେମସାଗର ଭୋଇ କମଳା ବଏଗା ପି- ବାସୁଦେବ ଭୋଇ, ସୁଶୀଳା ଭୁଏ ସ୍ୱା- ମଣି ଭୋଇ, ସବିତା ମାଝୀ, ପ୍ରେମାନନ୍ଦ ଭୋଇ ପି- ମଣି ଭୋଇ, ଦୟାଧର ଭୋଇ, ପ୍ରତିମୋହନ ଭୋଇ ପି- ଶୁକଦେବ ଭୋଇ, ଗୋମତି ଭୋଇ ସ୍ୱା- ଅଗରନାତ ଭୋଇ, ରୀତା କାଲୋ, ଦନୟା ନାଏକ ପି- ଅଗରନାଥ ଭୋଇ ବା- ବଳଭଦ୍ର ଭୋଇ ପି- ସନ୍ନ୍ୟାସୀ ଭୋଇ ବା- ନିଜଗାଁ | ଗଣ୍ଡ |
| ୨୯ | ୩୨୯ | ୯୯୦<br>୯୯୧<br>୯୯୨<br>୧୦୧୫/୩୩୦୭ | ୦.୧୫୦୦<br>୦.୪୬୦୦<br>୦.୩୨୦୦<br>୦.୦୮୦୦ | ୦.୧୫୦୦<br>୦.୪୬୦୦<br>୦.୩୨୦୦<br>୦.୦୮୦୦ | ବାହାଲ ସା<br>ବାହାଲ ସା<br>ବାହାଲ ସା<br>ବାହାଲ ସା | ପଞ୍ଚାନନ ମାଝୀ, ଗୁଲାବତୀ ନେଟି, ଦୁରାବତୀ ନେଟି, ଦ୍ରୌପଦୀ ନେଟି, ସରସ୍ୱତୀ ମାଝୀ, ପଞ୍ଚମୀ ମାଝୀ, ସବିତା ମାଝୀ ପି- ଶୁକମୁନି ମାଝୀ, ସଞ୍ଜୟ ମାଝୀ, ଲକ୍ଷପତି ମାଝୀ, କିଶୋରୀ ଭୋଇ, ଜୟନ୍ତୀ ମାଝୀ, ପି- ଧର୍ମୁ ମାଝୀ, ନୀଳାବତୀ ମାଝୀ ସ୍ୱା- ଧର୍ମୁ ମାଝୀ ବା- କୁଡ଼ାଲୋଇ | ଗଣ୍ଡ |
| ୩୦ | ୩୩୬ | ୯୭୭ | ୦.୧୮୦୦ | ୦.୧୮୦୦ | ବାରି ସା | ବଂଶୀଧର ପିଙ୍ଗ, ଅମର ପିଙ୍ଗ, ନିରାକାର ପିଙ୍ଗ ସୁପାରି କିସାନ ପି- ସୁନା କିସାନ ବା- ନିଜଗାଁ | କିସାନ |
| ୩୧ | ୩୫୧/୩ | ୯୪୮<br>୯୫୦<br>୯୬୫<br>୯୭୬<br>୯୭୬/୩୨୫୩ | ୦.୦୭୦୦<br>୦.୧୪୦୦<br>୦.୨୦୦୦<br>୦.୨୮୦୦<br>୦.୦୫୦୦ | ୦.୦୭୦୦<br>୦.୧୪୦୦<br>୦.୨୦୦୦<br>୦.୨୮୦୦<br>୦.୦୫୦୦ | ବାରି ଖା<br>ମା ଖା<br>ବେ ସା<br>ବେ ସା<br>ବେସା | କୁବେର ବିଶ୍ୱାଳ ପୋଷ୍ୟ ପି- ଛାଇ ବିଶ୍ୱାଳ ବା- ନିଜଗାଁ | କୁଲତା |
| ୩୨ | ୩୫୦/୬୮ | ୧୦୨୧/୩୬୦୨ | ୦.୬୦୦୦ | ୦.୬୦୦୦ | ବାହାଲ ସା | ଦୁବ କିସାନ ପି- ସୁଦର୍ଶନ କିସାନ ବା- ଜୟବୁଡ଼ିଆ | କିସାନ |
| ୩୩ | ୩୫୦/୬୯ | ୯୪୧/୩୬୦୩<br>୯୫୫/୩୬୦୪<br>୯୫୫/୪୯୫୯ | ୦.୨୬୦୦<br>୦.୦୭୦୦<br>୦.୨୦୦୦ | ୦.୨୬୦୦<br>୦.୦୭୦୦<br>୦.୨୦୦୦ | ବାହାଲ ସା<br>ଘରବାରି<br>ଘରବାରି | ଧନେଶ୍ୱର କିସାନ ପି- ସୁଦର୍ଶନ କିସାନ କୁଡ଼ାଲୋଇ (ଜୟବୁଡ଼ିଆ) | କିସାନ |
| ୩୪ | ୩୫୦/୭୦ | ୯୮୭/୩୬୦୫<br>୯୯୫/୩୬୦୬ | ୦.୧୮୦୦<br>୦.୦୮୦୦ | ୦.୧୮୦୦<br>୦.୦୮୦୦ | ଘରବାରି<br>ଘରବାରି | ମୁକ୍ତେଶ୍ୱର କିସାନ ପି- ସୁଦର୍ଶନ କିସାନ ବା- ଜୟବୁଡ଼ିଆ | କିସାନ |
| ୩୫ | ୩୫୦/୭୧ | ୧୦୧୯/୩୬୦୮<br>୧୦୪୦/୩୬୦୯<br>୯୪୨/୩୬୦୭ | ୦.୦୯୦୦<br>୦.୧୨୦୦<br>୦.୧୦୦୦ | ୦.୦୯୦୦<br>୦.୧୨୦୦<br>୦.୧୦୦୦ | ଆ ସା<br>ବେ ସା<br>ବେ ସା | ନାଥ କିସାନ ପି- ସୁଦର୍ଶନ କିସାନ ବା- କୁଡ଼ାଲୋଇ, ଜୟବୁଡ଼ିଆ | କିସାନ |
| ୩୬ | ୩୫୦/୨୮୪ | ୧୦୨୧/୩୮୧୯<br>୧୦୩୮/୩୮୨୦ | ୦.୨୪୦୦<br>୦.୨୨୦୦ | ୦.୨୪୦୦<br>୦.୨୨୦୦ | ବାହାଲ ସା<br>ବାହାଲ ସା | ନାଥ କିସାନ ପି- ମଧୁସୁଦନ କିସାନ ବା-କୁଡ଼ାଲୋଇ | କିସାନ |
| ୩୭ | ୩୫୦/୩୧୦(ଏ) | ୭୭୪ (ରୁ)<br>୮୯୧(ରୁ) | ୦.୦୭୦୦<br>୦.୩୫୦୦ | ୦.୦୨୦୦<br>୦.୨୪୦୦ | ବାରିଖାରି<br>ମା ସା | ମୁରଲିଧର ମାଝୀ ପି- ଇନ୍ଦ୍ରମଣି ମାଝୀ ବା- ନିଜଗାଁ | ଗଣ୍ଡ |
| ୩୮ | ୩୫୦/୩୯୦ | ୧୨୯୪(ରୁ)<br>୧୨୯୪/୩୯୬୩(ରୁ) | ୧.୨୫୦୦<br>୧.୧୦୦୦ | ୦.୦୩୦୦<br>୦.୦୪୦୦ | ମା ସା-୯<br>ମା ସା | କରିନା ବିବି ସ୍ୱା- ହିଦାୟତ ଖାଁ, ଅଜମତ ଖାଁ, ଅଫଜାଲ ଖାଁ, ଅସରଫ ଖାଁ, ଅକରମ ଖାଁ ବା- ନିଜଗାଁ, ଅମିନା ବେଗମ ବା- ମଣ୍ଡଳିଆ ଥା- ବ୍ରଜରାଜନଗର, ସଫିନା ଅଲ୍ଲୀ ପି- ହିଦାୟତ ଖାନ୍ ବା- ଦାନୀପୁର ଥା/ଜି- ରାୟଗଡ଼ା (ଛତିଶଗଡ଼) | ମୁସଲମାନ |
| ୩୯ | ୩୫୦/୪୦୫ | ୩୨୯୫ | ୦.୨୨୦୦ | ୦.୨୨୦୦ | ମା ସା | ନୁରବିଦ୍ୟା ଟୁଟି, ନଳିନି ଭେଙ୍ଗରା, ସରିତା ବାରୁ ପି- ହଲାନ ତପ୍ନୋ | ମୁଣ୍ଡା |

| | | | | | | | |
|---|---|---|---|---|---|---|---|
| | | | | | | ସରୋଜିନୀ ବାର୍ଲା, ମୋନାଲିସା ତପ୍ପୋ ପି- ବିଜୟ ତପ୍ପୋ, ସୁନିତା କାଣ୍ଡୁଲାନା ପି- ନିକୁଦିନ ପାଣ୍ଡୁଲାନା, ଅନିସ ଟାପ୍ରୋ ପି- ହଲାନ ମୁଣ୍ଡା ବା- ନିଜଗାଁ | |
| ୪୦ | ୩୫୦/୪୧୧ | ୧୯୦୩/୪୦୦୬<br>୧୯୦୩/୪୦୦୭ | ୦.୪୦୦୦<br>୦.୨୦୦୦ | ୦.୪୦୦୦<br>୦.୨୦୦୦ | ଆ ସା<br>ଆ ସା | ବିହାରୀ ବୈଗା ପି- ମହେଶ୍ୱର ବୈଗା ବା- ନିଜଗାଁ | ଗଣ୍ଡ |
| ୪୧ | ୩୫୦/୪୧୨ | ୧୯୦୩/୪୦୦୯ | ୦.୨୦୦୦ | ୦.୨୦୦୦ | ଆ ସା | କ୍ଷୀରୋଦ ବଏଗା, ବେଦମତି କୁମୁରା, ପ୍ରେମ ଭୋଇ, ବିଳାସିନୀ ଧୁରୁଆ, ନନ୍ଦିନୀ କୁମୁରା, ସୌଦାମିନୀ କୁମୁରା ପି- ଭଗତରାମ ବଏଗା ବା- ନିଜଗାଁ | ଗଣ୍ଡ |
| ୪୨ | ୩୫୦/୪୧୮ | ୧୯୦୩/୪୦୨୨<br>୩୨୯୪ | ୦.୫୫୦୦<br>୦.୨୬୦୦ | ୦.୫୫୦୦<br>୦.୨୬୦୦ | ଆ ସା<br>ମା ସା | ବେଣୁଧର କଟା ପି- ଉଦେକର କଟା ବା- ନିଜଗାଁ | ଗଣ୍ଡା |
| ୪୩ | ୩୫୦/୪୨୪ | ୧୯୧୪/୪୦୩୩ | ୧.୦୦୦୦ | ୧.୦୦୦୦ | ଆ ସା | ଗୁଣବତୀ ବାଗ ସ୍ୱା- ଗଜ ବାଗ, ଦଶରଥ ବାଗ, ନବରଥ ବାଗ ପି- ଗଜ ବାଗ ବା- ନିଜଗାଁ ରଜନି ଗର୍ଡିଆ ପି- ଗଜ ବାଗ ବା- ସିଂହାରପୁର, ପ୍ରଭାସିନି ଛୁରିଆ ପି- ଗଜ ବାଗ ବା- ବରକାନିପାଲି | ଗଣ୍ଡ |
| ୪୪ | ୩୫୦/୪୩୫ | ୧୯୧୪/୪୦୬୫ | ୦.୩୫୦୦ | ୦.୩୫୦୦ | ଆସା | ବିରଞ୍ଚି କଟା, ଶ୍ରୀକର କଟା, କରୁଣାକର କଟା ପି- ଅବଧୂତ କଟା, ରେବତୀ କଟା ସ୍ୱା- କଳାକାହ୍ନୁ କଟା ବା- ନିଜଗାଁ | ଗଣ୍ଡ |
| ୪୫ | ୩୫୦/୪୩୬ | ୧୯୧୪/୪୦୬୬ | ୧.୦୦୦୦ | ୧.୦୦୦୦ | ଆ ସା | ମାଣ୍ଡଲୀ ଗଣ୍ଡା ସ୍ୱା- ବିଦୁ ଗଣ୍ଡା, ନେପାଳ ଗଣ୍ଡା, ଗୋପାଳ ଗଣ୍ଡା ବିରଞ୍ଚି ଗଣ୍ଡା, ଭୀକାରି ଗଣ୍ଡା ପି- ବିଦୁ ଗଣ୍ଡା ଜା- ଗଣ୍ଡା ବା – ନିଜଗାଁ | ଗଣ୍ଡା |
| ୪୬ | ୩୫୦/୪୫୦ | ୯୪୨/୪୦୮୦<br>୯୬୪/୪୦୮୧<br>୯୮୭/୪୦୮୨ | ୦.୧୬୦୦<br>୦.୨୨୦୦<br>୦.୧୦୦୦ | ୦.୧୬୦୦<br>୦.୨୨୦୦<br>୦.୧୦୦୦ | ବେସା<br>ବେ ସା<br>ମା ସା | ଭଗବାନ ମରେଇ ପି- ଶ୍ୟାମସୁନ୍ଦର ମରେଇ ବା- ୟୁରାବଗା (କଦେଲମୁଣ୍ଡା) | ଗଣ୍ଡ |
| ୪୭ | ୩୫୦/୪୫୮ | ୧୯୧୪/୪୦୯୩ | ୦.୫୦୦୦ | ୦.୫୦୦୦ | ଆ ସା | ଲାଦୁ କଣ୍ଡା, ମାଧ କଣ୍ଡା ପି- କୁଟାନ କଣ୍ଡା ବା- ଛର୍ଲା | ଗଣ୍ଡା |
| ୪୮ | ୩୫୦/୪୬୩ | ୧୯୧୪/୪୦୯୮ | ୦.୩୦୦୦ | ୦.୩୦୦୦ | ଆ ସା | ଜପ ରଣା ସ୍ୱା- ମୁକ୍ତାରି ରଣା, ଚତୁର୍ଭୁଜ ରଣା, ମମତା ରଣା, ଶକୁନ୍ତଳା ରଣା, ପିଙ୍କି ରଣା ପି- ମୁକ୍ତାରି ରଣା ବା- ବାସୁପାଲି | କୁମ୍ଭାର |
| ୪୯ | ୩୫୦/୪୮୨ | ୭୩୧/୪୧୧୩<br>୭୩୨/୪୧୧୪<br>୭୩୩ | ୦.୧୩୦୦<br>୦.୦୨୦୦<br>୦.୦୯୦୦ | ୦.୧୩୦୦<br>୦.୦୨୦୦<br>୦.୦୯୦୦ | ଆ ସା<br>ବଗାୟତ ୨/୩<br>ଘରବାରି | ଧନେଶ୍ୱର ମାଝୀ ପି- ଗୋକୁଳ ମାଝୀ ବା- କୁଡ଼ାଲୋଇ | ଗଣ୍ଡ |
| ୫୦ | ୩୫୦/୪୮୩ | ୯୬୪/୪୧୧୫<br>୯୮୭/୪୧୧୬<br>୯୯୫/୪୧୧୭ | ୦.୧୧୦୦<br>୦.୧୦୦୦<br>୦.୨୧୦୦ | ୦.୧୧୦୦<br>୦.୧୦୦୦<br>୦.୨୧୦୦ | ଘରବାରି<br>ଘରବାରି<br>ଘରବାରି | ମୁକ୍ତେଶ୍ୱର କିସାନ ପି- ସୁଦର୍ଶନ କିସାନ ବା- ନିଜଗାଁ | କିସାନ |
| ୫୧ | ୩୫୦/୪୮୯ | ୧୧୨୭ (ରୁ)<br>୧୧୨୮ (ରୁ) | ୧.୬୮୦୦<br>୦.୩୫୦୦ | ୧.୦୫୦୦<br>୦.୧୦୦୦ | ଘରବାରି<br>ଘରବାରି | ସୁନିଲ କୁମାର ଅଗ୍ରୱାଲ, ପି- ଗୋପିଚାନ୍ଦ ଅଗ୍ରୱାଲ ବା-ବେଲପାହାଡ | ଅଗ୍ରୱାଲ |
| ୫୨ | ୩୫୦/୪୯୮ | ୧୨୯୮/୪୧୪୫ (ରୁ)<br>୧୩୦୧/୩୯୬୧ | ୦.୬୭୦୦<br>୦.୦୨୦୦ | ୦.୫୦୦<br>୦.୦୨୦୦ | ପତିତ<br>ବେ ସା | ଭବାନି ଶଙ୍କର ବାଗ, ପି- ନିରଞ୍ଜନ ବାଗ, ସନ୍ତୁଷ୍ଟା ବାଗ, ସ୍ୱା-ନିରଞ୍ଜନ ବାଗ, ବା- ନିଜଗାଁ | ତନ୍ତୀ |
| ୫୩ | ୩୫୦/୫୫୩ | ୭୩୧/୪୧୮୩<br>୭୩୪ | ୦.୧୦୦୦<br>୦.୦୬୦୦ | ୦.୧୦୦୦<br>୦୦୬୦୦ | ଆ ସା<br>ଘରବାରି | ନାରାୟଣ ମାଝୀ, ପି- କ୍ଷେତ୍ରାଜ ମାଝୀ, ବା-ଜୟବୁଡ଼ିଆ | ଗଣ୍ଡ |
| ୫୪ | ୩୫୦/୬୩୬ | ୯୪୨/୪୨୫୭<br>୯୮୭/୪୨୫୮ | ୦.୧୨୦୦<br>୦.୧୪୦୦ | ୦.୧୨୦୦<br>୦.୧୪୦୦ | ବେ ସା/୫<br>ମା ସା/୯ | ଭଗବାନ ମରେଇ, ପି- ଶ୍ୟାମସୁନ୍ଦର ମରେଇ, ବା-ୟୁରାବଗା | ଗଣ୍ଡ |
| ୫୫ | ୩୫୦/୬୩୮ | ୧୯୦୭ (ରୁ)<br>୧୯୦୮ (ରୁ)<br>୧୯୦୯ (ରୁ) | ୦.୩୫୦୦<br>୦.୯୮୦୦<br>୦.୮୦୦୦ | ୦.୦୦୨୦<br>୦.୦୪୦୦<br>୦.୨୦୦୦ | ଆ ସା<br>ମା ସା<br>ଆ ସା | କିରଣ ଅଗ୍ରୱାଲ, ସ୍ୱା-ଦିନେଶ କୁମାର ଅଗ୍ରୱାଲ ବା-ବେଲପାହାଡ | ବଣିଆ |
| ୫୬ | ୩୫୦/୬୩୯ | ୧୯୧୧<br>୧୯୧୩ | ୧.୦୮୦୦<br>୦.୧୫୦୦ | ୧.୦୮୦୦<br>୦.୧୫୦୦ | ଘରବାରି<br>ଘରବାରି | ଦିନେଶ କୁମାର ଅଗ୍ରୱାଲ, ପି- ମଦନଲାଲ ଅଗ୍ରୱାଲ ବା-ବେଲପାହାଡ | ବଣିଆ |
| ୫୭ | ୩୫୦/୬୪୦ | ୧୯୦୩/୩୯୬୭ | ୦.୧୦୦୦ | ୦.୧୦୦୦ | ବେ ସା | ମକରଧ୍ୱଜ ରୋହିଦାସ, ସତ୍ୟବାନ ରୋହିଦାସ, ଶକୁନ୍ତଳା ରୋହିଦାସ, ପି- ପରା ଓରଫ ରୋହି ଦାସ, ବା-କୁଡାଲୋଇ, ଥା-ଲଖନପୁର | ଚମାର |
| ୫୮ | ୩୫୦/୬୭୬ | ୭୩୧/୪୨୮୯<br>୭୩୧/୪୯୪୩ | ୦.୧୭୦୦<br>୦.୨୫୦୦ | ୦.୧୭୦୦<br>୦.୨୫୦୦ | ଆ ସା<br>ଘରବାରି | ଅଶୋକ କୁମାର ମାଝୀ, ପି- ହରି ଶଙ୍କର ମାଝୀ, ବା- ନିଜଗାଁ | ଗଣ୍ଡ |
| ୫୯ | ୩୫୦/୬୯୪ | ୧୦୧୨/୪୩୧୦ | ୦.୨୯୦୦ | ୦.୨୯୦୦ | ବାହାଲ ସା | ଭଗବାନ ମରେଇ, ପି- ଶ୍ୟାମସୁନ୍ଦର ମରେଇ, ବା-ବେଲପାହାର (ଗୁମାଡେରା) | ଗଣ୍ଡ |
| ୬୦ | ୩୫୦/୭୧୯ | ୧୧୨୫/୪୩୩୮<br>୧୧୨୬/୪୩୩୯ | ୧.୭୫୦୦<br>୦.୧୧୦୦ | ୦.୧୭୫୦୦<br>୦.୧୧୦୦ | ମା ପା/୨<br>ଆ ସା | ସୁବାଷ ଚନ୍ଦ୍ର ରୁଙ୍ଗୁଟା, ପି- ରତନଲାଲ୍ ରୁଙ୍ଗୁଟା, ବା- ବେଲପାହାଡ, ଥା- ବ୍ରଜରାଜନଗର | ବଣିଆ |
| ୬୧ | ୩୫୦/୮୧୯ | ୧୧୨୪/୪୪୨୧ (ରୁ) | ୦.୪୦୦୦ | ୦.୨୦୦୦ | ମା ପା/୨ | ସୁନଲ କୁମାର ଅଗ୍ରୱାଲ, ପି- ଗୋପିଚାନ୍ଦ ଅଗ୍ରୱାଲ ବା/ଥା- ବେଲପାହାଡ଼ | ବଣିଆ |
| ୬୨ | ୩୫୦/୯୫୪ | ୧୧୨୫<br>୧୧୨୬ | ୧.୧୩୦୦<br>୦.୭୩୦୦ | ୧.୧୩୦୦<br>୦.୭୩୦୦ | ମା ପା/୨<br>ଆ ସା | ସରିତା ରୁଙ୍ଗୁଟା, ସା-ସୁବାଷ ଚନ୍ଦ୍ର ରୁଙ୍ଗୁଟା, ବା- ବେଲପାହାଡ଼ | ବଣିଆ |
| ୬୩ | ୩୫୦/୯୫୭ | ୧୧୦୦ | ୦.୯୮୦୦ | ୦.୯୮୦୦ | ମା ସା | ଡମ୍ବରୁଧର ନାଏକ, ପି- ନାରାୟଣ ନାଏକ, ବା- ବରପାନ, ଥା- ଲଇକେରା | ଗଣ୍ଡ |
| ୬୪ | ୩୫୦/୯୮୧ | ୧୧୨୪/୪୫୮୪ (ରୁ) | ୦.୩୦୦୦ | ୦.୦୫୦୦ | ମା ପା/୨ | କାଶିନାଥ ବେନିଆଁ, ରାଧାକାନ୍ତ ବେନିଆଁ ପି- ନିତ୍ୟାନନ୍ଦ ବେନିଆଁ, ତନୁପ୍ରିୟା ବେନିଆଁ, ପି- ଜଗନ୍ନାଥ ବେନିଆଁ, ବା-ଟିଙ୍ଗିସମାଲ | କୁହୁରା |
| ୬୫ | ୩୫୦/୯୮୪ | ୧୦୧୪/୪୫୮୬ | ୦.୪୭୦୦ | ୦.୪୭୦୦ | ଘରବାରି | ବିଜୟ କୁମାର ନାଏକ, ପି- ପଙ୍କଜ କୁମାର ନାୟକ, ବା-ନିଜଗାଁ (ଗାନ୍ଧିନଗର) | କୁଲତା |
| ୬୬ | ୩୫୦/୯୮୫ | ୧୯୧୪/୩୧୯୦ | ୦.୫୦୦୦ | ୦.୫୦୦୦ | ଘରବାରି | ସଞ୍ଜୟ କୁମାର ନାଏକ, ପି- ପଙ୍କଜ କୁମାର ନାଏକ ବା- ନିଜଗାଁ (ଗାନ୍ଧିନଗର) | କୁଲତା |
| ୬୭ | ୩୫୦/୯୮୯ | ୧୧୨୪/୪୫୮୯ (ରୁ) | ୦.୧୫୦୦ | ୦.୧୦୦୦ | ମା ପା/୨ | ଅମର କୁମାର ଦାସ, ଅଖଲେଶ କୁମାର ଦାସ, ପି- ସତ କୁମାର ଦାସ, ବା-ଟିଙ୍ଗିସିମାଲ, ବା- ନିଜଗାଁ | ଭୂଲିଆ |
| ୬୮ | ୩୫୦/୧୧୦୭ | ୯୦୮ | ୦.୧୩୦୦ | ୦.୧୩୦୦ | ଆ ସା | ଭିମସେନ କିସାନ ପି- ଭୁଲା କିସାନ, ବା-ନିଜଗାଁ | କିସାନ |
| ୬୯ | ୩୫୦/୧୧୭୦ | ୯୦୯ | ୦.୧୬୦୦ | ୦.୧୬୦୦ | ମା ସା | ସୁଶିଲ କିସାନ, ପି- ଭୀମସେନ କିସାନ, ବା-ନିଜଗାଁ | କିସାନ |
| ୭୦ | ୩୫୦/୧୨୨୦ | ୧୧୦୧<br>୧୧୦୩ | ୦.୩୯୦୦<br>୦.୨୪୦୦ | ୦.୩୯୦୦<br>୦.୨୪୦୦ | ମା ସା/୫<br>ମା ସା | ଡମ୍ବରୁଧର ନାଏକ, ପି- ନାରାୟଣ ନାଏକ, ବା-ବରପାନ, ଥା-ଲଇକେରା | ଗଣ୍ଡ |
| ୭୧ | ୩୫୦/୧୩୧୭ | ୯୬୯/୪୮୮୮ | ୦.୦୮୦୦ | ୦.୦୮୦୦ | ମା ସା/୩ | ସୁଶିଲ କିସାନ, ପି- ଭୀମସେନ କିସାନ, ବା- ନିଜଗାଁ (ଜୟବୁଡ଼ିଆ) | କିସାନ |
| ୭୨ | ୩୫୦/୧୩୨୦ | ୯୬୯ | ୦.୦୫୦୦ | ୦.୦୫୦୦ | ଘରବାରି | ରବି ଛତ୍ରିଆ, ପି- ବିରଞ୍ଚି ଛତ୍ରିଆ, ବା-କୁଡାଲୋଇ (ଜୟବୁଡ଼ିଆ) | କିସାନ |
| ୭୩ | ୩୫୦/୧୩୨୨ | ୯୬୮ | ୦.୨୨୦୦ | ୦.୨୨୦୦ | ଘରବାରି | ଗୌତମ କିସାନ, ପି- ଲିନୟୁରୁ କିସାନ, ବା-ଜୟବୁଡ଼ିଆ (କୁଡାଲୋଇ) | କିସାନ |
| ୭୪ | ୩୫୦/୧୩୨୩ | ୧୦୦୬ | ୦.୫୦୦୦ | ୦.୫୦୦୦ | ଆ ସା | ଗୌତମ କିସାନ, ପି- ଲିନୟୁରୁ କିସାନ, ବା- କୁଡାଲୋଇ (ଜୟବୁଡ଼ିଆ) | କିସାନ |
| ୭୫ | ୩୫୦/୧୩୨ | ୯୪୯<br>୧୦୦୩ | ୦.୧୪୦୦<br>୦.୩୧୦୦ | ୦.୧୪୦୦<br>୦.୩୧୦୦ | ମାଳ ଖାରି<br>ବାହାଲ ସା | ନବୀନ ଚନ୍ଦ୍ର କୁମୁରା, ପି- ଆତ୍ମବୋଧ କୁମୁରା, ବା/ପୋ- ବଞ୍ଜାରି | ଗଣ୍ଡ |
| ୭୬ | ୩୫୦/୧୩୩୬ | ୧୯୧୪/୪୮୯୯ | ୦.୫୦୦୦ | ୦.୫୦୦୦ | ଆ ସା | ଅନୁପ ରଏ ପି- ନିଖିଳ ରଏ, ବା/ପୋ/ଥା-ବେଲପାହାଡ | ମହିସ୍ୟ |
| ୭୭ | ୩୫୦/୧୩୩୭ | ୧୩୦୧/୪୯୦୨<br>୧୩୦୧/୪୯୦୪ | ୦.୧୪୦୦<br>୦.୦୫୦୦ | ୦.୧୪୦୦<br>୦.୦୫୦୦ | ଘରବାରି<br>ଘରବାରି | ଭବାନି ଶଙ୍କର ବାଗ, ପି- ନିରଞ୍ଜନ ବାଗ, ସନ୍ତୁଷ୍ଟା ବାଗ, ସ୍ୱା-ନିରଞ୍ଜନ ବାଗ, ବା-ନିଜଗାଁ | ତନ୍ତୀ |
| ୭୮ | ୩୫୦/୧୩୫୪ | ୧୯୧୪/୪୦୯୨ | ୦.୧୦୦୦ | ୦.୧୦୦୦ | ଆ ସା | ଗୌରିଶଙ୍କର ବିଶି, ପି- ପୁରନ୍ଦର ବିଶି, ବା/ପୋ/ଥା-ବେଲପାହାଡ | କେଉଟ |
| ୭୯ | ୩୫୦/୧୩୫୫ | ୧୧୨୪/୪୯୧୬ | ୦.୦୫୦୦ | ୦.୦୫୦୦ | ମା ପା/୨ | ମନିଷ କୁମାର ଝା, ପି-ମହେଶ୍ୱର ଝା, ବା-କକ୍ସ କଲୋନୀ, ବାବୁଆବଗିଚା ଝାରସୁଗୁଡା, ଥା-ସଦର, ତହସିଲ/ଜି-ଝାରସୁଗୁଡା | ବ୍ରାହ୍ମଣ |
| ୮୦ | ୩୫୦/୧୩୭୯ | ୧୯୧୪/୪୯୩୪<br>୧୯୧୪/୫୦୨୨<br>୧୯୧୪/୫୦୩୦<br>୧୯୧୪/୫୦୪୫<br>୧୯୧୪/୪୯୪୫ | ୦.୨୦୦୦<br>୦.୨୦୦୦<br>୦.୨୦୦୦<br>୦.୨୦୦୦<br>୦.୧୦୦୦ | ୦.୨୦୦୦<br>୦.୨୦୦୦<br>୦.୨୦୦୦<br>୦.୨୦୦୦<br>୦.୧୦୦୦ | ଘରବାରି<br>ଘରବାରି<br>ଘରବାରି<br>ଘରବାରି<br>ଘରବାରି | ବିନତୀ ଭୋଇ, ସ୍ୱା-ଧନଞ୍ଜୟ ଭୋଇ, ବା- ବଞ୍ଜାରୀ | କୁଲତା |
| ୮୧ | ୩୫୦/୧୫୩୫ | ୧୯୪/୪୦୯୪ | ୧.୩୦୦୦ | ୧.୩୦୦୦ | ଆ ସା | ଗୋବିନ୍ଦ କୁମାର ଅଗ୍ରୱାଲ, ପି- ନବରଙ୍ଗଲାଲ ଅଗ୍ରୱାଲ, ବା-ମୁଙ୍ଗାପଡା, ଥା-ଝାରସୁଗୁଡା | ବଣିଆ |
| ୮୨ | ୩୫୦/୧୪୦୮ | ୧୯୧୪/୪୯୪୯ | ୦.୨୦୦୦ | ୦.୨୦୦୦ | ଆ ସା | ଦିନେଶ କୁମାର ସେନାପତି, ପି- ରବି ନାରାୟର ସେନାପତି ବା-ଖଇରକୁନି | ବ୍ରାହ୍ମଣ |
| ୮୩ | ୩୫୦/୧୪୭୩ | ୯୧୨ (ରୁ) | ୦.୧୯୦୦ | ୦.୧୨୦୦ | ଆ ସା | କ୍ଷୀରୋଦ ମାଝୀ, ପି- ଦିବାକର ମାଝୀ, ବା- ବଞ୍ଜାରି | ଗଣ୍ଡ |
| ୮୪ | ୩୫୦/୧୪୭୪ | ୭୪୩ (ରୁ)<br>୭୧୨<br>୭୧୫ (ରୁ) | ୦.୧୧୦୦<br>୦.୧୪୦୦<br>୦.୩୨୦୦ | ୦.୦୨୦୦<br>୦.୧୪୦୦<br>୦.୨୫୦୦ | ଆ ଖା<br>ଆ ସା<br>ଆ ସା | ମନୋଜ ମାଝୀ, ଦାବିନି ମାଝୀ, ସୌଦାମିନି ମାଝୀ, ପି-କୈଳାସ ଓରଫ ନରେନ୍ଦ୍ର ମାଝୀ, ଜା-ଗଣ୍ଡ, ବା-ବଞ୍ଜାରି | ଗଣ୍ଡ |
| ୮୫ | ୩୫୦/୧୪୯୦ | ୯୪୪/୫୦୦୭<br>୯୭୨/୫୦୦୮<br>୧୦୨୩/୫୦୦୯ | ୦.୧୦୦୦<br>୦.୧୫୦୦<br>୦.୪୦୦୦ | ୦.୧୦୦୦<br>୦.୧୫୦୦<br>୦.୪୦୦୦ | ବାହାଲ ସା/୮<br>ମା ସା/୮<br>ଆ ସା | କ୍ଷେତ୍ରମଣି ପ୍ରଧାନ, ପି- ଜନ୍ମଜୟ ପ୍ରଧାନ, ବା- ସୁନ୍ଦରଗଡ ଟାଉନ, ଥା/ଜି-ସୁନ୍ଦରଗଡ | ଭୂୟାଁ |
| ୮୬ | ୩୫୦/୧୪୯୧ | ୯୮୫/୫୦୧୦<br>୯୯୪/୫୦୧୧ | ୦.୨୪୦୦<br>୦.୧୧୦୦ | ୦.୨୪୦୦<br>୦.୧୧୦୦ | ବାହାଲ ସା/୪<br>ବାହାଲ ସା | କବିତା ମାଝୀ, ସ୍ୱା-ତାପସ କୁମାର ନାଏକ, ବା-କିନାଲୋଇ, ଥା-କିନାଲୋଇ, ଜି-ସମ୍ବଲପୁର | ଗଣ୍ଡ |
| ୮୭ | ୩୫୦/୧୫୦୬ | ୧୦୧୦/୪୯୧୮ | ୦.୧୫୦୦ | ୦.୧୫୦୦ | ଘରବାରି | ଅରୁଣ କୁମାର କିସାନ, ପି- ଛୋଟେଲାଲ କିସାନ, ବା- ବେଲପାହାଡ, (ଠୁଙ୍ଗିଆଡେରା) | କିସାନ |
| ୮୮ | ୩୫୦/୧୫୧୩ | ୧୯୧୪/୫୦୩୨<br>୧୯୧୪/୫୦୬୭ | ୦.୦୭୦୦<br>୦.୨୩୦୦ | ୦.୦୭୦୦<br>୦.୨୩୦୦ | ଆ ସା<br>ଘରବାରି | ମକରଧ୍ୱଜ ରୋହିଦାସ, ପି- ସୁରତ ରୋହିଦାସ, ବା-ସଂହବାଗ (ରୋହିଦାସ ପଡା) ଥା-ବ୍ରଜରାଜନଗର, ସନାତ ଗର୍ଡିଆ, ପି- ଜହରଲାଲ୍ ଗର୍ଡିଆ, ବା-ଧୂତରା, ଥା-ଲଇକେରା | ଚମାର<br>ଗଣ୍ଡା |
| ୮୯ | ୩୫୦/୧୫୧୪ | ୧୯୧୪.୫୦୩୩ | ୦.୩୦୦୦ | ୦.୩୦୦୦ | ଘରବାରି | ପଙ୍କଜିନି ବୁଡା, ପି- ଦେବ୍ରତ ଦୁତିଆଚାନ୍ଦ, ବା- ପୁରୁଣାବସ୍ତି, ଥା/ଜି- ଝାରସୁଗୁଡା | ଗଣ୍ଡା |
| ୯୦ | ୩୫୦/୧୫୧୯ | ୧୯୧୪/୫୦୩୬ | ୦.୩୦୦୦ | ୦.୩୦୦୦ | ଆ ସା | ରମେଶ ଚନ୍ଦ୍ର ସେଠ, ପି- କିଶୋର ସେଠ, ବା-ରେଜା, ଥା-ବ୍ରଜରାଜନଗର | କେଉଟ |
| ୯୧ | ୩୫୦/୧୫୨୦ | ୧୦୦୬/୫୦୩୭ | ୦.୦୭୦୦ | ୦.୦୭୦୦ | ଆ ସା | ଥୟଧର ଗନିକ, ପି- ସିତାରାମ ଗନିକ, ବା-ବନ୍ଧବାହାଲ କଲୋନୀ | ସହରା |
| ୯୨ | ୩୫୦/୧୫୪୭ | ୯୭୦<br>୯୭୧/୫୦୭୪ | ୦.୧୭୦୦<br>୦.୦୮୦୦ | ୦.୧୭୦୦<br>୦.୦୮୦୦ | ଘରବାରି<br>ଘରବାରି | ଜ୍ୟୋତି କେଡିଆ, ସ୍ୱା- ବିକାଶ କେଡିଆ, ଦୀପିକା କେଡିଆ, ସ୍ୱା- ରାମ ପ୍ରକାଶ କେଡିଆ, ବା-ଝାରସୁଗୁଡା (ମାରୱାଡିପଡା) ଥା- ଝାରସୁଗୁଡା | ବଣିଆ |
| ୯୩ | ୩୫୦/୧୫୫୧ | ୭୧୮/୫୦୭୬ | ୦.୧୨୦୦ | ୦.୧୨୦୦ | ଆ ସା | ଯୋଗିନ୍ଦ୍ର ନେଗି, ପି- ବିଭୀଷଣ ନେଗି, ବା- କୁଡାଲୋଇ (ପରଧିଆପଡା) | ଗଣ୍ଡ |
| ୯୪ | ୩୫୦/୧୫୫୮ | ୯୦୭/୫୦୮୩ | ୦.୧୨୦୦ | ୦.୧୨୦୦ | ମା ସା | ପ୍ରଦୀପ ଭୋଇ, ପି- ବେଣୁଧର ଭୋଇ, ବା-ସିନ୍ଦୁରପଙ୍କ, ଥା-ସଦର, ଜି- ସମ୍ବଲପୁର | ସହରା |
| ୯୫ | ୩୫୦/୧୫୬୩ | ୧୦୨୫/୩୩୪୦<br>୧୦୨୬/୩୩୪୧ | ୦.୨୨୦୦<br>୦.୨୫୦୦ | ୦.୨୨୦୦<br>୦.୨୫୦୦ | ଆ ସା<br>ମା ସା | ରାଜେଶ କୁମାର କୋଙ୍ଗୋ, ପି- ବୋଅସ କୋଙ୍ଗୋ, ବା- ଝାରବେଡା, ଥା-କୁତୁରା, ଜି-ସୁନ୍ଦରଗଡ | ମୁଣ୍ଡା |
| ୯୬ | ୩୫୦/୧୫୭୭ | ୧୯୧୪/୪୦୬୭ | ୦.୧୦୦୦ | ୦.୧୦୦୦ | ଆ ସା | ଆକାଶ କୁମାର ନିଶାଦ, ପି- ଭୀମ ନିଶାଦ, ବା-ପଞ୍ଜଗାଁ, ଥା-ରେଙ୍ଗାଲି | କେଉଟ |
| ୯୭ | ୩୫୦/୧୫୮୩ | ୯୦୭ | ୦.୧୧୦୦ | ୦.୧୧୦୦ | ମା ସା | ଗିରିଧାରୀ ଭୋଇ, ପି- ବୁଧରାମ ଭୋଇ, ଜା-ସହରା, ବା-ଲଖନପୁର | ସହରା |
| ୯୮ | ୩୫୦/୧୫୩୭ | ୧୦୦୬/୫୦୬୫ | ୦.୦୭୦୦ | ୦.୦୭୦୦ | ଆ ସା | କୀର୍ତ୍ତିବାସ ଭୁଏ, ପି-ସାହେବ ଭୁଏ, ମହାଦେବପାଲ୍ଲି, ଥା/ଜି- ସୋନପୁର | ସହରା |
| | | ସମୁଦାୟ ଏକରରେ | ୮୭,୬୦୦୦ | ୭୪.୩୦୫୦ | | | |

Sd/- Amin. Spl. LAO
Jharsuguda

OIPR : 24001/24022/3/26-27/0008

Sd/- Special Land Acquisition Officer
Jharsuguda

# ଧନୁଆ, କୁଶଭଦ୍ରା ନଦୀରେ ବନ୍ୟାଜଳ

ନିମାପଡା,(ସବ୍ୟୁ): ଧନୁଆ ଓ କୁଶଭଦ୍ରା ନଦୀରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି । ଧନୁଆରେ ବନ୍ୟା। ଆସିବା ଯୋଗୁଁ ନିମାପଡା ବ୍ଲକର ପ୍ରାୟ ୮ଟି ପଂଚାୟତରେ ଫସଲ ନଷ୍ଟ ହେବା ଆଶଙ୍କା ରହିଥିବା କୃଷି ବିଭାଗ ପକ୍ଷରୁ କୁହାଯାଉଛି । ବନ୍ୟା। ଜଳ ବଢୁଥିବାରୁ ନଦୀ କୂଳିଆ ଲୋକେ ଭୟଭୀତ ହୋଇ ପଡିଛନ୍ତି । ବନ୍ୟାର ମୁକାବିଲା କରିବା ପାଇଁ ପ୍ରଶାସନ ପୁରା ସଜାଗ ରହିଥିବା ଲୋକେ ଭୟଭୀତ ନହେବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଶୁକ୍ରବାରି ସଂଧ୍ୟା ୫ ଟା ସୁଦ୍ଧା ନିମାପଡା ଠାରେ କୁଶଭଦ୍ରା ନଦୀ ଜଳସ୍ତର ବିପଦ ସଂଙ୍କେତ ତଳେ ରହିଛି ।ସମ୍ଭାବ୍ୟ ବନ୍ୟାର ମୁକାବିଲା କରିବା ପାଇଁ ସପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା ପ୍ରଶାସନକୁ କଡା ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟାକୁ ନେଇ ସେଭଳି ସ୍ଥିତି ସୃଷ୍ଟି ହୋଇନଥିବାରୁ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇ ନଥିବା ଜଣାପଡିଛି ।

## ବିପଦ ସଂକେତ ଉପରେ ଦେବୀ

ଅସ୍ତରଙ୍ଗ,(ସବ୍ୟୁ): ଦେବୀ ନଦୀର ଅତ୍ୟନ୍ତ ସମ୍ବେଦନଶୀଳ ଜାଗା ରୂପେ ବିବେଚିତ ହୋଇଥିବା ବାଉରିଆ କଣ ଠାରେ ବିପଦ ସଂକେତ ଉପରେ ବନ୍ୟା ଜଳ ପ୍ରବାହିତ ହେବା ଦ୍ୱାରା ଏକ ପ୍ରକାର ଆତଙ୍କିତ ଅବସ୍ଥାରେ ରହିଥିଲେ ଅସ୍ତରଙ୍ଗ ଅଞ୍ଚଳ ବାସୀ ।ବାଉରିଆ କଣ ଠାରେ ବିପଦ ସଙ୍କେତ୪.୯୩ ମିଟର ଥିବାବେଳେ ଶୁକ୍ରବାର ଅପରାହ୍ନ ସୁଧା ବିପଦ ସଂକେତ ଟପି ୫.୨୫ମିଟର ରେ ଜଳ ପ୍ରବାହିତ ହେଉଥିଲା ।

## ଭଉଣୀ ଆଗରେ ଭାସିଗଲା ଛୋଟ ଝିଅ

ଅସୁରାଳି,(ସବ୍ୟୁ): :ଧାମନଗର ଅଂଚଳରେ ବନ୍ୟା ପ୍ରକୋପ କ୍ରମଶଃ ହ୍ରାସ ପାଉଥିବା ବେଳେ ଫତେପୁର ପଞ୍ଚାୟତରେ ଶୁକ୍ରବାର ଏକ ଅଘଟଣ ଘଟିଛି। ଶ୍ରୀରାମପୁର ଗ୍ରାମର ଜଣେ ସାତ ବର୍ଷ ବାଳିକାର ଗାଧୋଇବାବେଳେ ଭାସିଯାଇ ମୃତ୍ୟୁ ଘଟିଛି। ମୃତକ ହେଲେ ନୃସିଂହ ସାହୁଙ୍କ ସାନ ଝିଅ ଜ୍ୟୋତି। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଜ୍ୟୋତି ତାଙ୍କର ବଡ଼ ଭଉଣୀ ସହିତ ମିଶି ଘର ପାଖରେ ବନ୍ୟା। ପାଣି ଥିବାରୁ ଗାଧୋଇବା ପାଇଁ ଚାଲି ଆସିଥିଲେ। ଗାଧୋଇବା ସମୟରେ ଦୁଇ ଭଉଣୀ ହଠାତ ସ୍ରୋତରେ ଭାସି ଯାଇଥିଲେ। ଦୁଇ ଛୋଟ ଭଉଣୀଙ୍କ ଚିତ୍କାର ଶୁଣି ବାପା ଦୌଡ଼ି ଆସି ପାଣି ମୁହଁରୁ ବଡ଼ ଝିଅକୁ କୌଣସି ମତେ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ ମଧ୍ୟ ସାନ ଝିଅ ଜ୍ୟୋତିକୁ ଉଦ୍ଧାର କରି ପାରିନଥିଲେ। ସ୍ଥାନୀୟ ଲୋକମାନେ ଖୋଜାଖୋଜି କରିବାର ପ୍ରାୟ ଘଣ୍ଟାଏ ପରେ ନିକଟରେ ଥିବା ଏକ ଗାଡ଼ିଆରୁ ଜେ୍ୟାତିଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା ସଂଖ୍ୟା।-୨୧/୨୬ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି।

## କମ୍ ପ୍ରିମିୟମରେ ୧୦ ବର୍ଷର ଜୀବନ ବୀମା ସୁରକ୍ଷା

ଯୋଡ଼ା,(ସବ୍ୟୁ): ଆଇସିଆଇସିଆଇ ପ୍ରୁଡେନ୍ସିଆଲର ଆଇପ୍ରୋଟେକ୍ଟ ସ୍ମାର୍ଟ ବର୍ତ୍ତମାନ ୧୦ ବର୍ଷର ଜୀବନ ବୀମା ସୁରକ୍ଷା ବିକଳ୍ପ ସହ ଉପଲବ୍ଧ ।ଏହି ଯୋଜନା ଗୃହଋଣ, ସନ୍ତାନଙ୍କ ଶିକ୍ଷା ପାଇଁ ଆର୍ଥିକ ଲକ୍ଷ୍ୟ କିମ୍ବା ବ୍ୟବସାୟିକ ଋଣ ଭଳି ନିର୍ଦ୍ଦିଷ୍ଟ ଆର୍ଥିକ ଦାୟିତ୍ୱ ଥିବା ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି । ଏହା ଜୀବନର ସେହି ପର୍ଯ୍ୟାୟରେ, ଯେତେବେଳେ ଆର୍ଥିକ ଦାୟିତ୍ୱ ସର୍ବାଧିକ ଥାଏ, ଗ୍ରାହକଙ୍କୁ କମ୍ ପ୍ରିମିୟମରେ ଅଧିକ ପରିମାଣର ଜୀବନ ବୀମା ସୁରକ୍ଷା ବାଛିବାର ସୁବିଧା ପ୍ରଦାନ କରେ । ଏହି ଯୋଜନାରେ ୬୬,୧୦୦/- ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ନିଃଶୁଳ୍କ ସ୍ୱାସ୍ଥ୍ୟ ଓ ୱେଲନେସ୍ ସେବା, ୩ ଲକ୍ଷ ଟଙ୍କାର ତତ୍କାଳ ଦାବି ପରିଶୋଧ ସୁବିଧା ଏବଂ ଟର୍ମିନାଲ୍ ଇଲନେସ୍ (ମୃତ୍ୟୁ ପୂର୍ବ ଗୁରୁତର ରୋଗ) ଚିହ୍ନଟ ହେଲେ ବୀମା ରାଶିର ୧୦୦% ପରିଶୋଧର ବ୍ୟବସ୍ଥା ମଧ୍ୟ ରହିଛି । ଆଇସିଆଇସିଆଇ ପ୍ରୁଡେନ୍ସିଆଲ୍ ଲାଇଫ୍ ଇନ୍ସୁରାନ୍ସର ଚିଫ୍ ଅଫ୍ ଡିଷ୍ଟ୍ରିବ୍ୟୁସନ୍ ରାଜୀବ ଆରୋରା କହିଛନ୍ତିଯେ, ଆର୍ଥିକ ସୁରକ୍ଷାକୁ ନେଇ ଗ୍ରାହକଙ୍କ ଆଶା ସେମାନଙ୍କ ଜୀବନ ଲକ୍ଷ୍ୟ ସହିତ କ୍ରମାଗତ ଭାବେ ପରିବର୍ତ୍ତିତ ହେଉଛି ।

# ଢେଙ୍କାନାଳ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ଢେଙ୍କାନାଳ: ଢେଙ୍କାନାଳ ସହର ନିକଟସ୍ଥ ସୁନ୍ଦରୀଖାଲ ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଇଟେମ ରେସିଡେନସିଆଲ କଲେଜର ଉପାଧ୍ୟକ୍ଷ ଅନିଲ କୁମାର ଗୋଚ୍ଛାୟତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।ବିଭିନ୍ନ ବୈଜ୍ଞାନିକ ମାନଙ୍କ ଉଦାହରଣ ଦେଇ ସେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ନଗେନ କୁମାର ଦାସ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଜ୍ଞାନ ପ୍ରକଳ୍ପ,ସଂସ୍କୃତି ବୋଧ ଯୋଜନା,ମୂର୍ତ୍ତିକଳା ଆଦି ବିଷୟରେ ମୋଟ ୬୮୮ଟି ପ୍ରକଳ୍ପ ସ୍ଥାନ ପାଇଥିଲା ।ଢେଙ୍କାନାଳସହରର ଅବସରପ୍ରାପ୍ତ ଶିକ୍ଷକ ବନବିହାରୀ ବାରିକ,କୈଳାସ ଚନ୍ଦ୍ର ପୃଷ୍ଟି,ସତ୍ୟବ୍ରତ ମାଟିଆ ମିଶ୍ର,ପ୍ରଫୁଲ୍ଲ ପାତ୍ର ପ୍ରମୁଖ ବିଚାରକ ଭାବରେ ଯୋଗଦେଇଥିଲେ।ଏହି ଅବସରରେ ୧୮୦ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲଶ।ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ପ୍ରଦୀପ କୁମାରଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No. RDM-LAB-GM-0027-2025- 17889 / R&DM, Dated 27.04.2026**

**24001/362/2627 :** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR R Act, 2013)ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ରାଜନାପଲ୍ଲୀ,** ଥାନା- **ପାଟପୁର,** ତହସିଲ- **ସାନଖେମୁଣ୍ଡି,** ଜିଲ୍ଲା- ଗଞ୍ଜାମରେ ନିମ୍ନ ସୂଚୀତ 'କ' ତଫସିଲ ଜମିରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଞ୍ଜାମ ଜିଲ୍ଲାରେ ଛେଲିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ- ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୨୯୬୬୨ ତା. ୦୭.୦୮.୨୦୨୫** ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ରାଜନାପଲ୍ଲୀ,** ଥାନା- **ପାଟପୁର,** ତହସିଲ- **ସାନଖେମୁଣ୍ଡି,** ଜିଲ୍ଲା- ଗଞ୍ଜାମରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଲିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

### ତଫସିଲ - କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା : ଗଞ୍ଜାମ** — **ତହସିଲ - ସାନଖେମୁଣ୍ଡି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରାଜନାପଲ୍ଲୀ | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ | ଏଥି ସହ ସଂଲଗ୍ନ | ଏଥି ସହ ସଂଲଗ୍ନ | ଏକର ୩.୪୭୫ | ଏକର ୧.୨୩୫ | ଏଥି ସହ ସଂଲଗ୍ନ |

### ତଫସିଲ - ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

**ଜିଲ୍ଲା : ଗଞ୍ଜାମ** — **ତହସିଲ - ସାନଖେମୁଣ୍ଡି**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୦୩.୧୨.୨୦୨୫ ।

### ରାଜନାପଲ୍ଲୀ ଗ୍ରାମର ଜମିର ବିବରଣୀ
ମୌଜା- ରାଜନାପଲ୍ଲି, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମ

| ଖାତା ନଂ | ପ୍ଲଟ ନମ୍ବର | ମୋଟ ରକବା (ଏକରରେ) | ଅର୍ଜିତ ହେବାକୁ ଥିବା ଜମିର ପରିମାଣ (ଏକରରେ) | କିସମ | ରୟତଙ୍କ ନାମ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୪ | ୯୮୩ | ୦.୧୪୦ | ୦.୦୦୫ | ବିଲ ଅଣଜଳ ସେଚିତ ଏକ | ଅନୁ ନାୟକ ସ୍ୱା: ଭରତ ନାୟକ ଜା: ଦଣ୍ଡାସି ବା: ପୋଡ଼ାମାରୀ | |
| ୬୧ | ୯୭୦<br>୯୭୨ | ୦.୨୪୦<br>୦.୨୨୫ | ୦.୧୨୫<br>୦.୦୯୫ | ବିଲ ଅଣଜଳ<br>ସେଚିତ ଏକ | ମୋହନ ପାତ୍ର ପି: ବରଜ ପାତ୍ର ଜା: କୁଡୁମ ବା: ପୋଡ଼ାମାରୀ | |
| ୬୪ | ୯୭୧ | ୦.୨୫୦ | ୦.୦୫୦ | ବିଲ ଅଣଜଳ ସେଚିତ ଏକ | ମୋହନ ପାତ୍ର ପି: ବରଜ ପାତ୍ର ଜା: କୁରୁମ ବା: ପୋଡ଼ାମାରୀ ହିରା ମଳିକ, ଜିରା ମଳିକ, ପି: ଭୂଷଣ ମଳିକ, ଶ୍ରୀମତି ମଳିକ ସ୍ୱା: ତ୍ରିନାଥ ମଳିକ ଜା: କନ୍ଧ ବା: ନିଜଗାଁ | |
| ୬୯ | ୯୬୮<br>୯୬୯<br>୯୬୪<br>୯୬୦ | ୦.୦୪୦<br>୦.୦୭୦<br>୦.୧୭୦<br>୦.୬୦୦ | ୦.୦୪୦<br>୦.୦୪୦<br>୦.୧୧୦<br>୦.୧୫୦ | ବିଲ ଅଣଜଳ ସେଚିତ ଏକ | ରାମଚନ୍ଦ୍ର ମୁଳି ପି: ମଙ୍ଗଳା ମୁଳି ଜା: ଲୁହୁରା ବା: ପୋଡ଼ାମାରୀ | |
| ୭୯ | ୯୬୬ | ୦.୨୮୫ | ୦.୦୨୫ | ବିଲ ଅଣଜଳ ସେଚିତ ଏକ | ସନିଆ ମଳିକ, କାର୍ତ୍ତିକ ମଳିକ, ଶୁକ୍ରୁ ମଳିକ, ଗୁରୁବାରି ମଳିକ, ଲିଲି ମଳିକ ପି: ରାମ ମଳିକ, ସାବିତ୍ରି ମଳିକ, ସ୍ୱା: ରାମ ମଳିକ, ହିରା ମଳିକ, ଜିରା ମଳିକ ପି: ଭୂଷଣ ମଳିକ, ଶ୍ରୀମତୀ ମଳିକ ସ୍ୱା: ତ୍ରିନାଥ ମଳିକ ଜା: କନ୍ଧ ବା: ନିଜଗାଁ | |
| ୮୩ | ୯୮୫<br>୯୮୨ | ୦.୩୧୦<br>୦.୦୫୦ | ୦.୨୭୦<br>୦.୦୦୫ | ବିଲ ଅଣଜଳ<br>ସେଚିତ ଏକ | ସାରି ଗଉଡ଼ ସ୍ୱା: ରଇବାରିଆ ଗଉଡ଼ ଜା: ଗଉଡ଼ ବା: ପୋଡ଼ାମାରି | |
| ୮୭ | ୯୭୬<br>୯୭୭<br>୯୭୮ | ୦.୨୫୦<br>୦.୧୨୦<br>୦.୧୨୦ | ୦.୧୦୫<br>୦.୦୪୦<br>୦.୦୩୫ | ପଦର<br>ବିଲ ଅଣଜଳ<br>ସେଚିତ ଏକ | ଏଲମାଞ୍ଚି ଶ୍ରୀରାମ ପାତ୍ର ପି: ଏଲମାଞ୍ଚି କନ୍ଧ ପାତ୍ର ଜା: ଗୋଲା ବା: ପୋଡ଼ାମାରୀ | |
| ୯୪/୭୫ | ୯୭୫ | ୦.୧୦୫ | ୦.୦୦୫ | ବିଲ ଅଣଜଳ ସେଚିତ ଏକ | ବାଲ୍ମୀକି ପାଢ଼ୀ ପି: ଗାଣ୍ଡୁ ପାଢ଼ୀ ଜା: ବ୍ରାହ୍ମଣ ବା: ପୋଡ଼ାମାରୀ | |
| ୮୪/୮୮ | ୯୬୨<br>୯୬୩ | ୦.୧୧୦<br>୦.୧୬୦ | ୦.୦୦୫<br>୦.୧୦୦ | ପଦର | ବୃନ୍ଦାବନ ମୁଳି ପି: ରାମଚନ୍ଦ୍ର ମୁଳି ଜା: କମାର ବା: ପୋଡ଼ାମାରୀ | |
| ୯୪/୧୧୪ | ୯୮୬<br>୯୮୭ | ୦.୦୬୦<br>୦.୧୭୦ | ୦.୦୦୫<br>୦.୦୨୫ | ବିଲ ଅଣଜଳ ସେଚିତ ଏକ | ଶଶ୍ମିତା ପଣ୍ଡା ସ୍ୱା: ବାଳକୃଷ୍ଣ ପଣ୍ଡା ଜା: ବ୍ରାହ୍ମଣ ବା: ପୋଡ଼ାମାରି | |
| ମୋଟ - ୧.୨୩୫ ଏକର | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଂଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR : 24001/ 24001/3/26-27/0118

# ସମ୍ପାଦକୀୟ

## ରାଜ୍ୟରେ ବନ୍ୟା ବିଭୀଷିକା

ଆମ ରାଜ୍ୟରେ ବୃଷ୍ଟିପାତ କାରଣରୁ ଭୟାବହ ବନ୍ୟା ୩୦ରୁ ପ୍ରାୟ ୨୦ ଜିଲ୍ଲାକୁ ଗ୍ରାସ କରି ଭୟାବହ ପରିସ୍ଥିତି ସୃଷ୍ଟି କରିଛି । ପ୍ରାୟ ସାତ ଲକ୍ଷ ଲୋକ ତଦ୍ୱାରା ପ୍ରଭାବିତ ହୋଇଥିବା ସରକାରୀ ସୂତ୍ରରୁ ଜଣା ଯାଇଛି । କେବଳ ଭଦ୍ରକ ଜିଲ୍ଲାରେ ୪ ଲକ୍ଷ ୧୧ ହଜାର ବନ୍ୟା ପ୍ରପୀଡ଼ିତ ବୋଲି କୁହା ଯାଉଛି ।

ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ରାଜ୍ୟକୁ ଅଧିକାଂଶ ସମୟରେ ଝଡ଼ି, ମରୁଡ଼ି ଓ ବଢ଼ି ଆସି ଦାଉ ସାଧିଥାଏ । ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଘଟିଥିଲା ୧୯୯୯ର 'ମହାବାତ୍ୟା' ସମୟରେ । ପରବର୍ତ୍ତୀ ଅବସ୍ଥାରେ ବନ୍ୟା ବିପତ୍ତି ମଧ୍ୟ ଓଡ଼ିଶାର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । ଏହା ପରେ 'ଫନୀ' ଓ 'ଫାଇଲିନ' ମଧ୍ୟ ଓଡ଼ିଶାର କ୍ଷତି କରିଛନ୍ତି । କିନ୍ତୁ 'ମହାବାତ୍ୟା' ପରି ନହେଲେ ମଧ୍ୟ 'ଫନୀ' ଉପକୂଳ ଓଡ଼ିଶାରେ ଅତ୍ୟଧିକ ଭାବେ ଦାଉ ସାଧିଥିଲା ।

ଗତ ୧୯୯୯ର ମହାବାତ୍ୟା ଓ ବନ୍ୟା ଫଳରେ ଉପକୂଳ ଭଦ୍ରକ ଜିଲ୍ଲାରେ ମହାବାତ୍ୟାର ପ୍ରକୋପ ବେଶୀ ନଥିଲେ ମଧ୍ୟ ସାଳନ୍ଦୀ ନଦୀର ବନ୍ୟାରେ ଭଦ୍ରକ ସହର ଓ ଆଖପାଖ ଅଞ୍ଚଳ ଜଳମଗ୍ନ ହୋଇ ବନ୍ୟାର ବିଭୀଷିକା ସୃଷ୍ଟି କରିଥିଲା । ହଦଗଡ଼ ଡ୍ୟାମରୁ ପ୍ରାୟ ତିନୋଟି ଗେଟ୍ ଖୋଲାଯିବାଦ୍ୱାରା ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା । ପୁଣି ସେବର ୫ ନମ୍ବର (ଏବର ୧୬ ନମ୍ବର ଜାତୀୟ ରାଜପଥ)ରେ ଅଣ୍ଟାଏ ଉଚ୍ଚତାରେ ପାଣିର ସୁଅ ଛୁଟୁଥିଲା । ଭଦ୍ରକ ସହର ଏକପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଇଥିଲା । ଏବେ ପ୍ରାୟ ୨୬ ବର୍ଷ ପରେ ବନ୍ୟା ପରିସ୍ଥିତି ସେଠାରେ ଗୁରୁତର ବୋଲି ଜଣାଯାଇଛି ।

ସରକାରୀ ସୂଚନାନୁଯାୟୀ ପ୍ରାୟ ଲକ୍ଷେ ଅଣାନବେ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇ ଥଇଥାନ କରା ଯାଇଛି । ୧,୩୧୦ ଗୋରୁଗାଈ ଓ ଗୃହପାଳିତ ପଶୁଙ୍କର ପ୍ରାଣହାନି ଘଟିଛି । ଏହି ବନ୍ୟା ଯୋଗୁଁ ୧,୩୫୩ ଗୋଟି ବାସଗୃହ ମଧ୍ୟ ଭାଙ୍ଗି ଯାଇଛି । ସେହିପରି ୨୪,୮୯୬ ହେକ୍ଟରର ଚାଷ ଜମି ବନ୍ୟାପ୍ଲାବିତ ହୋଇ କ୍ଷତିଗ୍ରସ୍ତ ହୋଇଛି । ଏ ବନ୍ୟାରେ ସବୁଠାରୁ ବେଶୀ କ୍ଷତିଗ୍ରସ୍ତ ହୋଇଛି ଭଦ୍ରକ ଅଞ୍ଚଳ । ଭଦ୍ରକରେ ରହି ଭଲ କାମ କରି ଆସୁଥିବା ଜିଲ୍ଲାପାଳ ଦୀଲିପ କୁମାର ରାଉତରାୟଙ୍କ ଶେଷ ଦିବସ ଥିଲା ଗତ ୩୧ ଜୁଲାଇ ୨୦୨୬ । ସେ ସରକାରୀ ଚାକିରିରୁ ଅବସର ଗ୍ରହଣ କରୁଥିବା ଯୋଗୁଁ ଦୁଃଖ ଲାଗୁଛି । ତାଙ୍କ ସ୍ଥାନରେ ଯିଏ ବି ଅବସ୍ଥାପିତ ହେବେ ସେ ତାଙ୍କ ପରି ବା ତାଙ୍କଠାରୁ ବେଶୀ ଭଲ କାମ ଲୋକଙ୍କ ପାଇଁ କରିବେ ବୋଲି ଆଶା କରାଯାଉଛି ।

ବର୍ଷା କମି ଯାଇଛି କିନ୍ତୁ ଲୋକଙ୍କ ଦୁର୍ଦ୍ଦଶା କମି ନାହିଁ । କେବଳ ସରକାରୀ ତତ୍ପରତା ଫଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ବନ୍ୟା ଦୁର୍ଗତମାନଙ୍କୁ ଆଶ୍ୱସ୍ତ କରିଛି । ଅତୀତରେ ବନ୍ୟା ବିପତ୍ତି ବେଳେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଦଳ ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ଆଗେଇ ଆସୁଥିଲେ । ଏବେ ମଧ୍ୟ ଆସୁଥିବେ, କିନ୍ତୁ ଆଗପରି ନୁହେଁ ବୋଲି ମନେ ହେଉଛି ।

ଗତ ୧୯୯୯ର ମହାବାତ୍ୟା ଓ ବନ୍ୟା ଫଳରେ ଉପକୂଳ ଭଦ୍ରକ ଜିଲ୍ଲାରେ ମହାବାତ୍ୟାର ପ୍ରକୋପ ବେଶୀ ନଥିଲେ ମଧ୍ୟ ସାଳନ୍ଦୀ ନଦୀର ବନ୍ୟାରେ ଭଦ୍ରକ ସହର ଓ ଆଖପାଖ ଅଞ୍ଚଳ ଜଳମଗ୍ନ ହୋଇ ବନ୍ୟାର ବିଭୀଷିକା ସୃଷ୍ଟି କରିଥିଲା । ହଦଗଡ଼ ଡ୍ୟାମରୁ ପ୍ରାୟ ତିନୋଟି ଗେଟ୍ ଖୋଲାଯିବାଦ୍ୱାରା ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା । ପୁଣି ସେବର ୫ ନମ୍ବର (ଏବର ୧୬ ନମ୍ବର ଜାତୀୟ ରାଜପଥ)ରେ ଅଣ୍ଟାଏ ଉଚ୍ଚତାରେ ପାଣିର ସୁଅ ଛୁଟୁଥିଲା । ଭଦ୍ରକ ସହର ଏକପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଇଥିଲା । ଏବେ ପ୍ରାୟ ୨୬ ବର୍ଷ ପରେ ବନ୍ୟା ପରିସ୍ଥିତି ସେଠାରେ ଗୁରୁତର ବୋଲି ଜଣାଯାଇଛି ।

କିନ୍ତୁ ଆମମାନଙ୍କ ଅନୁରୋଧ ଫଳରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଓ ତତ୍କାଳୀନ ବରିଷ୍ଠ କ୍ୟାବିନେଟ ମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ପ୍ରତିଦିନ ଅପରାହ୍ନ ୪ଟାରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗଠାରେ ବିଭିନ୍ନ ବିଭାଗ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଇଥିଲେ । ଥରେ ପ୍ରତିରକ୍ଷା (ଆକାଶ ବାହିନୀ) କର୍ତ୍ତୃପକ୍ଷଙ୍କ ସାମ୍ବାଦିକ ସମ୍ମିଳନୀ ଥାଏ । ସେମାନଙ୍କୁ ଅନୁରୋଧ କରି ମହାବାତ୍ୟା ପରେ ବିଚ୍ଛିନ୍ନ ହୋଇ ଯାଇଥିବା ଭଦ୍ରକ ଓ ଚାନ୍ଦବାଲି ଅଞ୍ଚଳକୁ ପର୍ଯ୍ୟାପ୍ତ ପରିମାଣରେ ରିଲିଫ ଏଆର ଡ୍ରପିଙ୍ଗ କରିବାକୁ ଅନୁରୋଧ କରିଥିଲି । ତାହା ହିଁ ହୋଇଥିଲା । ତଦ୍ୱାରା ଏ ଲେଖକ ପରମ ଆତ୍ମସନ୍ତୋଷ ଲାଭ କରିଥିଲା ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆନ୍ଦୋଳନର ଉତ୍ତର ଇସ୍ତଫା କି?



**ସନ୍ତୋଷ କୁମାର ମିଶ୍ର**

ଶେଷରେ ଭାରତ ସରକାରଙ୍କର ଉଚ୍ଚ ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଲେ ଗତ କେତେ ଦିନ ଧରି ଚାଲିଥିବା ଛାତ୍ର ଅଶାନ୍ତି ଥମିଯିବାର ହୃଦ୍‌ବୋଧ ହେଲା । ସରକାର ଘଡିଏ ଶାନ୍ତିରେ ନିଃଶ୍ୱାସ ମାରି ପାରିଲେ । ଏହି ପ୍ରକ୍ରିୟାରେ ଆନ୍ଦୋଳନରତ ଛାତ୍ରମାନେ କେତେ ମାତ୍ରାରେ ଉପକୃତ ହେଲେ ତାହା ଚିନ୍ତା କରିବା ଉଚିତ ନୁହେଁ କି? ଛାତ୍ରମାନେ ଉପକୃତ ହୁଅନ୍ତୁ ବା ନହୁଅନ୍ତୁ କିଛି ରାଜନୈତିକ ବ୍ୟକ୍ତି ବିଶେଷ କିନ୍ତୁ ଏହି ଘଟଣା କ୍ରମରେ ଫାଇଦା ଉଠେଇବାରେ ସକ୍ଷମ ହେଲେ ବୋଲି ବିଭିନ୍ନ ସମ୍ବାଦପତ୍ର ସହିତ ବୈଦ୍ୟୁତିକ ଗଣମାଧ୍ୟମ ମାଧ୍ୟମରେ ନିଶ ମୋଡୁଥିବାର ଆମେ ଦେଖୁଛନ୍ତି । ମୂଳ ପ୍ରଶ୍ନ ଥିଲା ପ୍ରତିଯୋଗିତାମୂଳକ ପରୀକ୍ଷାରେ ପ୍ରଶ୍ନ ପତ୍ର ପରୀକ୍ଷା ଆଗରୁ ପ୍ରଘଟ ହେଇଯିବା । ଏହି ଘଟଣାରେ ମାନନୀୟ ମନ୍ତ୍ରୀ ମହୋଦୟ କେତେ ମାତ୍ରାରେ ସାମିଲ ଥିଲେ ତାହା ଜନସାଧାରଣ ସ୍ପଷ୍ଟଭାବରେ ଜାଣିବା ଜରୁରୀ ବୋଲି ମନେ ହୁଏ । କିନ୍ତୁ ଏହା ସ୍ପଷ୍ଟ ହେବା ପୂର୍ବରୁ 'ଡେଙ୍ଗା ମୁଣ୍ଡରେ ଠେଙ୍ଗା' ନ୍ୟାୟରେ ଶିକ୍ଷା ମନ୍ତ୍ରୀ ମହୋଦୟ ମନ୍ତ୍ରୀ ପରିଷଦରୁ ବାହାରିଗଲେ ।

ଯେଉଁ ଛାତ୍ରମାନେ ଅନ୍ଦୋଳନରେ ସାମିଲ ଥିଲେ, ସେମାନଙ୍କ ମଧ୍ୟରୁ କେତେ ଜଣ ପ୍ରକୃତରେ ନିଟ୍ ପରୀକ୍ଷା ଦେଇଥିଲେ ଏବଂ ପ୍ରଶ୍ନ ପତ୍ର ପ୍ରଘଟ ହୋଇ ଯିବାରେ ସିଧାସଳଖ କ୍ଷତିଗ୍ରସ୍ତ ହେଲେ ତାହା ଆକଳନ ହେଲା କି ନାହିଁ ଏବ ସୁଦ୍ଧା ଜଣା ନାହିଁ । ଯାହା ଗଣମାଧ୍ୟମରେ ଦେଖିବାକୁ ମିଳିଲା ଅନେକ ଅଣଛାତ୍ର ନିଆଁରେ ଘିଅ ଢାଳୁଥିବାର ଅନୁମେୟ ହେଲା । ସାଧାରଣ ଲୋକମାନେ ଏହାକୁ ଏକ ରାଜନୈତିକ ଡ୍ରାମାବାଜି ବୋଲି ଭାବିବାକୁ ବାଧ ହୋଇଗଲେ । ପ୍ରଶ୍ନପତ୍ର ପ୍ରଘଟ ହେବା ସର୍ବାଦୌ ନିନ୍ଦନୀୟ । ଦେଶ ବ୍ୟାପୀ ଏହାକୁ ବିରୋଧ କରାଯିବା ସ୍ୱାଗତଯୋଗ୍ୟ । ଆମେ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର । ଆନ୍ଦୋଳନ, ଧାରଣା, ଅନଶନ ସ୍ୱାଗତଯୋଗ୍ୟ କିନ୍ତୁ ଏସବୁ ହିଂସା ପ୍ରଣୋଦିତ ହେବା ଅବଶ୍ୟ ଦୁଃଖଦାୟକ । ବୈଦ୍ୟୁତିକ ଗଣ ମାଧ୍ୟମରେ ଘୁରି ବୁଲୁଥିବା କିଛି ଭିଡିଓ କ୍ଲିପ ସ୍ପଷ୍ଟ କରେ ଏହି ଆନ୍ଦୋଳନ କେତେ ଅହିଂସା ଭିତ୍ତିକ ଥିଲା ।

ଆନ୍ଦୋଳନକାରୀଙ୍କର ଦାବି ଯେ ସର୍ବଦା ଯୁକ୍ତିଯୁକ୍ତ ତାହା ମଧ୍ୟ ଏହି ପ୍ରସଙ୍ଗରେ ଚିନ୍ତା କରାଯିବା ନିହାତି ଆବଶ୍ୟକ । ପ୍ରଶ୍ନପତ୍ର ପ୍ରଘଟ ପରେ ପରୀକ୍ଷା ବାତିଲ ହେଲା । ପୁନଃ ପରୀକ୍ଷା କରାଗଲା ସମ୍ପୂର୍ଣ୍ଣ ସତର୍କତାର ସହିତ । ଏହା ପରେ କୌଣସି ପରୀକ୍ଷାର୍ଥୀ ଯେ ପ୍ରଶ୍ନପତ୍ର ପ୍ରଘଟଜନିତ କ୍ଷତିର ଶିକାର ହୋଇଥିବେ ତାହା ଆଦୌ ସମ୍ଭବ ନୁହେଁ । ଯେଉଁ ମନ୍ତ୍ରୀ ଆଜି ନିଜର ପଦ ପରିତ୍ୟାଗ କଲେ, ତାଙ୍କର କଅଣ ଏହି ପ୍ରକ୍ରିୟାରେ କୌଣସି ଭୂମିକା ନଥିଲା? ତେବେ ସେ ଇସ୍ତଫା ଦେବାକୁ ତାଙ୍କୁ ଏକରକମ ବାଧ କରାଗଲା କାହିଁକି ? ପ୍ରଶ୍ନପତ୍ର ପ୍ରଘଟଜନିତ କ୍ଷତିର ଶିକାର ହୋଇଥିବା ଛାତ୍ର ବା ଛାତ୍ରୀ ଏହାଦ୍ୱାରା କିପରି ତାଙ୍କର କ୍ଷତି ଭରଣା କଲେ ? ପୂର୍ବୋକ୍ତ ଛାତ୍ର ଆନ୍ଦୋଳନ ସହିତ ଜଡିତ ସମସ୍ତ ଗୋଷ୍ଠୀ ବା ନେତୃବୃନ୍ଦ ଏହା ଜନସାଧାରଣଙ୍କୁ ଅବଗତ କରାଇବେ କି?

ଆନ୍ଦୋଳନକାରୀଙ୍କର ଦାବି ଯେ ସର୍ବଦା ଯୁକ୍ତିଯୁକ୍ତ ତାହା ମଧ୍ୟ ଏହି ପ୍ରସଙ୍ଗରେ ଚିନ୍ତା କରାଯିବା ନିହାତି ଆବଶ୍ୟକ । ପ୍ରଶ୍ନପତ୍ର ପ୍ରଘଟ ପରେ ପରୀକ୍ଷା ବାତିଲ ହେଲା । ପୁନଃ ପରୀକ୍ଷା କରାଗଲା ସମ୍ପୂର୍ଣ୍ଣ ସତର୍କତାର ସହିତ । ଏହା ପରେ କୌଣସି ପରୀକ୍ଷାର୍ଥୀ ଯେ ପ୍ରଶ୍ନପତ୍ର ପ୍ରଘଟଜନିତ କ୍ଷତିର ଶିକାର ହୋଇଥିବେ ତାହା ଆଦୌ ସମ୍ଭବ ନୁହେଁ । ଯେଉଁ ମନ୍ତ୍ରୀ ଆଜି ନିଜର ପଦ ପରିତ୍ୟାଗ କଲେ, ତାଙ୍କର କଅଣ ଏହି ପ୍ରକ୍ରିୟାରେ କୌଣସି ଭୂମିକା ନଥିଲା? ତେବେ ସେ ଇସ୍ତଫା ଦେବାକୁ ତାଙ୍କୁ ଏକରକମ ବାଧ କରାଗଲା କାହିଁକି ? ପ୍ରଶ୍ନପତ୍ର ପ୍ରଘଟଜନିତ କ୍ଷତିର ଶିକାର ହୋଇଥିବା ଛାତ୍ର ବା ଛାତ୍ରୀ ଏହାଦ୍ୱାରା କିପରି ତାଙ୍କର କ୍ଷତି ଭରଣା କଲେ ? ପୂର୍ବୋକ୍ତ ଛାତ୍ର ଆନ୍ଦୋଳନ ସହିତ ଜଡିତ ସମସ୍ତ ଗୋଷ୍ଠୀ ବା ନେତୃବୃନ୍ଦ ଏହା ଜନସାଧାରଣଙ୍କୁ ଅବଗତ କରାଇବେ କି?

ଓଡ଼ିଶା ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ମୁଦ୍ରିତ ବହିରେ ଠାବ କରାଯାଇଥିବା ଭୁଲ ପାଇଁ ଓଡ଼ିଶାର ଶିକ୍ଷା ମନ୍ତ୍ରୀ କିନ୍ତୁ ଇସ୍ତଫା ଦେଇନାହାନ୍ତି । ଡବଲ ଇଞ୍ଜିନ୍ ସରକାରରେ ନୈତିକତାର ଦୁଇଟି ଭିନ୍ନ ଭିନ୍ନ ସଂଜ୍ଞା ଲୋକେ ଦେଖିବାକୁ ପାଇଲେ । ଆନ୍ଦୋଳନକୁ ଉସୁକାଇ ପରୋକ୍ଷରେ ନିଶ ମୋଡୁଥିବା ନେତାମାନେ କହି ପାରିବେ କି ଶିକ୍ଷାର ବିକାଶ କ୍ଷେତ୍ରରେ ସେମାନଙ୍କର ଅବଦାନ କେତେ? ପିଲାଙ୍କ ବହିରେ ଭୁଲ ତଥ୍ୟ ଛାପି ସେମାନେ ତାହା ଅବଶ୍ୟ ସ୍ପଷ୍ଟ କରିଦେଇଛନ୍ତି ଆଗରୁ ମଧ୍ୟ ବିଭିନ୍ନ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର ନଜିର ରହିଛି । ପ୍ରତିଥର ଅନେକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରାଯାଇଛି । ଆଜିର ଘଟଣା ନିଶ୍ଚିତ କରୁଛି ଯେ ସରକାରଙ୍କ ସମେତ ଆମେମାନେ କେହି ପୂର୍ବ ଅଭିଜ୍ଞତାରୁ କିଛି ଶିଖି ପାରିନାହୁଁ । ଅନେକ ଅଭିଭାବକ କଳେବଳେ କୌଶଳେ ନିଜ ପିଲାକୁ କୃତକାର୍ଯ୍ୟ ହୋଇଥିବା ପିଲାଙ୍କ ତାଲିକାର ଶୀର୍ଷରେ ଦେଖିବାକୁ ସବୁ ପ୍ରକାର ଫନ୍ଦିଫିକର କରିବାକୁ ଆଗ୍ରାହାନ୍ୱିତ ହେବା ଫଳରେ ଏହି ସମସ୍ୟା ଗୁରୁତର ହେଉଛି । ଏହି ଘଟଣାରେ ଯଦି ଶିକ୍ଷାମନ୍ତ୍ରୀଙ୍କୁ ଦାୟୀ କରାଯିବ ତେବେ ଏହି ବୁଭୁକ୍ଷୁ ଅଭିଭାବକମାନେ ଦାୟୀ କାହିଁକି ହେବେ ନାହିଁ? ସରକାର ସେମାନଙ୍କୁ ଠାବ କରି ଦଣ୍ଡିତ କରିବା ଉଚିତ ।

ତଥାକଥିତ ବୁଦ୍ଧିଜିବୀମାନେ ସରକାରଙ୍କୁ ଶରବ୍ୟ କଲାବେଳେ ଘଟଣାକ୍ରମରେ ନିଜ ନିଜର ଭୂମିକାକୁ ଅବଶ୍ୟ ତର୍ଜମା କରନ୍ତୁ । ପିଲାଙ୍କ ଭବିଷ୍ୟତକୁ ଖାମଖିଆଲ ଭାବରେ ପରିଚାଳନା କରିବାକୁ କେହି ଧୃଷ୍ଟତା ନକରନ୍ତୁ ।

**ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ**
**ଓଗାଳପଡା, ଜାଆଁଳା,**
**ଖୋରଧା-୭୫୨୦୫୪**

# ଇତିହାସର ଆଇନାରେ ଅନଶନ



**ବିଜନ କୁମାର ମହାପାତ୍ର**

ଦିଲ୍ଲୀରେ ଶିକ୍ଷାବିତ ତଥା ସାମାଜିକ କର୍ମୀ ସୋନମ ଓ୍ୱାଙ୍ଗଚୁକଙ୍କ ଅନଶନ ବିଶ୍ୱର ଏକ ପ୍ରଭାବଶାଳୀ ଅହିଂସାତ୍ମକ ପ୍ରତିବାଦ ପନ୍ଥାକୁ ପୁଣି ଥରେ ଚର୍ଚ୍ଚାର ପରିସରକୁ ଆଣିଛି । ନ୍ୟାୟର ଲଢେଇ ଓ ଦାବି ପୂରଣ ପାଇଁ ସରକାର ଓ ପ୍ରଶାସନ ଉପରେ ଚାପ ପ୍ରୟୋଗ ସକାଶେ 'ହଙ୍ଗର ଷ୍ଟ୍ରାଇକ୍' ବା 'ଅନଶନ' କରାଯାଏ । ଅନଶନ କରୁଥିବା ବ୍ୟକ୍ତି କୌଣସି ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ବ୍ୟକ୍ତିଗତ ଓ ସାମୂହିକ ଭାବେ ଅନଶନ କରାଯାଏ । ଋଷୀୟ ଶବ୍ଦ 'ଗୋଲୋଡୋଫ୍‌କା'ର ଆକ୍ଷରିକ ଇଂରାଜୀ ହେଉଛି 'ଫେମିନ୍ ଫାଷ୍ଟ' । ପରେ ଇଂରାଜୀ ଶବ୍ଦ 'ହଙ୍ଗର ଷ୍ଟ୍ରାଇକ୍'ର ପ୍ରଚଳନ ହୋଇଥିଲା ।

ବିଶ୍ୱରେ ପ୍ରଥମ ବଡ଼ ଧରଣର ଅନଶନ ଊନବିଂଶ ଶତାବ୍ଦୀରେ ଋଷିଆରେ ହୋଇଥିବା ବିଶ୍ୱାସ ରହିଛି । ୧୮୭୮ ମସିହାରେ ଜାର୍ ଶାସନାଧୀନ ଋଷିଆର ସେଣ୍ଟ ପିଟର୍ସବର୍ଗ ସହରରେ ଥିବା କାରାଗାରର କଏଦୀମାନେ ଅନଶନ କରିଥିଲେ । କାରାଗାରରେ ଅତି ଦୟନୀୟ ସ୍ଥିତିର ପ୍ରତିବାଦ କରି ପୁରୁଷ କଏଦୀମାନେ ଖାଦ୍ୟ ଖାଇବାକୁ ମନା କରି ଦେଇଥିଲେ ।

ବିଂଶ ଶତାବ୍ଦୀ ଆରମ୍ଭରେ ବ୍ରିଟେନ ଓ ଆମେରିକାରେ ମହିଳାଙ୍କୁ ମତଦାନ ଓ ଅନ୍ୟ ଅଧିକାର ପ୍ରଦାନ ସପକ୍ଷରେ ଅଭିଯାନ ଆରମ୍ଭ ହୋଇଥିଲା । ବ୍ରିଟେନରେ ସାମାଜିକ କର୍ମୀ ମାରିଅନ ଓ୍ୱାଲ୍‌ସ ଡନଲପ୍ ଓ ଆମେରିକାରେ ଆଲିସ୍ ପଲ୍ ମହିଳାଙ୍କୁ ପୁରୁଷଙ୍କ ଭଳି ସମାନ ଅଧିକାର ପ୍ରଦାନ ଦାବିରେ ଜେଲରେ ଅନଶନ କରିଥିଲେ । ଆୟାର୍ଲାଣ୍ଡର ଜାତୀୟତାବାଦୀ ଆନ୍ଦୋଳନକାରୀମାନେ ମଧ୍ୟ ରାଜନୈତିକ ଦାବି ପୂରଣ ପାଇଁ ଅନଶନର ସାହାରା ନେଇଥିବା ଇତିହାସ କହେ । ବିଭିନ୍ନ ସମୟରେ ରାଜନେତା, ସାମାଜିକ କର୍ମୀ, ମାନବାଧିକାର କର୍ମୀ ଓ ପରିବେଶବିତମାନେ ଅନଶନ କରିଛନ୍ତି ।

ତେବେ, ଅନଶନ ଭଳି ଶାନ୍ତିପୂର୍ଣ୍ଣ ପ୍ରତିବାଦର ବହୁଳ ପ୍ରୟୋଗ ଭାରତରେ ହିଁ ହୋଇଛି । ସ୍ୱାଧୀନତା ଆନ୍ଦୋଳନରେ ମହାତ୍ମା ଗାନ୍ଧି ଅହିଂସା ଓ ସତ୍ୟାଗ୍ରହର ଏକ ପ୍ରମୁଖ ଅସ୍ତ୍ର ଭାବେ ଅନଶନ ପନ୍ଥା ଆପଣାଇଥିଲେ । ଦକ୍ଷିଣ ଆଫ୍ରିକାରେ ଥିବା ବେଳେ ମଧ୍ୟ ବର୍ଣ୍ଣବୈଷମ୍ୟବାଦୀ ସରକାର ବିରୋଧରେ ଏକାଧିକ ଥର ଅନଶନ କରି ଚର୍ଚ୍ଚିତ ହୋଇଥିଲେ ମହାତ୍ମା ଗାନ୍ଧି । ଭାରତ ପ୍ରତ୍ୟାବର୍ତ୍ତନ ପରେ ୧୯୧୮ରୁ ୧୯୪୮ ମଧ୍ୟରେ ସାଂପ୍ରଦାୟିକ ଦଙ୍ଗା, ଭେଦଭାବପୂର୍ଣ୍ଣ ରାଜନୀତି, ଅସ୍ପୃଶ୍ୟତା ଏବଂ ଅତ୍ୟଧିକ୍ୟ ଟିକସ ବ୍ୟବସ୍ଥା ବିରୋଧରେ ଅନେକ ଥର ଅନଶନ କରିଥିଲେ ଗାନ୍ଧିଜୀ । ଗାନ୍ଧିଜୀଙ୍କ ଯୋଗୁଁ ଅନଶନ ଭାରତରେ ଏକ ଗଣ ରାଜନୈତିକ ଅସ୍ତ୍ରରେ ପରିଣତ ହୋଇଥିଲା । ୧୯୧୮ ମସିହାରେ ଅହମ୍ମଦାବାଦ ଲୁଗାକଳ ଶ୍ରମିକଙ୍କ ଆନ୍ଦୋଳନ ବେଳେ ପ୍ରଥମ ଥର ପାଇଁ ଅନଶନ କରିଥିଲେ ମହାତ୍ମା ଗାନ୍ଧି ।

ହିନ୍ଦୁ -ମୁସଲିମ ଦଙ୍ଗା ରୋକିବା ସହ ସାଂପ୍ରଦାୟିକ ସଦ୍‌ଭାବ ପାଇଁ ୧୯୪୨ ମସିହାରେ ଗାନ୍ଧିଜୀଙ୍କ ଅନଶନ ୨୧ ଦିନ ଧରି ଚାଲିଥିଲା । ଅନଶନର ପଞ୍ଚମ ଦିନରେ ଗାନ୍ଧିଜୀଙ୍କ ସ୍ୱାସ୍ଥ୍ୟ ବିଗିଡି ଯାଇଥିଲା । ସେ ଆଉ ବଞ୍ଚିବେ ନାହିଁ ବୋଲି ଧରି ନେଇଥିଲେ ବ୍ରିଟିଶ ସରକାର । ତେଣୁ ତାଙ୍କର ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲେ ଗୋରା ସରକାର । ଚନ୍ଦନ କାଠର ବ୍ୟବସ୍ଥା କରାଯିବା ସହ ସମ୍ଭାବ୍ୟ ଜନ ଆକ୍ରୋଶକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ପ୍ରସ୍ତୁତି କରିଥିଲେ ବ୍ରିଟିଶ ସରକାର ।

କେବଳ ଗାନ୍ଧିଜୀ ନୁହଁନ୍ତି, ମହାନ କ୍ରାନ୍ତିକାରୀ ଭଗତ ସିଂହ ମଧ୍ୟ ଦାବି ପୂରଣ ପାଇଁ ଅନଶନ କରିଥିଲେ । ଭାରତୀୟ ରାଜନୈତିକ କଏଦୀଙ୍କୁ ସମାନ ବ୍ୟବହାର ଦାବିରେ ୧୯୨୯ରେ ଅନଶନ କରିଥିଲେ ଭଗତ ସିଂହ । ସ୍ୱାଧୀନତା ସଂଗ୍ରାମୀ ଯତୀନ୍ଦ୍ର ନାଥ ୬୩ ଦିନ ଧରି ଅନଶନ କରିଥିଲେ । ମାତ୍ର ୨୪ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା ।

ସ୍ୱାଧୀନ ଭାରତରେ ତେଲେଗୁ ସାମାଜିକ କର୍ମୀ ପୋଟ୍ଟି ଶ୍ରୀରାମୁଲୁଙ୍କ ଅନଶନ ଥିଲା ଏକ ପ୍ରଭାବଶାଳୀ ଅନଶନ । ତତ୍କାଳୀନ ମାଡ୍ରାସ ପ୍ରେସିଡେନସୀରେ ତେଲେଗୁ ଭାଷାଭାଷୀ ଲୋକଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବିରେ ୧୯୫୨ ମସିହାରେ ଅନଶନ ଆରମ୍ଭ କରିଥିଲେ ଶ୍ରୀରାମୁଲୁ । ୫୮ ଦିନର ଅନଶନ ପରେ ୧୯୫୨ ମସିହା ଡିସେମ୍ବର ୧୫ ତାରିଖରେ ଶ୍ରୀରାମୁଲୁଙ୍କ ମୃତ୍ୟୁ ହୋଇ ଥିଲା । ଅନଶନ ଅବସ୍ଥାରେ ଶ୍ରୀରାମୁଲୁଙ୍କ ମୃତ୍ୟୁ ପରେ ସୃଷ୍ଟି ହୋଇଥିଲା ଜନ ଆକ୍ରୋଶ । ବ୍ୟାପକ ହିଂସାକାଣ୍ଡ ଓ ଭଙ୍ଗାରୁଜାରେ ଅଶାନ୍ତ ହୋଇଥିଲା ମାଡ୍ରାସ ପ୍ରେସିଡେନସୀ । ସ୍ଥିତିର ଗମ୍ଭୀରତାକୁ ଦେଖି କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହର ଲାଲ୍ ନେହରୁ ତେଲେଗୁ ଲୋକଙ୍କ ପାଇଁ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି ଗ୍ରହଣ କରିଥିଲେ । ଜନ୍ମ ନେଇଥିଲା ସ୍ୱତନ୍ତ୍ର ଆନ୍ଧ୍ର ପ୍ରଦେଶ । ସାର୍ଥକ ହୋଇଥିଲା ପୋଟ୍ଟି ଶ୍ରୀରାମୁଲୁଙ୍କ ଆତ୍ମତ୍ୟାଗ ।

ବିଶ୍ୱର ସୁଦୀର୍ଘ ଅନଶନ ହେଉଛି 'ମଣିପୁରର ଲୌହ ମାନବୀ' ଭାବେ ପରିଚିତ ମାନବାଧିକାରୀ କର୍ମୀ ଇରମ ଶର୍ମିଳାଙ୍କ ଅନଶନ । ମାଲୋମରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୦ ନାଗରିକଙ୍କ ମୃତ୍ୟୁ ପ୍ରତିବାଦରେ ୨୦୦୦ ମସିହା ନଭେମ୍ବରରେ ଶର୍ମିଳା ଆରମ୍ଭ କରିଥିଲେ ଆମରଣ ଅନଶନ । ବିଚ୍ଛିନ୍ନତାବାଦ ପ୍ରଭାବିତ ମଣିପୁରରେ ସୁରକ୍ଷାକର୍ମୀଙ୍କ ଦ୍ୱାରା ମାନବାଧିକାର ଉଲ୍ଲଂଘନ ଅଭିଯୋଗ ଆଣି ବିବାଦୀୟ ସଶସ୍ତ୍ର ବାହିନୀ ସ୍ୱତନ୍ତ୍ର କ୍ଷମତା ଅଧିନିୟମ ବା ଏଏଫଏସପିଏ ଉଚ୍ଛେଦ ଦାବି କରିଥିଲେ ଇରମ ।

ବର୍ଷେ କି ଦୁଇ ବର୍ଷ ନୁହେଁ, ଦୀର୍ଘ ୧୬ ବର୍ଷ ଧରି ଅନଶନ କରିଥିଲେ ଇରମ । ତାଙ୍କୁ ନାଜାଲ ଟ୍ୟୁବ ସହାୟତାରେ ବଳପୂର୍ବକ ଖାଦ୍ୟ ଦିଆଯାଇ ବଂଚାଇ ରଖାଯାଇଥିଲା । ଆତ୍ମହତ୍ୟା ଉଦ୍ୟମ ଅଭିଯୋଗରେ ଇରମ ଶର୍ମିଳାଙ୍କୁ ବାରମ୍ବାର ଗିରଫ କରିଥିଲା ପୋଲିସ । ଇରମ ୧୬ ବର୍ଷ ଅନଶନ କରିବା ପରେ ମଧ୍ୟ ମଣିପୁରରୁ ଆଫ୍ସା ପ୍ରତ୍ୟାହାର କରିନଥିଲେ କେନ୍ଦ୍ର ସରକାର, ଯାହା କି ତାଙ୍କର ମୁଖ୍ୟ ଦାବି ଥିଲା ।

ଏକବିଂଶ ଶତାବ୍ଦୀର ପ୍ରମୁଖ ଅନଶନ ମଧ୍ୟରେ ଗାନ୍ଧିବାଦୀ ବର୍ଷିଆନ ନେତା ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧୀ ଆନ୍ଦୋଳନ ଅନ୍ୟତମ । ଦୁର୍ନୀତି ବିରୋଧୀ ଜନ ଲୋକପାଳ ଆଇନ ପ୍ରଣୟନ ଦାବି କରି ଜନ୍ତର ମନ୍ତରରେ ୨୦୧୧ ମସିହାରେ ଅନଶନ ଆରମ୍ଭ କରିଥିଲେ ଆନ୍ନା ହଜାରେ । ଭାରତରେ ଦୁର୍ନୀତି ବିରୋଧୀ ଆନ୍ଦୋଳନ କ୍ଷେତ୍ରରେ ଆନ୍ନା ହଜାରେଙ୍କ ଅନଶନ ଥିଲା ଐତିହାସିକ । ହଜାରେଙ୍କ ଅନଶନରୁ ଜନ୍ମ ନେଇଥିଲା 'ଇଣ୍ଡିଆ ଏଗନେଷ୍ଟ କରପସନ୍' ଅଭିଯାନ ( ଆଇଏସି ) । ଆନ୍ନା ହଜାରେଙ୍କ ଦାବି ଆଗରେ ନତମସ୍ତକ ହୋଇଥିଲେ ମନମୋହନ ସିଂହ ସରକାର ।

ଏକବିଂଶ ଶତାବ୍ଦୀର ପ୍ରମୁଖ ଅନଶନ ମଧ୍ୟରେ ଗାନ୍ଧିବାଦୀ ବର୍ଷିଆନ ନେତା ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧୀ ଆନ୍ଦୋଳନ ଅନ୍ୟତମ ।

ଦୁର୍ନୀତି ବିରୋଧୀ ଜନ ଲୋକପାଳ ଆଇନ ପ୍ରଣୟନ ଦାବି କରି ଜନ୍ତର ମନ୍ତରରେ ୨୦୧୧ ମସିହାରେ ଅନଶନ ଆରମ୍ଭ କରିଥିଲେ ଆନ୍ନା ହଜାରେ । ଭାରତରେ ଦୁର୍ନୀତି ବିରୋଧୀ ଆନ୍ଦୋଳନ କ୍ଷେତ୍ରରେ ଆନ୍ନା ହଜାରେଙ୍କ ଅନଶନ ଥିଲା ଐତିହାସିକ । ହଜାରେଙ୍କ ଅନଶନରୁ ଜନ୍ମ ନେଇଥିଲା 'ଇଣ୍ଡିଆ ଏଗନେଷ୍ଟ କରପସନ୍' ଅଭିଯାନ ( ଆଇଏସି ) । ଆନ୍ନା ହଜାରେଙ୍କ ଦାବି ଆଗରେ ନତମସ୍ତକ ହୋଇଥିଲେ ମନମୋହନ ସିଂହ ସରକାର ।

ଏକବିଂଶ ଶତାବ୍ଦୀରେ ଆଉ ଗୋଟିଏ ଅନଶନ ସଂପର୍କରେ ଚର୍ଚ୍ଚା ପ୍ରାୟ ହୁଏ ନାହିଁ । ପରିବେଶବିତ ତଥା ଆଇଆଇଟି କାନପୁରର ପୂର୍ବତନ ପ୍ରଫେସର ଜି.ଡି ଅଗ୍ରଓ୍ୱାଲ (ଯିଏ କି ପରେ ସ୍ୱାମୀ ଜ୍ଞାନସ୍ୱରୂପ ସାଣନ୍ଦ ଭାବେ ପରିଚିତ ହେଲେ ) ଗଙ୍ଗା ନଦୀର ସଂରକ୍ଷଣ ପାଇଁ କଡା ପଦକ୍ଷେପ ଦାବିରେ ଏକାଧିକ ଥର ଅନଶନ କରିଥିଲେ । ଗଙ୍ଗାନଦୀ ତଟରେ ଜଳବିଦ୍ୟୁତ ପ୍ରକଳ୍ପ ଓ ଅନ୍ୟ ବିକାଶମୂଳକ କାମ ବନ୍ଦ କରିବା ପାଇଁ ଆଇନଗତ ବ୍ୟବସ୍ଥା ଦାବିରେ ୨୦୧୮ରେ ଅନଶନ କରିଥିଲେ ଜି.ଡି ଅଗ୍ରଓ୍ୱାଲ । ଏହା ଥିଲା ଅଗ୍ରଓ୍ୱାଲଙ୍କ ଶେଷ ଅନଶନ । ଋଷିକେଶରେ ଦୀର୍ଘ ୧୧୧ ଦିନ ଧରି ଅନଶନ କରିବା ପରେ ୨୦୧୮ ମସିହା ଅକ୍ଟୋବର ୧୧ ତାରିଖରେ ଆଖି ବୁଜିଥିଲେ ଅଗ୍ରଓ୍ୱାଲ । ଏହା ସତ୍ତ୍ୱେ ତାଙ୍କ ଦାବି ପୂରଣ ନେଇ ନୀରବ ରହିଥିଲେ ସରକାର ।

ପରିବେଶବିତ ତଥା 'ନର୍ମଦା ବଚାଓ ଆନ୍ଦୋଳନ'ର ସଂସ୍ଥାପକ ମେଧା ପାଟକର ବିସ୍ଥାପିତଙ୍କ ଉପଯୁକ୍ତ ଥଇଥାନ ଓ କ୍ଷତିପୂରଣ ଦାବିରେ ବିଭିନ୍ନ ସମୟରେ ଅନଶନ କରିଛନ୍ତି । ତାଙ୍କ ଅନଶନ ଯୋଗୁଁ ନର୍ମଦା ପ୍ରକଳ୍ପ ବିସ୍ଥାପିତଙ୍କ ସମସ୍ୟା ଅଦାଲତରେ ପହଞ୍ଚି ପାରିଥିଲା ।

ସ୍ୱତନ୍ତ୍ର ତେଲେଙ୍ଗାନା ରାଜ୍ୟ ଗଠନ ଦାବିରେ ଟିଆରଏସ (ବର୍ତ୍ତମାନର ଭାରତ ରାଷ୍ଟ୍ର ସମିତି ) ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ ଅନଶନ କରିଥିଲେ । ୨୦୦୯ ନଭେମ୍ବର ୨୯ ତାରିଖରେ ତେଲେଙ୍ଗାନା ରାଜ୍ୟ ଦାବିରେ ଅନଶନ ଆରମ୍ଭ କରିଥିଲେ ଚନ୍ଦ୍ରଶେଖର । ଏହି ଅନଶନ ପରେ ହିଁ ତେଲେଙ୍ଗାନା ଦାବିରେ ଜୋରଦାର ହୋଇଥିଲା ଆନ୍ଦୋଳନ ।


୨୦୦୬ରେ ସିଙ୍ଗୁର ଟାଟା ନାନୋ କାର୍ ପ୍ରକଳ୍ପ ପାଇଁ ଚାଷ ଜମି ଅଧିଗ୍ରହଣ ବିରୋଧରେ ମମତା ବାନାର୍ଜୀଙ୍କ ଅନଶନ ମଧ୍ୟ ବେଶ୍ ଚର୍ଚ୍ଚିତ ହୋଇଥିଲା ।

**ଉମା ନଗର, ଚତୁର୍ଥ ଲେନ୍**
**ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮**
**ମୋ-୮୮୪୭୮୪୨୪୨୪**

# ଲୋକମାନ୍ୟ ତିଳକ

**ଡକ୍ଟର ସୁରେଶ କୁମାର ନାୟକ**

ଲୋକମାନ୍ୟ ଭାବେ ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ଓକିଲ ତଥା ସାମ୍ବାଦିକ ବାଲ ଗଙ୍ଗାଧର ତିଳକଙ୍କର ଆଜି ତିରୋଧାନ ଦିବସ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ସେ ଥିଲେ ପ୍ରମୁଖ ନେତା । ବ୍ରିଟିଶ ଉପନିବେଶକାରୀମାନେ ତାଙ୍କୁ ଅବିଶ୍ରାନ୍ତ ପରିଶ୍ରମର 'ଜାତୀୟ ପିତା' ବୋଲି କହୁଥିଲେ । ବ୍ରିଟିଶ ରାଜ କାଳରେ ପୂର୍ଣ୍ଣ ସ୍ୱରାଜର ଦାବି ପ୍ରଥମେ ସେ ଉଠାଇଥିଲେ । ତାଙ୍କର 'ସ୍ୱରାଜ ମୋର ଜନ୍ମସିଦ୍ଧ ଅଧିକାର, ମୁଁ ତାକୁ ନିଶ୍ଚୟ ହାସଲ କରିବି', ବାଣୀ ଆଜି ବି ଭାରତୀୟଙ୍କ ସ୍ମୃତିରେ ତାଜା ହୋଇରହିଛି ।



୧୮୫୬ ମସିହା ଜୁଲାଇ ୨୩ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସ୍ଥିତ ଏକ ବ୍ରାହ୍ମଣ ପରିବାରରେ ତିଳକଙ୍କ ଜନ୍ମ । ତାଙ୍କ ପିତା ଗଙ୍ଗାଧର ତିଳକ ଜଣେ ଶିକ୍ଷକ ତଥା ସଂସ୍କୃତ ବିଦ୍ୱାନ ଥିଲେ । ମାତ୍ର ୧୬ ବର୍ଷ ବୟସରେ ୧୮୭୧ରେ ତପିବାଇଙ୍କୁ ସେ ବିବାହ କରିଥିଲେ । ୧୮୭୨ରେ ମାଟ୍ରିକ ପରୀକ୍ଷା ଦେଇଥିଲେ । ପୁନେର ଡେକାନ କଲେଜରେ ତିଳକ ସ୍ନାତକ ଏବଂ ୧୮୭୯ରେ ଏଲଏଲବି ଡିଗ୍ରୀ ହାସଲ କରିଥିଲେ ।

ମରାଠୀରେ 'ମରାଠା ଦର୍ପଣ' ଓ 'କେଶରୀ' ଦୁଇଟି ଦୈନିକ ସମ୍ବାଦପତ୍ର ସେ ଆରମ୍ଭ କରିଥିଲେ, ଯାହା ସେତେବେଳେ ବେଶ ଲୋକପ୍ରିୟ ହୋଇଥିଲା । କଠୋର ଇଂରେଜ ଶାସନ ଓ ଭାରତୀୟ ସଂସ୍କୃତି ପ୍ରତି ହୀନ ଭାବନା ତାଙ୍କୁ ବିଚଳିତ କରିଥିଲା । ପୂର୍ଣ୍ଣ ସ୍ୱରାଜ ପାଇବାକୁ ସେ ବିପ୍ଳବର ବହ୍ନି ଜାଳିଥିଲେ ଦେଶବାସୀଙ୍କ ମନରେ । ସେଥିପାଇଁ ବାରମ୍ବାର କାରାବରଣ ମଧ୍ୟ କରିଥିଲେ । ଭାରତୀୟ ଜାତୀୟ କଂଗ୍ରେସରେ ସାମିଲ ହୋଇଥିଲେ ମଧ୍ୟ କଂଗ୍ରେସର ନରମପନ୍ଥୀ ଚିନ୍ତାଧାରାକୁ ସେ ବିରୋଧ କରିଥିଲେ ।

ଭାରତୀୟ ସମାଜରେ ଅନେକ ସୁଧାର ପାଇଁ ସେ ପ୍ରଯତ୍ନ ଥିଲେ । ସେ ବାଲ୍ୟ ବିବାହକୁ ବିରୋଧ କରୁଥିଲେ । ହିନ୍ଦୀକୁ ରାଷ୍ଟ୍ରଭାଷା କରିବା ପାଇଁ ସେ ଜୋର ଦେଇଥିଲେ । ଭାରତୀୟ ସଂସ୍କୃତି, ପରମ୍ପରା ଓ ଇତିହାସ ଉପରେ ଲିଖିତ ତାଙ୍କ ଲେଖା ଭାରତୀୟଙ୍କ ମନରେ ଆଜି ବି ସ୍ୱାଭିମାନର ଭାବନା ଜାଗ୍ରତ କରେ । ୧୯୨୦ ମସିହା ଆଜିର ଦିନରେ ଏହି ଯୋଗଜନ୍ମା, ଯୁଗପୁରୁଷଙ୍କର ଦେହାନ୍ତ ହୋଇଥିଲା ।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ମୋ-୯୪୩୭୨୨୫୫୯୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନକ୍ସଲମୁକ୍ତ...

ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ରାଜ୍ୟର ବିକାଶମୂଳକ ପଦକ୍ଷେପ, ଆଇନ ଶୃଙ୍ଖଳା ପରିସ୍ଥିତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଚାଲୁରହିଥିବା ବିଭିନ୍ନ ବିକାଶମୂଳକ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ସହଯୋଗ କାମନା କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ଓଡ଼ିଶା ଆଜି ଏକ "ନକ୍ସଲମୁକ୍ତ ରାଜ୍ୟ ଭାବେ ମାନ୍ୟତା ପାଇପାରିଛି ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଦେଇଥିଲେ । ନକ୍ସଲ ଦମନରେ ଏହି ସଫଳତା ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି ବୋଲି ସେ କହିଥିଲେ । ନକ୍ସଲ ମୁକ୍ତ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର 'ଗ୍ରାମୋଦୟ ଯୋଜନାଦ ମାଧ୍ୟମରେ ସେହି ଅଞ୍ଚଳ ଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରୁଛନ୍ତି । ସକ୍ରିୟ ପୋଲିସିଂ ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଇଥିବା ଦ୍ରୁତ ଶିଳ୍ପାୟନ ବିଷୟରେ ଆଲୋଚନା କରି ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଗୃହମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଥିଲେ ।

## ଯୁବକଙ୍କୁ...

ହତ୍ୟାର ଶିକାର ହୋଇଥିବା ଯୁବକଙ୍କ ସମ୍ପର୍କୀୟମାନେ ଗ୍ୟାରେଜ ଛକରେ ରାସ୍ତାରୋକ କରିବାରୁ ଗାଡି ଚଳାଚଳ ପ୍ରବାହିତ ହୋଇଥିଲା ।

ଶିଶୁପାଳଗଡର ଜିତୁ କାଣ୍ଡି ଗାୟତ୍ରୀ ବସ୍ତି ନିକଟ ବଜାର ପାଖକୁ ଖଟି କରିବାକୁ ଆସେ । ସେହି ବସ୍ତିର ଜୟନ୍ତୀ ରେz1 ନାମକ ପରିବାର ସହ ତା'ର ନିବିଡ ସମ୍ପର୍କ ଥିଲା । ସେଠାରେ ଏକ କ୍ୟାବିନରେ ଗୁରୁବାର ରାତିରେ କିଛି ଦୁର୍ବୃତ୍ତ ବସି ନିଶା ଖାଇଥିଲେ । ତାଙ୍କ ସହ ଜିତୁ ମଧ୍ୟ ଥିଲା । ପୂର୍ବ ଶତ୍ରୁତା କିମ୍ବା ସାମୟିକ କୌଣସି ଘଟଣାକୁ ନେଇ ଜିତୁକୁ ଅଭିଯୁକ୍ତମାନେ ହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ । ହେଲେ ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ସେ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ । ତା'ନାଁରେ ଶ୍ରୀଲିଙ୍ଗରାଜ ଥାନା ସମେତ ଭୁବନେଶ୍ୱରର ବିଭିନ୍ନ ଥାନାରେ ବହୁ ମାମଲା ପଞ୍ଜିକୃତ ରହିଛି ।

## ପ୍ରଧାନମନ୍ତ୍ରୀଙ୍କୁ...

କାର୍ଯ୍ୟପାଳିକାର ଗଣତାନ୍ତ୍ରିକ ବିରୋଧରେ କାର୍ଯ୍ୟ କରିବ ବୋଲି ଧାରଣ କରିବା ଅଦାଲତ ପକ୍ଷ ଉଚିତ ନୁହେଁ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି ବାଢ଼ି ସଲିସେଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ଯଦି ଏହି ନିଷ୍ପତ୍ତିକୁ ବିଶ୍ୱାସ କରାଯାଉନାହିଁ । ତା'ହେଲେ କ୍ୟାବିନେଟ ଚୟନ ବେଳେ କିଛି ଅବସରପ୍ରାପ୍ତ ବିଚାରପତି ଓ ଅନ୍ୟ ବାହାର ଲୋକଙ୍କ ଠାରୁ ପରାମର୍ଶ ନିଆଯିବ କି ବୋଲି ସେ ପ୍ରଶ୍ନ କରିଥିଲେ । ଜଷ୍ଟିସ ଦୀପଙ୍କର ଦତ୍ତ, ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରଙ୍କ ନିଯୁକ୍ତି ଉପରେ ସାମ୍ବିଧାନିକ ବୈଧତତା ନିର୍ଦ୍ଦେଶକୁ ସଂରକ୍ଷିତ ରଖିଛନ୍ତି । କେନ୍ଦ୍ର ସରକାର ୨୦୨୩ରେ ଏକ ନୂଆ ଆଇନ ବଳରେ ସୁପ୍ରିମକୋର୍ଟର ପ୍ରଧାନବିଚାରପତିଙ୍କୁ ନିଯୁକ୍ତି ପ୍ରକ୍ରିୟାରୁ ବାଦ ଦେଇଥିଲେ । ସେଠାରେ କେନ୍ଦ୍ର ମନ୍ତ୍ରୀଙ୍କୁ ସାମିଲ କରାଯାଇଥିଲା ।

## ମହାନଦୀ...

ଜଳସ୍ତର ଉପରେ କଡ଼ା ନଜର ରଖିବା ସହ ତଳମୁଣ୍ଡ ଅଞ୍ଚଳର ସମସ୍ତ ବନ୍ୟାପ୍ରବଣ ଏବଂ ନିମ୍ନାଞ୍ଚଳରେ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ପାଇଁ ଏସ୍ଆରସି ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନକୁ ନଦୀକୂଳ ଓ ବନ୍ଧଗୁଡ଼ିକରେ ବିଶେଷକରି ରାତ୍ରି ସମୟରେ ପୋଲିସ ସହାୟତାରେ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରିବା, ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଯେକୌଣସି ବନ୍ୟାଜନିତ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ଏବଂ ନଦୀବନ୍ଧଗୁଡ଼ିକର ସ୍ଥିତି ଉପରେ ନିରନ୍ତର ନଜର ରଖି ବନ୍ଧ ଭାଙ୍ଗିଯିବା ଅଥବା ଜଳ ଲିକେଜ୍, କ୍ଷୟ କିମ୍ବା ଅନ୍ୟ କୌଣସି ବିପଦ ସଙ୍କେତ ଦେଖାଦେଲେ ତୁରନ୍ତ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି । ଫୁଲୁଛି ମହାନଦୀ, ଉଛୁଳୁଛି ଶାଖାନଦୀ । ଅନ୍ୟପଟେ ମହାନଦୀରେ ଏତେ ପାଣି ଆସୁଥିବା ଜାଣି ନଦୀକୂଳିଆ ଲୋକଙ୍କ ଡର ବଢ଼ିଯାଇଛି । ଘେରାବନ୍ଦୀ ଗାଁ, ଜଳବନ୍ଦୀର ଭୟ । ଆଉ ଚିନ୍ତାରେ ଦିନ କାଟୁଛନ୍ତି ନଦୀକୂଳିଆ ଲୋକେ । ଛତିଶଗଡ଼ରେ ପ୍ରବଳ ବର୍ଷା ଯୋଗୁଁ ହୀରକୁଦ ଡ୍ୟାମର ୨୨ଟି ଗେଟ୍ ଖୋଲିବା ପରେ ଏପଟେ ମହାନଦୀ ଅବବାହିକାରେ ଥିବା ଲୋକଙ୍କ ଭିତରେ ବଢ଼ିଛି ଛାନିଆ । ହୀରାକୁଦ ଡ୍ୟାମ ଖୋଲିବା ପରେ ବୌଦ୍ଧ ହରଭଙ୍ଗା ବ୍ଲକରେ ମହାନଦୀ ୮୬.୩୫ ମିଟରରେ ପ୍ରାବାହିତ ହେଉଥିବା ବେଳେ ବିପଦ ସଙ୍କେତ ସ୍ତର ରହିଛି ୮୭.୮୦ ମିଟର । ମୁଣ୍ଡଳିରେ ୮ ଲକ୍ଷ ୮୦ ହଜାର ୫୯୧ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ବିପଦ ସଙ୍କେତଠାରୁ ମାତ୍ର ଦେଢ଼ ଫୁଟ ତଳେ ରହିଛି ପାଣି । ଶୁକ୍ରବାର ରାତି ସୁଦ୍ଧା ମୁଣ୍ଡଳି ଓ ନରାଜରେ ବନ୍ୟା ଜଳ ବିପଦ ସଙ୍କେତ ଟପିଯିବା ଆଶଙ୍କା କରାଯାଉଛି । ସେପଟେ ନରାଜରେ ଜଳସ୍ତର ୨୫.୮୫ ମିଟର ଥିବା ବେଳେ ୪ ଲକ୍ଷ ୩୪ ହଜାର ୯୫୨ କ୍ୟୁସେକ୍ ପାଣି ପ୍ରବାହିତ ହେଉଛି । ଯୋବ୍ରା ଆନିକଟରେ ମହାନଦୀରେ ସନ୍ଧ୍ୟା ସୁଦ୍ଧା ୩ ଲକ୍ଷ ୯୭ ହଜାର ୨୪ କ୍ୟୁସେକ୍ ପାଣି ନିଷ୍କାସିତ ହେଉଥିବା ବେଳେ ଜଳସ୍ତର ୨୧.୨୦ ମିଟର ରହିଛି । କଟକ ଜିଲ୍ଲାର ତିଗିରିଆ, ବାଙ୍କି ବିଲିପଡ଼ା ଓସ୍ତପୁର ଅଞ୍ଚଳରେ ଘର ଚାରିପଟେ ବେକେ ପାଣି ହୋଇଥିବାରୁ ଛାତ ଉପରେ ମଞ୍ଚା ବାନ୍ଧି ରାତି କାଟିବାକୁ ଚାଲିଛି ପ୍ରସ୍ତୁତି । ଯଦିଓ ବନ୍ୟା ଏମାନଙ୍କ ପାଇଁ କିଛି ନୂଆ ନୁହେଁ ତଥାପି ଜୀବନ ବଞ୍ଚାଇବାକୁ ଆଗୁଆ ଅଣ୍ଟା ଭିଡିଛନ୍ତି ଏମାନେ । ସେପଟେ ଇଏ ହେଉଛି ଆଠଗଡ ତିଗିରିଆ ବାଉଲାଙ୍ଗ ଅଞ୍ଚଳର କାଳେ କିଏ ଘାଇ କରି ଦେବ, ସେଥିପାଇଁ ଢେର ସତର୍କ ରହିଛନ୍ତି । ଏପଟେ ହୁଲୁହୁଳା ପୋଲ ଉପରେ ୫ ଫୁଟ ପାଣି ଚାଲିବା ପରେ ବାଙ୍କୀ-ତିଗିରିଆ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ମହାନଦୀର ଶାଖା ଦେବୀ, ଚିତ୍ରୋତ୍ପଳା, ଲୁଣା ଓ ଦୟା ନଦୀରେ ବନ୍ୟା ଜଳ ବଢ଼ିବାରୁ ଜଗତସିଂହପୁର ଜିଲାର କୁଜଙ୍ଗ, ତିର୍ତ୍ତୋଲ, ବାଲିକୁଦା ଓ ନାଉଗାଁ ବ୍ଲକର ୨୦ରୁ ଉର୍ଦ୍ଧ ଗାଁ ପ୍ରଭାବିତ ହୋଇଛି । ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରାଯାଇ ବିଭିନ୍ନ ଆଶ୍ରୟସ୍ଥଳରେ ରଖାଯାଇଛି । ନିଜେ ଜିଲ୍ଲାପାଳ ବିଭିନ୍ନ ଅଞ୍ଚଳ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କରୁଛନ୍ତି । ତିର୍ତ୍ତୋଲ ମୁଣ୍ଡାସାହିରେ ଲୋକଙ୍କ ଘରେ ପାଣି ପଶିବାରୁ ଲୋକେ କେନାଲ ବନ୍ଧରେ ଆଶ୍ରୟ ନେଇଛନ୍ତି । ଗୃହପାଳିତ ପଶୁମାନଙ୍କୁ ନେଇ ଜରି ପାଲ ତଳେ ଆଶ୍ରୟ ନେଇଛନ୍ତି । ଏପଟେ ପୁରୀ ଜିଲ୍ଲାର ନିମାପଡ଼ା, କାକଟପୁର ଅଞ୍ଚଳରେ ବି ସମାନ ସ୍ଥିତି । ଅସ୍ତରଙ୍ଗର ବାଉରିଆକଣଠାରେ ଦେବୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛିଛ ନିମାପଡ଼ାରେ କୁଶଭଦ୍ରା ନଦୀର ବନ୍ୟାଜଳରେ ହରିପୁର ସମେତ ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି । ଦୟା, ରାଜୁଆ ନଦୀର ବନ୍ୟାଜଳ ଏବେ ଲୋକଙ୍କ ପାଇଁ ଚିନ୍ତାର ବିଷୟ ହୋଇଛିଛ ଅନେକ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି । ଶହ ଶହ ହେକଟର ପରିବା ଓ ଧାନଚାଷ ଜଳମଗ୍ନ ହୋଇ ରହିଛି । ପୁରୀ ଅସ୍ତରଙ୍ଗ ତାଳଦା ନିକଟରେ ନଦୀ ମଝିରେ ଥିବା ଧବଳେଶ୍ୱର ମନ୍ଦିର ଟାପୁରେ ଫସିଥିବା ୪୦୦ ଗୋରୁଙ୍କୁ କୋଣାର୍କ ଓ ଅସ୍ତରଙ୍ଗ ଅଗ୍ନିଶମ ବିଭାଗର ଅଗ୍ନିବୀର ମାନଙ୍କ ଉଦ୍ୟମରେ ଉଦ୍ଧାର କରାଯାଇଛି । ନଦୀରେ ପ୍ରବଳ ବନ୍ୟାଜଳ ଥିବା ବେଳେ ଏଥିରେ ମଇଷି, ଗୋରୁ ଗାଈ ସହ ୧୬ ଜଣ ଗାଈ ଚରାଳୀ ଫସି ରହିଥିଲେ । ବେଶ୍ କିଛି ସମୟ ପାଇଁ ଚାଲିଥିଲା ରେସ୍କ୍ୟୁ ଅପରେସନ୍ । ପାଣିର ସୁଅ ପ୍ରଖର ଥିବା ସତ୍ତ୍ୱେ ଜଣ ଜଣ କରି ଗୋରୁଙ୍କୁ ସେଠୁ ବାହାର କରାଯାଇଛି । ଅଗ୍ନିଶମ ବିଭାଗର କର୍ମଚାରୀମାନେ ପାଓ୍ୱାର ବୋଟ ସାହାଯ୍ୟରେ ମଇଷି ଓ ଲୋକଙ୍କୁ ଉଦ୍ଧାର କରିଛି ।

## ୮.୩୪...

ପରିସ୍ଥିତି ସମ୍ପର୍କରେ ସୁବିସ୍ତୃତ ସମୀକ୍ଷା କରିଛନ୍ତି । ମହାନଦୀର ଜଳସ୍ତର ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ଏହାର ଅବବାହିକା ଅଞ୍ଚଳ ତଥା ଉପକୂଳ ଜିଲ୍ଲାମାନଙ୍କରେ ପ୍ରଶାସନକୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ କୁହାଯାଇଛି । ଯେଉଁ ପର୍ଯ୍ୟନ୍ତ ବନ୍ୟା ଜଳ ସମ୍ପୂର୍ଣ୍ଣ ନିଷ୍କାସିତ ହୋଇ ମାଟି ଶୁଖିଲା ନହୋଇଛି, ସେ ପର୍ଯ୍ୟନ୍ତ ସମସ୍ତ ରିଲିଫ କେନ୍ଦ୍ରରେ ସେବା ପ୍ରଦାନ କରି ରଖିବାକ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ୨୨ଟି ଗେଟ୍ ଖୋଲା ଥିବା ବେଳେ ମୁଣ୍ଡଳି ଠାରେ ୮,୪୩,୦୮୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିଲା । ହୀରାକୁଦରୁ ଆସିମୁଣ୍ଡୁଳି ଠାରେ ପହଞ୍ଚିବାକୁ ପାଖାପାଖି ୪୦ ଘଣ୍ଟା ସମୟ ଲାଗିବ । ତେବେ ସେତେବେଳକୁ ମୁଣ୍ଡୁଳିରେ ମହାନଦୀର ଜଳସ୍ତର ଅପେକ୍ଷାକୃତ କମ୍ ହୋଇ ଯାଇଥିବାରୁ, ଏହି ବନ୍ୟାଜଳ ଦ୍ୱାରା ବିଶେଷ ବିପଦ ସୃଷ୍ଟି ହେବ ନାହିଁ ବୋଲି ଆଶା କରାଯାଉଛି । ତେବେ ମହାନଦୀର ଜଳସ୍ତର ଉପରେ ଜଳସମ୍ପଦ ବିଭାଗ ସହ ସମନ୍ୱୟ ରକ୍ଷା କରି ଦୃଢ଼ ନଜର ରଖାଯାଇଥିଲା ବେଳେ ଅବବାହିକା ଅଞ୍ଚଳ ତଥା କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଆଦି ଜିଲ୍ଲାମାନଙ୍କୁ ସମ୍ପୂର୍ଣ୍ଣ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ପ୍ରଶାସନ ସହ ଓଡ୍ରାଫ୍, ଏନଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀ ସବୁଠି ନିୟୋଜିତ ଅଛନ୍ତି । ରାଜ୍ୟରେ ୧୭ଟି ଓଡ୍ରାଫ୍, ୭ଟି ଏନଡିଆରଏଫ୍ ଏବଂ ୧୨୯ଟି ଅଗ୍ନିଶମ ତଥା ଜରୁରୀକାଳୀନ ଉଦ୍ଧାରକାରୀ ଦଳ ନିୟୋଜିତ ଥିବା ସହ ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ, ରିଲିଫ୍ ସମାଗ୍ରୀ ପ୍ରଦାନ କାର୍ଯ୍ୟ ନିରବଚ୍ଛିନ୍ନ ରହିଛି । ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରୁ ୧୬ଟି ଜିଲ୍ଲା ସମ୍ପୂର୍ଣ୍ଣ ବିପଦମୁକ୍ତ ଥିବା ବେଳେ ବାକି ୧୪ଟି ଜିଲ୍ଲା ବନ୍ୟା ଦ୍ୱାରା ଊଣାଅଧିକେ ପ୍ରଭାବିତ ହୋଇଛନ୍ତି । ୧୪ଟି ଜିଲ୍ଲାର ୬୫ଟି ବ୍ଲକର ୪୯୨ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୪୪୬ଟି ଗ୍ରାମ ଏବଂ ୧୩ଟି ପୌରାଞ୍ଚଳର ୨୦୧ ଓ୍ୱାର୍ଡର ପ୍ରାୟ ୮,୩୪,୭୪୧ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ପାଣି ଘେରରେ ୨, ୬୭,୩୦୧ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୬,୯୪୨ ହେକଟର ଚାଷଜମି ପ୍ରଭାବିତ ହୋଇଛି । ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥା ଏସଆରସିଙ୍କ ସହ ଜିଲ୍ଲା ପ୍ରଶାସନ ସମନ୍ୱିତ ହୋଇ ଦିନରାତି ଏକ କରି ଜନସାଧାରଣଙ୍କ ସେବାରେ ସମର୍ପିତ ହୋଇ କାର୍ଯ୍ୟ କରୁଛନ୍ତି । ପ୍ରାୟ ୬୪୭ଟି ରିଲିଫ୍ କେନ୍ଦ୍ରରେ ଲୋକମାନଙ୍କୁ ଉଭୟ ରନ୍ଧାଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ଶିଶୁମାନଙ୍କ ପାଇଁ ଶିଶୁଖାଦ୍ୟ, ବୟସ୍କ ଏବଂ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସେହିପରି ଘର ଛାଡି ରିଲିଫ୍ କେନ୍ଦ୍ରକୁ ଆସିବାକୁ ରାଜି ନଥିବା ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ବୁଝାଯାଇ ସଚେତନ କରାଯାଇ ରିଲିଫ୍ କେନ୍ଦ୍ରକୁ ସ୍ଥାନାନ୍ତର କରିବାର ବ୍ୟବସ୍ଥା କରାଯାଇଛି । ପାଣିଘେରରେ ନିଜ ଘରେ ଥିବା ଲୋକମାନଙ୍କ ପାଖେ ମଧ୍ୟ ଶୁଖିଲା ଖାଦ୍ୟ ପହଞ୍ଚାଯାଉଛି । ବନ୍ୟା ଜଳ ଛାଡିବାର ୭୨ ଘଣ୍ଟା ମଧ୍ୟରେ କ୍ଷତିଗ୍ରସ୍ତ ଚାଷଜମିର କ୍ଷୟକ୍ଷତି ଆକଳନ କରି ଜିଲ୍ଲାପାଳମାନେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । କୃଷି ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମନ୍ୱିତ ଭାବେ ସର୍ବେକ୍ଷଣ କରାଯାଇ ଜିଲ୍ଲା ପ୍ରଶାସନର ରିପୋର୍ଟ ଆଧାରରେ ତୁରନ୍ତ ମିଳିତ ସହଯୋଗ ତଥା କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । କୃଷକଙ୍କୁ କ୍ଷୟକ୍ଷତି ପାଇଁ ଆଦୌ ବ୍ୟସ୍ତ ନହୋଇ ଏପରି ପ୍ରତିକୂଳ ସମୟରେ ସେମାନଙ୍କ ସହ ରାଜ୍ୟ ସରକାର ଚଟାଣ ପରି ଛିଡ଼ା ହୋଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ଧାନ ତଥା ଶସ୍ୟ ଜାତୀୟ ଫସଲ କିମ୍ବା ପନିପରିବା ସମସ୍ତ ପ୍ରକାର ଚାଷ ନିମନ୍ତେ କ୍ଷତିପୂରଣ ପ୍ରଦାନ ସହିତ ଆବଶ୍ୟକସ୍ଥଳେ କୃଷକମାନଙ୍କୁ ସ୍ୱଳ୍ପ ମିଆଦୀର ବିହନ ମଧ୍ୟ ଯୋଗାଇ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତ ।

ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ୍, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅସ୍ୱତୀ ଏସ୍, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର କମିଶନର ତଥା ଶାସନ ସଚିବ ପ୍ରେମ ଚନ୍ଦ୍ର ଚୌଧୁରୀ, ପାନୀୟ ଜଳ ଯୋଗାଣ ବିଭାଗ, ଜଳସମ୍ପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଯୋଗ ଦେଇଥଲେ ।

## ହୀରାକୁଦର...

ସ୍ପିଲୱେକୁ ୨ଲକ୍ଷ ୬୪ହଜାର ୪୨୬ଘନଫୁଟ, ପାଓ୍ୱାର ଚେନାଲକୁ ୩୧ହଜାର ୭୮୮ଘନଫୁଟ, କେନାଲକୁ ୩ହଜାର ୫୯୫ଘନଫୁଟ ଓ କଳକାରଖାନାକୁ ୨୪୭ଘନଫୁଟ ଜଳ ଛଡା ଯାଉଛି । ହୀରାକୁଦ ଡ୍ୟାମର ଗେଟ୍ ଖୋଲା ଥିବାରୁ ମହାନଦୀକୁ ବନ୍ୟାଜଳ ପ୍ରବେଶ କରୁଛି । ତେଲ, ଇବ୍ ଓ ଜିରା ନଦୀ ଅବବାହିକାରେ ବର୍ଷା ଯୋଗୁଁ ପ୍ରଚୁର ବନ୍ୟାଜଳ ମହାନଦୀରେ ମିଶୁଛି । ଫଳରେ ମହାନଦୀ ଫୁଲିବାରେ ଲାଗିଛି ।

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି । ଗଭୀର ଅବପାତ ଯୋଗୁଁ ଛତିଶଗଡରେ ମଧ୍ୟ ପ୍ରବଳ ବର୍ଷା ହୋଇଛି । ଏଭଳିସ୍ଥଳେ ଛତିଶଗଡ ଡ୍ୟାମ ଗୁଡିକର ଗେଟ୍ ଖୋଲା ରଖିଛି । ଜଳପ୍ରବାହ ଯୋଗୁଁ ହୀରାକୁଦ ଡ୍ୟାମର ଜଳସ୍ତର ବଢିବାରେ ଲାଗିଛି । ଡ୍ୟାମର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ଫୁଟ ଅଟେ । ଗେଟ୍ ଖୋଲିବା ନେଇ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ପୂର୍ବରୁ ସତର୍କ ସୂଚନା ଜାରି କରିଥିଲେ ।

## ୫ରେ...

୨୪ ଦିନ ବର୍ଷିଥିଲା । ତେଣୁ ବିଭିନ୍ନ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ପାଣିପାଗ ବିଶେଷଜ୍ଞ କହିଛନ୍ତି, ଚଳିତ ବର୍ଷ ଜୁଲାଇ ମାସରେ ଗୋଟିଏ ଅବପାତ, ଗୋଟିଏ ଲଘୁଚାପ ଏବଂ ଗୋଟିଏ ଗଭୀର ଅବପାତ ପ୍ରଭାବରେ ରାଜ୍ୟରେ ମାତ୍ର ୧୩ ଦିନରେ ୪୮୧.୨ ମିମି ବର୍ଷା ରେକର୍ଡ ହୋଇଛି । ପୂର୍ବ ଅବପାତ ଏବଂ ଲଘୁଚାପ ପ୍ରଭାବରେ ନଦୀ ଗୁଡ଼ିକ ଫୁଲିଥିବା ବେଳେ ଚଳିତ ଧୀମା ଗଭୀର ଅବପାତ ପ୍ରଭାବରେ ୪ ଦିନରେ ୧୬୩.୪ ମିମି ବର୍ଷା ଯୋଗୁ ରାଜ୍ୟର ଅଧିକାଂଶ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଛି । କିନ୍ତୁ, ସବୁଠାରୁ ବଡ଼ ପ୍ରଶ୍ନ ହେଉଛି- ଏହି ନିମ୍ନଚାପ ଜନିତ ପାଣିପାଗ ପ୍ରକ୍ରିୟାଗୁଡ଼ିକର ଧୀମାଗତି ସହ ରାଜ୍ୟ ଉପରେ ଅଧିକ ଦିନ ଧରି ପ୍ରଭାବ ନା ଏଲନିନୋ ବର୍ଷ ଗୁଡ଼ିକରେ ବାୟୁମଣ୍ଡଳରେ ଅସ୍ଥିରତା ବୃଦ୍ଧି ହେତୁ ଗୋଟିଏ ଦିନରେ ଅନୁଭୂତ ହେଉଥିବା ବର୍ଷାର ମାତ୍ର ବୃଦ୍ଧି ହେତୁ ଏମିତି ପରିସ୍ଥିତି ଉପୁଜୁଛି?


**LOST**

This is notified to the public that my original M.B.A. (MASTER IN BUSINESS ADMINISTRATION) Degree Certificate issued by BIJU PATNAIK UNIVERSITY OF TECHNOLOGY for the year 2008-2009, having Certificate Number 092760600002 and Registration Number 0606276004, has been lost/misplaced on the way to Ambaguda, Jeypore on 23.02.2015. This matter reported at P.S, Jeypore for future reference. If anybody found it, please contact to Abhijeet Choudhury, Mobile: 9937068021.

**ROURKELA DEVELOPMENT AUTHORITY**
**UDITNAGAR: ROURKELA-769012**
**No. 1307/RDA., dated : 29.07.26**

13001/1361/2627

**PROCLAMATION**

It is hereby informed to the General public that, Sri. Rajkishor Sahoo, S/O- Late Madhusudan Sahoo, has applied for permission for transfer of House No. L/21, under DFHHP-II, Basanti Colony, Rourkela-12 in favour of Smt. Ranju Sharma, W/O- Sanjay Ku. Sharma. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd/- Secretary
Rourkela Development Authority

OIPR : 13001/13250/1/26-27/0026

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**BOUDH (R&B) DIVISION, BOUDH**
Phone: 06841-296119 Email: eeboudhrb@gmail.com

34001/565/2627

**INVITATIONS FOR BIDS (IFB)**
"e" Procurement Notice
Letter No. 3706 Dated. 30-07-2026
BID IDENTIFICATION No.: SE (R&B)-BDH 05/2026-27

| | | |
|---|---|---|
| 1. | Number of work | 01 (one) No. of civil work (Single cover) |
| 2. | Estimated cost | As per the column No. 3 of the table |
| 3. | Period of completion | As per the column No. 8 of the table |
| 4. | Date & time of availability of Bid documents in the portal | From 01.08.2026, 10:00 AM to 07.08.2026, 05:00 PM |
| 5. | Last date / time for seeking of Tender clarification | 07.08.2026 up to 01:00 PM |
| 6. | Last date / time for receipt of bids in the portal | Up to 5:00 PM of Dtd. 07.08.2026 |
| 7. | Date & time of opening of Tender / Bid | 10.08.2026 at 11:30 AM |
| 8. | Name and address of the officer | Superintending Engineer, Boudh (R&B) inviting bid Division, Boudh |

A. Other details can be seen from detailed notice.
B. Inviting tenders, available in the website: www.tendersorissa.gov.in
C. Corrigendum if any shall only be published in the website: www.tendersorissa.gov.in

Sd/- Superintending Engineer,
Boudh (R&B) Division, Boudh

OIPR : 34001/34134/1/26-27/0011

25001/857/2627

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION, KHADIAL**
Phone No.06671-224074
e-mail: eerwKhadial@gmail.com
**e-Procurement Notice**
**BID IDENTIFICAITON NO : RWKHR-04/2026-27 (Online)**

Bid documents consisting of Work, Estimated Cost, EMD, Cost of tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in

1 . Name of the Work :- Building Works
2 . Total No of Works :- 3 nos.
3 . Estimated Cost :- 42.02 to 75.49 lakhs
4 Period of Completion :- 6 (Six) Calendar Months
5 . Other details :-

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender Clarification | Date & time of Opening of Bid | |
|---|---|---|---|---|---|---|
| | | From | To | | Technical | Financial |
| 1 | 2 | 3 | 4 | 5 | 6 | 7 |
| Superintending Engineer R.W.Division, Khadial | RWKHR-04/2026-27 (Online) | 06.08.2026 at 10.00 AM | 18.08.2026 Upto 5.00 PM | 17.08.2026 Up to 11.00 AM | 19.08.2026 at 11.00 AM | Intimated later |

Further details can be seen from the website **www.tendersodisha.gov.in**

Sd/- Superintending Engineer
Rural Works Division, Khadial

OIPR : 25001/25152/1/26-27/0003

**OFFICE OF THE PRINCIPAL**
**PANCHAYAT SAMITI DEGREE COLLEGE, MURIBAHAL, BALANGIR**

E-mail-degreecollegemuribahal@gmail.com
Ph:-06655-272007
Mob:-9438283147

**Walk in Interview**

Walk in interview for the post of lecturer in Mathematics on the adhoc basis under Self Financing mode will be held on Dt. 13.08.2026 at 11.30 a.m. The candidates having Master Degree with minimum 55% marks should attend with personal Bio-data and original documents. Fixed remuneration as decided by Management will be paid. No TA/DA will be paid for this purpose the post is temporary and is terminable at any time without assigning any reason thereof. In case of single candidate the interview will be cancelled.

Sd/- Principal
Panchayat Samiti Degree College Muribahal
Balangiri

**ପୂର୍ବ ତଟ ରେଳପଥ**

ବିଜ୍ଞପ୍ତି ସଂ.: CAO/C/BBS/Works/Peer Review of DPRs/, ତାରିଖ : 30.07.2026

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ଭୁବନେଶ୍ୱର DPR (ରେଳ ପ୍ରକଳ୍ପଗୁଡ଼ିକ)ର ସମକକ୍ଷ ସମୀକ୍ଷା (Peer Review) ନିମନ୍ତେ କ୍ଷେତ୍ର ବିଶେଷଜ୍ଞ ଭାବରେ ତାଲିକାଭୁକ୍ତିକରଣ ନିମନ୍ତେ ବରିଷ୍ଠ ପ୍ରଶାସନିକ ଶ୍ରେଣୀ (SAG) କିମ୍ବା ଉଚ୍ଚ ପଦବୀରୁ ଅବସରପ୍ରାପ୍ତ ଯୋଗ୍ୟ IRSE ଅଧିକାରୀମାନଙ୍କ ଠାରୁ ଦରଖାସ୍ତ ଆମନ୍ତ୍ରଣ କରୁଅଛି ।

ଦରଖାସ୍ତ ଜମା କରିବାର ଅନ୍ତିମ ତାରିଖ : 14.08.2026.

ଦରଖାସ୍ତ ସହିତ ସମ୍ପୂର୍ଣ୍ଣ ସୂଚନା ପୂର୍ବ ତଟ ରେଳପଥର ସରକାରୀ ୱେବସାଇଟ୍ www.eastcoastrail.indianrailways.gov.in ରେ ଉପଲବ୍ଧ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/
ଭୁବନେଶ୍ୱର

PR-158/CJ/26-27

13001/1357/2627
Phone No.: 06756 253091
Email Id: ulbnac.banpur@gmall.com

**OFFICE OF THE NOTIFIED AREA COUNCIL, BANPUR**
**NO.908 / Dt. 30.07.2026**

**QUOTATION CALL NOTICE**

Sealed quotations are invited from registered firms/authorized dealers having valid PAN & GSTIN for the supply of lighting materials, FRP statues, dustbins, solar lights, and other allied items required for development and beautification of the park under Banpur NAC, on item-wise market rates (Including GST).

Interested bidders may obtain the detailed list of items and terms & conditions from the office of Banpur NAC and submit their sealed quotations within the stipulated time as specified in the quotation call notice.

Sd/- Executive Officer
Banpur NAC

OIPR : 13001/13177/1/26-27/0008

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

Notice No. 4282 Date : 31.07.2026

**TENDER CALL NOTICE FOR SUPPLY OF DRUGS, LABORATORY REAGENTS & CONSUMABLES**

10001/421/2627 : Sealed tenders are invited from different bidders having valid GST registration & Drug License for supply of Items as per the specification given by Chief District Medical & Public Health Officer, Dhenkanal. The detailed terms and conditions along with list of items are available on the website www.dhenkanal.odisha.gov.in. which may be downloaded for reference. Interested parties may submit their offers in sealed covers super-scribing as "Tender for supply of Drugs, Laboratory Reagents & Consumables with reference to Advertisement No........ dt................. "to the undersigned through registered post/speed post only, which should reach on or before 5.00 P.M. of dt.24.08.2026 positively and will be opened on next day at 11.00 AM before District Purchase Committee at office of the CDM & PHO, Dhenkanal in presence of the participants, who wish to attend the Tender Opening Meeting. In case of any bid amendment and clarification, responsibility lies with the bidders to collect the same from the website. The CDM&PHO, Dhenkanal shall have no responsibility for any delay / omission on part of the bidder. The tender paper will be rejected if the bidder changes any clause or annexure of the bid document downloaded from the website. The undersigned reserves the right to reject any or all the tenders without assigning any reason thereof.

Sd/- Chief District Medical
& Public Health Officer
Dhenkanal

OIPR : 10001/10059/1/26-27/0009

**ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ**
**ମ୍ୟାଟେରିଆଲ ପରିଚାଳନା ବିଭାଗ**

ଇ-ଟେଣ୍ଡର ନୋଟିସ ନଂ : ଏନଆଇଟି/୧୪/୨୬/୩୧ ତାରିଖ : ୨୮-ଜୁଲାଇ-୨୦୨୬

| କ୍ର. ନଂ | ଟେଣ୍ଡର ନଂ | ବିବରଣୀ | ଟେଣ୍ଡର ବନ୍ଦ/ ଖୋଲା ତାରିଖ | ପରିମାଣ |
|---|---|---|---|---|
| ୧ | ୦୬୨୬୫୦୩୯ଏ | ଅଣ ଲିନିୟର ଜଙ୍କସନ ଡିଟେକ୍ଟର | ୧୮.୦୮.୨୦୨୬ | ୦୩ ଟି |
| ୨ | ୦୭୨୬୩୦୫୪ | ଆଇଇସି ୬୦୯୦୩:୨୦୧୪/ଆଇଏସ୍ ୧୩୭୭୪:୨୦୨୧ ଅନୁଯାୟୀ ୩୬ କେଭି ର କାର୍ଯ୍ୟ କରୁଥିବା ଭୋଲଟେଜ୍ ସହିତ ଶ୍ରେଣୀ-୪ ହାତଗ୍ଲୋଭସ୍ | ୨୧.୦୮.୨୦୨୬ | ୧୮୮୩ ଯୋଡ଼ା |
| ୩ | ୦୩୨୬୩୩୯୯ | ପ୍ରାଇମେରି ବ୍ରେକ୍ ବିମ୍ ଆସେସରି ଏସ୍କର୍ଟ ଡ୍ରଇଁ ନଂ ୩ଇବି୫୫୨୧ ଅଲ୍ଟ-୧୦ କିମ୍ବା ସର୍ବଶେଷ | ୧୪.୦୮.୨୦୨୬ | ୫୬୭ ଟି |
| ୪ | ୦୪୨୬୨୪୦୮ | ୪.୫ କେଡବ୍ଲୁ ଅଣ୍ଡରସ୍ଲଗ୍ କନଷ୍ଟାଣ୍ଟ ଭୋଲଟେଜ୍ | ୧୮.୦୮.୨୦୨୬ | ୮୦ ଟି |
| ୫ | ୦୩୨୬୨୮୯୧ | ହେଲିକାଲ ସ୍ପ୍ରିଂ ସେଣ୍ଟରଲେସ୍ ଗ୍ରାଉଣ୍ଡ | ୧୧.୦୮.୨୦୨୬ | ୭୮୯ ଟି |
| ୬ | ୦୩୨୬୨୭୯୨ | ଆରଡିଏସ୍ଓ ଡ୍ରଇଂ ଅନୁଯାୟୀ ବିଓଏକ୍ସଏନ୍ ଏଚଏଲ୍ ପାଇଁ କପ୍ଲର ରଡ୍ | ୨୦.୦୮.୨୦୨୬ | ୨୯୧୬୬ ଟି |
| ୭ | ୦୩୨୬୨୬୮୩ବି | ଡ୍ରାଫ୍ଟ ଗିୟର ଫଲୋଅର ସମେତ ଡ୍ରାଫ୍ଟ ଗିୟର | ୨୦.୦୮.୨୦୨୬ | ୬୫୨୫ ଟି |
| ୮ | ୦୩୨୬୨୭୭୯ଏ | "ଲକ୍ ବୋଲ୍ଟ" | ୧୨.୦୮.୨୦୨୬ | ୧୯୮୯୪୧ ସେଟ |
| ୯ | ୦୨୨୬୪୭୩୬ | ଇଏଲଜିଆଇ ନିର୍ମିତ ଭାଲ୍ଭ ସେଟ | ୨୦.୦୮.୨୦୨୬ | ୭୮୦ ଯୋଡା |
| ୧୦ | ୦୨୨୬୪୧୫୯ | ଡ୍ରାଇଭର ଡିସ୍ପ୍ଲେ ୟୁନିଟ (ଡିଡିୟୁ) ଟିସିଏନ୍ ଭିସିୟୁ ସୁଇଟାବ୍ | ୨୪.୦୮.୨୦୨୬ | ୧୬ ସେଟ |
| ୧୧ | ୦୫୨୬୫୨୯୩ଏ | ୪୦ ଏମ୍ଏମ ଆଉଟର ବ୍ୟାସ ବିଶିଷ୍ଟ ସ୍ଥାୟୀ ଲୁବ୍ରିକେଟେଡ୍ ଏଚ୍ଡିପିଇ ଡକ୍ଟ | ୨୬.୦୮.୨୦୨୬ | ୧୦୧୦ କିଲୋମିଟର |
| ୧୨ | ୦୫୨୬୧୨୦୧ | ଆରଡିଏସ୍ଓ ସ୍ପେସିଫିକେସନ ନଂ. ଏସ୍ଟିଏସ୍/ଇ/ରିଲେ/ଏସି ଏଲଆଇଟି ଏଲଇଡି ସିଗ୍ନାଲ/୦୯-୨୦୦୨ ଅନୁଯାୟୀ ଏସି ଲ୍ୟାମ୍ପ ପ୍ରୋଭିଂ ପ୍ଲଗ୍-ଇନ୍ଟାଇପ୍, ଷ୍ଟାଇଲ ଏସି ଏଲଇଡି ସମ୍ପର୍ଣ୍ଣ ରିଲେ ୟୁନିଟ୍ | ୨୭.୦୮.୨୦୨୬ | ୨୧୧୨ ଟି |
| ୧୩ | ୦୬୨୬୫୦୩୧ବି | ଗୋଲିଆଥ୍ କ୍ରେନ୍ - ୫ଟିର ଯୋଗାଣ ସଂସ୍ଥାପନ ଏବଂ କମିଶନି | ୧୪.୦୮.୨୦୨୬ | ୧ଟି |

**ଟେଣ୍ଡର ବନ୍ଦ ଓ ଖୋଲା ସମୟ : ପୂର୍ବାହ୍ନ ୧୦:୩୦ ଘଟିକା**

ଟେଣ୍ଡରରେ କୌଣସି ପ୍ରକାର ସଂଶୋଧନ କରିବାର ଅଧିକାର ରେଳବାଇର ସଂରକ୍ଷିତ । ଭେଣ୍ଡରମାନଙ୍କ ଲାଗି ସଂଶୋଧନ ଓ ଗୁରୁତ୍ୱପୂର୍ଣ୍ଣ ନୋଟିସ୍ ଲିଙ୍କ୍ **www.ireps.gov.in** ରେ ଦେଖିବାକୁ ମିଳିପାରିବ ।

ଏଏମ୍ଏମ୍/୩, ପ୍ରିନ୍ସପାଲ ଚିଫ୍ ମ୍ୟାଟେରିଆଲସ୍ ମ୍ୟାନେଜରଙ୍କ ପାଇଁ
ଏସ.ଇ.ସି.ରେଳବାଇ, ବିଳାସପୁର

CPR/10/315

ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ @Secrail

**OFFICE OF THE NOTIFIED AREA COUNCIL, SURADA, GANJAM.**
Main Road, Surada, Ganjam, Odisha, PIN: 761
Email: officerexecutive14@yahoo.com Fax/Telephone: 06819-2700129
Letter No: 8175 /NAC Dt: 29-07-2026

13001/1354/2627

**QUOTATION CALL NOTICE**

Sealed quotation are hereby invited from the intending suppliers, towards supply of all kinds of Open gym items & maintenance of existing Child Play equipments for the financial year The tender paper can be obtained from the NAC office by depositing 6000/- towards paper cost. From 11 Am of Date31-07-2026 to 5:00 Pm of Dtd:04-08-2026. The rate should be ainst in item excluding taxes. The quotationers are essentially required to enclose their GST registration certificate, PAN card and any experiences in this related field. The Quotation ived with in the office time i.e. before 07.08.2026 during office time by speed Post /Regd. Post / By Hand.

| Sl. No | NAME OF THE ITEMS | QTY | RATE |
|---|---|---|---|
| 1 | Body Rotator | 1 NOS | |
| 2 | Leg Lift | 1 NOS | |
| 3 | Parallel Bar | 1 NOS | |
| 4 | Sit Up Board | 1 NOS | |
| 5 | Bench with fixed weight | 1NOS | |
| 6 | Spinner | 1 NOS | |
| 7 | Treadmill | 1 NOS | |
| 8 | Back Extension | 1 NOS | |
| 9 | Chest Puller & Press | 1 NOS | |
| 10 | Step Trainer 1 | 1 NOS | |
| 11 | Sky Walker | 1 NOS | |
| 12 | Air Skier | 1 NOS | |
| 13 | Repairing & Maintenance of Existing Bubbler Fountain. | 1 NOS | |
| 14 | Repairing & Maintenance of Existing 3' Dia ball fountain (10' Pool) | I NOS | |
| 15 | Repairing & Maintenance of Existing Jalpari Fountain. | 1 NOS | |
| 16 | Repairing & Maintenance of Existing Waterfall Fountain (60'L) | 1 NOS | |
| 17 | Repairing & Maintenance of Existing Body Twester. | 1 NOS | |
| 18 | Repairing & Maintenance of Existing Leg Press. | 1 NOS | |
| 19 | Repairing & Maintenance of Existing Air Skier. | 1NOS | |
| 20 | Repairing & Maintenance of Existing Air Walker. | 1 NOS | |
| 21 | Repairing & Maintenance of Existing Body Rotator. | 1NOS | |
| 22 | Repairing & Maintenance of Existing Merry-go-round (Four Duck). | 1NOS | |
| 23 | Repairing & Maintenance of Existing of Swinging Step. | 1NOS | |
| 24 | Repairing & Maintenance of Existing of Arch Swing. | 1NOS | |
| 25 | Painting of All above open Gym & Children's Play Equipment. | 1 NOS | |

**Critical Dates:-**
* Starting date for purchese of Quotation Paper is : **Date 31.07.2026 to 04.08.2026** (During office hours, Exect Govt. Holidays).
* Last date for receipt of Quotation Paper is : **07.08.2026, 12.30 PM.**
* Date of opening of sealed quotation is : **07.08.2026, 4.00 PM.** by the Chairperson, Executive Officer & Tender Committee / The Under-signed in NAC Office Surda

OIPR : 13001/13101/1/26-27/0004

Sd/- Executive Officer, NAC, Surda, Ganjam



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାର ଦାସ- ୯୪୩୭୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### ହତ୍ୟା ଉଦ୍ଦେଶ୍ୟରେ ଗୁଳିଚାଳନା

# ଦେଶୀ ବନ୍ଧୁକ ସହ ଜଣେ ଗିରଫ



ସମ୍ବଲପୁର,(ସବ୍ୟୁ): ହତ୍ୟା ଉଦ୍ଦେଶ୍ୟରେ ଗୁଳିଚାଳନା ଅଭିଯୋଗରେ ଯୁଯୋପୁରା ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ମୁଣ୍ଡେର ଗ୍ରାମର ବାଳକୃଷ୍ଣ ଭୁଞ୍ଜେଲ(୫୦) ବୋଲି ଜଣାପଡିଛି। ତାଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ସହ ବ୍ୟବହୃତ ଗୁଳି ଜବତ ହୋଇଛି। ଏନେଇ ୧୩୭/୨୬ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ଯୁଯୋପୁରା ଥାନା ଅନ୍ତର୍ଗତ ମୁଣ୍ଡେର ଗ୍ରାମର ପ୍ରଦୀପ ଭୋଇ ନିଜ କାମ ସାରି ଗତ ୩୦ତାରିଖ ରାତି ପ୍ରାୟ ସାଢେ ୮ଟାରେ ଘରକୁ ଫେରୁଥିଲେ। ସେହି ସମୟରେ ୩ଜଣ ବ୍ୟକ୍ତି ଗାଁ କଲ୍ୟାଣ ମଣ୍ଡପରେ ବସିଥିଲେ। ସେମାନଙ୍କୁ ଦେଖି ସେ ଅଟକି ପଡିଥିଲେ। ସେମାନଙ୍କ ସହିତ କଥାବାର୍ତ୍ତା କରୁଥିବା ବେଳେ ଅଭିଯୁକ୍ତ ବାଳକୃଷ୍ଣ ଏକ ଦେଶୀ ବନ୍ଧୁକ ଧରି ସେଠାରେ ପହଞ୍ଚିଥିଲେ। ପ୍ରଦୀପଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏଥିସହ ତାଙ୍କୁ ଲକ୍ଷ୍ୟ କରି ଗୁଳିଚାଳନା କରିଥିଲେ। ତେବେ ଅଭିଯୋଗକାରୀ ଅଳ୍ପକେ ବର୍ତ୍ତି ଯାଇ ଘଟଣା ସ୍ଥଳରୁ ଖସି ପଳାଇଥିଲେ। ଅଭିଯୁକ୍ତ ମଧ୍ୟ ଘଟଣାସ୍ଥଳରୁ ଫେରାର ହେବା ସହ ବନ୍ଧୁକକୁ ନିଜ ଘରେ ଲୁଚାଇ ରଖିଥିଲେ। ଅଭିଯୋଗକାରୀ ପ୍ରଦୀପ ଭୋଇଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ଯୁଯୋପୁରା ଥାନା ପୋଲିସ ଅଭିଯୁକ୍ତ ବାଳକୃଷ୍ଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

# ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ସମ୍ବଲପୁର,(ସବ୍ୟୁ): ସ୍ତ୍ରୀକୁ ନୃଶଂସ ଭାବେ କୁରାଢ଼ୀରେ ହତ୍ୟା ଅଭିଯୋଗର ଶୁଣାଣି କରି ଜିଲ୍ଲା ବୌରା ଜଜ୍ ପ୍ରଜ୍ଞା ପାଣିଗ୍ରାହୀ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ସମ୍ବଲପୁର ଜିଲ୍ଲା ଧମା ଥାନା ଅନ୍ତର୍ଗତ ତବାଲୋଇ ଗ୍ରାମର ଅଶ୍ୱିନୀ ପ୍ରଧାନ(୪୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୪ ମାସ ସଶ୍ରମ କାରାଦଣ୍ଡ ରାୟରେ ଉଲ୍ଲେଖ ରହିଛି। ତେବେ ଯୌତୁକ ନିର୍ଯାତନା ଦଫା ୪୯୮(ଏ) ଅଭିଯୋଗରୁ ଉପଯୁକ୍ତ ପ୍ରମାଣ ଅଭାବରୁ ତାଙ୍କୁ ଖଲାସ କରାଯାଇଛି। ସୂଚନାଯୋଗ୍ୟ, ଅଶ୍ୱିନୀ ନିଜ ସ୍ତ୍ରୀ ବିମଳା ପ୍ରଧାନଙ୍କ ଚରିତ୍ରକୁ ସନ୍ଦେହ କରି ଗତ ୬ଡିସେମ୍ବର, ୨୦୨୧ରେ କୁରାଢ଼ୀରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ଧମା ଥାନା ପୋଲିସ ଓ ସାଇଣ୍ଟିଫିକ ଦଳ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଧମା ଥାନାରେ ୨୨୦/୨୧ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏଥିସହ ଫେରାର ଅଭିଯୁକ୍ତ ଅଶ୍ୱିନୀଙ୍କୁ ଗିରଫ କରିଥିଲା। ହତ୍ୟାରେ ବ୍ୟବହୃତ କୁରାଢ଼ୀକୁ ଜବତ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ତଦନ୍ତ ବେଳେ ବିମଳା ଅଭିଯୁକ୍ତର ୨ୟ ପତ୍ନୀ ବୋଲି ଜଣାପଡିଥିଲା। ମୋଟ ୧୯ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ, ସାଇଣ୍ଟିଫିକ୍ ଟିମ୍‌ର ପ୍ରମାଣ ଏବଂ ପାରିପାଶ୍ୱିକ ତଥ୍ୟକୁ ଆଧାର କରି ବିଚାରପତି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଅଦାଲତରେ ସରକାରଙ୍କ ପକ୍ଷରୁ ପିପି ସୁବାଷ ଚନ୍ଦ୍ର ମହାନ୍ତ ଏହି ମାମଲାକୁ ପରିଚାଳନା କରିଥିଲେ।

# ରାଜନୈତିକ ତତ୍ପରତାରେ ନର୍ଲା ଏନ୍ଏସି

ନର୍ଲା,(ସବ୍ୟୁ) : ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଠିକ ନଂ -୨୦୩୬୫ ତା -୧୫/୭/୨୦୨୬ଅନୁଯାୟୀ ନର୍ଲା ଏନ୍.ଏ.ସି ଅଧ୍ୟକ୍ଷ ପଦ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନର୍ଲା ଅଂଚଳରେ ରାଜନୈତିକ ସରଗରମ ବଢ଼ିବାରେ ଲାଗିଛି । ବିଜ୍ଞପ୍ତି ଅନୁସାରେ ନର୍ଲା ଏନ୍.ଏ.ସି ଅଧ୍ୟକ୍ଷ ପଦ ଏସ୍.ସି ମହିଳା ଙ୍କ ପାଇଁ ସରକ୍ଷିତ ଏବଂ ପୂର୍ବରୁ ୧୫ ଗୋଟି କାଉନସିଲର ପାଇଁ ଯଥାର୍ଥ ବିଜ୍ଞପ୍ତି ପ୍ରକାଶ ହୋଇସାରିଛି । ସୂଚନା ଯୋଗ୍ୟ ଯେ ନର୍ଲା ଏନ୍.ଏ.ସି ଗଠନ ପ୍ରକ୍ରିୟା ରେ ନର୍ଲା ଓ ସର୍ଗୀ ଗୁଡା ଗ୍ରାମ ପଞ୍ଚାୟତ ର ସଚେତନ ନାଗରିକ ମାନଙ୍କୁ ନେଇ ବିଗତ ତା ୦୯/୦୮/୨୦୧୩ରେ ନର୍ଲା ଏନ୍.ଏ.ସି କ୍ରିୟା ଅନୁଷ୍ଠାନ କମିଟି ଗଠନ କରି ବିଭିନ୍ନ ସମୟରେ ଦାବୀ ଉପସ୍ଥାପନା କରାଯାଇଥିଲା । ପରେ ନର୍ଲା ବିକାଶ ମଞ୍ଚ ମଧ୍ୟ ଏକ ଦାବୀ ପତ୍ର ବିଭାଗୀୟ ମନ୍ତ୍ରୀ ଙ୍କୁ ପ୍ରଦାନ କରି ଥିଲେ । ଏହା ବିଗତ ସରକାର ଙ୍କ ସମୟରେ ନର୍ଲା କୁ ଏନ୍.ଏ.ସି. ଘୋଷଣା କରିଥିଲେ । ବର୍ତ୍ତମାନ ବି.ଜେ.ପି ସରକାର ପୂର୍ଣ୍ଣାଙ୍ଗ ରୂପ ରେଖ ଦେବା ପାଇଁ ନିର୍ବାଚନ ପ୍ରକ୍ରିୟା ପ୍ରସ୍ତୁତି ଆରମ୍ଭ କରିଛନ୍ତି ।

ଏହି ନିର୍ବାଚନ ପ୍ରକ୍ରିୟାରେ ଏନ୍.ଏ.ସି. ଅଧ୍ୟକ୍ଷାପାଇଁ ବିଭିନ୍ନ ଦଳ ପକ୍ଷରୁ ସଜବାଜ ଆରମ୍ଭ ହୋଇ ଯାଇଛି । ବି.ଜେ.ପି ଦଳ ପକ୍ଷରୁ ବିଜେପି ରାଜ୍ୟକାର୍ଯ୍ୟ କାରିଣୀ ସଦସ୍ୟ ମନ୍ମୟ ଦାଶ (ଜିତୁ )ଙ୍କ ନେତୃତ୍ୱରେ ଉକ୍ତ ନିର୍ବାଚନ ହାତେଇବା ପାଇଁ ସଜବାଜ ହେଉଥିବା ବେଳେ ସ୍ଥାନୀୟ ବି.ଜେ.ଡି ବିଧାୟିକା ମନୋରମା ମହାନ୍ତି ଓ ନର୍ଲା ବ୍ଲକ ଅଧ୍ୟକ୍ଷ ମୁନା ମହାନ୍ତିଙ୍କ ପ୍ରଭାବ ମଧ୍ୟ କମ ନଥିବା ଅସ୍ୱୀକାର କରା ଯାଇ ପାରିବ ନାହିଁ । ସେହିପରି କଂଗ୍ରେସ ବ୍ଲକ ସଭାପତି ତୁଳ ମଣି ଗୌଡ଼ିଆ ଓ ନର୍ଲା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଦିପୁ ପାତ୍ରଙ୍କ ନେତୃତ୍ୱରେ ସେତେ ସଜବାଜ ହେଉଛି ତାହା ଡାଣ ନାଡି ଉପରେ ନିର୍ଭର କରିବ । ନର୍ଲା ରେ ପ୍ରଥମ ଥର ପାଇଁ ନୂତନ ଭାବରେ ଗଠିତ ହେବାକୁ ଥିବା ଏନ୍.ଏ.ସି ନିର୍ବାଚନ ଫଳାଫଳ ଆଗାମୀ ଦିନରେ ରାଜନୀତିକୁ ପ୍ରଭାବ ପକାଇବ ବୋଲି ରାଜନୀତିକ ସମୀକ୍ଷକ ମାନେ ମତପ୍ରକାଶ କରୁଥିବା ସାଧାରଣରେ ଆଲୋଚନା ହେଉଛି ।

# ଠିପିବନ୍ଦ ମଦ ଦୋକାନ ନା ବାର୍

ସାଲେପୁର,(ସବ୍ୟୁ) :ସାଲେପୁର ସହର ଉପକଣ୍ଠରେ ଥିବା ଏକାଧିକ ଠିପି ବନ୍ଦ ମଦ ଦୋକାନ ସଂସ୍କୃତି ପାଇଁ ବିଦେଶୀ ମଦ ଦୋକାନ ଏବେ ମଦ ବାରରେ ପରିଣତ ହୋଇଥିବା ଦେଖାଯାଉଛି ।ଏହି ଠିପି ବନ୍ଦ ମଦ ଦୋକାନ ସମ୍ମୁଖ ଏବଂ ପାର୍ଶ୍ୱରେ ଖୋଲା ଖୋଲି ମଦ୍ୟପ ମାନେ ମଦ ପିଉଛନ୍ତି।ଏଥିପାଇଁ ସମ୍ପୃକ୍ତ ଦୋକାନୀ ମାନେ ବ୍ୟବସ୍ଥା ମଧ୍ୟ କରିଥିବା ଦେଖିବାକୁ ମିଳିଛି ।ସେଠାରେ ମଦ ପିଇବା ପାଇଁ ପାଣି, ଥଣ୍ଡା, ଖୋରା,ଗ୍ଲାସ, ଚାଖଣା ମଧ୍ୟ ଉପଲବ୍ଧ ହେଉଛି।ଏହି ସମସ୍ତ ମଦ ଦୋକାନ ଗୁଡିକ କଟକ - ସାଲେପୁର- କେନ୍ଦ୍ରାପଡା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ।ଏହି ଦୋକାନ ପାଖରେ ଲୋକମାନେ ମଧ୍ୟ ନିଜ ଘରେ ପରିବାର ନେଇ ରହୁଛନ୍ତି ।ଏହି ରାସ୍ତା ବାଟ ଦେଇ ସ୍କୁଲ କଲେଜ ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକମାନେ ଯିବା ଆସିବା କରିଥାନ୍ତି।ମଦ ଦୋକାନ ପାଖରେ ସମସ୍ତ ସୁବିଧା କରାଯାଇଥିବାରୁ ମଦ୍ୟପ ମାନେ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ସାଧାରଣ ଲୋକମାନଙ୍କୁ ଗାଳି ଗୁଲଜ,ଖରାପ ବ୍ୟବହାର କରୁଥିବା ବହୁ ସମୟରେ ଦେଖାଯାଉଛି । ଏମିତି କି ପାଖରେ ରହୁଥିବା ପରିବାର କବାଟ ଝରକା ବନ୍ଦ କରି ଭୟଭୀତ ଭାବେ ଦିନ କାଟୁଥିବା ଅଭିଯୋଗ ରହିଛି । ସନ୍ଧ୍ୟା ପରେ ଛାତ୍ରଛାତ୍ରୀମାନେ ଟିଉସନରୁ ଘରକୁ ଫେରିବାକୁ ଏବେ ନିରାପଦ ମଣୁ ନାହାନ୍ତି।ଏହି ମଦ ଦୋକାନ ମୁଖ୍ୟରାସ୍ତା କଡରେ ହୋଇଥିବାରୁ ନିଶାସକ୍ତ ମଦ୍ୟପ ମାନେ ଗାଡ଼ିରେ ଅନ୍ୟମାନଙ୍କ ଦୁର୍ଘଟଣା ଘଟାଉଥିବା ଦେଖାଯାଉଛି। ଠିପି ବନ୍ଦ ମଦ ଦୋକାନରେ ମଦ ପିଇ ପାରିବେ ନାହିଁ ବୋଲି ସରକାରଙ୍କ କଡାକଡି ନିୟମ ଥିବା ବେଳେ ସାଲେପୁରରେ ଥିବା ସରକାରୀ ସ୍ୱୀକୃତି ପ୍ରାପ୍ତ ବିଦେଶୀ ଠିପି ବନ୍ଦ ମଦ ଦୋକାନୀମାନେ ଆଇନ ଉଲ୍ଲଂଘନ କରୁଛନ୍ତି।ସାଲେପୁର ଅବକାରୀ ବିଭାଗ ସବୁ ଜାଣି ମଧ୍ୟ ନିରବ ଦ୍ରଷ୍ଟା ହୋଇ ବସିଛି।ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଲେପୁର ଅଞ୍ଚଳର ବୁଦ୍ଧିଜୀବୀ ଓ ସାଧାରଣରେ ଦାବି ଜୋର ଧରିଛି।

# ବଢୁଛି ବନ୍ୟାବିପନ୍ନଙ୍କ ଦୁର୍ଦ୍ଦଶା

ଧର୍ମଶାଳା,(ସବ୍ୟୁ) :ବ୍ରାହ୍ମଣୀ ଓ ଏହାର ଶାଖା କେଲୁଅ ନଦୀରେ ବନ୍ୟା ଆସିବା ଫଳରେ ଧର୍ମଶାଳା ବ୍ଲକର ବିଭିନ୍ନ ପଂଚାୟତ ବନ୍ୟା ଜଳରେ ପ୍ରଭାବିତ ହୋଇଛି । ଏହି ବନ୍ୟାରେ ଧର୍ମଶାଳା ବ୍ଲକର ନଦୀ କୂଳରେ ରହୁଥିବା ପାଖାପାଖି ୧୩ ଗୋଟି ପଂଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ଗତକାଲି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବିଭିନ୍ନ ବନ୍ୟା ପ୍ରଭାବିତ ପଂଚାୟତ ଗୁଡିକୁ ଯାଇ ବନ୍ୟା ପୀଡିତମାନଙ୍କ ସହିତ ଆଲୋଚନା କରିବା ସହିତ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଗତକାଲି ବ୍ରହ୍ମଣୀ ନଦୀରେ ବନ୍ୟା ଜଳ ବୃଦ୍ଧି ପାଇ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିଲା । ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ଆଜି ସନ୍ଧ୍ୟା ୭ ଟା ସୁଦ୍ଧା ୬୦.୧୦ ଫୁଟ ରହିଛି । ତେବେ ରେଙ୍ଗାଲି ଡ୍ୟାମର ଗୋଟିଏ ଗେଟ ଖୋଲା ହୋଇଥିବା ବେଳେ ସମଲ ବ୍ୟାରେଜର ୫ ଗୋଟି ଗେଟ ଦେଇ ବନ୍ୟା ଜଳ ପ୍ରବାହିତ ହେଉଛି । ଗତକାଲି ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଫଳରେ ଧର୍ମଶାଳା ବ୍ଲକରେ ଏକର ଏକର ଚାଷ ଜମି ଜଳମଗ୍ନ ହୋଇପଡିଥିବା ବେଳେ ଅନେକ ଲୋକଙ୍କ ଘରେ ପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଛି । ଗତକାଲି ବନ୍ୟା ପ୍ରଭାବିତ ଅଂଚଳରେ ଲୋକମାନଙ୍କୁ ସୁଖିଲା ଖାଦ୍ୟ ସହିତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି । ଆଜି ଏକ ମେଡିକାଲ ଟିମ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରି ସ୍ଥିତି ପରିଖିଛି । ଧର୍ମଶାଳା ବ୍ଲକରେ ୭୫୦୦ରୁ ଊର୍ଦ୍ଧ୍ୱ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଏଥିସହିତ ବନ୍ୟା ପାଣି ଛାଡିବା ପରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ତହସିଲଦାର ସମିର ରଞ୍ଜନ ଦାସ ସୂଚନା ଦେଇଛନ୍ତି ।

# ହଂସୁଆ ନଦୀରେ ବୁଡି ୨ ନିଖୋଜ





ଜଗତସିଂହପୁର,(ସବ୍ୟୁ):ଏରସମା ଥାନା ଆମ୍ବିକି ଗାଁ ନିକଟରେ ଅଘଟଣ । ହଂସୁଆ ନଦୀରେ ଗାଧୋଉଥିବା ବେଳେ ଭାସିଗଲେ ଦୁଇ ଯୁବକ । ନିଖୋଜ ଯୁବକ ଆମ୍ବିକ ଗାଁର ଅକ୍ଷୟ କାଣ୍ଡିଙ୍କ ପୁଅ ବୁଟୁ କାଣ୍ଡି (୧୫) ଓ ବିଧାନ କାଣ୍ଡିଙ୍କ ପୁଅ କାହ୍ନା କାଣ୍ଡି(୧୮) । ଏରସମା ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି ଜାରି ରହିଥିଲେ ହେଁ ଏପର୍ଯ୍ୟନ୍ତ ନିଖୋଜ ଯୁବକ ମାନଙ୍କର କୌଣସି ସନ୍ଧାନ ମିଳି ପରିନାହିଁ ।ସୁଚନା ଅନୁସାରେ ଶୁକ୍ରବାର ଅପରାହ୍ଣ ଆମ୍ବିକି ଗ୍ରାମର ପାଞ୍ଚ ଜଣ ସାଙ୍ଗ ଗାଁ ନିକଟରେ ଥିବା ହଂସୁଆ ନଦୀକୁ ଗାଧୋଇବାକୁ ଯାଇଥିଲେ ।ଉଦବୃତ ବର୍ଷା ଜଳ ସାଙ୍ଗକୁ ନଦୀରେ ପ୍ରଖର ପାଣିର ଶ୍ରୋତ ଥିବାରୁ ଅସାବଧାନତା ଯୋଗୁ ଦୁଇ ଜଣ ଭାସିଯାଇଥିଲେ ।

## ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ସମ୍ବଲପୁର,(ସବ୍ୟୁ): ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଧମା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ଖର୍ସୁଆପାଲି ଗ୍ରାମର ସୁମନ୍ତ ମିର୍ଦ୍ଧା(୨୯) ବୋଲି ଜଣାପଡିଛି। ଉଭୟଙ୍କ ଡାକ୍ତରୀ ମାଇନା ପରେ ଶୁକ୍ରବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ୫ବର୍ଷିୟା ନାବାଳିକାର ବାପାମାଆ ବିଲକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଅଭିଯୁକ୍ତ ଗତ ୨୭ତାରିଖରେ ଦୁଷ୍କର୍ମ କରିଥିଲା। ଅଭିଯୋଗ ପରେ ଧମା ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସୁକତେଲ ଡ୍ୟାମକୁ ନୋ-ଏଣ୍ଟ୍ରି

ବଲାଙ୍ଗିର,(ସବ୍ୟୁ): ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଅଞ୍ଚଳକୁ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା। ବଲାଙ୍ଗିର ଉପଜିଲ୍ଲାପାଳ ତଥା ଉପଜିଲ୍ଲା ଦଣ୍ଡାଧିକାରୀ ବିଏନଏସଏସ୍ ଧାରା ୧୬୩ ଅନୁଯାୟୀ ଆଦେଶ ଜାରି କରି ଆଗାମୀ ୬୦ ଦିନ ପାଇଁ ଡ୍ୟାମ ପରିସରକୁ ଅନଧିକୃତ ପ୍ରବେଶ ନିଷେଧ କରିଛନ୍ତି। ବର୍ଷା ଯୋଗୁଁ ସୁକତେଲ ଡ୍ୟାମର ଜଳସ୍ତର ବଢୁଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି। ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ ବିଏନଏସଏସ୍ ଧାରା ୧୬୩ ଅନୁଯାୟୀ ଆଦେଶ ଜାରି କରି ଲୋୟର ସୁକତେଲ ଡ୍ୟାମ, ସ୍ପିଲୱେ, ଜଳଭଣ୍ଡାର, ବନ୍ଧ ଓ ଅନ୍ୟାନ୍ୟ ଅପରେସନାଲ୍ ଅଞ୍ଚଳକୁ ସାଧାରଣ ଲୋକଙ୍କ ପ୍ରବେଶ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇଛନ୍ତି। ଡ୍ୟାମ ପରିସରରେ ଗାଧୋଇବା, ପହଁରିବା, ବୋଟିଂ, ମାଛ ଧରିବା, ସେଲ୍ଫି ନେବା, ଭିଡିଓ ସୁଟିଂ କରିବା କିମ୍ବା ଭିଡ଼ ଜମା କରିବାକୁ ମଧ୍ୟ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ତେବେ ପ୍ରକଳ୍ପରେ ନିୟୋଜିତ ଅଧିକାରୀ, କର୍ମଚାରୀ, ଇଞ୍ଜିନିୟର, ସୁରକ୍ଷାକର୍ମୀ ଓ ଠିକାଦାରଙ୍କ ପାଇଁ ଏହି କଟକଣା ପ୍ରଯୁଜ୍ୟ ହେବ ନାହିଁ। ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ସମସ୍ତ ପ୍ରମୁଖ ପ୍ରବେଶ ପଥରେ ସତର୍କ ସୂଚନା ଫଳକ ଲଗାଇବା ସହ ସୁରକ୍ଷା ବ୍ୟବସ୍ଥା କଡ଼ା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଆଦେଶ ତୁରନ୍ତ କାର୍ଯ୍ୟକାରୀ ହୋଇ ଆଗାମୀ ୬୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ। ଆଦେଶ ଉଲ୍ଲଂଘନ କଲେ ଭାରତୀୟ ନ୍ୟାୟ ସଂହିତା ଏବଂ ଅନ୍ୟାନ୍ୟ ପ୍ରଚଳିତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଦଶରଥପୁରରେ ବନ୍ୟା ଦାଉ ୧୯ପଞ୍ଚାୟତର ୫୬ଗାଁ ପ୍ରଭାବିତ

ମଙ୍ଗଳପୁର, (ସବ୍ୟୁ) : ବୈତରଣୀ ନଦୀ ଜୟନ୍ତରା ଠାରେ ଘେରିବନ୍ଧ ଭାଙ୍ଗିବା ଓ କାଣୀ ନଦୀ ପଟଣାସାହି ଠାରେ ୨ଟି ଘାଇ ହେବା ଯୋଗୁ ଦଶରଥପୁର ବ୍ଲକର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବ୍ଲକର କଟିକଟା, ଜୟନ୍ତରା, ମଲ୍ଲିକାପୁର, ତରପଦା,ଛଞ୍ଚିଣା, କନିକାପଡା, ନିଜାମପୁର, ଦୁହୁରାଅନ୍ତା, ଶୁଂଶୁଆ, ଖାନନଗର, କମାରଡିହି, କୟାଁ , ବିରିପଟା, ଜାଫରପୁର, ପାଲଟପୁର, ଦତ୍ତପୁର,ମଙ୍ଗଳପୁର, କସପା ଓ ଆଲୁକୁଡିକୁ ମିଶାଇ ୧୯ପଞ୍ଚାୟତର ୫୬ଟି ଗାଁ ବୈତରଣୀ ଓ ଶାଖା କାଣୀ ନଦୀ ବନ୍ୟା ଘେରରେ ରହିଛି । ଏହି ସବୁ ଅଞ୍ଚଳରେ ୮୬ହଜାରରୁ ଅଧିକ ଲୋକ ବନ୍ୟାପାଣି ଘେରରେ ହୀନସ୍ତା ହେଉଥିବା ବେଳେ ପାଖାପାଖି ୪୦ ହଜାର ପଶୁ ଜଳବନ୍ଦୀ ହୋଇଛନ୍ତି । ପଟଣାସାହି ଘାଇ ଯୋଗୁ ତରପଦା ପଞ୍ଚାୟତର ଗଣ୍ଡକୁଳ ଓ ତରପଦା ବାହ୍ୟ ଜଗତରୁ ବିଛିନ୍ନ ହୋଇଯାଇଛି । କିଏ ନିଜ ଛାତ ଉପରେ ତ ଆଉ କିଏ ପଡୋଶୀଙ୍କ ଛାତ ଉପରେ ଆଶ୍ରୟ ନେଇଛି । ଶହ ଶହ ଲୋକେ ବୈତରଣୀ ନଦୀ ବନ୍ଧ ରାସ୍ତା କଡରେ ପାଲ ଟାଙ୍ଗି ଦିନ କାଟୁଛନ୍ତି । ବନ୍ୟା ବିପନ୍ନ ବିଷଧର ସରୀସୃପଙ୍କ ଭୟରେ ଘାରି ହେଉଛନ୍ତି।ବ୍ଲକ ଜରୁରୀକାଳୀନ ବିଭାଗର ସୂଚନା ଅନୁସାରେ ଗୁରୁବାର ସୁଦ୍ଧା ପ୍ରଶାସନ ତରଫରୁ ୨୯ହଜାର ୮୮୮ଜଣ ବନ୍ୟା ବିପନ୍ନଙ୍କୁ ପାଣି ଘେରରୁ ଉଦ୍ଧାର କରାଯାଇଥିବା ବେଳେ ସମସ୍ତ ବନ୍ୟା ବିପନ୍ନଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ସେହିପରି ବନ୍ୟା ଘେରରେ ଥିବା ଗୃହପାଳିତ ପ୍ରାଣୀଙ୍କ ପାଇଁ ସାଢେ ୩ହଜାର କୁଇଣ୍ଟାଲ ଗୋ-ଖାଦ୍ୟ ବଣ୍ଟନ କରାଯିବାର ବ୍ୟବସ୍ଥା ହୋଇଛି ।

## କିରାସିନିର ବ୍ୟାପକ କଳାବଜାର

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ଗ୍ରାମପଂଚାୟତରେ କିରାସିନିର ବ୍ୟାପକ କଳାବଜାର ଏବଂ କୃତ୍ରୀମ ଅଭାବ ଦେଖାଦେଇଛି। ଟୋପାଏ କିରାସିନି ନପାଇ ହିତାଧିକାରୀମାନେ ଚରମ ହଟହଟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ସରକାରଙ୍କ ତରଫରୁ ପ୍ରତିମାସରେ ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ଗ୍ରାମପଂଚାୟତର ହିତାଧିକାରୀମାନଙ୍କ ନିମନ୍ତେ ଲକ୍ଷାଧିକ ଲିଟର କିରାସିନି ତେଲ ଯୋଗାଇ ଦିଆଯାଉଛି। ଏହି କିରାସିନି ତେଲ ଖାଉଟିଙ୍କ ନିକଟରେ ପହଂଚିବା ପୂର୍ବରୁ ବାରମାରଣା ହୋଇଯାଉଥିବାର ଅଭିଯୋଗ ହୋଇଛି। ମୁଣ୍ଡ ଉପରେ ବନ୍ୟା ଉଭା ହୋଇଥିଲା ବେଳେ ଦ୍ୱିପାଂଚଳବାସୀ ଟୋପାଏ କିରାସିନି ନପାଇ ଚରମ ହଟହଟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି।

## ମୁଣ୍ଡଳୀରେ ଖସୁଛି ମହାନଦୀର ଜଳସ୍ତର

ବାରଙ୍ଗ ,(ସବ୍ୟୁ): ମହାନଦୀର ଜଳସ୍ତର ଖସୁଥିବାର ମଣ୍ଡଳୀ ବ୍ୟାରେଜରେ ଦେଖିବାକୁ ମିଳିଛି। ଆକଳନ ମୁତାବକ ମହାନଦୀରେ ୯ ଲକ୍ଷ କ୍ୟୁସେକ ପାଣି ଆସିବାର ଥିଲା ହେଲେ ଆଜି ସକାଳ ୬ଟା ପର୍ଯ୍ୟନ୍ତ ନଦୀରେ ୮ ଲକ୍ଷ ୭୫ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଥିଲା । ଯାହା ସନ୍ଧ୍ୟା ସମୟରେ କମିଥିବାର ଜଣାପଡିଥିଲା। ଶୁକ୍ରବାର ସନ୍ଧ୍ୟା୬ଟା ବେଳକୁ ୮ ଲକ୍ଷ ୨୦ହଜାର କ୍ୟୁସେକ ପାଣି ପ୍ରବାହିତ ହୋଇଥିଲା।ସେପଟେ ହୀରାକୁଦରୁ ୨୨ଟି ଗେଟ ଦେଇ ବନ୍ୟା ଜଳ ନିଷ୍କାସନ ଜାରି ରହିଛି । ଏହି ବନ୍ୟା ଜଳ ମୁଣ୍ଡଳୀରେ ଶନିବାର ସନ୍ଧ୍ୟା ପହଞ୍ଚିବା ପରେ ମଣ୍ଡଳୀରେ ଜଳସ୍ତର ବଢ଼ିବାର ଆଶଙ୍କା ରହିଛି।ଯଦିଓ ବର୍ଷା ପ୍ରକୋପ କମିଛି, ତଥାପି ବିପଦ ଟଳିନଥିବାର ଜଣାପଡିଛି ।ଅନ୍ୟପଟେ ମୁଣ୍ଡଳୀ ବ୍ୟାରେଜ ଉପରେ ଶୁକ୍ରବାର ଦିନ ତମାମ ସାଧାରଣ ଲୋକଙ୍କ ଭିଡ ଲାଗିରହିଥିଲା।ବ୍ୟାରେଜ ଉପରେ ଛିଡ଼ା ହୋଇ କିଏ ଫଟୋ ନେଉଥିଲା ତ କିଏ ସେଲ୍ଫୀ ହେଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା।ଗାଡି ମଟର ଏସବୁ ବ୍ୟାରେଜ ଉପରେ ରଖି ବନ୍ୟାଜଳ ଦେଖିବାକୁ ଭିଡ ଲାଗିବାରୁ ଟ୍ରାଫିକ ସମସ୍ୟା ଉପୁଜିଥିଲା।ବିଶେଷ କରି ସନ୍ଧ୍ୟା ପରଠାରୁ ଭିଡ ଅଧିକ ରହିଥିବାର ଦେଖିବାକୁ ମିଳିଥିଲା।ଫଟୋ କିମ୍ବା ସେଲ୍ଫି ନେବାକୁ ପୋଲିସ ବାରଣ ନକରିବାରୁ ଟ୍ରାଫିକ ସମସ୍ୟା ବଢ଼ିଥିବାରୁ ବ୍ୟାରେଜ ଦେଇ ଯାଉଥିବା ଲୋକମାନେ ନାହିନଥିବା ହଇରାଣ ହେଉଥିବାର ଦେଖିବାକୁ ମିଳିଥିଲା।

## ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜେଡିର ଆନ୍ଦୋଳନ

ନୟାଗଡ଼ ,(ସବ୍ୟୁ): ପାଠ୍ୟ ପୁସ୍ତକରେ ତୃଟିକୁ ନେଇ ବିଜେଡ଼ି ପକ୍ଷରୁ ଆନ୍ଦୋଳନ କରାଯାଇ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଛି। ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଆନ୍ଦୋଳନ ଏକ ଶୋଭାଯାତ୍ରା ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନ ରେ ରାଜ୍ୟ ଛାତ୍ର ବିଜେଡି ସଭାନେତ୍ରୀ ଇପସିତା ସାହୁଙ୍କ ସମେତ ନାରୀ ନେତ୍ରୀ ଏବଂ ପୁରୁଖା କର୍ମକର୍ତ୍ତା ଯୋଗ ଦେଇ ରାଜ୍ୟ ସରକାର ତୁରନ୍ତ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପଦରୁ ବହିଷ୍କାର କରିବାକୁ ଦାବି କରିଥିଲେ। ଏ ନେଇ ଆନ୍ଦୋଳନକାରୀ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବି ପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିଥିଲେ।

## ବାହ୍ୟ ଜଗତରୁ ମଣିପୁର ବିଛିନ୍ନ ରାସ୍ତାରେ ୫ଫୁଟ ଉଚ୍ଚ ବନ୍ୟାଜଳ

ଭାପୁର,(ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ପଞ୍ଚାୟତ ସମିତିର ୪ଗୋଟି ପଞ୍ଚାୟତ ପଥରଚକଡା, କେନ୍ଦୁପଲ୍ଲୀ, ପଦ୍ମାବତୀ ଓ କରବର ଦେଇ ମହାନଦୀ ପ୍ରବାହିତା। ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଲେ ପ୍ରଥମେ କରବର ଓ କେନ୍ଦୁପଲ୍ଲୀ ପଞ୍ଚାୟତ ବେଶୀ କ୍ଷତିଗ୍ରସ୍ତ ହେଉଥିବା ବେଳେ ସାମନ୍ୟ ବନ୍ୟା କିମ୍ବା ବର୍ଷା ହେଲେ ଫତେଗଡ ପଞ୍ଚାୟତର ମଣିପୁର ଗାଁ ପ୍ରଥମେ ବାହ୍ୟ ଜଗତରୁ ବିଛିନ୍ନ ହୋଇଥାଏ। ଚଳିକ ବର୍ଷ ମହାନଦୀରେ ବନାଞ୍ଚଳ ଯୋଗୁ ମଣିପୁର ଗାଁ ବାହ୍ୟ ଜଗତରୁ ବିଛିନ୍ନ ହୋଇ ରାସ୍ତା ଉପରେ ୫ଫୁଟ ଉଚ୍ଚର ବନ୍ୟାଜଳ। ଶୁକ୍ରବାର ଦିନି ଫତେଗଡ ଠାରୁ କାଳିଗିରୀ ଛକଠାରୁ ମଣିପୁର ସାଢେ ଚାରି କିଲୋମିଟର ରାସ୍ତା ଉପରେ ୫ଫୁଟ ଉଚ୍ଚର ଜଳ ପ୍ରବାହିତ ହେଇଅଛି। ଚାଷ ଜମିରେ ପାଣିରେ ବୁଡ଼ି ରହିଅଛି। ରାସ୍ତା ଉପରେ ୫ ଫୁଟ ଉଚ୍ଚର ବନ୍ୟାଜଳ ଯୋଗୁଁ ଗ୍ରାମବାସୀ ଜଳବନ୍ଦୀ ହୋଇ ରହିଛନ୍ତି।। ମଣିପୁର ଗାଁକୁ ଆଦର୍ଶ ଗ୍ରାମ୍ୟର ମାନ୍ୟତା ପ୍ରଦାନ କରାଯାଇଥିବା ବେଳେ ପ୍ରଶାସନର ଦେଖା ଦର୍ଶନ ନାହିଁ। ତୁରନ୍ତ ଗୋଖାଦ୍ୟ ଯୋଗାଇ ଦେବାପାଇଁ ଓ ଯାତାୟତ ପାଇଁ ଡଙ୍ଗା ଯୋଗାଇ ଦେବାପାଇଁ ଗ୍ରାମବାସୀ ବିନୀତ ଅନୁରୋଧ କରିଛନ୍ତି।

## ମଟନ ବ୍ୟବସାୟୀଙ୍କ ଘରକୁ ବୋମାମାଡ, ୪ ଅଟକ

ଗୋପ,(ସବ୍ୟୁ): ମଟନ ବ୍ୟବସାୟୀ ଶେକ ତାଲିମଙ୍କ ଘର ଉପରକୁ ଗୁରୁବାର ବିଳମ୍ବିତ ରାତ୍ରରେ ଦୁଇ ଗୋଟି ବୋମାମାଡ ହୋଇଛି। ଏହିଘଟଣାରେ ପୋଲିସ ୪ଜଣଙ୍କୁ ଅଟକ ରଖିଛି । ଗୋପ ଥାନା ଅନ୍ତର୍ଗତ ତଥା ଗୋପ - ଚାରିଛକ ରାସ୍ତାରେ ଶେକ ତାଲିମ ଓ ଶେକ କଲିମଙ୍କ ପରିବାର ଶୋଇଥିବା ବେଳେ କେହି ଦୁର୍ବୃତ୍ତ ମନ୍ଦ ଉଦ୍ଦେଶ୍ୟ ରଖି ଏପରି ବୋମା ମାଡ଼ କରିଥିବା ଜଣା ପଡିଛି। ଦୁଇ ଗୋଟି ବୋମା ବିସ୍ଫୋରଣରେ ଉପର ଘର ଶେକ କଲିମଙ୍କ ଝରକା କାଚ ଗୁଡ଼ିକ ଭାଙ୍ଗି ଯାଇଥିବା ବେଳେ ଦିତୀୟ ବୋମା ମାଡ଼ରେ ଘର ଗ୍ରିଲ ଭାଙ୍ଗି ଯାଇଥିବା ଜଣାପଡିଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋମା କେତେକ ଅଂଶ ଜବତ କରି ଫେରିଥିବା ବେଳେ ବୋମାମାଡ ଘଟଣା ଅଭିଯୋଗକୁ ନେଇ ୨୪୨/୨୬ ରେ ମୋକଦ୍ଦମା ରୁଜୁ କରା ଯାଇଛି।ତଦନ୍ତ ପରେ ସନେଦହରେ ପୋଲିସ ୪ଜଣଙ୍କୁଆଣି ଥାନାରେ ଅଟକ ରଖି ପଚରାଉଚରାକରୁଥବବା ଜଣାପଡ଼ିଛି ।

## ଲଗାଣ ବର୍ଷା ଯୋଗୁଁ ଓରିପ୍ଲାଷ୍ଟରେ ବ୍ୟାପକ କ୍ଷୟକ୍ଷତି

ବାଲେଶ୍ୱର, (ସବ୍ୟୁ) : ଗତ ୨୮ ତାରିଖ ମଙ୍ଗଳବାର ଦିନ ଦିନ ଓ ରାତି ତମାମ ବର୍ଷା ଲାଗିରହିବା ଫଳରେ ଓଟିରୋଡ଼ ଧାରରେ ଥିବା ଓରିପ୍ଲାଷ୍ଟ ଲିମିଟେଡ କାରଖାନାରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାପଡ଼ିଛି । ବର୍ଷାଜଳ ମାଡ଼ି ଆସିବାରୁ ବିପୁଳ ପରିମାଣ କଂଚାମାଲ, କେମିକାଲ, ଚୂନ, ରଙ୍ଗ ଓ ବ୍ୟବହୃତ ହେଉଥିବା ଏସିଡ୍ ତଥା ବହୁପରିମାଣର ପ୍ୟାକିଂ ହୋଇ ବିକ୍ରିପାଇଁ ପ୍ରସ୍ତୁତ ଥିବା ପାଇପ୍ ଓ ଫିଟିଂ ନଷ୍ଟ ହୋଇଯାଇଛି । ଏହାଛଡ଼ା ଅନେକ ମେସିନ୍ ଭିତରେ ପାଣି ପଶିଯାଇ ସେଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି ।

# ବର୍ଷାରେ ଧୋଇଗଲା ପୋଲର ଆପ୍ରୋଚ୍ ରୋଡ୍, ଯାତାୟାତ ଠପ୍



ପଦ୍ମପୁର,(ସବ୍ୟୁ): ବରଗଡ଼ ଜିଲ୍ଲାର ପଦ୍ମପୁର ଉପଖଣ୍ଡରେ ଗତ କିଛି ଦିନ ଧରି ଲଗାଣ ବର୍ଷା ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାଜବୋଡ଼ାସମ୍ବର ବ୍ଲକ ଅନ୍ତର୍ଗତ ପୁଡେରଖାର-ଗାଇସିଲେଟ ଭାୟା ଜମଲା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାରେ ନିର୍ମିତ ପୋଲର ଆପ୍ରୋଚ୍ ରୋଡ୍ ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି । ରାସ୍ତାର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିଥିବାରୁ ଯାତାୟାତ ପ୍ରାୟ ଠପ୍ ହୋଇଯାଇଛି । ସ୍ଥାନୀୟ ଲୋକେ ପ୍ରାଣକୁ ବାଜି ଲଗାଇ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ଏହି ରାସ୍ତା ପଥୁରୀ, କୁମୁନିବାହାଲି, ଡଙ୍ଗାଘାଟ, ସାଲେବାହାଲି ଓ ପୁଡେରଖାରକୁ ଜମଲା ସହିତ ସଂଯୋଗ କରୁଥିବାରୁ ପ୍ରତିଦିନ ଶହ ଶହ ଲୋକ ଏହା ଉପରେ ନିର୍ଭର କରିଥାନ୍ତି। ଗ୍ରାମବାସୀ, ଚାଷୀ, ବ୍ୟବସାୟୀ, ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ରୋଗୀ ଓ ଜରୁରୀ ସେବା ପାଇଁ ଏହି ରାସ୍ତା ହିଁ ପ୍ରମୁଖ ଭରସା। କିନ୍ତୁ ଲଗାତାର ବର୍ଷାରେ ପୋଲର ଆପ୍ରୋଚ୍ ରୋଡ୍ ଧୋଇଯିବା ପରେ ସମଗ୍ର ଅଞ୍ଚଳରେ ଯାତାୟାତ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପୋଲଟି ଅକ୍ଷୁଣ୍ଣ ଥିଲେ ମଧ୍ୟ ଏହାର ଦୁଇ ପାର୍ଶ୍ୱର ଆପ୍ରୋଚ୍ ରୋଡ୍ ଓ ସୁରକ୍ଷା ବନ୍ଧ ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ଫଳରେ ରାସ୍ତା ମଝିରେ ଗଭୀର ଖାଲ ସୃଷ୍ଟି ହୋଇଛି। ସାମାନ୍ୟ ଅସାବଧାନତା ଘଟିଲେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ରାତି ସମୟରେ ଏହି ରାସ୍ତା ଅଧିକ ବିପଦପୂର୍ଣ୍ଣ ହୋଇପଡୁଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ଅଧିକ ସମସ୍ୟାରେ ପଡ଼ିଛନ୍ତି ସ୍କୁଲ ଓ କଲେଜ ପଢୁଥିବା ଛାତ୍ରଛାତ୍ରୀ। ପ୍ରତିଦିନ ଶିକ୍ଷାନୁଷ୍ଠାନକୁ ଯିବା ସମୟରେ ସେମାନଙ୍କୁ ବିପଦପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ଅଂଶ ଅତିକ୍ରମ କରିବାକୁ ପଡୁଛି। ଜରୁରୀ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେଉଛି। ରୋଗୀଙ୍କୁ ଡାକ୍ତରଖାନା ନେବାରେ ବିଳମ୍ବ ହେଲେ ଜୀବନ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ରାସ୍ତା ପାର୍ଶ୍ୱରେ ସୁରକ୍ଷା ବନ୍ଧ ଦୁର୍ବଳ ଥିବାରୁ ପ୍ରବଳ ସ୍ରୋତରେ ମାଟି ଧୋଇଯାଇ ଆପ୍ରୋଚ୍ ରୋଡ୍ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକମାନେ ପ୍ରଶ୍ନ କରିଛନ୍ତି ଯେ, ସରକାରୀ ଅର୍ଥରେ ନିର୍ମିତ ଏକ ପ୍ରକଳ୍ପ ଯଦି ମାତ୍ର ତିନି ବର୍ଷ ମଧ୍ୟରେ ଏପରି କ୍ଷତିଗ୍ରସ୍ତ ହୁଏ, ତେବେ ନିର୍ମାଣ ସମୟରେ ଗୁଣବତ୍ତା ନିୟନ୍ତ୍ରଣ କେଉଁଭଳି କରାଯାଇଥିଲା। ବିଶେଷକରି ବର୍ଷା ସମୟରେ ପାଣିର ସ୍ରୋତ ବଢ଼ିଲେ ବିପଦ ଆହୁରି ବଢ଼ିଯାଉଛି। ସ୍ଥାନୀୟ ବାସିନ୍ଦାମାନେ ପ୍ରଶାସନଙ୍କୁ ତୁରନ୍ତ ହସ୍ତକ୍ଷେପ କରି କ୍ଷତିଗ୍ରସ୍ତ ରାସ୍ତାର ଅସ୍ଥାୟୀ ମରାମତି କରିବା ସହ ଶୀଘ୍ର ସ୍ଥାୟୀ ପୁନଃନିର୍ମାଣ କରିବାକୁ ଦାବି କରିଛନ୍ତି। ସେହିପରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ନିର୍ମାଣ କାର୍ଯ୍ୟରେ କୌଣସି ଅନିୟମିତତା କିମ୍ବା ଅବହେଳା ହୋଇଥିଲେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ସେମାନେ ଦାବି କରିଛନ୍ତି। ବର୍ତ୍ତମାନ ବର୍ଷା ଜାରି ରହିଥିବାରୁ ପରିସ୍ଥିତି ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି।

### ନାବାଳିକା ଯୌନ ଉତ୍ପୀଡ଼ନ ମାମଲା

# ଅଭିଯୁକ୍ତ ସୂରଜଙ୍କୁ ୩ବର୍ଷ ଜେଲ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଅତିରିକ୍ତ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସୌମ୍ୟକ ପାତ୍ର ଏକ ନାବାଳିକା ଯୌନ ଉତ୍ପୀଡ଼ନ ମାମଲାର ଶୁଣାଣି କରି ଅଭିଯୁକ୍ତ ସୂରଜ ଛୁରିଆ(୨୬)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକ୍ସୋ ଆଇନ୍ ଦଫା ୮ରେ ଦୋଷୀ ସାବ୍ୟସ୍ତ କରି ୩ ବର୍ଷର ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏହାସହ ଆଦାୟ ହେବାକୁ ଥିବା ଜରିମାନା ଅର୍ଥ ପୀଡ଼ିତାଙ୍କୁ ପ୍ରଦାନ କରିବା ସହ 'ଓଡ଼ିଶା ଭିକ୍ଟିମ୍ କମ୍ପେନସେସନ୍ ସ୍କିମ୍' ଅଧୀନରେ ପୀଡ଼ିତାଙ୍କୁ ଉଚିତ୍ କ୍ଷତିପୂରଣ ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ସୁପାରିଶ କରାଯାଇଛି । ଅନ୍ୟପଟେ ଉପଯୁକ୍ତ ପ୍ରମାଣ ଅଭାବରୁ ସହ-ଅଭିଯୁକ୍ତ ବାଦଲ ଛୁରିଆଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସୂଚନାଯୋଗ୍ୟ, ୨୪ସେପ୍ଟେମ୍ବର, ୨୦୨୩ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ପୀଡ଼ିତା ନାବାଳିକା ଘରେ ଏକାକୀ ଥିବା ସୁଯୋଗ ନେଇ ଅଭିଯୁକ୍ତ ସୂରଜ ଛୁରିଆ ଘର ଭିତରକୁ ଜବରଦସ୍ତ ପଶି ଯୌନ ନିର୍ଯାତନା ଦେଇଥିଲେ । ଏହି ଘଟଣା ସମ୍ପର୍କରେ ପୀଡ଼ିତାଙ୍କ ଭାଇଙ୍କ ଏତଲା କ୍ରମେ ବରେଇପାଲି ଥାନା ପୋଲିସ ୧୮୪/୨୩ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । କୋର୍ଟ ୧୬ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣପତ୍ର ଆଧାରରେ ଶୁଣାଣି କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଅଦାଲତରେ ସରକାରଙ୍କ ପକ୍ଷରୁ ମାମଲାକୁ ସ୍ୱତନ୍ତ୍ର ପିପି ପ୍ରସନ୍ନ କୁମାର ସାହୁ ପରିଚାଳନା କରୁଥିଲେ ।

# ପାକ୍ ପୋଲିସ ପୋଷ୍ଟ ଉପରେ ଆତଙ୍କୀ ହମ୍‌ଲା : ୧୧ ମୃତ

ଇସଲାମାବାଦ : ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ପାକିସ୍ତାନ-ଆଫଗାନିସ୍ତାନ ସୀମାନ୍ତରେ ଥିବା ହାଙ୍ଗୁ ଜିଲ୍ଲାରେ ଖାଜିନା ପୁଲିସ ପୋଷ୍ଟ ଉପରେ ଗୁରୁବାର ଆତଙ୍କବାଦୀ ଆକ୍ରମଣରେ ୧୧ ଜଣ ସୁରକ୍ଷାକର୍ମୀଙ୍କର ମୃତ୍ୟୁ ହୋଇଛି । ଏହି ଆକ୍ରମଣରେ ୨୨ ଜଣ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି ।ଘଣ୍ଟାଏ ଧରି ଗୁଳିବିନିମୟରେ ପନ୍ଦର ଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିଲେ । ଆତଙ୍କବାଦୀ ଆକ୍ରମଣ ପାଇଁ ଏପର୍ଯ୍ୟନ୍ତ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରିନାହାନ୍ତି ବୋଲି ଆସୋସିଏଟେଡ୍ ପ୍ରେସ୍ ରିପୋର୍ଟ କରିଛି । ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି)




ସନ୍ଦେହ ଘେରକୁ ଆସିଛି । କାରଣ ଟିଟିପି ଗତ କିଛି ମାସ ମଧ୍ୟରେ ଏହି ଅଞ୍ଚଳରେ ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ସିରିଜ୍ ଆକ୍ରମଣ କରିଛି । ପାକିସ୍ତାନ ପୁଲିସ ଅଧିକାରୀ ମଧ୍ୟ ଟିଟିପିକୁ ଆତଙ୍କବାଦୀ ଆକ୍ରମଣ ପାଇଁ ଦାୟୀ କରିଛନ୍ତି । ପୁଲିସ ଚେକ୍ ପୋଷ୍ଟ ଉପରେ ଆକ୍ରମଣ ପରେ ତୁରନ୍ତ ଅଧିକ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ସହାୟତା ପାଇଁ ପହଞ୍ଚି ଥିଲା ବୋଲି ପୁଲିସ ଇନ୍ସପେକ୍ଟର ଜେନେରାଲ ଜୁଲଫିକର ହମିଦ କହିଛନ୍ତି । ତେବେ ଅତିରିକ୍ତ ସୁରକ୍ଷାବଳ ନେଇ ଆସୁଥିବା ଗାଡ଼ି ଉପରେ ମଧ୍ୟ ଆକ୍ରମଣ ହୋଇଥିଲା ।

ପୁଲିସ କହିଛି ଯେ, ଆତଙ୍କବାଦୀମାନେ ଭାରୀ ଅସ୍ତ୍ରଶସ୍ତ୍ର ସହିତ ପୁଲିସ ପୋଷ୍ଟ ଉପରେ ଆକ୍ରମଣ କରିଥିଲେ । ବିବୃତି ଅନୁଯାୟୀ, ଘଟଣାସ୍ଥଳକୁ ପଠାଯାଇଥିବା ସୁରକ୍ଷାବଳ ଉପରେ ଆକ୍ରମଣ କରାଯାଇଥିଲା, ଏଥିରେ ଗୋଟିଏ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା । ଖାଇବର ପଖତୁନଖ୍ୱାର ଟାଙ୍କ ଜିଲ୍ଲାରେ ଅଜ୍ଞାତ ଆତଙ୍କବାଦୀମାନେ ଆଉ ଏକ ଚେକ୍ ପଏଣ୍ଟ ଉପରେ ଆକ୍ରମଣ କରିବାର କିଛି ଦିନ ପରେ ଏହି ଆତଙ୍କବାଦୀ ଆକ୍ରମଣ ହୋଇଛି । ହାଙ୍ଗୁ ଚେକ୍ ପୋଷ୍ଟ ଉପରେ ଆକ୍ରମଣକୁ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀ ଓ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ନିନ୍ଦା କରିଛନ୍ତି । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କହିଛି ଯେ, ଗୃହମନ୍ତ୍ରୀ ମୋହସିନ ନକଭି ମଧ୍ୟ ଆକ୍ରମଣକୁ ନିନ୍ଦା କରିଛନ୍ତି ଓ ଖାଇବର ପଖତୁନଖ୍ୱା ଓ ବେଲୁଚିସ୍ତାନର ବର୍ତ୍ତମାନର ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଆତଙ୍କବାଦ ବିରୋଧରେ ଚାଲିଥିବା ପଦକ୍ଷେପ ବିଷୟରେ ରାଷ୍ଟ୍ରପତି ଜର୍ଦ୍ଦାରୀଙ୍କୁ ଅବଗତ କରାଇବାକୁ କୁହାଯାଇଛି ।

# ପିଏମ୍-କିଷାନ ଅବଧି ୫ ବର୍ଷ ବଢ଼ିଲା

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାକୁ ୨୦୩୦-୩୧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି । ଏଥିପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଟକଳ



ଧାର୍ଯ୍ୟ କରାଯାଇଛି । ୨୦୧୯ ଫେବ୍ରୁଆରିରେ ଏହି ଯୋଜନା ଆରମ୍ଭ ହୋଇଥିଲା ଯେଉଁଥିରେ ଯୋଗ୍ୟ ଚାଷୀମାନଙ୍କୁ ପ୍ରତି ବର୍ଷ ୬୦୦୦ ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଉଛି । ଇତି ମଧ୍ୟରେ ୨୩ଟି କିସ୍ତିରେ ୪.୪୭ ଲକ୍ଷ କୋଟି ଟଙ୍କା ଚାଷୀଙ୍କ ଖାତାରେ ଜମା କରାଯାଇଛି । କ୍ୟାବିନେଟ୍ ବୈଠକ ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୪୮,୦୪୮ କୋଟି ଟଙ୍କା ଅଟକଳ ବିଶିଷ୍ଟ ସମୁଦ୍ର ମନ୍ଥନ ଯୋଜନାକୁ ଅନୁମୋଦନ କରାଯାଇଛି । ୨୦୩୦-୩୧ ପର୍ଯ୍ୟନ୍ତ ଲାଗୁ ହେବାକୁ ଥିବା ଏହି ଯୋଜନାରେ ସରକାର ଅଧିକରୁ ଅଧିକ ତୈଳ ଓ ଗ୍ୟାସ୍ କ୍ଷେତ୍ର ସନ୍ଧାନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ସମୁଦ୍ର ମନ୍ଥନ ଯୋଜନା ପ୍ରଭାବରେ ୬୦୦ ନିୟୁତ ଟନ୍ ତୈଳ ଭଣ୍ଡାର ସନ୍ଧାନ ହୋଇପାରିବ ବୋଲି ଆଶା କରାଯାଉଛି ।ସେହିପରି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ସରୋବର ଯୋଜନାକୁ ମଧ୍ୟ ମଞ୍ଜୁର କରାଯାଇଛି । ଏହି ଯୋଜନାରେ ପାଞ୍ଚ ବର୍ଷରେ ୫୦୦୦ ମେଗାୱାଟ୍ ଭାସମାନ ସୌର ଶକ୍ତି କ୍ଷମତା ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ଦେଶରେ ଏହି କ୍ଷମତା ୭୦୦ ମେଗାୱାଟ୍ ରହିଛି ଯାହା ଆଗାମୀ ୫ ବର୍ଷରେ ପ୍ରାୟ ୭ ଗୁଣା ବଢ଼ିବାକୁ ଯାଉଛି । ଏହି ଯୋଜନାରେ ପ୍ରତି ମେଗାୱାଟ୍ ପାଇଁ ସରକାର ୧ କୋଟି ଟଙ୍କାର ସହାୟତା ଭାବେ ମୋଟ୍ ୫୦୭୦ କୋଟି ଟଙ୍କାର ସହାୟତା ଦେବେ । ଏହି ଯୋଜନା ପ୍ରଭାବରେ ୧୭ ହଜାର ପାଖାପାଖି ନୂତନ ନିଯୁକ୍ତି ସୃଷ୍ଟି ହେବା ଆଶା କରାଯାଉଛି ।

# ୧୯ ବର୍ଷ ପରେ କୋଲକାତା ଫେରିଲେ ତସଲିମା

କୋଲକାତା : ନିର୍ବାସିତ ବାଂଲାଦେଶୀ ଲେଖିକା ତସ୍ଲିମା ନସରିନ୍ ୧୯ ବର୍ଷ ପରେ ଶୁକ୍ରବାର କୋଲକାତା ଫେରିଛନ୍ତି । ତାଙ୍କ ବିବାଦୀୟ ପୁସ୍ତକ "ଦ୍ୱିଖୋଣ୍ଡିତୋ" ଉପରେ ବିରୋଧ ପ୍ରଦର୍ଶନ ପରେ ତସଲିମା କୋଲକାତା ଛାଡ଼ିବାକୁ ବାଧ୍ୟ ହୋଇଥିଲେ । ପଶ୍ଚିମବଙ୍ଗର ରାଜଧାନୀରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିବା ସମୟରେ ନସରିନ୍ କହିଥିଲେ, ମୋତେ ଏଠାରେ ବହୁତ ଭଲ ଲାଗୁଛି ।୨୦୦୭ ମସିହା ପରେ ଏହା ହେଉଛି କୋଲକାତାରେ ତସଲିମାଙ୍କର ପ୍ରଥମ ସାର୍ବଜନୀନ ଉପସ୍ଥିତି । ଏହାର ଦଶନ୍ଧି ପୂର୍ବେ ତାଙ୍କୁ ବାଂଲାଦେଶ ଛାଡିବାକୁ ପଡ଼ିଥିଲା । ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗରେ ୨୦୦୩ ମସିହାରେ ତତ୍କାଳୀନ ସିପିଏମ୍ ନେତୃତ୍ୱାଧୀନ ପଶ୍ଚିମବଙ୍ଗ ସରକାର ତାଙ୍କ ପୁସ୍ତକକୁ ନିଷିଦ୍ଧ କରିଥିଲେ । ୬୩ ବର୍ଷୀୟ ଏହି ପ୍ରଖ୍ୟାତ ଲେଖିକା ବର୍ତ୍ତମାନ ଦିଲ୍ଲୀରେ




ରହୁଛନ୍ତି । ଆସନ୍ତାକାଲି ନସରିନ୍ ରବୀନ୍ଦ୍ର ସଦନରେ ମୌଳବାଦ ବିରୋଧରେ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଓ ପ୍ରସିଦ୍ଧ ଲେଖକ ଶୀର୍ଷେନ୍ଦୁ ମୁଖୋପାଧ୍ୟାୟ ମଧ୍ୟ ଯୋଗ ଦେଇପାରନ୍ତି ।କୋଲକାତାରେ ପହଞ୍ଚିବା ପରେ ତସଲିମା କହିଛନ୍ତି, ମୁଁ କେବେ ଇଚ୍ଛାରେ କୋଲକାତା ଛାଡି ନଥିଲି; ତତ୍କାଳୀନ ପଶ୍ଚିମବଙ୍ଗ ସରକାର ମୋତେ ରାଜ୍ୟ ଛାଡିବାକୁ ବାଧ୍ୟ କରିଥିଲେ । ଅନ୍ୟପକ୍ଷରେ ତସଲିମାଙ୍କ ଗସ୍ତ ଖବର ରାଜନୈତିକ ବିବାଦ ସୃଷ୍ଟି କରିଛି । ତୃଣମୂଳ କଂଗ୍ରେସ ବିଧାୟକ ଅଖରୁଜମାନ କହିଛନ୍ତି ଯେ, ଲେଖିକା ପ୍ରାୟତଃ ମୁସଲମାନମାନଙ୍କ ବିରୋଧରେ କୁହନ୍ତି, ସେଥିପାଇଁ ଡବଲ-ଇଞ୍ଜିନ୍ ସରକାର ତାଙ୍କୁ ସ୍ୱାଗତ କରୁଛନ୍ତି । ପଶ୍ଚିମବଙ୍ଗ ମନ୍ତ୍ରୀ ଅଗ୍ନିମିତ୍ର ପଲ୍ ତସଲିମାଙ୍କ ଗସ୍ତକୁ ଜୋରଦାର୍ ସ୍ୱାଗତ କରିଛନ୍ତି ।

# ୱାଙ୍ଗଚୁକଙ୍କ ଅବଦାନକୁ ଭୁଲିପାରିବୁ ନାହିଁ : ଅଭିଜିତ୍ ଦୀପକେ

ନୂଆଦିଲ୍ଲୀ : କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ତାଙ୍କ ସଂଗଠନ ଓ ସୋନମ୍ ୱାଙ୍ଗଚୁକ୍ ମଧ୍ୟରେ ଫାଟ ଥିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି । ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି ଓ ଆନ୍ଦୋଳନରେ ୱାଙ୍ଗଚୁକଙ୍କ ଅବଦାନକୁ ଭୁଲିହେବ ନାହିଁ ବୋଲି ଦୀପ୍କେ କହିଛନ୍ତି । ପ୍ରତିବାଦ ଶେଷ ହେବା ପରେ ସେ ୱାଙ୍ଗଚୁକଙ୍କ ସହ ଫୋନରେ କଥା ହୋଇଥିଲେ ଓ ଆନ୍ଦୋଳନ ଶେଷରେ ଲୋକମାନଙ୍କୁ ଧନ୍ୟବାଦ ଦେବା ସମୟରେ ସେ କାହିଁକି ତାଙ୍କ ନାମ ଉଲ୍ଲେଖ କରି ନଥିଲେ ତାହା ସ୍ପଷ୍ଟ କରିଛନ୍ତି । ଦୀପକେ କହିଛନ୍ତି, ମୁଁ ଛାତ୍ରମାନଙ୍କୁ ଧନ୍ୟବାଦ ଦେଇଥିଲି । କାରଣ ୨୦ ଜୁଲାଇ ପରେ ଏହି ଆନ୍ଦୋଳନ ଦେଶର ଛାତ୍ର ଓ ଯୁବକମାନଙ୍କର ଆନ୍ଦୋଳନରେ ପରିଣତ ହୋଇଥିଲା । ସେମାନେ ନିର୍ମମ ଲାଠିଚାର୍ଜର ସମ୍ମୁଖୀନ ହୋଇଥିଲେ । ଅନ୍ୟପକ୍ଷରେ ଦୀପକେ ଆନ୍ଦୋଳନ ପାଇଁ ଜନସମର୍ଥନ ସଂଗ୍ରହ କରିବା ପାଇଁ ୱାଙ୍ଗଚୁକଙ୍କ ଅନଶନକୁ ଶ୍ରେୟ ଦେଇଛନ୍ତି । ଦୀପକେ କହିଛନ୍ତି, ସୋନମ ୱାଙ୍ଗଚୁକ୍ ସାର୍ ଯେଉଁ ବଳିଦାନ ଦେଇଛନ୍ତି ତାହା ଆମେ ଭୁଲିପାରିବୁ ନାହିଁ । ସେ ନିଜ ଜୀବନକୁ ବାଜି ଲଗାଇ ୨୬ ଦିନ ଧରି ଅନଶନରେ ଥିଲେ । ନିଜ ଜୀବନକୁ ବାଜି ଲଗାଇ ସେ ଦେଶକୁ ଜାଗ୍ରତ କରିଛନ୍ତି । ନିଜ ଜୀବନକୁ ବାଜି ଲଗାଇ ସେ ଏହି ଦେଶକୁ ସରକାରଙ୍କୁ ପ୍ରଶ୍ନ କରିବା ପାଇଁ ରାସ୍ତାକୁ ଆଣିଛନ୍ତି । ତାଙ୍କ ଅନଶନ ବିନା ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସମ୍ଭବ ହୋଇନଥାନ୍ତା । ମୁଁ ନିଜେ ତାଙ୍କୁ ଅନଶନ ଶେଷ କରିବାକୁ ନିବେଦନ କରିଥିଲି ବୋଲି ଦୀପକେ କହିଛନ୍ତି ।

# ପାକିସ୍ତାନରେ ୧୦ ପର୍ବତାରୋହୀ ନିଖୋଜ

ଇସଲାମାବାଦ : ପାକିସ୍ତାନର କାରାକୋରମ ପର୍ବତମାଳାରେ ଅବସ୍ଥିତ ବିଶ୍ୱର ୧୨ତମ ଉଚ୍ଚ ଶୃଙ୍ଗ "ବ୍ରୋଡ୍ ପିକ୍"ରେ ଏକ ଭୟଙ୍କର ତୁଷାରପାତ ଯୋଗୁଁ ନେପାଳର ପ୍ରସିଦ୍ଧ ପର୍ବତାରୋହୀ ନିର୍ମଳ ପୁର୍ଜାଙ୍କ ସମେତ ୧୦ ଜଣ ପର୍ବତାରୋହୀ ନିଖୋଜ ହୋଇଯାଇଛନ୍ତି । ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ୭,୦୦୦ ମିଟର ଉଚ୍ଚତାରେ ଏହି ଦୁର୍ଘଟଣା ଘଟିଥିବା ନେପାଳ ପର୍ବତାରୋହଣ ସଂଘର ସାଧାରଣ ସମ୍ପାଦକ ରାଜ ବାହାଦୁର ଲାମା ସୂଚନା ଦେଇଛନ୍ତି । ନିଖୋଜଙ୍କ ମଧ୍ୟରେ ୫ ଜଣ ନେପାଳୀ ଏବଂ ଆମେରିକା, ଚୀନ୍, ଓମାନ ଓ ପାକିସ୍ତାନର ପର୍ବତାରୋହୀ ଶାମିଲ ଅଛନ୍ତି । ପ୍ରତିକୂଳ ପାଣିପାଗ ଯୋଗୁଁ ହେଲିକପ୍ଟର ଅବତରଣ କରିପାରୁ ନଥିବାରୁ ଉଦ୍ଧାର କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି ।ନିର୍ମଳ ପୁର୍ଜା ପୂର୍ବରୁ ଗୋର୍ଖା ଓ ବ୍ରିଟିଶ୍



ସ୍ପେଶାଲ ଫୋର୍ସର ସୈନିକ ଥିଲେ ଏବଂ ୨୦୧୯ରେ ମାତ୍ର ୬ ମାସ ମଧ୍ୟରେ ବିଶ୍ୱର ସମସ୍ତ ୧୪ଟି ୮,୦୦୦ ମିଟରରୁ ଉଚ୍ଚ ଶୃଙ୍ଗ ଆରୋହଣ କରି ବିଶ୍ୱରେକର୍ଡ ସୃଷ୍ଟି କରିଥିଲେ । ଏହି ଘଟଣାକୁ ନେଇ ନେପାଳର ପର୍ଯ୍ୟଟନ ମନ୍ତ୍ରୀ ଖଡଗ ପ୍ରସାଦ ପୌଡେଲ ଗଭୀର ଚିନ୍ତା ପ୍ରକଟ କରିବା ସହ ପାକିସ୍ତାନ ସରକାରଙ୍କ ସହ ନିରନ୍ତର ଯୋଗାଯୋଗରେ ଥିବା ପ୍ରକାଶ କରିଛନ୍ତି । ଆଲପାଇନ୍ କ୍ଲବ୍ ଅଫ୍ ପାକିସ୍ତାନ ମଧ୍ୟ ତୁରନ୍ତ ସନ୍ଧାନ ଓ ଉଦ୍ଧାର ଅଭିଯାନ ପାଇଁ ସମସ୍ତ ଉଦ୍ଧାରବଳ ପ୍ରୟୋଗ କରାଯାଉଥିବା ଜଣାଇଛି । ପ୍ରତିକୂଳ ପାଣିପାଗ ସତ୍ତ୍ୱେ ସେନା ଓ ଉଦ୍ଧାରକାରୀ ଦଳ ନିଖୋଜ ପର୍ବତାରୋହୀଙ୍କୁ ଉଦ୍ଧାର କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି ।

### ୨୦୨୭ ଏସସିଓ ସମ୍ମିଳନୀ

# ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିବ ପାକିସ୍ତାନ

ଇସଲାମାବାଦ : ୨୦୨୭ରେ ଇସଲାମାବାଦଠାରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରାଯିବ ବୋଲି ପାକିସ୍ତାନ ଶୁକ୍ରବାର ସ୍ପଷ୍ଟ କରିଛି । ସଂଗଠନର ନିୟମ ଓ ସଂବିଧାନ ଅନୁସାରେ ଭାରତ ସମେତ ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ ଏହି ଆନୁଷ୍ଠାନିକ ନିମନ୍ତ୍ରଣ ପତ୍ର ପଠାଯିବ ବୋଲି ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଆୟୋଜକ ଦେଶ ଭାବେ ସମସ୍ତ ସଦସ୍ୟ ରାଷ୍ଟ୍ରର ମୁଖ୍ୟମାନଙ୍କୁ ଆମନ୍ତ୍ରଣ କରିବା ଏକ ନିୟମିତ ପ୍ରକ୍ରିୟା ଓ ଦାୟିତ୍ୱ ବୋଲି ସେ ପ୍ରକାଶ କରିଛନ୍ତି ।ଅନ୍ୟପକ୍ଷରେ, ମାନିଲାରେ ଆୟୋଜିତ ଏସିଆନ୍ ବୈଠକ ଅବସରରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପାକିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ଆଲୋଚନା ହେବାର ସମ୍ଭାବନା ନେଇ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ, ନୂଆଦିଲ୍ଲୀ ପକ୍ଷରୁ ଏପରି କୌଣସି ଅନୁରୋଧ ଆସିନଥିବା ପ୍ରବକ୍ତା ସ୍ପଷ୍ଟ କରିଛନ୍ତି । ଏହି ବୈଠକ ସମୟରେ ଦ୍ୱିପାକ୍ଷିକ ଆଲୋଚନା ସମ୍ପର୍କରେ ଅଧିକ କୌଣସି ତଥ୍ୟ ଦିଆଯାଇନାହିଁ । ସୂଚନାଯୋଗ୍ୟ ଯେ, ଏସସିଓର ଆବର୍ତ୍ତନଶୀଳ ଅଧ୍ୟକ୍ଷତା ନିୟମାନୁସାରେ ୨୦୨୭ ଶିଖର ସମ୍ମିଳନୀ ଆୟୋଜନର ଭାର ପାକିସ୍ତାନ ଉପରେ ରହିଛି ।

# ମରକ୍କୋ ସୀମା ଭାଙ୍ଗି ସ୍ପେନରେ ପ୍ରବେଶ ବେଳେ ୯ ମୃତ

ମାଡ୍ରିଡ : ମରକ୍କୋରୁ ହଜାର ହଜାର ପ୍ରବାସୀ ସ୍ପେନର ଛୋଟ ସ୍ୱାୟତ୍ତ ଅଞ୍ଚଳ ସେଉଟାରେ ପ୍ରବେଶ କରିବାକୁ ସୀମା ପାର ହେବା ସମୟରେ ବିଶୃଙ୍ଖଳା ଘଟି ନଅ ଜଣଙ୍କର ମୃତ୍ୟୁ ହୋଇଛି । ଗୁରୁବାର ସୀମା ତାରବାଡ଼ ଭାଙ୍ଗି ମରକ୍କୋର ଲୋକମାନେ ସ୍ପେନରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ । ପରେ ସେଉଟାର ସ୍ଥାନୀୟ କର୍ତ୍ତୃପକ୍ଷ ମାଡ୍ରିଡ ସ୍ଥିତ କେନ୍ଦ୍ର ସରକାରଙ୍କୁ ଅଧିକ ସୁରକ୍ଷାବଳ ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ । ସ୍ପେନ ସରକାର କହିଛନ୍ତି ଯେ, ସିଭିଲ ଗାର୍ଡ ସେଉଟା ସହରରେ ସୁରକ୍ଷା ବଜାୟ ରଖିବାରେ ସାହାଯ୍ୟ କରିବା ପାଇଁ ସଶସ୍ତ୍ର ବାହିନୀ ପଠାଇବା ପାଇଁ ଅନୁରୋଧ କରିଥିଲା ।ସ୍ପେନର ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଶୁକ୍ରବାର ସେଉଟା ଗସ୍ତରେ ଗୃହମନ୍ତ୍ରୀ ଫର୍ଣ୍ଣାଣ୍ଡୋ ଗ୍ରାଣ୍ଡେ-ମାରଲାସ୍କାଙ୍କ ସହିତ ଯୋଗ ଦେବେ ବୋଲି ମଧ୍ୟ ଘୋଷଣା କରିଛନ୍ତି ।ଉତ୍ତର ମରକ୍କୋର ମାନବାଧିକାର ସଂଘର ସଦସ୍ୟ ଆଚରାଫ ମୈମୌନି ପରିସ୍ଥିତିକୁ ବ୍ୟତିକ୍ରମ ବୋଲି ବର୍ଣ୍ଣନା କରିଛନ୍ତି । ଭିଡିଓ ଫୁଟେଜରେ ଅନେକ ଲୋକ ସ୍ପେନ ଉପକୂଳରେ ଦେଖିବାକୁ ମିଳିଥିଲା, ସେମାନଙ୍କ ମଧ୍ୟରୁ ଅଧିକାଂଶ ମରକ୍କୋର ଅଧିବାସୀ । ଅନେକ ଯୁବକ, ମହିଳା ଓ ଶିଶୁଙ୍କ ସହିତ ସେମାନଙ୍କ ପରିବାର ମଧ୍ୟ ରହିଥିବା ଭିଡିଓ ଫୁଟେଜରୁ ଦେଖିବାକୁ



ମିଳିଛି । ସେଉଟାରେ ଥିବା ସରକାରୀ ପ୍ରତିନିଧି ଦଳ କହିଛନ୍ତି ଯେ, ଗୁରୁବାର ଏଠାରେ ବିଶୃଙ୍ଖଳା ସମୟରେ ଅତି କମରେ ନଅ ଜଣଙ୍କର ମୃତ୍ୟୁ ହୋଇଛି । ପାଣିରେ ମୃତଦେହ ଭାସୁଥିବାର ଦେଖାଯାଇଛି । ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଚଳିତ ବର୍ଷ ସେଉଟାରେ ପହଞ୍ଚିବାକୁ ଚେଷ୍ଟା କରି ବହୁ ସଂଖ୍ୟକ ଲୋକଙ୍କର ମୃତ୍ୟୁ ହୋଇଛି । ତେବେ ଏତେ ସଂଖ୍ୟକ ଲୋକ କାହିଁକି ସେଉଟା ଆସୁଛନ୍ତି ତାହା ଜଣାପଡ଼ିନାହିଁ । ସ୍ପେନ ସରକାର କହିଛନ୍ତି, ମରକ୍କୋ ଲୋକମାନଙ୍କୁ ସୀମା ଅତିକ୍ରମ କରିବାରେ ରୋକିବା ପାଇଁ ସେଠାକାର ସରକାର ସହାୟତା କରୁଛନ୍ତି । ତେବେ ଏହାର ପ୍ରଭାବ ଇଟାଲୀ ଉପରେ ମଧ୍ୟ ପଡ଼ିଛି । ଇଟାଲୀ ନିଜ ସୀମାକୁ ସୁରକ୍ଷିତ ରଖିବା ପାଇଁ ସ୍ପେନ ସହିତ ସୀମା ଚୁକ୍ତିନାମାକୁ ସ୍ଥଗିତ ରଖିବାକୁ ଧମକ ଦେଇଥିଲା । ଯଦିଓ ଇଟାଲୀର ସୀମା ସ୍ପେନକୁ ଲାଗୁ ନାହିଁ ତଥାପି ଦୁଇ ଦେଶ ମଧ୍ୟରେ ଚୁକ୍ତି ରହିଛି । ଉନ୍ନତ ଆର୍ଥିକ ସୁଯୋଗ କିମ୍ବା ନିଜ ଦେଶରେ ହିଂସାରୁ ମୁକ୍ତି ପାଇବା ପାଇଁ ଆଫ୍ରିକାର ପ୍ରବାସୀମାନଙ୍କ ପାଇଁ ସ୍ପେନ୍ ୟୁରୋପ ଆଗମନର ପ୍ରମୁଖ ମାର୍ଗ ହୋଇଛି ।

# ଇ୨୦ ଇନ୍ଧନ ବିରୋଧରେ ଆଜି ଆନ୍ଦୋଳନ

## ନେତୃତ୍ୱ ନେବେ କେଜ୍ରିୱାଲ

ନୂଆଦିଲ୍ଲୀ : ଆସନ୍ତାକାଲି ଇ-୨୦ ମିଶ୍ରିତ ପେଟ୍ରୋଲ ବିରୋଧରେ ବଡ଼ ବିକ୍ଷୋଭ । ଆପ୍ର ଆବାହକ ଅରବିନ୍ଦ କେଜ୍ରିୱାଲ ଶନିବାର ନିଜର ଜାତୀୟ ସ୍ତରୀୟ ଆନ୍ଦୋଳନକୁ ଲଞ୍ଚ କରିବେ । ସେହିପରି ସାମାଜିକ କର୍ମୀ ତେହସିନ ପୁନାୱାଲା ମଧ୍ୟ ନୀରବ ଶୋଭାଯାତ୍ରା ସାଙ୍ଗକୁ ଅନଶନ କରିବେ ବୋଲି ଆଜି ଘୋଷଣା କରିଛନ୍ତି । କେନ୍ଦ୍ର ସରକାରଙ୍କ ଇ୨୦(୨୦% ଇଥାନଲ ମିଶ୍ରିତ ପେଟ୍ରୋଲ) କାର୍ଯ୍ୟକ୍ରମ ବିରୋଧରେ ନିଜର ଜାତୀୟ ଅଭିଯାନ ଆରମ୍ଭ ପୂର୍ବରୁ କେଜ୍ରିୱାଲ ଶୁକ୍ରବାର ସଙ୍କେତ ଦେଇଛନ୍ତି ଯେ ଦେଶର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଏହି ଆନ୍ଦୋଳନରେ ସାମିଲ ହେବେ । ସମାନ ସମୟରେ ପୁନାୱାଲା ଗାନ୍ଧି ସ୍ମୃତି ପର୍ଯ୍ୟନ୍ତ ପଦଯାତ୍ରା କରି ଅନଶନ ଆରମ୍ଭ କରିବେ ବୋଲି ଘୋଷଣା କରିଛନ୍ତି । ପୁନାୱାଲା ଜୁଲାଇ ୫ରେ ଇ ୨୦ ବିରୋଧରେ ପ୍ରଥମ ପ୍ରତିବାଦ



ଅଭିଯାନର ନେତୃତ୍ୱ ନେଇଥିଲେ । ଜୁଲାଇ ୨୭ରେ ଆପ ମୁଖ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯାନ ସମ୍ପର୍କରେ ଘୋଷଣା କରି କେଜ୍ରିୱାଲ ଇ୨୦ ବିରୋଧୀ ଆନ୍ଦୋଳନକୁ କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନ ସହ ଯୋଡ଼ିଥିଲେ । ସିଜେପି ଆନ୍ଦୋଳନ ଯୋଗୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ବାଧ୍ୟ ହୋଇ ଇସ୍ତଫା ଦେଇଥିଲେ । ଶନିବାର ଦିଲ୍ଲୀର ସମ୍ବିଧାନ କ୍ଲବରେ ଦିନ ୧୨ଟାରେ କାର୍ଯ୍ୟକ୍ରମ ଆରମ୍ଭ ହେବ । ଉପସ୍ଥିତ ଲୋକଙ୍କୁ ସକାଳ ୧୧:୩୦ ସୁଦ୍ଧା ପହଞ୍ଚିବାକୁ କେଜ୍ରିୱାଲ ଅନୁରୋଧ କରିଛନ୍ତି । କେନ୍ଦ୍ର ସରକାରଙ୍କ ଇଥାନଲ ମିଶ୍ରିତ ପେଟ୍ରୋଲ କାର୍ଯ୍ୟକ୍ରମ ବର୍ତ୍ତମାନ ନୂଆ ରାଜନୀତିକ ବିବାଦରେ ପରିଣତ ହୋଇଛି । ସିଜେପିର ଆନ୍ଦୋଳନ ଶେଷ ହେବା ପରେ ଏବେ ଇ୨୦ ପ୍ରସଙ୍ଗକୁ ନେଇ ବିରୋଧ ତୀବ୍ର ହେଉଛି ।କିଛି ବିଶେଷଜ୍ଞଙ୍କ ମତରେ, ୨୦% ଇଥାନଲ ମିଶ୍ରିତ ପେଟ୍ରୋଲର ପ୍ରଚଳନ ତରବରିଆ ଭାବେ କରାଯାଇଛି ।

# ଆଜି ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୨୬ ଅଗଷ୍ଟ ୧ ତାରିଖରେ ଆନ୍ଧ୍ରପ୍ରଦେଶ ଏବଂ କର୍ଣ୍ଣାଟକ ଗସ୍ତ କରିବେ । ପୂର୍ବାହ୍ନ ପ୍ରାୟ ୧୧ଟାରେ ସେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲ୍ଲାସ୍ଥିତ ଭୋଗାପୁରମ୍ଠାରେ 'ଅଲ୍ଲୁରୀ ସୀତାରାମ ରାଜୁ ଅନ୍ତର୍ଜାତୀୟ ବିମାନବନ୍ଦର'ର ଯାତ୍ରୀ ଟର୍ମିନାଲ୍ ଭବନ ବୁଲି ଦେଖିବେ । ଏହାପରେ ସକାଳ ୧୧:୩୦ଟାରେ ସେ ଏହି ବିମାନବନ୍ଦରର ଉଦ୍ଘାଟନ କରିବା ସହ ଭୋଗାପୁରମ୍ଠାରେ ୧୭,୯୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍ଘାଟନ କରି ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ ଏବଂ ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିବେ । ପରବର୍ତ୍ତୀ ସମୟରେ, ଅପରାହ୍ନ ପ୍ରାୟ ୩:୩୦ଟାରେ ପ୍ରଧାନମନ୍ତ୍ରୀ ମୈସୁରୁସ୍ଥିତ ରାମକୃଷ୍ଣ ଆଶ୍ରମଠାରେ 'ସ୍ୱାମୀ ବିବେକାନନ୍ଦ ସାଂସ୍କୃତିକ ଯୁବ କେନ୍ଦ୍ର - ବିବେକ ସ୍ମାରକ'ର ଉଦ୍ଘାଟନ କରି ସମାବେଶକୁ ସମ୍ବୋଧିତ କରିବେ ।

# ପୂର୍ବତନ ସେନାଧ୍ୟକ୍ଷ ଭି. ଏନ୍. ଶର୍ମାଙ୍କ ପରଲୋକ

ନୂଆଦିଲ୍ଲୀ : ଭାରତୀୟ ସେନାର ପୂର୍ବତନ ସେନାଧ୍ୟକ୍ଷ ଜେନେରାଲ ବିଶ୍ୱନାଥ ଶର୍ମାଙ୍କର ଶୁକ୍ରବାର ୯୬ ବର୍ଷ ବୟସରେ ପରଲୋକ ଘଟିଛି । ସେ ୧୯୮୮ ରୁ ୧୯୯୦ ମସିହା ପର୍ଯ୍ୟନ୍ତ ଭାରତୀୟ ସେନାର ମୁଖ୍ୟ ଭାବେ ସେବା ଯୋଗାଇ ଦେଇଥିଲେ । ଦେଶର ପ୍ରଥମ ପରମବୀର ଚକ୍ର ସମ୍ମାନିତ ଅମର ଶହୀଦ ମେଜର ସୋମନାଥ ଶର୍ମାଙ୍କ ସେ କନିଷ୍ଠ ଭ୍ରାତା ଥିଲେ । ଡେରାଡୁନ୍ ସ୍ଥିତ ଇଣ୍ଡିଆନ୍ ମିଲିଟାରୀ ଏକାଡେମୀର ପୁରାତନ ଛାତ୍ର ଜେନେରାଲ ଶର୍ମା ୧୯୫୦ ଜୁନ୍ ମାସରେ ୧୬ ଲାଇଟ୍ କାଭାଲରୀରେ ସେନାରେ ଯୋଗ ଦେଇଥିଲେ ।ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ "ଏକ୍ସ"ରେ ଲେଖିଛନ୍ତି ଯେ, ଜେନେରାଲ ଶର୍ମା ଜଣେ ନିଷ୍ଠାପର, ସାହସୀ ଓ ଦୂରଦ୍ରଷ୍ଟା ସାମରିକ ନେତା ଥିଲେ ।

# ପଶ୍ଚିମ ଏସିଆ ସଂଘର୍ଷ : ୧୦ ନାବିକ ମୃତ

ନୂଆଦିଲ୍ଲୀ : ଚଳିତ ୨୦୨୬ ମସିହା ଆରମ୍ଭରୁ ପଶ୍ଚିମ ଏସିଆ (ମଧ୍ୟପ୍ରାଚ୍ୟ) ଅଞ୍ଚଳରେ ଲାଗି ରହିଥିବା ଭୟାବହ ସାମରିକ ସଂଘର୍ଷ କାରଣରୁ ବର୍ତ୍ତମାନ ସୁଦ୍ଧା ୧୦ ଜଣ ବାଣିଜ୍ୟିକ ଜାହାଜ ନାବିକଙ୍କ ସମେତ ମୋଟ୍ ୧୬ ଜଣ ଭାରତୀୟ ନାଗରିକ ପ୍ରାଣ ହରାଇଛନ୍ତି । ଗତକାଲି ସଂସଦରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ କିର୍ତ୍ତୀ ବର୍ଦ୍ଧନ ସିଂହ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଛନ୍ତି । ସିପିଆଇ(ଏମ) ସାଂସଦ ଜନ୍ ବ୍ରିଟାସଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଜବାବରେ ମନ୍ତ୍ରୀ କହିଛନ୍ତି ଯେ, ସାମରିକ ସଂଘର୍ଷ ଯୋଗୁଁ ଓମାନରେ ୮, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ୪, କୁଏତରେ ୨, ସାଉଦି ଆରବ ଏବଂ ଇରାକରେ ଜଣେ ଲେଖାଏଁ ଭାରତୀୟଙ୍କ ମୃତ୍ୟୁ ଘଟିଛି । ଏହା ବ୍ୟତୀତ ବିଭିନ୍ନ ଆକ୍ରମଣରେ ମୋଟ୍ ୭୫ ଜଣ ଭାରତୀୟ ଆହତ ହୋଇଛନ୍ତି, ଯେଉଁଥିରେ ୟୁଏଇରେ ୩୨, ଓମାନରେ ୨୪, କୁଏତରେ ୧୩, କତରରେ ୪, ସାଉଦି ଆରବରେ ୧ ଏବଂ ଇସ୍ରାଏଲରେ ମଧ୍ୟ ଜଣେ ସାମିଲ ଅଛନ୍ତି ।

# ପାକ୍ କୋଇଲା ଖଣିରେ ବିସ୍ଫୋରଣ: ୩୫ ଶ୍ରମିକ ମୃତ

ଇସଲାମାବାଦ : ପାକିସ୍ତାନର ଦକ୍ଷିଣ-ପଶ୍ଚିମ ପ୍ରଦେଶ ବଲୁଚିସ୍ତାନର ରାଜଧାନୀ କ୍ୱେଟା ସହର ଉପକଣ୍ଠରେ ଅବସ୍ଥିତ ଏକ କୋଇଲା ଖଣିରେ ଗୁରୁବାର ଏକ ଭୟାବହ ବିସ୍ଫୋରଣ ଘଟି ଅତିକମ୍‌ରେ ୩୫ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି ।ଏହି ଦୁର୍ଘଟଣା ପରେ ଅନ୍ୟ ୧୦ ଜଣ ଶ୍ରମିକ ମାଟି ତଳେ ଫସି ରହିଥିବା ସରକାରୀ ଅଧିକାରୀମାନେ ପ୍ରକାଶ କରିଛନ୍ତି । ସରକାରୀ ଖଣି ପରିଦର୍ଶକ ଗନି ବଲୋଚ୍‌ଙ୍କ ସୂଚନା ଅନୁଯାୟୀ, ଖଣି ମଧ୍ୟରେ ମିଥେନ୍ ଗ୍ୟାସ ଜମା ହୋଇ ରହିବା ଯୋଗୁଁ ଏହି ଶକ୍ତିଶାଳୀ ବିସ୍ଫୋରଣ ଘଟିଛି । ବିସ୍ଫୋରଣ ପରେ ପ୍ରାଦେଶିକ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ଏବଂ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ପ୍ରାୟ ୪,୦୦୦ ଫୁଟ ଗଭୀର ମାଟି ତଳେ ଯୁଦ୍ଧକାଳୀନ ଭିତ୍ତିରେ ତଲାସୀ ଓ ଉଦ୍ଧାର ଅପରେସନ ଜାରି ରଖିଛନ୍ତି । ଦୁର୍ଘଟଣାର ପ୍ରଥମ କିଛି ଘଣ୍ଟା ମଧ୍ୟରେ ଉଦ୍ଧାରକାରୀ ଦଳ ୭ଟି ମୃତଦେହ ବାହାର କରିଥିବା ବେଳେ ପରବର୍ତ୍ତୀ ସମୟରେ ଆହୁରି ୨୮ଟି ମୃତଦେହ ଉଦ୍ଧାର କରାଯାଇଛି । ଗନି ବଲୋଚ୍ କହିଛନ୍ତି ଯେ ଖଣି ଭିତରେ ଫସିଥିବା ଶେଷ ଶ୍ରମିକଙ୍କୁ ଠାବ କରାଯିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ । ତେବେ ମିଥେନ୍ ଗ୍ୟାସ ବିସ୍ଫୋରଣ ଯୋଗୁଁ ଭିତରେ ଅମ୍ଳଜାନର ସ୍ତର ଶୂନ୍ୟ ହୋଇଯାଇଥିବାରୁ ଜୀବିତ ଉଦ୍ଧାର ହେବାର ଆଶା କ୍ଷୀଣ ଏବଂ ଉଦ୍ଧାରକାରୀମାନେ ଅତି ସତର୍କତାର ସହ ଭିତରକୁ ପ୍ରବେଶ କରୁଛନ୍ତି । ଅନ୍ୟପଟେ କୋଇଲା ଖଣି ଶ୍ରମିକ ସଂଗଠନ ପକ୍ଷରୁ ଏହି ବିସ୍ଫୋରଣ ପାଇଁ ମାଲିକମାନଙ୍କର ଅବହେଳାକୁ ଦାୟୀ କରାଯାଇଛି



ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ପାକିସ୍ତାନର ଏହି ଅନୁନ୍ନତ ପ୍ରଦେଶରେ ବ୍ୟାପକ ବେକାରୀ କାରଣରୁ ହଜାର ହଜାର ଶ୍ରମିକ ନିଜ ଜୀବିକା ପାଇଁ ଅତ୍ୟନ୍ତ ଅସୁରକ୍ଷିତ ସ୍ଥିତିରେ ଥିବା ଖଣି ଶିଳ୍ପ ଉପରେ ନିର୍ଭର କରିଥାନ୍ତି ।

# ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ : ନୀରବତା ଭାଙ୍ଗିଲେ ରାଘବ

ନୂଆଦିଲ୍ଲୀ : ଛାତ୍ର ଆନ୍ଦୋଳନକୁ ନେଇ ଚୁପ ରହିଥିବା ବିଜେପିର ରାଜ୍ୟସଭା ସାଂସଦ ରାଘବ ଚଡ୍ଡା ଶେଷରେ ମୁହଁ ଖୋଲିଛନ୍ତି । ରାଜ୍ୟସଭାରେ ଚାଲିଥିବା ବିତର୍କ ବେଳେ ସେ ସମାଲୋଚକଙ୍କୁ ଜବାବ ଦେବାକୁ ମଧ୍ୟ ଚେଷ୍ଟା କରିଛନ୍ତି । ଏହି ସମୟରେ ଆପରୁ ବିଜେପିକୁ ଦଳ ବଦଳ କରିବା ପରେ ତାଙ୍କ ଭୂମିକାରେ ପରିବର୍ତ୍ତନ ହୋଇଥିବା ମଧ୍ୟ ରାଘବ ସ୍ୱୀକାର କରିଛନ୍ତି ।ରାଜ୍ୟସଭାରେ ପ୍ରଶ୍ନପତ୍ର ଲିକ ନିରୋଧ ବିଲ ଉପରେ ଆୟୋଜିତ ବିତର୍କରେ ଭାଗ ନେଇ ରାଘବ ଗୁରୁବାର କହିଛନ୍ତି ଯେ "ପୂର୍ବରୁ ମୁଁ ବିରୋଧୀ ଦଳରେ ଥିବା ବେଳେ ପ୍ରଶ୍ନ ଉଠାଇବା ମୋର ଦାୟିତ୍ୱ ଥିଲା ।ମୁଁ ସେହି କାମକୁ ବେଶ ସଚ୍ଚୋଟତାର ସହ କରିଥିଲି । ବର୍ତ୍ତମାନ ମୁଁ ସରକାରୀ ପକ୍ଷରେ ଅଛି । ତେଣୁ ମୋର ଭୂମିକା ବଦଳିଯାଇଛି । ଏବେ




ମୋର ଦାୟିତ୍ୱ ପ୍ରଶ୍ନ ପଚାରିବା ନୁହେଁ, ବରଂ ସମସ୍ୟାର ସମାଧାନ ପାଇଁ ରାସ୍ତା ବାହାର କରିବା । ଖବରର ଶିରୋନାମା ହେବା କିମ୍ବା କ୍ୟାମେରା ସାମ୍ନାରେ ବୟାନ ଦେଇ କେବଳ ନିଜର ଉପସ୍ଥିତି ଦେଖାଇବାର ଆବଶ୍ୟକତା ତାଙ୍କୁ ନାହିଁ । ତାଙ୍କର ଲକ୍ଷ୍ୟ କେବଳ ଫଳପ୍ରଦ ପରିବର୍ତ୍ତନ ଆଣିବା ବୋଲି ରାଘବ କହିଛନ୍ତି । ସେ କହିଛନ୍ତି, "ମୁଁ ନିଜକୁ ନିଜେ କହିଥିଲି ଯେ, ସମସ୍ୟାର ସମାଧାନ ନେଇ ଆସିବା ପରେ ଓ ବ୍ୟବସ୍ଥାରେ ସୁଧାର ଆରମ୍ଭ ହେବା ପରେ ହିଁ ସଂସଦରେ ଏହି ପ୍ରସଙ୍ଗ ଉଠାଇବି । ଆଜି ସେହି ଐତିହାସିକ ଦିନ । ଏବେ ବ୍ୟବସ୍ଥାକୁ ସୁଧାରିବାର କାମ ଆରମ୍ଭ ହୋଇଛି ।କ୍ୟାନ୍ସରର ଚିକିତ୍ସା କେବଳ କ୍ରୋସିନ୍ ଖାଇ କରାଯା ଇପାରେ ନାହିଁ । ଠିକ ସେମିତି ପେପର ଲିକ୍ ସମସ୍ୟାକୁ କେବଳ ବୟାନବାଜୀ ଦ୍ୱାରା ରୋକାଯାଇପାରିବ ନାହିଁ । ଏଥିପାଇଁ ପ୍ରତିଷ୍ଠାନଗତ ସୁଧାର ଆବଶ୍ୟକ, ଯାହା ଆମ ସରକାର ଆରମ୍ଭ କରିଛନ୍ତି ।" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛାତ୍ରଛାତ୍ରୀଙ୍କ ଦାବି ପ୍ରତି ସକାରାତ୍ମକ ପଦକ୍ଷେପ ନେଇଥିବା ଦାବି କରି ରାଘବ ତାଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, "ନିଟ୍ ପରୀକ୍ଷାର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ମୁଁ କହିବାକୁ ଚାହେଁ ଯେ ତୁମମାନଙ୍କର କ୍ରୋଧ ଯଥାର୍ଥ ।ତୁମମାନଙ୍କର ଯନ୍ତ୍ରଣା ବାସ୍ତବ ଓ ବ୍ୟବସ୍ଥା ବିରୋଧରେ ତୁମମାନଙ୍କର ଅଭିଯୋଗ ମଧ୍ୟ ଠିକ୍ । ତୁମେ ଯେତେବେଳେ ନିଜ ଚିନ୍ତା ପ୍ରକାଶ କରିଥିଲ ସେତେବେଳେ ପ୍ରଧାନମନ୍ତ୍ରୀ କେବଳ ଜଣେ ପ୍ରଧାନମନ୍ତ୍ରୀ ଭାବରେ ନୁହନ୍ତି, ବରଂ ପରିବାରର ମୁଖ୍ୟଙ୍କ ପରି ଜଣେ ଅଭିଭାବକ ଭାବେ ତା'କୁ ଶୁଣିଥିଲେ । ଛାତ୍ରଛାତ୍ରୀମାନେ ଦାବି କରିଥିଲେ, ଆଉ ସରକାର ପଦକ୍ଷେପ ନେଇଛନ୍ତି । ଆଜି ଐତିହାସିକ ନିଷ୍ପତ୍ତି ଗ୍ରହଣ କରାଯାଇଛି ।"

ସମୟ

## ରାଜ୍ୟଗୋଷ୍ଠୀ କ୍ରୀଡା

# ଅସ୍ମିତାଙ୍କୁ ଐତିହାସିକ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି) : ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ପଦକ ଯାତ୍ରାଜାରି ରହିଛି। ଅସ୍ମିତା ଦେ ଐତିହାସିକ ସ୍ୱର୍ଣ୍ଣ ଜିତି ଦେଶର ଗୌରବ ବଢାଇଛନ୍ତି। ସେ ଭାରତର ପ୍ରଥମ ମହିଳା କ୍ରୀଡାବିତ୍ ଭାବେ ରାଜ୍ୟଗୋଷ୍ଠୀ କ୍ରୀଡାର ଜୁଡୋ ବର୍ଗରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ୨୩ ବର୍ଷୀୟ ତ୍ରିପୁରାର ଅସ୍ମିତା ୪୮ କିଲୋଗ୍ରାମ ମହିଳା ଫାଇନାଲରେ କାନାଡାର ହେଇଦି କ୍ୱାଚଙ୍କୁ ନାଟକୀୟ ଭାବେ ପରାଜିତ କରି ସ୍ୱର୍ଣ୍ଣ ଜିତିଛନ୍ତି। ହର୍ଷ ସିଂ ଓ ଯାମିନି ମୌର୍ଯ୍ୟ ନିଜ ନିଜ ବର୍ଗର ଫାଇନାଲରେ ପ୍ରବେଶ କରି ଅତି କମରେ ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଅସ୍ମିତାଙ୍କ ଜମାଣିଆ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ମହିଳା ୪୮ କିଲୋଗ୍ରାମ ସେମିରେ ଅସ୍ମିତା ସ୍କଟଲାଣ୍ଡର ସମରର୍ସଙ୍କୁ ପରାଜିତ କରି ଫାଇନାଲରେ ପ୍ରବେଶ କରିଥିଲେ। ପୁରୁଷ ୬୦ କିଲୋଗ୍ରାମ ବର୍ଗରେ ହର୍ଷ ସିଂ ଫାଇନାଲରେ ପ୍ରବେଶ କରିଛନ୍ତି। ସେମି ଲଢେଇରେ ସେ ଅଷ୍ଟ୍ରେଲିଆର ପେଡ୍ରୋ କାର୍ଲସଙ୍କୁ ପରାଜିତ




କରିଥିଲେ। ସ୍ୱର୍ଣ୍ଣ ଲଢେଇରେ ଅଷ୍ଟ୍ରେଲିଆର ଜୋସୱା କାର୍ଟସଙ୍କୁ ଭେଟିବେ। ଯାମିନି ମୌର୍ଯ୍ୟ ମଧ୍ୟ ଫାଇନାଲରେ ପ୍ରବେଶ କରିଛନ୍ତି। ସେମି ଲଢେଇରେ ସେ ଦ.ଆଫ୍ରିକାର ଡନ୍ ବ୍ରିଟେନ ବାଚଙ୍କୁ ପରାଜିତ କରିଥିଲେ। ଟାଇଟଲ ଲଢେଇରେ ସେ ଇଂଲଣ୍ଡର ଆସଲେ ଟପରାକଙ୍କୁ ଭେଟିବେ। ମହିଳା ୫୨ କେଜି ବର୍ଗରେ ଶ୍ରଦ୍ଧା କଡୁବାଲ ଚୋକଡେ ଅଳ୍ପକେ ପଦକରୁ ବଞ୍ଚିତ ହୋଇଛନ୍ତି।

**ପ୍ରୀତି, ଅଙ୍କୁଶ ଫାଇନାଲ**

ବକ୍ସିଂରେ ମଧ୍ୟ ଭାରତର ପଦକ ନିଶ୍ଚିତ ହୋଇଛି। ପ୍ରୀତି ପାୱାର ଓ ଅଙ୍କୁଶ ପଙ୍ଘଲ ଫାଇନାଲରେ ପ୍ରବେଶ କରିଛନ୍ତି। ୮୦ କିଲୋଗ୍ରାମ ବର୍ଗରେ ଅଙ୍କୁଶ ୨-୦ରେ କାନାଡା ପ୍ରତିପକ୍ଷଙ୍କୁ ପରାଜିତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଆହୁରି ୮ ଜଣ ଭାରତୀୟ ବକ୍ସର ପଦକ ଦୌଡରେ ଅଛନ୍ତି। ପ୍ରୀତି ମହିଳା ୫୪ କିଲୋଗ୍ରାମ ବର୍ଗର ସେମିରେ ଜାମ୍ବିଆର କାଥେରିନ୍ ଏମୱାପେ ପରାଜିତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ତେଣୁ ଅତିକମରେ ପ୍ରୀତି ଓ ଅଙ୍କୁଶ ରୌପ୍ୟ ପଦକ ହାସଲ କରିବେ।

**ଖାଲି ହାତରେ ଫେରିଲେ ପାରୁଲ**

ଭାରତର ଲଙ୍ଗ ଡିଷ୍ଟାନ୍ସ ରନର ପାରୁଲ ଚୌଧୁରୀ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ନିରାଶଜନକ ପ୍ରଦର୍ଶନ କରି ଖାଲି ହାତରେ ଫେରିଛନ୍ତି। ମହିଳା ୫କିମି ଫାଇନାଲରେ ସେ ୧୫ ମିନିଟ୍ ୮.୫୬ ସେକେଣ୍ଡରେ ଦୌଡ ଶେଷ କରି ୧୩ ତମ ସ୍ଥାନରେ ରହିଥିଲେ। ସେ ଏଠାରେ ଜାତୀୟ ରେକର୍ଡ ସମୟ ୧୫ ମିନିଟ ୪.୨୬ ସେକେଣ୍ଡକୁ ଟପି ପାରିନଥିଲେ।

**ସୀମାଙ୍କୁ ବ୍ରୋଞ୍ଜ**

ମହିଳା ଡିସକସ୍ ଥ୍ରୋରେ ଭାରତର ସୀମା କାଲିରାମନ୍ ବ୍ରୋଞ୍ଜ ଜିତିଛନ୍ତି। ସେ ୫୮.୬୫ ମିଟର ଦୂରକୁ ଡିସ୍କସ୍ ଫିଙ୍ଗି ତୃତୀୟ ସ୍ଥାନରେ ରହିଥିଲେ। ସେ ଷଷ୍ଠ ଭାରତୀୟ ମହିଳା ଭାବେ ରାଜ୍ୟଗୋଷ୍ଠୀ କ୍ରୀଡାରେ ପଦକ ଜିତିଛନ୍ତି।

**ଲଭପ୍ରୀତଙ୍କୁ ରୌପ୍ୟ**

ପୁରୁଷ ୧୧୦ କେଜି ଭାରତ୍ତୋଳନ ଫାଇନାଲରେ ଲଭପ୍ରୀତ ସିଂ ରୌପ୍ୟ ପଦକ ଜିତିଛନ୍ତି। ସେ ମୋଟ ୩୮୮ କେଜି ଭାର ଉଠାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ହାସଲ କରିଥିଲେ। ନ୍ୟୁଜିଲାଣ୍ଡର ଡେଭିଡ୍ ଲିଟି ମୋଟ ୩୮୯ କେଜି ଭାର ଉଠାଇ ନୂଆ ରାଜ୍ୟଗୋଷ୍ଠୀ କ୍ରୀଡା କୀର୍ତ୍ତିମାନ ସହ ସ୍ୱର୍ଣ୍ଣ ଜିତିଥିବା ବେଳେ ଇଂଲଣ୍ଡର ଆଣ୍ଡ୍ରୋ ଗ୍ରିଫିଥ ବ୍ରୋଞ୍ଜ ପଦକ ଜିତିଥିଲେ।

## ୨୦୨୭ ଦିନିକିଆ ବିଶ୍ୱକପ୍

# ୧୨ ଟି ସହରର ନାମ ଘୋଷଣା

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି) : ୨୦୨୭ ପୁରୁଷ ଦିନିକିଆ ବିଶ୍ୱକପ୍ ପାଇଁ ୧୨ ଟି ଆୟୋଜକ ସହରର ନାମ ଆଇସିସି ଘୋଷଣା କରିଛି। ବିଶ୍ୱକପ୍ ୨୦୨୭ ଅକ୍ଟୋବର ୪ ରୁ ନଭେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଦ. ଆଫ୍ରିକା, ଜିମ୍ବାୱେ ଏବଂ ନାମ୍ବିଆରେ ଖେଳାଯିବ। ଦୀର୍ଘ ୨୪ ବର୍ଷ ପରେ ଆଫ୍ରିକା ମହାଦେଶକୁ ଦିନିକିଆ ବିଶ୍ୱକପ୍ ଫେରିଛି। ଟୁର୍ଣ୍ଣାମେଣ୍ଟର ମୋଟ ୫୪ ଟି ମ୍ୟାଚ ମଧ୍ୟରୁ ୪୧ ଟି ଦ, ଆଫ୍ରିକାରେ ଖେଳାଯିବ। ଦ. ଆଫ୍ରିକାର ୮ ଟି ପ୍ରମୁଖ ସହର ଜୋହାନ୍ସବର୍ଗ , ସେଞ୍ଚୁରୀୟନ, ଡର୍ବାନ, ଗ୍ଲେବେର୍ହା, କୁଗୋମ୍ପୋ ସିଟି, କେପଟାଉନ୍ , ପର୍ଲ ଏବଂଗ୍ଲୋମଫୋଣ୍ଟେନରେ ମ୍ୟାଚ ଗୁଡିକ ଖେଳାଯିବ। ଜିମ୍ବାୱେର ହରାରେ, ବୁଲା ୱାଓ ଏବଂ ଭିକ୍ଟୋରିଆ ଫଲ୍ସରେ ୧୦ ଟି ମ୍ୟାଚ ଆୟୋଜନ ହେବାକୁ ଥିବା ବେଳେ ନାମ୍ବିଆ ରାଜଧାନୀ ୱିଣ୍ଡହୋକରେ ଅତିକମରେ ୩ ଟି ମ୍ୟାଚ ଖେଳାଯିବ।

ଭିକ୍ଟୋରିଆ ଫଲ୍ସରେ ଏକ ନୂତନ ୧୦ ହଜାର କ୍ଷମତା ବିଶିଷ୍ଟ ଷ୍ଟାଡିୟମରେ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଯାହା ପ୍ରଥମ ଥର ପାଇଁ ବିଶ୍ୱକପ୍ ମ୍ୟାଚ ଆୟୋଜନ କରିବ। ୨୦୨୭ ବିଶ୍ୱକପ୍‌ରେ ମୋଟ ୧୪ ଟି ଦଳର ଭାଗ ନେବେ। ୧୨ ଟି ଦଳକୁ ୨ ଟି ଗ୍ରୁପରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପର ଶୀର୍ଷ ୩ ଟି ଦଳ ଏବଂ ଚତୁର୍ଥ ସ୍ଥାନରେ ଥିବା ଶ୍ରେଷ୍ଠ ଦଳ ସୁପର ୭ କୁ ଯିବେ। ସୁପର ୭ର ଶୀର୍ଷ ୪ ଟି ଦଳ ସେମିଫାଇନାଲେ ପ୍ରବେଶ କରିବେ ଏବଂ ବିଜେତା ଦଳ ଫାଇନାଲ ଖେଳିବେ। ଏହି ନୂତନ ଫର୍ମାଟ




ଯୋଗୁ ଭାରତ ଓ ପାକିସ୍ତାନ ମଧ୍ୟରେ ସର୍ବାଧିକ ୩ ଟି ମ୍ୟାଚ ଖେଳାଯିବାର ସମ୍ଭାବନା ରହିଛି। ଫାଇନାଲ ମ୍ୟାଚ ଜୋହାନ୍ସବର୍ଗର ୱାଣ୍ଡରର୍ସ କିମ୍ବା କେପଟାଉନର ନ୍ୟୁଲ୍ୟାଣ୍ଡସ୍ ଷ୍ଟାଡିୟମରେ ଆୟୋଜନ ହୋଇପାରେ।

# ଜେ ଏ ମ୍ ସ୍ପୋର୍ଟ୍ସ ଏକାଡ଼େମୀରେ ଆନ୍ତଃଜିଲ୍ଲା ବିଦ୍ୟାଳୟ ଜିମ୍ନାଷ୍ଟିକ ପ୍ରତିଯୋଗିତା

ଭୁବନେଶ୍ୱର, ୩୧।୭(ସବ୍ୟୁ) : ପ୍ରତି ବର୍ଷ ପରି ଚଳିତ ବର୍ଷ ଅଗଷ୍ଟ ମାସ ୨୯ ତାରିଖରେ ଭୁବନେଶ୍ୱର, ସମେଇଗଡ଼ିଆ ସ୍ଥିତ ଜେ ଏ ମ ସ୍ପୋର୍ଟସ ଏକାଡ଼େମୀ ଠାରେ ଜାତୀୟ କ୍ରିଡ଼ା ଦିବସ ଉପଲକ୍ଷେ ୫ମ ଆମନ୍ତ୍ରିତ ଆନ୍ତାଜିଲ୍ଲା ବିଦ୍ୟାଳୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ଆୟୋଜିତ ହେଉଅଛି। ଏଥିରେ ୫ଟି ବର୍ଗରେ ଉଭୟ ବାଳକ ଓ ବାଳିକା ବିଭାଗ ଅଂଶଗ୍ରହଣ କରିପାରିବେ। ଅଣ୍ଡର ୬ (୨୦୨୦- ୨୧), ଅଣ୍ଡର ୮(୨୦୧୮-୧୯), ଅଣ୍ଡର୧୦(୨୦୧୬-୧୭), ଆଡଭାନସ ଲେଭେଲ (୨୦୧୩ ପର୍ଯ୍ୟନ୍ତ) ଓ ଓପନ ବୟସ ବର୍ଗ। ଏହିପରି ୫ ଟି ବୟସ ବର୍ଗର ପିଲାମାନେ ଖେଳି ପାରିବେ। ଅଣ୍ଡର ୬ ଓ ଅଣ୍ଡର ୮ ଉଭୟ ବାଳକ ଓ ବାଳିକା ବର୍ଗ ରେ କେବଳ ଫ୍ଲୋର ଏକ୍ସରସାଇଜ୍, ଅଣ୍ଡର୧୦ ବାଳକ ବର୍ଗ ରେ ଫ୍ଲୋର ଏକ୍ସର ସାଇଜ୍ ଏବଂ ଭାଉଟିଂ ଟେବୁଲ ଓ ବାଳିକା ବର୍ଗ ରେ ଫ୍ଲୋର ଏକ୍ସରସାଇଜ୍ ଓ ବାଲାସିଂ ବିମ୍, ଏବଂ ଆଡ଼ଭାନ୍ସ ବାଳକ ବର୍ଗରେ ଫ୍ଲୋର ଏକ୍ସରସାଇଜ୍,



ଭଲ୍ଟିଂ ଟେବୁଲ ଓ ପାରାଲାଲ୍ ବାର, ବାଳିକା ବର୍ଗରେ ଫ୍ଲୋର ଏକ୍ସରସାଇଜ୍ ଭଲ୍ଟିଂ ଟେବୁଲ୍ ବାଲାସିଂ ବିମ୍ ଓ ଅନଇଭିନ ବାର୍ସ ଓ ଓପନ ବୟସ ବର୍ଗ ରେ କେବଳ ଫ୍ଲୋର ଏକ୍ସରସାଇଜ୍। ଏହି ଏଭେଣ୍ଟସ ରେ ପ୍ରତିଯୋଗୀତା ହେବା। ଏଥିରେ ଓଡିଶା ର ସବୁ ଜିଲ୍ଲା ର ବିଦ୍ୟାଳୟ ର ପିଲାମାନେ ଅଂଶ ଗ୍ରହଣ କରିବାକୁ ଜେ ଏ ମ ସ୍ପୋର୍ଟସ ଏକାଡ଼େମୀ ର ଅଧକ୍ଷା ମୀରାରାଣି ଦାସ ନିବେଦନ କରିଛନ୍ତି। ଅଧିକ ବିବରଣୀ ପାଇଁ ଜେ ଏମ ସ୍ପୋର୍ଟସ ଏକାଡେମୀ ସହିତ ଯୋଗାଯୋଗ କରିବାକୁ ଅନୁରୋଧ।

## ଜର୍ସି ରଙ୍ଗ ପରିବର୍ତ୍ତନ ବିବାଦ

# ୨୪ ଘଣ୍ଟାରେ ବଦଳିଲା ଦିଲ୍ଲୀପଙ୍କ ସ୍ୱର






ନୂଆଦିଲ୍ଲୀ, ୩୧।୭(ଏଜେନ୍ସି) : ଏଫଆଇଏଚ୍ ହକି ବିଶ୍ୱକପ୍ ପାଇଁ ଭାରତୀୟ ପୁରୁଷ ଓ ମହିଳା ଦଳର ନୂଆ ଜର୍ସି ଉନ୍ମୋଚନ ହୋଇଥିଲା। ନୂଆ ଜର୍ସିର ରଙ୍ଗ ପାରମ୍ପରିକ ନୀଳ ପରିବର୍ତ୍ତେ ଗେରୁଆ କରାଯାଇଛି। ଯାହକୁ ନେଇ ହକି ଇଣ୍ଡିଆର ଏହି ନିଷ୍ପତ୍ତି ଉପରେ ଅନେକ ପ୍ରଶ୍ନ ଉଠୁଛି। ଭାରତୀୟ ହକି ଦଳର ଜର୍ସି ରଙ୍ଗ ବଦଳାଇବା ନିଷ୍ପତ୍ତି ବିବାଦ ବଢିବାରେ ଲାଗିଛି। ଗୁରୁବାର ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ଜର୍ସି ରଙ୍ଗ ପରିବର୍ତ୍ତନ ପଛର କାରଣ ବୁଝାଇଥିଲେ। କିନ୍ତୁ ଶୁକ୍ରବାର ସେ ନିଜେ ମହାସଂଘର କର୍ମକର୍ତ୍ତାଙ୍କ ଠାରୁ ସ୍ପଷ୍ଟିକରଣ ମାଗିଛନ୍ତି। ଏନ୍‌ଡି ଟିଭିରେ ପ୍ରକାଶିତ ରିପୋର୍ଟ ଅନୁସାରେ ଶୁକ୍ରବାର ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ଚିଠି ଲେଖି ମହାସଂଘର କର୍ମକର୍ତ୍ତାଙ୍କ ଠାରୁ ଜର୍ସି ରଙ୍ଗ ବଦଳାଯିବା ନେଇ ସ୍ପଷ୍ଟିକରଣ ମାଗିଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ମହାସଂଘର କର୍ମକର୍ତ୍ତାଙ୍କୁ ପ୍ରଶ୍ନ କରିଛନ୍ତି ଯେ, ତାଙ୍କର ଏବଂ କାର୍ଯ୍ୟକାରୀ ବୋର୍ଡର ଅଜ୍ଞାତରେ ଏହି ବଡ ନିଷ୍ପତ୍ତି କିପରି ନିଆଗଲା।

ଗୁରୁବାର ଭାରତୀୟ ଜର୍ସି ରଙ୍ଗ ପରିବର୍ତ୍ତନ ସମ୍ପର୍କରେ ସଭାପତି ଦିଲ୍ଲୀପ ତିର୍କୀ କହିଥିଲେ , ଖେଳାଳି,କୋଚ୍ ଏବଂ ସର୍ପୋଟ ଷ୍ଟାଫ୍‌ଙ୍କ ପରାମର୍ଶରେ ଏହି ନିଷ୍ପତ୍ତି ନିଆଯାଇଛି। ନୀଳ ରଙ୍ଗର ଟର୍ଫରେ ନୀଳ ଜର୍ସି ପିନ୍ଧି ଖେଳିବା ଦ୍ୱାରା ମ୍ୟାଚ ସମୟରେ ଭିଜିବିଲିଟିରେ ଅସୁବିଧା ହେଉଥିଲା। ସେମାନଙ୍କ ପରାମର୍ଶ ଥିଲା ଯେ, ପଡିଆର ହକି ଟର୍ଫ ନୀଳ ଏବଂ ଖେଳାଳିଙ୍କ କିଟ୍ ମଧ୍ୟ ନୀଳ। ତେଣୁ ଏହି ଓଭର ଲ୍ୟାପ୍ ଯୋଗୁଁ ଖେଳିବା ସମୟରେ ଦେଖିବାରେ ଅସୁବିଧା ହେଉଥିଲା। ଦିଲ୍ଲୀପ କହିଥିଲେ ସେମାନେ ଦୁଇଟି ରଙ୍ଗର ବିକଳ୍ପ ଯଥା ହଳଦିଆ ଓ ନାରଙ୍ଗୀ। ଏହି କଥା ଉପରେ ଧ୍ୟାନ ଦିଆଯାଇ ନାରଙ୍ଗୀ ରଙ୍ଗ ଆମ ଜାତୀୟ ପତାକାର ରଙ୍ଗଗୁଡିକ ମଧ୍ୟରୁ ଗୋଟିଏ। ତେଣୁ ନାରଙ୍ଗୀ ରଙ୍ଗ ବଛାଗଲା। ସେହି ଅନୁସାରେ ଡିଜାଇନ୍ ପ୍ରସ୍ତୁତ କରାଗଲା। ଯଦି ଟୁର୍ଣ୍ଣାମେଣ୍ଟ ପରେ କିମ୍ବା ଭବିଷ୍ୟତରେ ଖେଳାଳିମାନଙ୍କୁ ଅନ୍ୟ କିଛି ଅନୁଭବ ହୁଏ ତେବେ ଆମେ ରଙ୍ଗକୁ ଆହୁରୀ ଭଲ କରିବା ପାଇଁ କାମ କରିବୁ ବୋଲି କହିଥିଲେ।

ଶୁକ୍ରବାର ଦିଲ୍ଲୀପ ତିର୍କୀ ହକି ଇଣ୍ଡିଆର କାର୍ଯ୍ୟକାରୀ ବୋର୍ଡକୁ ଇମେଲ ପଠାଇ ସ୍ପଷ୍ଟିକରଣ ମାଗିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ଜାତୀୟ ଦଳର ଜର୍ସି ରଙ୍ଗ ବଦଳାଇବା ବଡ ନିଷ୍ପତ୍ତି। କିନ୍ତୁ ଏହି ନିଷ୍ପତ୍ତି ତାଙ୍କ ସହ ଏବଂ କାର୍ଯ୍ୟକାରୀ ବୋର୍ଡ ସହ ଆଲୋଚନା ନକରି ଲାଗୁ କରାଯାଇଛି। ସେ କହିଛନ୍ତି ଯେ, ନାରଙ୍ଗୀ କିମ୍ବା ଗେରୁଆ ରଙ୍ଗକୁ ନେଇ ତାଙ୍କର କୌଣସି ଆପତ୍ତି ନାହିଁ। କିନ୍ତୁ ଦଳର ପରିଚୟ ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଆଲୋଚନା ହେବା ଉଚିତ ଥିଲା। ଓଡିଶା ସରକାର ମଧ୍ୟ ଏହି ବିବାଦ ସମ୍ପର୍କରେ ଦିଲ୍ଲୀପ ତିର୍କୀଙ୍କ ଠାରୁ ଉତ୍ତର ମାଗିଛନ୍ତି। ସର୍ବସାଧାରଣରେ ସର୍ବଦା ସ୍ପଷ୍ଟ କରିଛନ୍ତି ଯେ, ଏହି ନିଷ୍ପତ୍ତି ଖେଳ ସହିତ ଜଡିତ। ଯାହା ଦ୍ୱାରା ଖେଳାଳିମାନଙ୍କ ଧ୍ୟାନ ଆଗାମୀ ବିଶ୍ୱକପରୁ ହଟିବ ନାହିଁ। ସେ ଆଉ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଏହି ପ୍ରକ୍ରିୟା ବିଷୟରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜର୍ସି ବିବାଦ ଉପରେ ଟ୍ୱିଟ୍ କରିଥିଲେ। ଏହା ପରେ ଦିଲ୍ଲୀପ ତିର୍କୀଙ୍କ ବୟାନରେ ପରିବର୍ତ୍ତନ ହୋଇଛି। ନବୀନ ଟ୍ୱିଟରରେ ଲେଖିଥିଲେ ଭାରତୀୟ ହକି ଦଳର ଜର୍ସିର ପ୍ରତିକାତ୍ମକ ରଙ୍ଗ ନୀଳକୁ ଗେରୁଆ ରଙ୍ଗରେ ପରିବର୍ତ୍ତନ କରାଯିବା ଜାଣି ମୁଁ ଦୁଃଖିତ। ଭାରତୀୟ ହକି ଦଳର ନୀଳ ରଙ୍ଗ କେବଳ ଏକ ରଙ୍ଗ ନୁହେଁ, ଏହା ଦେଶର କ୍ରୀଡା ଐତିହ୍ୟ ସହିତ ଜଡିତ। ଦଶନ୍ଧି ଧରି ଏହି ରଙ୍ଗ ଆମକୁ ଆଶା, ବିଜୟ, ପରାଜୟ ଏବଂଖେଳରେ ଉତ୍କର୍ଷତା ହାସଲ କରିବାରେ ଏକତ୍ରିତ କରିଛି। ନବୀନଙ୍କ ଏହି ଟ୍ୱିଟ୍ ପରେ ଜର୍ସି ରଙ୍ଗ ପରିବର୍ତ୍ତନକୁ ନେଇ ପ୍ରତିବାଦ ବଢିବାରେ ଲାଗିଛି।

## ସର୍ବ ଭାରତୀୟ ଜୁନିୟର ବ୍ୟାଡମିଣ୍ଟନ

# ଫାଇନାଲରେ ଦୀକ୍ଷା, ପାରୁଲ

ଭୁବନେଶ୍ୱର,୩୧/୭(ସବ୍ୟୁ) : ଭୁବନେଶ୍ୱର କଳିଙ୍ଗ ଷ୍ଟଡିୟମର ଡାଲମିଆ ଭାରତ ଗୋପିଚାନ୍ଦ ବ୍ୟାଡ ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ) ଠାରେ ଚାଲିଥିବା ୟନେକ୍ସ ସନରାଇଜ ସମସ୍ତ ସେମି ଫାଇନାଲ ମେଚ ସମାପ୍ତ ହୋଇଯାଇ ୧ ତାରିଖ ହେବାକୁଥିବା ଫାଇନାଲ ଲାଇନ ଅପ ଚୂଡାନ୍ତ ହୋଇ ଯାଇଛି । ଆଜି ଏହି ଜାତୀୟ ରେଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ବାଳିକା ସେମି ଫାଇନାଲ ରେ ତାମିଲନାଡୁ ର ଦୀକ୍ଷା ଏସ. ଆର ନିଜ ରାଜ୍ୟ ର ଆଦର୍ଶିନୀ ଶ୍ରୀ ଙ୍କୁ ୧୫-୧୩,୧୨-୧୫,୧୫-୪ ହରାଇ ଅନ୍ୟ ସେମିଫାଇନାଲ ରେ କର୍ଣ୍ଣାଟକ ର ସାଇନା ମାନିମୁଥୁ ଙ୍କୁ ସିଧାସଳଖ ଦୁଇ ଟି ଗେମ ରେ ହରାଇଥିବା ପାରୁଲ ଚୌଧୁରୀଙ୍କୁ ଫାଇନାଲ ମୁକାବିଲାରେ ଭେଟିବେ ।

ବାଳକ ସିଙ୍ଗଲ ଫାଇନାଲ ଉତ୍ତରାଖଣ୍ଡର ନିଶ୍ଚଳ ଚାନ୍ଦ ଓ ତେଲେଙ୍ଗାନା ର ଟି. ଜ୍ଞାନଦତ୍ତୁ ଙ୍କ ମଧ୍ୟ ରେ ଅନୁଷ୍ଠିତ ହେବ। ବାଳିକାବିଭାଗ ର ଡବଲସ ସେମିଫାଇନାଲ ରେ ଉତ୍ତରାଖଣ୍ଡ ର ଆନ୍ୟା ବିସ୍ତ ଓ ଆଞ୍ଜେଲ ପୁନେରା ତାମିଲନାଡୁ କର୍ଣ୍ଣାଟକ ଯୋଡି ବର୍ଣ୍ଣ। ପ୍ରଭୁଆନନ୍ଦ ଓ ସୁହାନ ରୟ ଙ୍କୁ ୧୬-୧୮ ,୧୫-୮ ଓ ୧୫-୫ ପଏଣ୍ଟ ରେ ହରାଇ ଫାଇନାଲ ରେ ପହଞ୍ଚିଛନ୍ତି । ଏହି ବିଭାଗର ଦ୍ୱିତୀୟ ସେମିଫାଇନାଲରେ କର୍ଣ୍ଣାଟକ ଯୋଡି ଦୀପକ ରାଜ ଅଦିତି ଓ ପୋନ୍ନାମ୍ମା ବି ଭି ବୃଦ୍ଧି ତେଲେଙ୍ଗାନା ତାମିଲନାଡୁ ଯୋଡି ଲକ୍ଷ୍ମୀ ରିଧିମା ଓ ଅଞ୍ଜନା ମାଣିକନ୍ଦମଙ୍କୁ ୧୫-୮ , ୧୫-୧୩ ପଏଣ୍ଟ ହରାଇ ଫାଇନାଲ ରେ ପହଞ୍ଚିଛନ୍ତି।

ବାଳକ ଡବଲସ ସେମି ଫାଇନାଲରେ କେରଳ ଦିଲ୍ଲୀ ଯୋଡି ଆଥିସ ଶ୍ରୀନିବାସ ପି ଭି ଓ ଯୋଗନ୍ସ ସିଂ ଆନ୍ଧ୍ର ତେଲେଙ୍ଗାନା ଯୋଡି ଅଭିଷେକ ବୋନୁ ଓ ସାଇ ସିଦ୍ଧାର୍ଥ ଙ୍କୁ ୧୧-୧୫,୧୫-୮ ଏବଂ ୨୦-୧୮ ରେ ହରାଇ ଫାଇନାଲ ରେ ପହଂଚିଛନ୍ତି । ଏହି ବିଭାଗ ର ଦ୍ୱିତୀୟ ସେମି ରେ କର୍ଣ୍ଣାଟକ ଯୋଡି ପବନ ଏସ. ଓ ପୁନିଥ ଏସ. ଛତିଶଗଡ ଓ ମଣିପୁର ଯୋଡି ଦିବ୍ୟାନସ ଅଗ୍ରୱାଲ ଓ ଅମରଜିତ ସିଂ ଙ୍କୁ ସିଧାସଳଖ ୧୫-୯ ଓ ୧୫-୧୨ ପଏଣ୍ଟରେ ହରାଇ ଫାଇନାଲରେ ପହଂଚିଛନ୍ତି। ସୁରୁଲାଲ ମଟାରୀଙ୍କ ସଂଯୋଜନା ରେ ଆୟୋଜିତ କାର୍ଯ୍ୟକ୍ରମରେ ଆଜି ସେମି ଫାଇନାଲ ରେ ପରାସ୍ତ ହୋଇ ପ୍ରଜିଯୋଗୀତାରେ ତୃତୀୟ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କୁ ବ୍ରୋଞ୍ଜ ପଦକ ଓ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇ ଥିଲା। ସଫଳ ଆୟୋଜନ ପାଇଁ କାମ କରୁଥିବା ରାଜ୍ୟ ଓ ଜାତୀୟ ସ୍ତର ର ଟେକ୍ନିକାଲ ଅଫିସିଏଲ, ମୁଖ୍ୟ ରେଫରୀ ଡେପୁଟି ରେଫରୀ, ମେଚ କଂଟ୍ରୋଲର ଓ ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ଖେଲୋ ଇଣ୍ଡିଆ' ଯୋଜନାକୁ ନୂଆ ରୂପ

ନୂଆଦିଲ୍ଲୀ, ୩୧।୭(ଏଜେନ୍ସି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ୨୦୨୬-୨୭ ରୁ ୨୦୩୦-୩୧ ଅବଧି ପାଇଁ ମୋଟ ୩୬,୪୧ କୋଟି ଟଙ୍କାର ବ୍ୟୟବରାଦ ସହିତ 'ଖେଲୋ ଇଣ୍ଡିଆ' ଯୋଜନାର ସମ୍ପ୍ରସାରଣ ଏବଂ ଜାତୀୟ କ୍ରୀଡ଼ା ମହାସଂଘ ଗୁଡ଼ିକୁ ସହାୟତା ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। 'ଖେଲୋ ଇଣ୍ଡିଆ ନୀତି ୨୦୨୫' ଏବଂ 'ଜାତୀୟ ଶିକ୍ଷା ନୀତି ୨୦୨୦'ର ଦୃଷ୍ଟିକୋଣ ସହିତ ସଂଯୁକ୍ତ, ଏହି ଯୋଜନା ଶିକ୍ଷା, ଫିଟନେସ୍, ପ୍ରଯୁକ୍ତିବିଦ୍ୟା ଏବଂ ଉଚ୍ଚ-ପ୍ରଦର୍ଶିତା ତାଲିମ ସହିତ କ୍ରୀଡାକୁ ସମନ୍ୱିତ କରେ। ଏହା ଭାରତର ଦୀର୍ଘକାଳୀନ କ୍ରୀଡା ମହତ୍ତ୍ୱାକାଂକ୍ଷା ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ଦେଶରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଏବଂ ଅଲିମ୍ପିକ୍ ଏବଂ ପାରାଅଲିମ୍ପିକ୍ କ୍ରୀଡ଼ା ଆୟୋଜନ ଦାବି।

ଉତ୍କର୍ଷତା ହାସଲ ଲାଗି ପ୍ରତ୍ୟେକ ପ୍ରତିଭାବାନ ଯୁବକଙ୍କୁ ପଥ ମିଳିବ: ପ୍ରଥମ ଥର ପାଇଁ, ଯୁବ କ୍ରୀଡ଼ାବିତମାନଙ୍କୁ ପ୍ରତ୍ୟେକ ପର୍ଯ୍ୟାୟରେ ସହାୟତା କରିବା ପାଇଁ-ପ୍ରତିଭା ଚିହ୍ନଟ ଏବଂ ବୈଜ୍ଞାନିକ ତାଲିମଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ପ୍ରତିଯୋଗିତା ଏବଂ ଅଲିମ୍ପିକ୍ ପ୍ରସ୍ତୁତି ପର୍ଯ୍ୟନ୍ତ-ଏକ ସମ୍ପୂର୍ଣ୍ଣ କ୍ରୀଡ଼ାବିତ୍ ବିକାଶ ମାର୍ଗ ତିଆରି କରାଯାଇଛି। ଏହି ଯୋଜନା ନାସନାଲ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ , ଖେଲୋ ଇଣ୍ଡିଆ ସେଣ୍ଟର ଅଫ୍ ଏକ୍ସଲେନ୍ସ , ଏସଏଆଇ ଟ୍ରେନିଂ ସେଣ୍ଟର , ଖେଲୋ ଇଣ୍ଡିଆ ସ୍ୱୀକୃତିପ୍ରାପ୍ତ ଏକାଡେମୀ , ଖେଲୋ ଇଣ୍ଡିଆ ସେଣ୍ଟର ଏବଂ ସଶସ୍ତ୍ର ବାହିନୀର ୟୁଥ୍ ସ୍ପୋର୍ଟସ କମ୍ପାନୀକୁ ନେଇ ଏକ ସମନ୍ୱିତ ଦେଶବ୍ୟାପୀ କ୍ରୀଡ଼ା ବାତାବରଣ ସୃଷ୍ଟି କରୁଛି।

ଦଶଗୁଣ ବଢିବ ଭାରତର କ୍ରୀଡ଼ାବିତ୍ ସଂଖ୍ୟା: ଏହି ଯୋଜନା ଅଧୀନରେ ଏକ ପ୍ରମୁଖ ସଂସ୍କାର ହେଉଛି ବର୍ତ୍ତମାନର 'ଖେଲୋ ଇଣ୍ଡିଆ ଆଥଲେଟ୍ସ' କାର୍ଯ୍ୟକ୍ରମ ସହିତ 'ଉଦୀୟମାନ ଖେଲୋ ଇଣ୍ଡିଆ ଆଥଲେଟ୍ସ' ବର୍ଗର ସୃଷ୍ଟି। ଏହା ସୁସଂଗଠିତ କ୍ରୀଡ଼ାବିତ୍ ବିକାଶ ପରିବେଶକୁ ପାଖାପାଖି ଦଶ ଗୁଣ ସମ୍ପ୍ରସାରିତ କରିବ, ଯାହା ଫଳରେ ହଜାର ହଜାର ଅତିରିକ୍ତ ଯୁବ କ୍ରୀଡ଼ାବିତ୍ ପେସାଦାର କୋଚିଂ, ବୈଜ୍ଞାନିକ ସହାୟତା ଏବଂ ଦୀର୍ଘକାଳୀନ ମାର୍ଗଦର୍ଶନ ପାଇପାରିବେ।

କ୍ରୀଡ଼ା ଶ୍ରେଷ୍ଠତା ପାଇଁ ସୁଦୃଢ଼ ଭାଗିଦାରୀ: କ୍ରୀଡ଼ା ଭିତ୍ତିଭୂମି, ପ୍ରତିଭା ବିକାଶ ଏବଂ କ୍ରୀଡ଼ାବିତ୍ମାନଙ୍କ ସହାୟତା କ୍ଷେତ୍ରରେ ପୁଞ୍ଜିନିବେଶ, ନବସୃଜନ ଓ ବିଶେଷଜ୍ଞତାର ଉପଯୋଗ କରିବା ପାଇଁ ସରକାର ବେସରକାରୀ ଏକାଡେମୀ, କର୍ପୋରେଟ୍ ସହଯୋଗୀ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ସହିତ ସହଯୋଗକୁ ଅଧିକ ନିବିଡ଼ କରିବେ। ଏହା ସରକାରୀ ଏବଂ ବେସରକାରୀ ଉଭୟ କ୍ଷେତ୍ରର ଭାଗିଦାରୀ ଦ୍ୱାରା ପରିଚାଳିତ ଏକ ପ୍ରକୃତ ଜାତୀୟ କ୍ରୀଡ଼ା ପରିବେଶ ସୃଷ୍ଟି କରିବ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି

# ଅଙ୍ଗନବାଡ଼ି କେନ୍ଦ୍ରକୁ ନାହିଁ ରାସ୍ତା, ପାଚେରୀ ଓ ନଳକୂପ



ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଅନ୍ତର୍ଗତ ଗୁର୍ଜିପାଲି (ଗୁଲୁଜିପାଲି 'କ') ଆମ ଅଙ୍ଗନବାଡ଼ି କେନ୍ଦ୍ରରେ ମୌଳିକ ସୁବିଧା ସୁଯୋଗର ଚରମ ଅଭାବ ଦେଖିବାକୁ ମିଳିଛି। ଏହି କେନ୍ଦ୍ରଟି ନିର୍ମାଣ ହେବାର ପ୍ରାୟ ୫ ବର୍ଷ ବିତି ଯାଇଥିଲେ ବି ଏପର୍ଯ୍ୟନ୍ତ ଏଠାକୁ ଯିବା ଆସିବା ପାଇଁ ଏକ ପକ୍କା ରାସ୍ତା ଖଣ୍ଡିଏ ନିର୍ମାଣ ହୋଇ ପାରିନାହିଁ। ଗୌରପଡ଼ାରୁ – ଚମାରପଡ଼ା ଦେଇ ଆଙ୍ଗନବାଡ଼ି କେନ୍ଦ୍ରକୁ ଯିବାକୁ ପଡୁଥିବା କଚ୍ଚା ରାସ୍ତାଟି ବର୍ଷା ଦିନେ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଲଗାଣ ବର୍ଷା ଯୋଗୁଁ ରାସ୍ତାରେ ଆଣ୍ଠୁଏ ପାଣି ଓ କାଦୁଅ ଜମି ରହିଥିବା ବେଳେ, ହାତରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଛତା ଧରି ଦୁର୍ଗମ ପଥ ଦେଇ ଆଙ୍ଗନବାଡ଼ି କର୍ମୀ ଓ ସହାୟିକା ମାନେ କେନ୍ଦ୍ରକୁ ପହଞ୍ଚୁଛନ୍ତି। ରାସ୍ତା ଶୋଚନୀୟ ଥିବାରୁ କୋମଳମତି ଶିଶୁ, ଗର୍ଭବତୀ ମହିଳା ଓ ମା'ମାନେ ନିଜ ଛୋଟ ଛୋଟ ଛୁଆଙ୍କୁ କାଖରେ ଧରି କାଦୁଅ ରାସ୍ତାରେ ବିପଦପୂର୍ଣ୍ଣ ଭାବେ କେନ୍ଦ୍ରକୁ ଆସିବାକୁ ବାଧ ହେଉଛନ୍ତି। ଅଙ୍ଗନବାଡ଼ି କର୍ମୀ ହେମଲତା ପଧାନଙ୍କ କହିବା ଅନୁଯାୟୀ, ଗମନାଗମନ ସମସ୍ୟା ସହ କେନ୍ଦ୍ର ପରିସରରେ ପାନୀୟ ଜଳ ପାଇଁ ନଳକୂପଟିଏ ନାହିଁ କି ସୁରକ୍ଷା ପାଇଁ ପାଚେରୀ ନିର୍ମାଣ କରାଯାଇ ନାହିଁ। ୫ ବର୍ଷ ଧରି ଏହି ସବୁ ସମସ୍ୟା ଲାଗି ରହିଥିଲେ ହେଁ କୌଣସି ସ୍ଥାୟୀ ସମାଧାନ ହୋଇପାରି ନାହିଁ। ସାରା ଦେଶ ଓ ରାଜ୍ୟରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ, ଗୁର୍ଜିପାଲିର ଏହି ଶୋଚନୀୟ ଚିତ୍ର ସ୍ଥାନୀୟ ପ୍ରଶାସନିକ ପ୍ରସଙ୍ଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ରରେ ପାନୀୟ ଜଳ, ପାଚେରୀ ଏବଂ ଗମନାଗମନ ପାଇଁ ତୁରନ୍ତ ଏକ ପକ୍କା ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଓ ଆଙ୍ଗନବାଡ଼ି କର୍ମୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ବ୍ୟାଗରୁ ମୃତଦେହ ଘଟଣାର ପର୍ଦ୍ଦାଫାସ

# ଟ୍ରେନରେ ଆଣି ରାୟଗଡାରେ ଫିଙ୍ଗିଥିଲା ମୃତଦେହ



ରାୟଗଡା,(ସବ୍ୟୁ): ରାୟଗଡା ଉପକଣ୍ଠ ଖଲିଗୁଡା ନିକଟରେ ଏକ ଟ୍ରଲି ବ୍ୟାଗରୁ ମିଳିଥିବା ମହିଳାଙ୍କ ମୃତଦେହ ଘଟଣାର ଚାଞ୍ଚଲ୍ୟକର ପର୍ଦ୍ଦାଫାଶ କରିଛି ପୋଲିସ । ଅନୈତିକ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଆନ୍ଧ୍ରପ୍ରଦେଶର ବିଶାଖାପାଟଣମ ଅନ୍ତର୍ଗତ କଞ୍ଚାର ପାଲେମର ଗଙ୍ଗାନଗରରେ ମହିଳାଙ୍କୁ ହତ୍ୟା କରାଯାଇଥିଲା। ପରେ ମୃତଦେହକୁ ଟ୍ରଲି ବ୍ୟାଗରେ ଭରି ଟ୍ରେନ୍ ଯୋଗେ ରାୟଗଡା ଆଣି ସହରଠାରୁ ପ୍ରାୟ ୬ କିଲୋମିଟର ଦୂର ଖଲିଗୁଡା ନିକଟ ଏକ ଶୋ'ରୁମ ପାଖରେ ଫିଙ୍ଗି ଅଭିଯୁକ୍ତ ଫେରାର ହୋଇଯାଇଥିଲା। ଘଟଣାରେ ଅଭିଯୁକ୍ତ ବୋଲିସେଟି ସୁରେଶ କୁମାରଙ୍କୁ ଗିରଫ କରାଯାଇଥିବା ଏସପି ରାଜ ପ୍ରସାଦ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ଜୁନ୍ ୧୭ ତାରିଖରେ ଖଲିଗୁଡା ନିକଟ ଏକ ଶୋ'ରୁମ ପାଖରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଟ୍ରଲି ବ୍ୟାଗରୁ ଦୁର୍ଗନ୍ଧ ବାହାରୁଥିବା ନେଇ ଶୋ'ରୁମ ମ୍ୟାନେଜର ଚାନ୍ଦିଲି ଥାନାକୁ ସୂଚନା ଦେଇଥିଲେ। ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ବ୍ୟାଗ ଖୋଲିବା ପରେ ସେଥିରୁ ଜଣେ ମହିଳାଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରିଥିଲେ। ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣାର ରହସ୍ୟ ଉଦ୍ଘାଟନ ପାଇଁ ସିସିଟିଭି ଫୁଟେଜ୍ ଯାଞ୍ଚ, ରାୟଗଡାରେ ନୂଆ ଭଡ଼ାଟିଆଙ୍କ ତାଲିକା ସଂଗ୍ରହ, ପଡ଼ୋଶୀ ଜିଲ୍ଲା ଓ ଆନ୍ଧ୍ରପ୍ରଦେଶ ପୋଲିସ ସହ ସମନ୍ୱୟ ସହ ରାୟଗଡା ସାଇବର ସେଲ୍, କ୍ରାଇମବ୍ରାଞ୍ଚ ଏବଂ ରେଞ୍ଜ ଡିଆଇଜିଙ୍କ ସହଯୋଗରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ରେଳ ଷ୍ଟେସନକୁ କେନ୍ଦ୍ର କରି ମିଳିଥିବା ସୂତ୍ର ଆଧାରରେ ତଦନ୍ତ ଆଗକୁ ବଢ଼ିଥିଲା ଏବଂ ବିଶାଖାପାଟଣମର କଞ୍ଚାରପାଲେମରେ ପହଞ୍ଚି ଅଭିଯୁକ୍ତ ବୋଲି ସେଟି ସୁରେଶ କୁମାର (୩୨)ଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ଅପରାଧ ସ୍ୱୀକାର କରିଥିବା ଏସପି କହିଛନ୍ତି। ମୃତ ଯୁବତୀ ବିଜୟୱାଡା ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ ସୁରେଶ ଜଣେ ବିବାହିତ । ଉଭୟଙ୍କ ମଧ୍ୟରେ ଅନୈତିକ ପ୍ରେମ ସମ୍ପର୍କ ଥିଲାଛ ଜୁନ୍ ୧୫ ତାରିଖରେ ଯୁବତୀ ସୁରେଶଙ୍କ ଘରକୁ ଆସି ବିବାହ କରିବାକୁ ଜିଦ୍ ଧରିଥିଲେ। ଏହାକୁ ନେଇ ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବିବାଦ ଉଗ୍ର ରୂପ ନେବା ପରେ ସୁରେଶ ଯୁବତୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଅପରାଧ ଲୁଚାଇବା ପାଇଁ ସୁରେଶ ପ୍ରଥମେ ମୃତଦେହକୁ ଏକ କଳା ରଙ୍ଗର ବ୍ୟାଗରେ ଭରି ରଖିଥିଲେ। ପରେ ବଜାରରୁ ଏକ ନୀଳ ରଙ୍ଗର ଟ୍ରଲି ବ୍ୟାଗ କିଣି ସେଥିରେ ମୃତଦେହକୁ ରଖି ଟ୍ରେନ୍ ଯୋଗେ ବିଶାଖାପାଟଣମରୁ ରାୟଗଡା ଆଣିଥିଲେ। ରାୟଗଡା ଷ୍ଟେସନରେ ପହଞ୍ଚି ବିଭିନ୍ନ ଯାନବାହନର ସହାୟତାରେ ବ୍ୟାଗକୁ ଖଲିଗୁଡା ନିକଟକୁ ନେଇ ଫିଙ୍ଗି ନିଜ ଗାଁକୁ ଫେରିଯାଇଥିବା ସେ ସ୍ୱୀକାର କରିଛନ୍ତି। ଏହି ଘଟଣାରେ ଚାନ୍ଦିଲି ଥାନା କେସ୍ ନଂ ୧୯୮ ଅନୁଯାୟୀ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସପି ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଏସଡ଼ିପିଓ ଗୌରହରି ସାହୁ, ଚାନ୍ଦିଲି ଥାନା ଭାରପ୍ରାପ୍ତ ଅଧିକାରୀ ଉତ୍ତମ କୁମାର ସାହୁ ଓ ଏସ୍ଆଇ ଆଶୁତୋଷ ସାହୁ ଉପସ୍ଥିତ ଥିଲେ।

# ନୂଆପଡ଼ାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନୂଆପଡ଼ା,(ସବ୍ୟୁ): ଦିବ୍ୟାଙ୍ଗଜନଙ୍କୁ ଗୋଟିଏ ସ୍ଥାନରେ ବିଭିନ୍ନ ସରକାରୀ ସେବା ଓ ଯୋଜନାର ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ ନୂଆପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଛି। ଶିବିରରେ ଦିବ୍ୟାଙ୍ଗଜନଙ୍କ ପଞ୍ଜୀକରଣ, ସ୍ୱାସ୍ଥ୍ୟ ପରୀକ୍ଷା, ଭିନ୍ନକ୍ଷମତା ମୂଲ୍ୟାଙ୍କନ, ବର୍ଗୀକରଣ ଏବଂ ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ପ୍ରତ୍ୟେକ ଯୋଗ୍ୟ ଦିବ୍ୟାଙ୍ଗ ହିତାଧିକାରୀଙ୍କ ନିକଟରେ ସରକାରୀ ସେବା ପହଞ୍ଚାଇବା ପ୍ରଶାସନର ପ୍ରମୁଖ ଦାୟିତ୍ୱ। ଏଭଳି ସାମର୍ଥ୍ୟ ଶିବିର ଦିବ୍ୟାଙ୍ଗଜନଙ୍କ ସଶକ୍ତିକରଣ ଓ ସାମାଜିକ ଅନ୍ତର୍ଭୁକ୍ତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳ କର, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ ଓ ଭାରତଲାଲ ରାଉତ, ସମାଜସେବୀ ଧନୀରାମ ସାହୁ, ଏସ୍.ଏସ୍.ଏସ୍.ଓ. ସ୍ମୃତିରେଖା ନନ୍ଦଙ୍କ ସମେତ ବହୁ ଜନପ୍ରତିନିଧି ଓ ଅଧିକାରୀ ଉପସ୍ଥିତ ଥିଲେ। ବିଡିଓ ରୋହିତ କୁମାର ଭୋଇ ଶିବିରର ସାମଗ୍ରିକ ପରିଚାଳନା କରିଥିବା ବେଳେ ପିଇଓ ଭାନୁ ପ୍ରକାଶ ଦଣ୍ଡସେନା ଏବଂ ଜିଲ୍ଲା ସ୍ୱଚ୍ଛତା ସଂଯୋଜକ ଅନିଲ କୁମାର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ଶିବିରରେ ମୋଟ ୨୫୨ ଜଣ ଦିବ୍ୟାଙ୍ଗ ବ୍ୟକ୍ତି ପଞ୍ଜୀକରଣ କରିଥିବା ବେଳେ ୧୨୧ ଜଣଙ୍କ ଭିନ୍ନକ୍ଷମତାର ମୂଲ୍ୟାଙ୍କନ ଓ ବର୍ଗୀକରଣ କରାଯାଇଥିଲା। ସେଥିମଧ୍ୟରେ ୭୧ ଜଣ ଚଳନ ଜନିତ, ୨୦ ଜଣ ଶ୍ରବଣ ବାଧିତ, ୧୬ ଜଣ ଦୃଷ୍ଟି ବାଧିତ, ୯ ଜଣ ମାନସିକ ଭିନ୍ନକ୍ଷମ ଏବଂ ୫ ଜଣ ସିକଲ୍ ସେଲ୍ ଜନିତ ଭିନ୍ନକ୍ଷମତା ବର୍ଗରେ ଚିହ୍ନଟ ହୋଇଥିଲେ। ୧୦୧ ଜଣ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା ପାଇଁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରେ ବାଣୀଶ୍ରୀ ଯୋଜନା, ବିବାହ ପ୍ରୋତ୍ସାହନ ଯୋଜନା, ଭତ୍ତା ଯୋଜନା, ସହାୟକ ଉପକରଣ, ବସ୍ ପାସ୍, ରେସନ କାର୍ଡ ଓ ଗ୍ରାମୀଣ ଆବାସ ଯୋଜନା ପାଇଁ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି।

# ୪୦ କେଜି ଗଞ୍ଜେଇ ସହ କାର ଜବତ, ୨ଗିରଫ

କନ୍ଧମାଳ, (ସବ୍ୟୁ) : କନ୍ଧମାଳ ବ୍ଲକ ଘଣ୍ଟାପଡ଼ା ଥାନା ବ୍ରିଜ ନିକଟରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଏକ କାର ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ଘଣ୍ଟାପଡା ପୁଲିସ । ପୁଲିସ ପକ୍ଷରୁ ମିଳିଥିବା ସୂଚନା ମତେ ଗତ ରାତିରେ ବନ୍ୟା ପରିସ୍ଥିତିକୁ ନେଇ ପେଟ୍ରୋଲିଂ କରୁଥିଲା ଘଣ୍ଟାପଡ଼ା ପୁଲିସ । ବନ୍ୟା ଯୋଗୁଁ ବିଭିନ୍ନ ରାସ୍ତା ପାଣିଘେରରେ ଥିବାବେଳେ ଘଣ୍ଟାପଡ଼ା ବ୍ରିଜକୁ ଆସୁଥିବା ଏକ ମାରୁତି ସୁଜୁକି ଡିଜେଆର କାର ନଂ ସିଜି ୦୪ପିକ୍ୟୁ-୩୮୬୩ କୁ ପୁଲିସ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଗାଡ଼ିରେ ଗଞ୍ଜେଇ ବସ୍ତା ଥିବା ଜାଣି ୨ଜଣ ଅଭିଯୁକ୍ତଙ୍କୁ କାବୁ କରି ଗିରଫ କରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରିବାରୁ ୪୦ କେଜି ହୋଇଥିଲା। ଅଭିଯୁକ୍ତ ଦ୍ୱୟ ହେଲେ କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ରୁପ୍ରାରୋଡ ଗ୍ରାମର ଆଶୁତୋଷ ମହାନ୍ତି(୩୦) ଓ ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ଖେମଡ଼ା ଗ୍ରାମର ବୁଲୁ ବେହେରା(୨୦) ବୋଲି ତଦନ୍ତରୁ ଜଣାଯାଇଛି । ଅଭିଯୁକ୍ତଙ୍କ ନାମରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ସହ ଶନିବାର କୋର୍ଟ ଚାଲାଣ କରାଯିବା ନେଇ ଥାନାଧିକାରୀ ସୌମ୍ୟରଞ୍ଜନ ପାତ୍ର ସୂଚନା ଦେଇଛନ୍ତି।

# ମାୟାବର୍ହା ଉଚ୍ଚ ବିଦ୍ୟାଳୟରେ ଜୁନିଅର ରେଡକ୍ରସ ୟୁନିଟ୍ ଗଠିତ




ଏସ୍ -ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହାରେ ପ୍ରଧାନଶିକ୍ଷକ ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଚଳିତ ବର୍ଷ ପାଇଁ ଜୁନିଅର ରେଡକ୍ରସ ୟୁନିଟ୍ ଗଠିତ ହୋଇଯାଇଛି । ରେଡକ୍ରସ ପରାମର୍ଶଦାତା ରାଜୁ ମେହେର ସଭା ପରିଚାଳନା କରିବା ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦିକା ଆଭା ସାହୁ ଗତ ବର୍ଷର ବିବରଣୀ ପାଠ କରିଥିବା ବେଳେ ଅଧକ୍ଷା ପ୍ରୀତି ପ୍ରଧାନ ଚଳିତ ବର୍ଷର କାର୍ଯ୍ୟକ୍ରମ ଖସଡ଼ା ଉପସ୍ଥାପନ କରିଥିଲେ। ଏହି ଅବସରରେ ଅଧକ୍ଷା ଭାବରେ ଦଶମ ଶ୍ରେଣୀର ପ୍ରୀତି ପ୍ରଧାନ, ଉପାଧକ୍ଷା ଭାବରେ ନବମ ଶ୍ରେଣୀର ଡଲି ସାହୁ , କମାଣ୍ଡର ଦିପ୍ତିସିଖା ବାଗ, ସମ୍ପାଦିକା ଆଭ ସାହୁ, ସହ ସମ୍ପାଦକ ରୋଜି ମେହେର, ସ୍ବାସ୍ଥ୍ୟ ଓ ପରିମଳ ବିଭାଗ ମନ୍ତ୍ରୀ ଆୟୁଷି ନାୟକ, ଆନ୍ତର୍ଜାତିକ ବନ୍ଧୁତା ମନ୍ତ୍ରୀ ମନିଶା ତାଣ୍ଡି, ସାଂସ୍କୃତିକ ମନ୍ତ୍ରୀ ପାୟଲ ବିଶ୍ବକର୍ମା, ଚାନ୍ଦା ସଂଗ୍ରହ ମନ୍ତ୍ରୀ ଭାବରେ ତିକେଶ୍ୱରି ସାହୁ ନିର୍ବାଚିତ ହୋଇଥିଲେ ।

# ଉଦନ୍ତୀ ନଦୀରେ ଭାସିଯାଇ ଯୁବକ ନିଖୋଜ

ସିନାପାଲି,(ସବ୍ୟୁ): ନୂଆପଡା ଜିଲ୍ଲା ସିନାପାଲି ଥାନା ଡୁମେରବାହାଲ ଗ୍ରାମର ଜଣେ ଯୁବକ ଉଦନ୍ତୀ ନଦୀରେ ଭାସି ଯାଇ ନିଖୋଜ ହୋଇଥିବା ଜଣାପଡିଛି। ନିଖୋଜ ଯୁବକ ହେଲେ ଡୁମେରବାହାଲ ଗ୍ରାମର ରାଜେଶ କୁମାର ଚିନ୍ଦା (୩୫) । ପ୍ରାପ୍ତ ଖବର ଅନୁସାରେ ଯୁବକ ଜଣକ ପ୍ରାୟ ୧ଘଣ୍ଟା ସମୟ ବେଳେ ସ୍ଥାନୀୟ ଉଦନ୍ତୀ ନଦୀକୁ ଯାଇଥିବା ବେଳେ ନଦୀରେ ଭାସି ଯାଇଥିବା ପରିବାର ସୁତ୍ରରୁ ଜଣାପଡିଛି। ଏହି ଘଟଣା ପରେ ଉଦ୍ଧାର କାର୍ଯ୍ୟ ପାଇଁ ଲୋକେ ଦମକଲ ବିଭାଗକୁ ସୁଚନା ଦେଇଥିବା ବେଳେ ଭୁଲ ରାସ୍ତାର ସୁଚନା ଯୋଗୁ ଦମକଲ ଗାଡି ଅନ୍ୟଆଡେ ଚାଲି ଯାଇଥିଲା। ପରେ ସଠିକ୍ ସୁଚନା ପାଇଁ ଦମକଲ ବିଭାଗ ଗାଡି ଫେରୁଥିବା ବେଳେ ବାଟରେ ଗାଡି ଖରାପ ହୋଇପଡିଥିଲା। ପରେ ବୋଡେନ ଦମକଲ ବିଭାଗକୁ ସୁଚନା ଦିଆଯାଇଥିଲା। ବର୍ତ୍ତମାନ ଯୁବକଙ୍କୁ ଖୋଜାଖୋଜି ଚାଲିଥିବା ବେଳେ ଖବର ଲେଖିବା ପର୍ଯ୍ୟନ୍ତ ଯୁବକଙ୍କ ପତ୍ତା ମିଳିନାହି।

# ଅର୍ଥ ଅଭାବରେ ପରିବାର ସହ ଦିନ କାଟୁଛନ୍ତି ଶାନ୍ତି



ରାଇଘର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ନାକଟିସିମୋଡା ପଞ୍ଚାୟତରେ ଅସହାୟ ମହିଳା ଶାନ୍ତି ଗଣ୍ଡ ପାଞ୍ଚ ପିଲା (ଚାରି ଝିଅ ଓ ଜଣେ ପୁଅ) ବଡ ଝିଅ ସରୁଳା, ଆସୁଲା,କୌସୁଲା, ଅନିତା, ପୁଅ ସରାଦୁ ନିଜର ଛୋଟ ଛୋଟ ପିଲାଙ୍କ ସହ ଜୀବନ ବିତାଉଛନ୍ତି । ଗତ ପ୍ରାୟ ୬ ବର୍ଷ ଧରି ସେ ଅର୍ଥ ଅଭାବ, ଦୁଃଖ ଓ ଅନିଶ୍ଚିତତା ମଧ୍ୟରେ ଜୀବନ ବିତାଉଛନ୍ତି। ସ୍ବାମୀଙ୍କ ସହଯୋଗରୁ ବଞ୍ଚିତ ହେବା ପରେ ୫ ଜଣ ସନ୍ତାନ ଭରଣପୋଷଣର ସମସ୍ତ ଦାୟିତ୍ୱ ଏକାକୀ ତାଙ୍କ କାନ୍ଧ ଉପରେ ପଡ଼ିଛି। ବର୍ତ୍ତମାନ ସେ ଭଗା ଦଦରା ଘରେ ଦୟନୀୟ ଅବସ୍ଥାରେ ବାସ କରୁଛନ୍ତି। ପ୍ରତିଦିନ ପରିବାରର ଦୁଇ ଓଳି ଖାଦ୍ୟ ଯୋଗାଡ଼ କରିବା ମଧ୍ୟ ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇପଡ଼ିଛି। ଦିନ ମଜୁରି କିମ୍ବା ଅନ୍ୟ କୌଣସି ଛୋଟମୋଟ କାମ କରି ଯାହା ରୋଜଗାର ହୁଏ, ସେଥିରେ କଷ୍ଟେମଷ୍ଟେ ପରିବାର ଚଳୁଛି। ଅନେକ ସମୟରେ ଅର୍ଥାଭାବ ଯୋଗୁଁ ପିଲାମାନଙ୍କ ପାଇଁ ଆବଶ୍ୟକ ଖାଦ୍ୟ, ପୋଷାକ ଓ ଶିକ୍ଷାର ବ୍ୟବସ୍ଥା କରିବା ମଧ୍ୟ ସମ୍ଭବ ହେଉନାହିଁ। ମା' ଭାବରେ ଶାନ୍ତିଙ୍କ ଏକମାତ୍ର ଇଚ୍ଛା ହେଉଛି ତାଙ୍କ ୫ ସନ୍ତାନ ଭଲରେ ପଢ଼ି ଲେଖି ଭବିଷ୍ୟତରେ ଏକ ସୁନ୍ଦର ଜୀବନ ଗଢ଼ନ୍ତୁ। କିନ୍ତୁ ଦାରିଦ୍ର୍ୟ ଓ ଅଭାବ ତାଙ୍କ ସ୍ବପ୍ନକୁ ବାରମ୍ବାର ଅଟକାଇ ଦେଉଛି। ଏପରି କଷ୍ଟଦାୟକ ପରିସ୍ଥିତିରେ ମଧ୍ୟ ସେ ହାର ନମାନି ନିଜ ସନ୍ତାନମାନଙ୍କ ପାଇଁ ନିରନ୍ତର ସଂଘର୍ଷ ଜାରି ରଖିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ପରିବାରକୁ ସରକାରୀ ଯୋଜନାର ସମସ୍ତ ସୁବିଧା ମିଳିବା ଆବଶ୍ୟକ। ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ବାସଗୃହ, ରାସନ, ଭତ୍ତା, ପିଲାମାନଙ୍କ ଶିକ୍ଷା ସହାୟତା ଓ ଅନ୍ୟାନ୍ୟ କଲ୍ୟାଣମୂଳକ ସୁବିଧା ଯୋଗାଇଦେଲେ ପରିବାରଟି ଏକ ନୂଆ ଜୀବନର ଆଶା ପାଇପାରିବେ। ଏହି ଅସହାୟ ମା' ଓ ତାଙ୍କ ୫ ସନ୍ତାନଙ୍କ ଦୁଃଖଭରା ଜୀବନ ପ୍ରତି ପ୍ରଶାସନ କେତେ ଶୀଘ୍ର ଦୃଷ୍ଟି ଦେଉଛି ଏବଂ ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇବା ପାଇଁ କେଉଁ ପଦକ୍ଷେପ ନିଆଯାଉଛି।

# ଟ୍ରାକ୍ଟର ଧକ୍କାରେ ଦୁଇ ବାଇକ୍ ଆରୋହୀ ଗୁରୁତର

ମୁରିବାହାଲ,(ସବ୍ୟୁ): ୫୯ ନମ୍ବର ଜାତୀୟ ରାଜପଥ ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗାଁରେଇ ଗ୍ରାମ ସ୍କୁଲ ସାମ୍ନା ଛକରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଜଣା ଟ୍ରାକ୍ଟର ଧକ୍କାରେ ଦୁଇ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଗୁରୁତର ଦୁଇ ବାଇକ୍ ଆରୋହୀ ହେଲେ ଫଟାମୁଣ୍ଡା ଗ୍ରାମର ବିରଞ୍ଚି କେତକୀ(୫୦) ଓ ଫୁଲବନ୍ଧ ଗ୍ରାମର ନିର୍ମଳ ଭରାସଗରିଆ(୪୦)। ଧକ୍କା ଦେଇଥିବା ଅଜଣା ଟ୍ରାକ୍ଟରଟି ଚାଷ କାମ କରି ଫେରୁଥିବା ବେଳେ ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଦୁଇ ଗୁରୁତରଙ୍କୁ ଫଟାମୁଣ୍ଡା ଗ୍ରାମର ସ୍ୱେଚ୍ଛାସେବୀ ପଞ୍ଚୁ ବେହେରାଙ୍କ ସହ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଟିଟିଲାଗଡ଼ ମେଡିକାଲ୍ ପଠାଇଥିବା ବେଳେ ଉଭୟଙ୍କ ଗୋଡ଼ ଆଦି ଭାଙ୍ଗିଯାଇ ଆହତମାନଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ରହିଛି। ଦୁର୍ଘଟଣା ଘଟାଇଥିବା ଫେରାର ଟ୍ରାକ୍ଟରଟି ଗାଁରେଇ ଆଖପାଖ ଗ୍ରାମର ବୋଲି ପ୍ରତ୍ୟେକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି। ଖବର ପାଇ ମୁରିବାହାଲ ଥାନା ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଥିବା ବେଳେ ଫେରାର ଥିବା ଅଜଣା ଟ୍ରାକ୍ଟରଟିକୁ ଧରିବା ପାଇଁ ସିସିଟିଭି ଯାଞ୍ଚ ସହ ଅଧିକ ତଦନ୍ତ ଜାରି ରଖିଛି।

# ସମ୍ବଲପୁର – ସୋନପୁର ଯୋଗାଯୋଗ ବିଚ୍ଛିନ୍ନ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମାଳତୀ ଯୋରରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ରାସ୍ତା ଉପରେ ପାଣି ଚାଲୁଛି।ଫଳରେ ସମ୍ବଲପୁର – ସୋନପୁର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବିଶେଷ କରି ମାନେଶ୍ୱର ଦେଇ ରାସ୍ତା ଉପରେ ପ୍ରାୟ ୫ରୁ ୬ଫୁଟ ବନ୍ୟା ଜଳ ପ୍ରବାହିତ ହେଉଛି । ଏହାକୁ ଦୃଷ୍ଟିରେ ରଖି ଏହି ରାସ୍ତା ଦେଇ ଯାନବାହନ ଚଳାଚଳ ବନ୍ଦ ରହିଛି। ସୂଚନାଯୋଗ୍ୟ, ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଡ୍ୟାମର ୨୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ଫଳରେ ଲିମସରେନ୍ ନିକଟରେ ଏହି ବନ୍ୟା ଜଳ ରାସ୍ତା ଉପର ଦେଇ ପ୍ରବାହିତ ହେଉଛି । ଜଳର ପ୍ରଖର ସ୍ରୋତରେ ଲୋକେ ଭାସି ଯିବାର ସମ୍ଭାବନା ଥିବାବେଳେ ଏହି ରାସ୍ତା ଦେଇ ଯାତାୟତ ନକରିବାକୁ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# ନିର୍ମାଣାଧୀନ ଘରୁ ଚୋରି, ଅଭିଯୁକ୍ତ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମାଝିପାଲି ସ୍ଥିତ ଏକ ନିର୍ମାଣାଧିନ ଘରୁ ଚୋରି ଅଭିଯୋଗରେ ବୁର୍ଲା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ମହାତାବ ନଗର ଅଞ୍ଚଳର ଶିବ ଲୁହା(୨୨) ବୋଲି ଜଣାପଡିଛି। ତାଙ୍କ ପାଖରୁ ୨୦ଟି ଷ୍ଟିଲ ୱାଟର ଟେପ୍ ଓ ମୋଟର ପମ୍ପ ଜବତ ହୋଇଛି। ଏନେଇ ୩୩୨/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ମାଝିପାଲି ଗ୍ରାମର ରାମଚନ୍ଦ୍ର ପୁରୋହିତ ଏକ ବ୍ୟକ୍ତିଗତ କାମରେ ଗତ ୨୬ତାରିଖ ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ କେହି ଦୃବୁର୍ତ୍ତ ତାଙ୍କ କବାଟ ତାଲା ଭାଙ୍ଗି ଏସବୁ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମରେ ବୁର୍ଲା ଥାନାରେ ପୂର୍ବରୁ ୪ଟି ମାମଲା ରହିଛି।

## ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷକଙ୍କ ମାଡ଼ ଅଭିଯୋଗ

# ଥାନାରେ ମାମଲା, କାର୍ଯ୍ୟାନୁଷ୍ଠାନ ଶୂନ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ଧରମବନ୍ଧା ଆଶ୍ରମ ସ୍କୁଲକୁ ନେଇ ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଜଣେ ଷଷ୍ଠ ଶ୍ରେଣୀର ଛାତ୍ରଙ୍କୁ ସ୍କୁଲର ଜଣେ ଶିକ୍ଷକ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ବିଶୋରା ପଞ୍ଚାୟତର ଡୋଟୋ ଗାଁର ଉକ୍ତ ଛାତ୍ରଙ୍କୁ ବିଜ୍ଞାନ ଶିକ୍ଷକ ଦୁଷ୍ମନ୍ତ ଧରୁଆ ଏକ ଠେଙ୍ଗାରେ କ୍ରମାଗତ ଭାବେ ପ୍ରହାର କରିଥିଲେ। ଘଟଣା ପରେ ଛାତ୍ର ଘରକୁ ଫେରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କ ଅବସ୍ଥା ଦେଖି ପରିବାରକୁ ଖବର ଦେଇଥିଲେ। ପରେ ସ୍କୁଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ପରିଷଦ ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ଶିକ୍ଷକ ନିଜର ଭୁଲ ସ୍ୱୀକାର କରିଥିବା କଥା ଅଭିଯୋଗକାରୀ ପକ୍ଷ କହିଛନ୍ତି। ତେବେ ସରପଞ୍ଚଙ୍କ ଆପତ୍ତି ପରେ ଧରମବନ୍ଧା ଥାନାରେ ମାମଲା ନଂ ୮୧/୨୬ ରୁଜୁ ହୋଇଥିବା ସହ ପୋଲିସ ତଦନ୍ତ ଜାରି ରହିଛି। ଘଟଣାର ୮ ଦିନ ବିତିଯାଇଥିଲେ ମଧ୍ୟ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୀଡ଼ିତ ଛାତ୍ରଙ୍କ ପରିବାର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ଦାବିପତ୍ର ଦେଇ ଅଭିଯୁକ୍ତ ଶିକ୍ଷକଙ୍କ ତୁରନ୍ତ ନିଲମ୍ବନ ଓ ଆହତ ଛାତ୍ରଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦାବି କରିଛନ୍ତି ।

# କୃଷି ଭିତ୍ତିକ ଆଷାଢ଼ କେନା ମଣ୍ଡେଇ ଯାତ୍ରା : କଣ୍ଟା ଦୋଳିରେ ଝୁଲିଲେ କାଳିସି



କୋକସରା,(ସବ୍ୟୁ): କୃଷି ଓ କୃଷକ ହେଉଛନ୍ତି ମା ମାଟିର ଆଶ୍ରିତ, ଧରିତ୍ରୀ ଓ କୃଷକର ସମ୍ପର୍କ ପରମ୍ପରାରେ ରହିଛି ଅନେକ ପର୍ବ ପର୍ବାଣୀର ସାମଞ୍ଜସ୍ୟ। ତା' ମଧ୍ୟରେ ଅନ୍ୟତମ ହେଉଛି କୋକସରା ବ୍ଲକ ଟେମରା ଗ୍ରାମ ଠାରେ ପ୍ରତିବର୍ଷ ପାଳନ ହେଉଥିବା ମା ବସ୍ତରେନ ମାଉଳିଙ୍କ ଆଷାଢ଼ କେନା ମଣ୍ଡେଇ ଯାତ୍ରା। ଏହି ଆଷାଢ଼ କେନା ମଣ୍ଡେଇ ଯାତ୍ରା ବାହୁଡା ଯାତ୍ରାର ପରବର୍ତ୍ତୀ ଶୁକ୍ରବାର ଦିନ ପ୍ରତିବର୍ଷ ପାଳନ ହେଉଥିବା ବେଳେ ମାନ୍ୟତା ଅଛି ଯେ ଆଷାଢ଼ କେନା ଯାତ୍ରା ସରିଲେ ଏହି ଅଞ୍ଚଳର ଚାଷୀମାନେ ଜମିରେ ଧାନ ବେଉଷଣ ଓ ଧାନ ରୁଆ ମୂଳ କରନ୍ତି । ଟେମରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା ବସ୍ତରେନ ମାଉଳି, ତାଙ୍କ ଛାତ୍ରଛାୟା ତଳେ ଗ୍ରାମବାସୀ ମାନେ ସୁଖ ଓ ଶାନ୍ତିରେ ବସବାସ କରି ଆସୁଥିବା ବେଳେ ଏହି ଯାତ୍ରା ମା ଙ୍କ ପାଇଁ ସମର୍ପିତ ରହିଛି।

ଲୋକଶୃତି ଅନୁସାରେ ଦେବୀ ବସ୍ତରେନଙ୍କ ଆଦିପୀଠ ଛତିଶଗଡ଼ ଦନ୍ତେୱାଡା ହୋଇଥିବା ବେଳେ ପୂର୍ବ କାଳରେ ନାଗବଂଶୀ ରାଜୁତି ସମୟରେ ନାଗବଂଶୀ ରାଣି ଦେବୀ ଏଠାରେ ସତୀ ହୋଇଥିଲେ। ତାଙ୍କର ଗୋଟିଏ ସତୀ ଚଉଁରା ଥିଲା, ସେହି ଚଉଁରା ଉପରେ ଦେବୀ ବସ୍ତରେନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରା ଯାଇଥିବା ଜନଶ୍ରୁତିରୁ ଜଣାପଡେ। ଆଷାଢ଼ କେନା ମଣ୍ଡେଇ ଯାତ୍ରା ଦିନ ମା ବସ୍ତରେନ ମାଉଳିଙ୍କ ପୀଠ ଚଳ ଚଞ୍ଚଳ ହୋଇପଡେ। ପ୍ରଭୁ ବୁଢ଼ାରଜାଙ୍କ ଲାଠି କୁର୍ଚ୍ଚି ସମେତ ଅନ୍ୟ ଦେବାଦେବୀଙ୍କ ଲାଠି କୁର୍ଚ୍ଚି ଗ୍ରାମର ପୂଜକ ଚିତ୍ରସେନ ପୁଝାରି ଓ ଗୌନ୍ତିଆ ଘରକୁ ଆସିଥାଏ। ବିଧି ମୁତାବକ ସ୍ୱାଗତ ଓ ଯଥାମାନ୍ୟ ପ୍ରଦାନ ପରେ ଏକତ୍ରିତ ଲାଠି କୁର୍ଚ୍ଚି ମନ୍ଦିର ଅଭିମୁଖେ ବାହାରିଥାନ୍ତି। ପୂଜକ ପୂର୍ବ ରୀତିନୀତିରେ ମା'ଙ୍କ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁ ମାନେ ମା'ଙ୍କ ଦର୍ଶନ କରି ପରିବାର ପାଇଁ ମଙ୍ଗଳକାମନା କରିଥାନ୍ତି। ଏକତ୍ରିତ ଦେବାଦେବୀଙ୍କ ଲାଠି କୁର୍ଚ୍ଚି ମଣ୍ଡେଇ ପଡିଆକୁ ତିନିଥର ପରିକ୍ରମା କରିବା ସମୟରେ ଶ୍ରଦ୍ଧାଳୁ ମାନେ ଆଶୀର୍ବାଦ ଭିକ୍ଷା କରନ୍ତି, ଲାଠିଯାତ୍ରାରେ ସାମିଲ ହୋଇଥିବା ଦେବାଦେବୀଙ୍କ କାଳିସି ମାନେ ହାତରେ ଥିବା ବିନ୍ତି ଚାଉଳ ଫିଙ୍ଗି ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ପ୍ରଦାନ କରିଥାନ୍ତି। ପରିଶେଷରେ ଦେବାଦେବୀଙ୍କ କାଳିସି ମାନେ ଲୁହାର କଣ୍ଟା ଦୋଳିରେ ଝୁଲିବା ଦୃଶ୍ୟ ଦେଖିବା ପାଇଁ ହଜାର ହଜାର ଲୋକ ରୁଣ୍ଡ ହୋଇ ଏହି ଦୃଶ୍ୟକୁ ଉପଭୋଗ କରିବା ସହ ଦେବାଦେବୀଙ୍କ ପ୍ରତି ଥିବା ଆସ୍ଥା ଓ ବିଶ୍ୱାସ ପ୍ରକଟ କରନ୍ତି। ପରେ ମା ବସ୍ତରେନ ମାଉଳିଙ୍କ ପୀଠରେ ମାନସିକ ଧାରୀମାନେ ଶୁକ୍ଳ ଭୋଗ ସହ ବୋଦା, ପାରା, କୁକୁଡ଼ା ବଳି ଉତ୍ସର୍ଗ କରିଥିଲେ।

ଗ୍ରାମ୍ୟ ପୂଜା କମିଟି ପକ୍ଷରୁ ସଭାପତି ପଦ୍ମଲୋଚନ ଦଳପତି, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ସମ୍ପାଦକ ମହାଦେବ ବେଶ୍ରା, ଗୌନ୍ତିଆ ଚୁମନ ପାତ୍ର, ସୁଧୀର କୁମାର ପାତ୍ର, ପୂର୍ବତନ ସମିତି ସଭ୍ୟ ରାଜେନ୍ଦ୍ର ନାଏକ, ପ୍ରଶାନ୍ତ ସାହୁ, ଅଶୋକ କୁମାର ଦାସ, ଚକାଡୋଳା ପାତ୍ର, ହେମନ୍ତ ବାଣୁଆ, କ୍ଷୀରସିନ୍ଧୁ ହଂସ, ଯୋଗା ନାଏକ, ରଞ୍ଜନ ପାଣିଗ୍ରାହୀ, ଦୁଷ୍ମନ୍ତ ପାତ୍ର, ମିନିକେତନ ସାହୁ, କାଳି ପୁଝାରି, ପରମେଶ୍ୱର ପୁଝାରି, କ୍ଷିତିରାମ ପଟେଲ, ଲମ୍ବୁଧର ମାଝୀ, ସୁଦାନ ମାଝୀ, ଡମ୍ବରୁଧର ହଂସ ଓ ଅନ୍ୟ ଗ୍ରାମବାସୀ ମାନେ ଆଷାଢ଼ କେନା ମଣ୍ଡେଇ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ ।

# ବର୍ଷାରେ ଧୋଇ ଗଲା ମଲ୍ଲିକ ପଦର ରାସ୍ତା



କନ୍ଧମାଳ,(ସବ୍ୟୁ) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ପଲଶାଗୋରା – ମଲ୍ଲିକ ପଦର ଯାଇଥିବା ରାସ୍ତା ମରଣଯନ୍ତା ପାଲଟିଛି । ଅନେକ ବର୍ଷ ଧରି ଉକ୍ତ ରାସ୍ତାରେ ଶୋଚନୀୟ ଅବସ୍ଥାରେ ଅଞ୍ଚଳବାସୀ ଯିବା ଆସିବା କରୁଛନ୍ତି । ଏ ନେଇ ଗ୍ରାମବାସୀ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲା ପରେ ମଧ୍ୟ କୌଣସି ସୁଫଳ ମିଳି ନଥିବା ଅଭିଯୋଗ କରିଛନ୍ତି । ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି କନ୍ଧମାଳ ବ୍ଲକ ପଲଶାଗୋରା ଠାରୁ ମଲ୍ଲିକପଦର ଯାଇଥିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି । ପଲଶାଗୋରା ଠାରୁ ପ୍ରାୟ ୫ କିଲୋମିଟର ମଲ୍ଲିକପଦର ପର୍ଯ୍ୟନ୍ତ ରାସ୍ତା ଖରାପ ଯୋଗୁଁ ସାଧାରଣ ଲୋକ, ଗାଡ଼ି ମୋଟର,ସ୍କୁଲ ପିଲା ମଧ୍ୟ ଯିବା ଆସିବା କରି ପାରୁନାହାନ୍ତି । ଟିକିଏ ବର୍ଷା ହେଲେ ରାସ୍ତା ର ଅବସ୍ଥା ଏତେ ଖରାପ ହୋଇଯାଏ ଯେ ଆମ୍ବୁଲାନ୍ସ ତ ଦୂରର କଥା ଚାଲିକି ଯିବା ମଧ୍ୟ କଷ୍ଟକର ହୋଇ ପଡି ଥାଏ । ଗତ ୩ ଦିନ ଧରି ଲଗାଣ ବର୍ଷା ହେବା ଫଳରେ ରାସ୍ତାରେ ବନ୍ୟା ପାଣି ପ୍ରବାହିତ ହୋଇ ୫ ଫୁଟ ଲମ୍ବର ଏକ ବିରାଟ ଘାଇ ସୃଷ୍ଟି ହୋଇଛି । ଘାଇ ସହ ବନ୍ୟା ପାଣି ପ୍ରବାହିତ ହେଉଥିବା ଯୋଗୁଁ ଲୋକେ ରାସ୍ତାରେ ବିପଦସଂକୁଳ ଅବସ୍ଥାରେ ଡରି ଡରି ଯିବାକୁ ପଡୁଥିବା ଲୋକେ କହିଛନ୍ତି । ରାସ୍ତା ସମସ୍ୟା ନେଇ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ କେହି ଶୁଣୁ ନଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯଦି ଏହାକୁ ତୁରନ୍ତ ମରାମତି କରା ନ ଯାଏ ତେବ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣା ପଡ଼ିଛି ।